# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମେ ୪/୨୦୨୨ (୧୬ ପୃଷ୍ଠା) | Bhubaneswar, Wednesday, May 4/2022 | Page 16 | ₹ 7.00 | ★★★★★★

୪୮ଶ ଭାଗ ୧୫୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-







# କଟକ, ଭୁବନେଶ୍ୱରରେ ଛେଚିଲା



ଭୁବନେଶ୍ୱର,୩।୫(ବ୍ୟୁରୋ)

ରାଜ୍ୟରେ ଗତ କିଛି ଦିନ ହେବ ଗ୍ରୀଷ୍ମ ପ୍ରବାହ ଯୋଗୁ ଲୋକେ ହନ୍ତସନ୍ତ ହେଉଥିଲେ। ତତଲା ହାୱା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଥିଲା। ଏଭଳି ସମୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ମଙ୍ଗଳବାର କାଳବୈଶାଖୀଜନିତ ଝଡ଼ବର୍ଷା ପରିବେଶକୁ ଥଣ୍ଡା କରିଥିବାରୁ ଲୋକେ ଆଶ୍ୱସ୍ତି ଅନୁଭବ କରିଛନ୍ତି। ସନ୍ଧ୍ୟାରେ ହଠାତ୍ କଳାହାଣ୍ଡିଆ ମେଘ ଘୋଟି ଆସିଲା। ଚାହୁଁ ଚାହୁଁ ବିଜୁଳି ଘଡ଼ଘଡ଼ି ସହ ଡୁହାକୁ ଡୁହା ବର୍ଷା ଛେଚିଥିଲା। ପବନ, ବର୍ଷା ଯୋଗୁ କେତେକ ସ୍ଥାନରେ ଗଛ ଡାଳ ମଧ୍ୟ ଭାଙ୍ଗି ପଡ଼ିଛି। ବଜ୍ରପାତରେ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ରାଜଧାନୀ ସମେତ କଟକ, ଖୋର୍ଦ୍ଧା, ଜଗତ୍‌ସିଂହପୁର, ଢେଙ୍କାନାଳ, ଅନୁଗୋଳ, ଭଦ୍ରକ, ଯାଜପୁର, ରାୟଗଡ଼ା, ☞ପୃଷ୍ଠା–୪

# ବୁଡ଼ାଜାହାଜ ପ୍ରକଳ୍ପରୁ ଓହରିଲା ଫ୍ରାନ୍ସ

ନୂଆଦିଲ୍ଲୀ,୩।୫ (ପି.ଟି.)

## ମୋଦିଙ୍କ ଗସ୍ତର ଦିନକ ପୂର୍ବରୁ ଝଟକା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରଁ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫ୍ରାନ୍ସ ଗସ୍ତର ଦିନକ ପୂର୍ବରୁ ସେଠାର ନାଭାଲ ଗ୍ରୁପ୍ ଭାରତ ସହ ବୁଡାଜାହାଜ ପ୍ରକଳ୍ପ (ପି–୭୫ଆଇ) ବୁଝାମଣାରୁ ଓହରିଯାଇଛି। ପ୍ରସ୍ତାବ ପାଇଁ ଅନୁରୋଧ (ଆର୍‌ଏଫ୍‌ପି)ରେ ଏୟାର ଇଣ୍ଡିପେଣ୍ଡେଣ୍ଟ ପ୍ରପଲ୍‌ଶନ (ଏଆଇପି) ସିଷ୍ଟମକୁ ନେଇ ଭାରତର ସର୍ତ୍ତ ଯୋଗୁ ପି–୭୫ଆଇ ପ୍ରୋଜେକ୍ଟରେ ସାମିଲ ହେବା ସମ୍ଭବ ନୁହେଁ ବୋଲି ଫ୍ରାନ୍ସର ନାଭାଲ ଗ୍ରୁପ୍ ମଙ୍ଗଳବାର କହିଛି। ଏହି ପ୍ରକଳ୍ପରେ ନୌସେନା ଲାଗି ୬ଟି ପାରମ୍ପରିକ ବୁଡ଼ାଜାହାଜ ଭାରତରେ ନିର୍ମାଣ ହୋଇଥାନ୍ତା। ସୂଚନାଯୋଗ୍ୟ, ଏଆଇପି ସିଷ୍ଟମ ଯୋଗୁ ପାରମ୍ପରିକ ବୁଡ଼ାଜାହାଜ ପାଣି ଭିତରେ ଦୀର୍ଘଦିନ ବୁଡ଼ିରହି ଅଧିକ ବେଗରେ ଗତି କରିଥାନ୍ତି। ପ୍ରଧାନମନ୍ତ୍ରୀ ମୋଦି ବୁଧବାର ପ୍ୟାରିସ୍ ଯାଇ ପୁନଃ ନିର୍ବାଚିତ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରଁଙ୍କୁ ଭେଟିବା କାର୍ଯ୍ୟକ୍ରମ ଥିବାବେଳେ ଏହା ପୂର୍ବରୁ ଫ୍ରାନ୍ସ କମ୍ପାନୀ ଚୁକ୍ତିରୁ ଓହରିଯିବା ଏକ ଶକ୍ତ ଝଟ୍‌କା ହୋଇଛି।

ଗତବର୍ଷ ଜୁନ୍‌ରେ ପି–୭୫ଆଇ ପ୍ରକଳ୍ପକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ମଞ୍ଜୁରୀ ପ୍ରଦାନ କରିବା ସହ ଏହି କାର୍ଯ୍ୟରେ ଭାରତର ଘରୋଇ କମ୍ପାନୀ ଲାର୍ସେନ ଆଣ୍ଡ ଟୁବ୍ରୋ ଏବଂ ରାଷ୍ଟ୍ରାୟତ୍ତ କମ୍ପାନୀ ମାଜାଗାଁଓ ଡକ୍ସ ଲିମିଟେଡକୁ ଆର୍‌ଏଫ୍‌ପି ଇସ୍ୟୁ କରିଥିଲା। ଏହି ଦୁଇ କମ୍ପାନୀ (ଷ୍ଟ୍ରାଟେଜିକ୍ ପାର୍ଟନର) ୫ ସଂକ୍ଷିପ୍ତ ତାଲିକାଭୁକ୍ତ ବିଦେଶୀ କମ୍ପାନୀ ମଧ୍ୟରୁ ଗୋଟିଏ ସହିତ ସହବନ୍ଧିତ ହେବା ପରେ ଆର୍‌ଏଫ୍‌ପିର ଜବାବ ରଖିବେ ବୋଲି ମନ୍ତ୍ରଣାଳୟ କହିଥିଲା। ଏହି ବିଦେଶୀ କମ୍ପାନୀ ମଧ୍ୟରେ ଫ୍ରାନ୍ସର ନାଭାଲ ଗ୍ରୁପ୍ ରହିଛି। ୨ ଷ୍ଟ୍ରାଟେଜିକ୍ ପାର୍ଟନରଙ୍କ ଜବାବକୁ ଅନୁଧ୍ୟାନ କରିବା ପରେ ପ୍ରତିରକ୍ଷା ମନ୍ତ୍ରଣାଳୟ ୪୩,୦୦୦ କୋଟି ଟଙ୍କାର ଚୁକ୍ତିନାମାକୁ ଅନୁମୋଦନ କରିଥାନ୍ତା। ତେବେ ଆର୍‌ଏଫ୍‌ପିର କେତେକ ସର୍ତ୍ତ ପାଇଁ ଦୁଇ ଭାରତୀୟ କମ୍ପାନୀ ବିଦେଶୀ କମ୍ପାନୀ ନିକଟକୁ ଅନୁରୋଧ ପଠାଇଲେ ନାହିଁ। ସେଥିପାଇଁ ଆମେ ଆନୁଷ୍ଠାନିକ ବିଡ୍ ଦାଖଲ କରିପାରିଲୁ ନାହିଁ ବୋଲି ନାଭାଲ ଗ୍ରୁପ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଲାଉରେଣ୍ଟ ଭିଡିଉ ମଙ୍ଗଳବାର ଏକ ବିବୃତିରେ କହିଛନ୍ତି।






## ଝରିଗାଁ ବିଧାୟକଙ୍କ ନାମରେ ଯୌନ ନିର୍ଯାତନା ଅଭିଯୋଗ

ନବରଙ୍ଗପୁର/ଉମରକୋଟ, ୩।୫(ବି.ପ୍ର./ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବିଜେଡି ବିଧାୟକ ପ୍ରକାଶ ମାଝିଙ୍କ ନାମରେ ଜଣେ ଯୁବତୀ ଯୌନ ନିର୍ଯାତନା ଓ ହତ୍ୟା ଧମକ ଦେବା ଅଭିଯୋଗ ଆଣିଛନ୍ତି। ପୀଡ଼ିତା ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରିବା ସତ୍ତ୍ୱେ ପୋଲିସ ଏତଲା ଗ୍ରହଣ କରୁ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛି କଂଗ୍ରେସ ଓ ଭାଜପା। ବିଧାୟକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକରି ମଙ୍ଗଳବାର ତାଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି ଉଭୟ ଦଳର ନେତା ଓ କର୍ମୀମାନେ। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କ ନେତୃତ୍ୱରେ ☞ପୃଷ୍ଠା–୧୦

**ଆଜିର ସମ୍ପାଦକୀୟ**

**ଖୁସି ଗଲା କୁଆଡ଼େ**

# ୮ ସ୍ଥାନ ତଳକୁ ଖସିଲା ଭାରତ

ନୂଆଦିଲ୍ଲୀ,୩।୫




**ବିଶ୍ୱ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କ ୨୦୨୨**

ଅଭିବ୍ୟକ୍ତି ସ୍ୱାଧୀନତାକୁ ସମ୍ମାନ ଦିଅ: ଆର୍‌ଏସ୍‌ଏଫ୍

ୱାର୍ଲ୍ଡ ପ୍ରେସ୍ ଫ୍ରିଡମ୍ ଇଣ୍ଡେକ୍ସ ୨୦୨୨ରେ ଭାରତ ୮ ପାଦ ତଳକୁ ଖସିଛି। ଗତବର୍ଷ ଦେଶ ୧୪୨ତମ ସ୍ଥାନରେ ରହିଥିବାବେଳେ ଚଳିତ ବର୍ଷ ୧୫୦ତମ ସ୍ଥାନରେ ରହି ବିଶ୍ୱରେ ୪୧ ସ୍କୋର ରଖିଛି।

ମେ' ୩ରେ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ୟାରିସ୍‌ସ୍ଥିତ ରିପୋର୍ଟର୍ସ ୱିଦାଉଟ୍ ବର୍ଡର୍ସ (ଆର୍‌ଏସ୍‌ଏଫ୍) ପକ୍ଷରୁ ବିଶ୍ୱର ୧୮୦ଟି ଦେଶ ଓ ଭୂଖଣ୍ଡରେ ଗଣମାଧ୍ୟମର ସ୍ୱାଧୀନତାକୁ ନେଇ ସମୀକ୍ଷା କରାଯାଇଥିଲା। ସଂସ୍ଥା ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଭାରତର ପଡ଼ୋଶୀ ପାକିସ୍ତାନ ୩୭.୯୯ ସ୍କୋର ରଖି ୧୫୭ତମ ସ୍ଥାନରେ ଥିବାବେଳେ ୧୭୫ତମ ସ୍ଥାନରେ ଥିବା ଚାଇନାର ସ୍କୋର ହେଉଛି ୨୫.୧୭। ଏହି ଦୃଷ୍ଟିରୁ ୭୬.୪୬ ସ୍କୋର ସହ ୩୩ତମ ସ୍ଥାନରେ ଥିବା ଭୁଟାନର ପ୍ରଦର୍ଶନ ଅପେକ୍ଷାକୃତ ଉତ୍ତମ ☞ପୃଷ୍ଠା–୪

# ୪୦ ଲକ୍ଷ ଚାଷୀଙ୍କୁ କାଳିଆ ସହାୟତା




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସରେ ଚାଷୀଙ୍କୁ କାଳିଆ ସହାୟତା ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ୫–ଟି ସଚିବ ଭି.କେ. ପାଣ୍ଡିଆନ୍।

■ ୮ ନୂତନ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
■ ଗୋ-ସୁଗମ ପୋର୍ଟାଲ ଉନ୍ମୋଚିତ

ଭୁବନେଶ୍ୱର,୩।୫(ବ୍ୟୁରୋ)

ଅକ୍ଷୟ ତୃତୀୟା ଓ କୃଷକ ଦିବସ ଅବସରରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଚାଷୀଙ୍କୁ କାଳିଆ ଯୋଜନାର ସହାୟତା ରାଶି ପ୍ରଦାନ କରିଛନ୍ତି। ବ୍ରଜରାଜନଗର ଆସନରେ ଉପନିର୍ବାଚନ ହେବାକୁ ଥିବାରୁ ଝାରସୁଗୁଡ଼ା ଜିଲାରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ତେଣୁ ଝାରସୁଗୁଡ଼ା ଜିଲା ଚାଷୀଙ୍କୁ ବାଦ୍‌ଦେଇ ରାଜ୍ୟର ପ୍ରାୟ ୪୦ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ବ୍ୟାଙ୍କ ଖାତାକୁ ପାଖାପାଖି ୮୦୦ କୋଟି ଟଙ୍କା ସିଧାସଳଖ ପ୍ରଦାନ କରାଯାଇଛି। ଚାଷୀମାନେ ଏହି ଟଙ୍କାକୁ ଚାଷକାମରେ ଲଗାଇ କୃଷିରେ ଉନ୍ନତି ଆଣନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କାଳିଆ ଯୋଜନାରେ ଚାଷୀଙ୍କୁ ୭ମ କିସ୍ତି ପ୍ରଦାନ କରାଯାଇଛି। ଭିଡିଓ କନ୍‌ଫରେନ୍ସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମର କୃଷକମାନେ କେବଳ ଓଡ଼ିଶା ନୁହେଁ, ସାରା ଦେଶର ଖାଦ୍ୟ ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଏ ବର୍ଷ କୃଷି ପାଇଁ ୨୦ହଜାର କୋଟିରୁ ☞ପୃଷ୍ଠା–୪

# ବିଜେଡି ନେତାଙ୍କୁ ଟାଙ୍ଗିଆରେ ହାଣିଦେଲେ

ବଅଁରପାଳ,୩।୫(ଡି.ଏନ.ଏ.)



ଶିବରାମ ସାହୁ

ଗତ ନିର୍ବାଚନରେ ସରପଞ୍ଚ ପଦବୀ ପାଇଁ ନିଜେ ନିର୍ବାଚନ ଲଢ଼ିଥିଲେ। ସମର୍ଥିତ ଜଣେ ମହିଳାଙ୍କୁ ସମିତି ସଭ୍ୟ ପ୍ରାର୍ଥୀ କରାଇଥିଲେ। ହେଲେ ଦୁହେଁ ପରାଜିତ ହେବା ପରେ ସମିତି ସଭ୍ୟ ପ୍ରାର୍ଥୀଙ୍କ ପାଇଁ ହୋଇଥିବା ଖର୍ଚ୍ଚକୁ ନେଇ ବିବାଦ ଦେଖାଦେଇଥିଲା। ଏ ନେଇ ହିସାବ ନ ଦେବାରୁ ସମିତି ସଭ୍ୟ ପ୍ରାର୍ଥୀଙ୍କ ସ୍ୱାମୀ ଦୀପକ ବେହେରା ମଙ୍ଗଳବାର ଟାଙ୍ଗିଆରେ ହାଣି ସରପଞ୍ଚ ପଦବୀ ପାଇଁ ନିର୍ବାଚନ ଲଢ଼ିଥିବା ବିଜେଡି ନେତା ତଥା ଠିକାଦାର ଶିବରାମ ସାହୁ (୬୨)ଙ୍କୁ ହତ୍ୟା କରିଛନ୍ତି। ଅନୁଗୋଳ ଜିଲା ନାଲ୍‌କୋ ଥାନା ବଳରାମପ୍ରସାଦ ଗାଁରେ ଘଟିଥିବା ଏହି ହତ୍ୟାକାଣ୍ଡ ମଙ୍ଗଳବାର ଜିଲାରେ ଚାଞ୍ଚଲ୍ୟ ଖେଳାଇଦେଇଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ଦୀପକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପ୍ରକାଶ ଯେ, ବଳରାମପ୍ରସାଦ ☞ପୃଷ୍ଠା–୪






# ୫୦ଲକ୍ଷ ଟଙ୍କା ଜୁଆ ଖେଳିଛନ୍ତି ପ୍ରେମିକ

ଭୁବନେଶ୍ୱର,୩।୫(ବ୍ୟୁରୋ)



**୯୭ ଲକ୍ଷ ହଡ଼ପ କରିଥିଲେ ପ୍ରେମିକା ଆକାଉଣ୍ଟାଣ୍ଟ**

ଭୁବନେଶ୍ୱର ଉପକଣ୍ଠ ଏକ ଘରୋଇ ଇଞ୍ଜିନିୟରିଂ କଲେଜରୁ ୯୭ ଲକ୍ଷ ଟଙ୍କା ହଡ଼ପ ଘଟଣାର ଅନ୍ୟତମ ଅଭିଯୁକ୍ତ ପ୍ରେମିକ ବିକାଶ କୁମାରଙ୍କୁ ପୋଲିସ ଗିରଫ କରିଛି। ତମାଣ୍ଡୋ ଥାନା ପୋଲିସ ବିକାଶଙ୍କୁ ସୋମବାର ଝାଡ଼ଖଣ୍ଡ ହଜାରିବାଗରୁ ଗିରଫ କରିବା ପରେ ଟ୍ରାଞ୍ଜିଟ ରିମାଣ୍ଡରେ ଆଣିବା ପାଇଁ ସ୍ଥାନୀୟ କୋର୍ଟରେ ହାଜର କରିଥିଲା। ଅନୁମତି ମିଳିବା ପରେ କମିଶନରେଟ ପୋଲିସ ଅଭିଯୁକ୍ତ ବିକାଶଙ୍କୁ ଧରି ମଙ୍ଗଳବାର ଭୁବନେଶ୍ୱରରେ ପହଞ୍ଚିବା ପରେ ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିଲା। ସେଠାରୁ ଜେଲ ହାଜତକୁ ପଠାଇଦିଆଯାଇଛି। ବିକାଶଙ୍କୁ ପୋଲିସ ପଚରାଉଚୁରା ସମୟରେ ସେ ପ୍ରେମିକାଙ୍କଠାରୁ ଟଙ୍କା ନେଇ ଅନ୍‌ଲାଇନରେ ଜୁଆ ଏବଂ ଶେୟାର ମାର୍କେଟରେ ବିନିଯୋଗ କରିଥିବା ସ୍ୱୀକାର କରିଥିଲେ। ଏପରି କି ପ୍ରାୟ ୫୦ଲକ୍ଷ ଟଙ୍କା ଜୁଆରେ ଉଡ଼ାଇ ଦେଇଥିବା ଜଣାପଡ଼ିଛି। ତେବେ କଥାବାର୍ତ୍ତାରେ ତାଳମେଳ ରହୁ ନ ଥିବା କାରଣରୁ କିଛି କଥା ଲୁଚାଉଥିବା ପୋଲିସ ସନ୍ଦେହ କରୁଛି। ଏତେ ଟଙ୍କା କେଉଁଠି ବିକାଶ ବିନିଯୋଗ କରିଛନ୍ତି, ତା'ର ତଥ୍ୟ ପାଇବା ପାଇଁ ଉଭୟ ବିକାଶ ଏବଂ ପୂର୍ବରୁ ଗିରଫ ହୋଇଥିବା ତାଙ୍କ ପ୍ରେମିକା ପାୟଲ ମହାପାତ୍ରଙ୍କୁ ୫ଦିନ ରିମାଣ୍ଡରେ ଆଣିବାକୁ ବୁଧବାର ଆବେଦନ କରିବ ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, ସିଭି ରମଣ ବିଶ୍ୱବିଦ୍ୟାଳୟରେ ୨୦୧୭ ଫେବୃୟାରୀରୁ ପାୟଲ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରନ୍ତି। ଉକ୍ତ ବିଶ୍ୱବିଦ୍ୟାଳୟରୁ ୨୦୧୯ରେ ପାସ୍ ଆଉଟ୍ ଛାତ୍ର ବିକାଶ କୁମାରଙ୍କ ସହ ପାୟଲଙ୍କ ବନ୍ଧୁତା ହୋଇଥିଲା। ପରବର୍ତ୍ତୀ ସମୟରେ ପାୟଲଙ୍କୁ ପ୍ରେମ ଜାଲରେ ବିକାଶ ଫସାଇଥିଲେ। ଉଭୟ ପରସ୍ପରକୁ ଭଲ ପାଇ ବସିଥିଲେ। ପାଠପଢ଼ା ସରିବା ପରେ ବିକାଶ ଝାଡ଼ଖଣ୍ଡ ଚାଲିଯାଇଥିଲେ ମଧ୍ୟ ପାୟଲଙ୍କ ସହ ସବୁବେଳେ ଯୋଗାଯୋଗରେ ରହୁଥିଲେ। ମା'ବାପାଙ୍କ ଦେହ ଖରାପ କହି ବିକାଶ ପ୍ରେମିକା ପାୟଲଙ୍କୁ ବାରମ୍ବାର ଟଙ୍କା ମାଗିଥିଲେ। ପାୟଲ ବିଶ୍ୱବିଦ୍ୟାଳୟର ଟଙ୍କା କାରବାର ଦାୟିତ୍ୱରେ ଥିବାରୁ ତାହାକୁ ହଡ଼ପ କରି ବିକାଶଙ୍କୁ ଟଙ୍କା ଦେବାକୁ ଚିନ୍ତା କରିଥିଲେ। ☞ପୃଷ୍ଠା–୪

## ଭାଲୁ ଆକ୍ରମଣରେ କେନ୍ଦୁପତ୍ର ତୋଳାଳିଙ୍କ ମୃତ୍ୟୁ

ବଇଣ୍ଡା,୩ା୫(ଡି.ଏନ.ଏ.)- ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଟକବା ଜଙ୍ଗଲରେ ସୋମବାର ଭାଲୁ ଆକ୍ରମଣରେ କେନ୍ଦୁପତ୍ର ତୋଳାଳି ବିମ୍ବଳା ସାହୁ (୫୫)ଙ୍କ ମୃତ୍ୟୁ ହୋଇଛି। ମଙ୍ଗଳବାର ତାଙ୍କ ପରିବାର ଟକବା ଜଙ୍ଗଲରୁ ମୃତଦେହ ଉଦ୍ଧାର କରିଛନ୍ତି। ହଣ୍ଡପା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଘଟଣାରୁ ଜଣାପଡିଛି, ବିମ୍ବଳା ସୋମବାର ସକାଳୁ କେନ୍ଦୁପତ୍ର ତୋଳିବା ପାଇଁ ନିକଟରେ ଥିବା ଜଙ୍ଗଲକୁ ଯାଇଥିଲେ। ହେଲେ ସେଠାରେ ଭାଲୁ ଆକ୍ରମଣରେ ତାଙ୍କର ମୃତ୍ୟୁ ହୋଇଥିଲା। ମଙ୍ଗଳବାର ସକାଳେ ଜଙ୍ଗଲର ଏକ ଲଟି ବୁଦା ମୂଳେ ତାଙ୍କ ମୃତଦେହ ଠାବ ହୋଇଥିଲା।

### ନେତାଙ୍କ ନାଁରେ ଯୌନ ନିର୍ଯାତନା ଅଭିଯୋଗ




# ୨୪ ଘଣ୍ଟାରେ ଘୂର୍ଣ୍ଣିବଳୟ

ଭୁବନେଶ୍ୱର,୩ା୫(ବ୍ୟୁରୋ)

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଆଣ୍ଡାମାନ ଓ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ସମ୍ଭାବନା ରହିଛି। ଆସନ୍ତା ୬ ତାରିଖରେ ଏହା ଲଘୁଚାପରେ ପରିଣତ ହେବ। ଏହାର ୨୪ ଘଣ୍ଟା ମଧ୍ୟରେ ଲଘୁଚାପ ଘନୀଭୂତ ହୋଇ ଅବପାତ (ଡିପ୍ରେସନ)ରେ ପରିଣତ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ଆସନ୍ତା ୯ କିମ୍ବା ୧୦ ତାରିଖ ବେଳକୁ ଏହା ଗଭୀର ଅବପାତ(ଡିପ୍ ଡିପ୍ରେସନ)ରେ ପରିଣତ ହୋଇ ବାତ୍ୟାରୂପ ନେଇପାରେ। ଯଦି ଲଘୁଚାପ ବାତ୍ୟାରୂପ ନେବ ତେବେ ଏହାର ଗତିପଥ କେଉଁ ଆଡ଼କୁ ହେବ ସେ ନେଇ ପାଣିପାଗ ବିଭାଗ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ସୂଚନା ଦିଆଯାଇ ନାହିଁ। ଲଘୁଚାପ ହେବା ପରେ ବାତ୍ୟା ସମ୍ପର୍କରେ ସମ୍ପୂର୍ଣ୍ଣ ଚିତ୍ର ଦିଆଯାଇପାରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ବିଭିନ୍ନ ପାଣିପାଗ ମଡେଲ ଏବଂ ୟୁଏସ୍ ନୌସେନା ପକ୍ଷରୁ କରାଯାଇଥିବା ପୂର୍ବାନୁମାନ ଅନୁଯାୟୀ ଦକ୍ଷିଣ ଆଣ୍ଡାମାନରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ବାତ୍ୟାରେ ପରିଣତ ହେବ। ଏହାର

## ମୁଗ ଫସଲକୁ ନେଇ ଚାଷୀଙ୍କ ଚିନ୍ତା

- ୬ରେ ଲଘୁଚାପ
- ୧୦ରେ ବାତ୍ୟା ସମ୍ଭାବନା

ବେଗ ଘଣ୍ଟା ପ୍ରତି ୧୦୦ରୁ ୧୨୦ କିଲୋମିଟର ରହିବ। ବେଳେ ବେଳେ ଏହା ୧୩୦ କିଲୋମିଟର ପର୍ଯ୍ୟନ୍ତ ବଢ଼ିବା ସମ୍ଭାବନା ରହିଛି। ସମ୍ଭାବ୍ୟ ବାତ୍ୟା ଆନ୍ଧ୍ର ଉପକୂଳ, ଗଞ୍ଜାମ କିମ୍ବା ପଶ୍ଚିମବଙ୍ଗର ସୁନ୍ଦରବନ ଦେଇ ସ୍ଥଳଭାଗକୁ ଅତିକ୍ରମ କରିପାରେ ।

ବାତ୍ୟା ପ୍ରଭାବରେ ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର ଓ ମୟୂରଭଞ୍ଜ ଜିଲାର କେତେକ ସ୍ଥାନରେ ପବନ ସାଙ୍ଗକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ହେଲେ ବିଲରେ ରବିଧାନ ଅଧା ପାଚିଲା ହୋଇଥିବା ବେଳେ ମୁଗ ଅମଳ ସମୟ ହୋଇଗଲାଣି। ଯଦି ପବନ ସହିତ ବର୍ଷା ହେବ, ତେବେ ମୁଗ ଫସଲ ଧୋଇଯିବା ଆଶଙ୍କା ରହିଛି। ଏହାକୁ ନେଇ ଚାଷୀକୁଳ ଆତଙ୍କିତ ହୋଇ ପଡ଼ିଛନ୍ତି।

ଅନ୍ୟପକ୍ଷରେ ଗତ ଦୁଇଦିନ ହେବ ରାଜ୍ୟରେ ତାତିର ପ୍ରକୋପ କିଛି ମାତ୍ରାରେ ହ୍ରାସ ପାଇଛି। ପାରଦ ୨ରୁ ୩ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଛି। ଉପକୂଳ ଓଡ଼ିଶାରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ତଳେ ରହିଛି। ଆସନ୍ତା ୫ ତାରିଖ ବେଳକୁ ରାଜ୍ୟରେ ତାତି ଆହୁରି କମିବା ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ରାଜ୍ୟର ୧୮ଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ୬ଟି ସ୍ଥାନରେ ୪୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ମଙ୍ଗଳବାର ବୌଦ୍ଧରେ ସର୍ବୋଚ୍ଚ ତାପମାତ୍ରା ୪୪.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସୋନପୁର ୪୩.୫, ଝାରସୁଗୁଡ଼ା ୪୩, ବଲାଙ୍ଗୀର ୪୩, ସୁନ୍ଦରଗଡ଼ ୪୩ ଏବଂ ଅନୁଗୋଳରେ ସର୍ବୋଚ୍ଚ ତାପମାତ୍ରା ୪୩.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି କେନ୍ଦୁଝରରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁର ୪୨.୫, ହୀରାକୁଦ ୪୧.୪, ଭବାନୀପାଟଣା ୪୧, ଫୁଲବାଣୀ ୪୨.୪, ଟିଟିଲାଗଡ଼ ୪୧.୮, ମାଲକାନଗିରି ୪୦, ନୟାଗଡ଼ ୪୧, ଯାଜପୁର ୪୧, ବରଗଡ ୪୦.୪, ଦେବଗଡ଼ ୪୨.୫,ନୂଆପଡ଼ାରେ ୪୦, ଭୁବନେଶ୍ୱରରେ ୩୯, ପୁରୀରେ ସର୍ବୋଚ୍ଚ ତାପମାତ୍ରା ୩୩.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ଆସନ୍ତା ୭ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ଗୁରୁବାର ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, କେନ୍ଦୁଝର, ମୟୂରଭଞ୍ଜ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୬ ତାରିଖରେ ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, କେନ୍ଦୁଝର, ମୟୂରଭଞ୍ଜ, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର ଏବଂ ୭ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କେନ୍ଦୁଝର, ମୟୂରଭଞ୍ଜ ଆଦି ଜିଲାରେ ୩୦ରୁ ୪୦ କି.ମି. ବେଗରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି।

## ସଡ଼କ ଦୁର୍ଘଟଣା: ୫ ମୃତ

ପାଟଣା, ୩ା୫ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଅଞ୍ଚଳରେ ୩ଟି ପୃଥକ ସଡ଼କ ଦୁର୍ଘଟଣା ଘଟି ୫ଜଣଙ୍କ ମୃତ୍ୟୁ ହୋଇଛି। ମଙ୍ଗଳବାର ୨ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ସୋମବାର ବିଳମ୍ବିତ ରାତିରେ ୩ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଘଟଗାଁ ଥାନା ଆମ୍ବୁଆପଡା ଗ୍ରାମର ତ୍ରିଲୋଚନ ମହାନ୍ତ, ସରାସକେଲା ପଞ୍ଚାୟତ ଜିଆଣି ସାହିର ରମାକାନ୍ତ ନାଏକ, ଚିନାମାଳିପଶି ରୁଢ଼ିଆପଡା ଗ୍ରାମର ସୁନୀଲ ଦାସ ଓ ବଡ଼ପାଟଣା ପଞ୍ଚାୟତ ପୁରୁଳିଆ ଗାଁର ବିଜୟ କୁମାର ମହାନ୍ତ, କରଞ୍ଜିଆ ଥାନା ବରାକାମୁଡା ଗାଁର ବିଭୁ ବର୍ଶଳା। ମଙ୍ଗଳବାର ପୂର୍ବାହ୍ନରେ ବାଇକ୍ ନେଇଯାଉଥିବା ବିଜୟ କୁମାର ମହାନ୍ତଙ୍କୁ ପାଟଣା ବ୍ଲକ ଡୁମୁରିଆ କେତାଙ୍ଗ ରାସ୍ତାର ହାତୀନୋଟା ନିକଟରେ ଏକ ଟ୍ରାକ୍ଟର ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାସ୍ଥଳରେ ଉତ୍ତେଜନା ଲାଗିରହିବା ସହ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଘଟଗାଁ ପୋଲିସ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ସେହିପରି ପାଟଣା ଥାନା ସାହାରପଡା ଫାଣ୍ଡି ଅନ୍ତର୍ଗତ କେନ୍ଦୁଝର –ମୟୂରଭଞ୍ଜ ସୀମାନ୍ତରେ ପ୍ରବାହିତ ଦେଓ ନଦୀ ସେତୁ ଉପରେ ଏକ ଅଜଣା ଗାଡି ଧକ୍କାରେ ବାଇକ୍ ଆରୋହୀ ବିଭୁଙ୍କ ମୃତ୍ୟୁ ହୋଇଛି। ସୋମବାର ବିଳମ୍ବିତ ରାତିରେ ସୁନୀଲ ଓ ରମାକାନ୍ତ ମୁଷାଖରୀରୁ ବିବାହ ଭୋଜିରୁ ଗୋଟିଏ ବାଇକ୍‌ରେ ପାଟଣା ଆସୁଥିବାବେଳେ ଢେଙ୍କିକୋଟ ଦେଇ ଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥର ଡିଆନାଳି ବିଦ୍ୟୁତ୍ ଷ୍ଟ୍ରକଚର ନିକଟରେ ଅନ୍ୟ ଏକ ବାଇକ୍‌ରେ ଥିବା ତ୍ରିଲୋଚନ ଓ କମଳାକାନ୍ତଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ତ୍ରିଲୋଚନ, ରମାକାନ୍ତ ନାଏକ ଓ ସୁନୀଲଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ଆହତ କମଳାକାନ୍ତଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ୨ ବାଇକ୍‌କୁ ଜବତ କରାଯାଇ ତଦନ୍ତ କରାଯାଉଛି ବୋଲି ଥାନାଧିକାରୀ ରାଜେନ୍ଦ୍ର ସ୍ୱାଇଁ କହିଛନ୍ତି।

## ବିଦ୍ୟୁତ୍ ଆଘାତରେ ୨ ହକି ଖେଳାଳିଙ୍କ ମୃତ୍ୟୁ

ସୁନ୍ଦରଗଡ,୩ା୫ (ଡି.ଏନ୍.ଏ.)

ମଙ୍ଗଳବାର ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଅଲଣ୍ଡା ଗ୍ରାମ ପଞ୍ଚାୟତର ଗରିଆମାଲ ଗ୍ରାମରେ ୧୧ କେ.ଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୨ ଯୁବ ହକି ଖେଳାଳିଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ଝଗଡପୁର ଗ୍ରାମର ବୀରେନ୍ଦ୍ର କୁଜୁର (୨୦) ଏବଂ ପଣ୍ଡରାଟୋଲି ଗ୍ରାମର ସୁଜଲ ଏକ୍କା (୧୯)। ଜଣେ ହକି ପ୍ରଶିକ୍ଷକଙ୍କ ଘର ପାଖ ବିଦ୍ୟୁତ୍ ଖୁଣ୍ଟ ନିକଟରେ ଏହି ଦୁର୍ଘଟଣା ଘଟିଥିବା ବେଳେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମିଳିଥିବା ସୂଚନା ମୁତାବକ, ଗରିଆମାଲ ଗାଁ ପଡିଆରେ ସବୁଦିନ ପରି ଭୋର ସମୟରେ ସ୍ଥାନୀୟ ଅଞ୍ଚଳର ହକି ଖେଳାଳିମାନେ ଖେଳ ଅଭ୍ୟାସ କରୁଥିଲେ। ଖେଳ ଅଭ୍ୟାସ ସରିବା ପରେ ସକାଳ ପ୍ରାୟ ୮ଟା ବେଳେ ଖେଳାଳିମାନେ ଉକ୍ତ ପଡିଆ ନିକଟରେ ଝଡ ତୋଫାନରେ ପୂର୍ବରୁ ନଇଁ ପଡିଥିବା ଏକ ଲୁହା ଖୁଣ୍ଟକୁ ଟେକିବା ବେଳେ ଉପରେ ଯାଇଥିବା ୧୧କେଭି ତାର ସଂସ୍ପର୍ଶରେ ଆସିଥିଲେ। ଫଳରେ ୪ଜଣ ଖେଳାଳି ଗୁରୁତର ହୋଇଥିଲେ। ସେମାନଙ୍କୁ ସଙ୍ଗେ ସଙ୍ଗେ ରାଜଗାଙ୍ଗପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ବୀରେନ୍ଦ୍ର ଓ ସୁଜଲଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଦୁଇ ଖେଳାଳିଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷରେ ହକି ପ୍ରଶିକ୍ଷକ ଜଣକ ଖେଳାଳିମାନଙ୍କୁ ଡାକି ଲୁହା ଖୁଣ୍ଟ ଉଠାଇବା ବେଳେ ଏଭଳି ଘଟଣା ଘଟିଥିବା ମୃତ ଖେଳାଳିଙ୍କ ପରିବାରବର୍ଗ ରାଜଗାଙ୍ଗପୁର ଥାନାରେ ଅଭିଯୋଗ କରିଛନ୍ତି। ଏହାର କେସ୍ ନଂ ୨୦୫/୨୨।

## ଝିଅ ବିବାହ ପୂର୍ବରୁ ବାପାଙ୍କ ଆତ୍ମହତ୍ୟା

ବଇଣ୍ଡା,୩ା୫(ଡି.ଏନ.ଏ.)

ମଙ୍ଗଳବାର ରାତିରେ ହୋଇଥାନ୍ତା ଝିଅ ବାହାଘର। ଏଥିପାଇଁ ଘରେ ସରିଥିଲା ସମସ୍ତ ପ୍ରସ୍ତୁତି। ହେଲେ ବଧୂ ବେଶରେ ଝିଅକୁ ଶାଶୁଘରକୁ ବିଦା କରିବା ପୂର୍ବରୁ ସକାଳୁ ଟ୍ରେନ୍ ଆଗକୁ ଡେଇଁ ଜୀବନ ହାରିଦେଲେ ବାପା। ଅନୁଗୋଳ ଜିଲା କିଶୋରନଗର ବ୍ଲକ ଉରୁକୁଳା ପଞ୍ଚାୟତ ପରସୁମାଳ ଗ୍ରାମରେ ଘଟିଥିବା ଏପରି ଦୁଃଖଦ ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ପରସୁମାଳ ଗ୍ରାମର ବ୍ୟବସାୟୀ ସୁରଥ ବେହେରା (୫୨)ଙ୍କ ଝିଅ ବାହାଘର ମଙ୍ଗଳବାର ସ୍ଥିର ହୋଇଥିଲା। ଧୁମ୍‌ଧାମରେ ବାହାଘର ଆୟୋଜନ ହୋଇଥିବା ବେଳେ ଘରେ ବନ୍ଧୁବାନ୍ଧବ ପହଞ୍ଚି ସାରିଥିଲେ। ଝିଅକୁ ସମସ୍ତ ଘର କରଣା ସାମଗ୍ରୀ ଦେବାକୁ କିଣାକିଣି ସରିଥିଲା। ଏଥିପାଇଁ ସୁରଥ ଲକ୍ଷାଧିକ ଟଙ୍କା କରଜ କରିଥିଲେ। ଏହାକୁ ନେଇ ସୋମବାର ରାତିରେ ପରିବାର ମଧ୍ୟରେ କଳହ ଲାଗିଥିଲା। ଫଳରେ ମାନସିକ ଭାରସାମ୍ୟ ହରାଇଥିବା ସୁରଥ ମଙ୍ଗଳବାର ସକାଳେ ତାଳଚେର–ସମ୍ବଲପୁର ରେଳପଥର ହଣ୍ଡପା ଥାନା ଖାଲପାଳ ନିକଟରେ ସମ୍ବଲପୁର–ପୁରୀ ଇଣ୍ଟରସିଟି ଏକ୍ସପ୍ରେସ ଆଗକୁ ଡେଇଁ ଆତ୍ମହତ୍ୟା କରିଥିଲେ। ତାଙ୍କ ମୃତଦେହ ରେଳ ଧାରଣାରେ ପଡିଥିବା ଦେଖି ଅଞ୍ଚଳବାସୀ ବଇଣ୍ଡା ରେଳ ଫାଣ୍ଡି ପୋଲିସକୁ ସୂଚନା ଦେଇଥିଲେ। ଖବରପାଇ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ତାଳଚେର ମେଡିକାଲକୁ ପଠାଇ ଦେଇଛି। ଏହି ଘଟଣାକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଥିବା ବେଳେ ସୁରଥଙ୍କ ଝିଅ ବାହାଘର ହୋଇପାରି ନାହିଁ।

## ମେ' ୧୦ ଯାଏ ଘୁଞ୍ଚିଲା ଆବେଦନ ସମୟ

### ମାଗଣା ଲାପ୍‌ଟପ୍ ପାଇଁ ଆର୍ଥିକ ସହାୟତା

ଭୁବନେଶ୍ୱର, ୩ା୫(ବ୍ୟୁରୋ)

ବିଜୁ ଯୁବ ସଶକ୍ତୀକରଣ ଯୋଜନା–୨୦୨୧ ଅଧୀନରେ ଲାପ୍‌ଟପ୍ କିଣିବା ନିମନ୍ତେ ଆର୍ଥିକ ସହାୟତା ପାଇବା ପାଇଁ ଆବେଦନର ଅବଧିକୁ ଘୁଞ୍ଚାଇ ଦିଆଯାଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହି ଆବେଦନ ଅବଧିକୁ ମେ' ୧୦ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ଆବେଦନ କରିପାରି ନ ଥିବା ଯୋଗ୍ୟ ଛାତ୍ରୀଛାତ୍ରମାନେ ଏହି ସମୟସୀମା ମଧ୍ୟରେ ଆବେଦନ କରିବାକୁ କୁହାଯାଇଛି। ଏନେଇ ମଙ୍ଗଳବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଯୁକ୍ତ୨ ପାସ୍ କରିଥିବା ମେଧାବୀ ଛାତ୍ରୀଛାତ୍ର ଲାପ୍‌ଟପ୍ କିଣିବା ନିମନ୍ତେ ଆର୍ଥିକ ସହାୟତା ଲାଗି ଆବେଦନ କରିପାରିବେ। ତୃତୀୟ ଥର ପାଇଁ ଆବେଦନର ଅବଧିକୁ ଘୁଞ୍ଚାଇ ଦିଆଯାଇଛି। ଚଳିତ ବର୍ଷ ମାର୍ଚ୍ଚ ୨୨ରେ ଅନ୍‌ଲାଇନ୍ ଆବେଦନ ଆରମ୍ଭ ହୋଇଥିବାବେଳେ ଆବେଦନର ଶେଷ ତାରିଖ ଏପ୍ରିଲ ୧୦ ଥିଲା। ପରେ ଏହାକୁ ଏପ୍ରିଲ ୩୦ ଯାଏ ବୃଦ୍ଧି କରାଯାଇଥିଲା। କେବଳ ୧୫ ହଜାର ଛାତ୍ରୀଛାତ୍ର ଆର୍ଥିକ ସହାୟତା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏନେଇ ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କ ନାମ ପ୍ରକାଶ ପାଇଥିଲା। ସେମାନଙ୍କୁ ରାଜ୍ୟ ସରକାର ୩୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବେ। ଯୋଗ୍ୟ ବିବେଚିତ ମେଧାବୀ ଛାତ୍ରୀଛାତ୍ର ଓଡ଼ିଶା ସରକାରଙ୍କ ସ୍କଲାରଶିପ୍ ପୋର୍ଟାଲର ଅଫିସିଆଲ ୱେବ୍‌ସାଇଟ୍ https://scholarship.odisha.gov.inକୁ ଯାଇ ଆବେଦନ କରିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।



ଭୁବନେଶ୍ୱର ବରମୁଣ୍ଡାସ୍ଥିତ ଓଡ଼ିଶା ରାଜ୍ୟ କୃଷି ଯନ୍ତ୍ରପାତି ତାଲିମ ଓ ପରୀକ୍ଷଣ କେନ୍ଦ୍ରଠାରେ ମଙ୍ଗଳବାର ରାଜ୍ୟସ୍ତରୀୟ କୃଷକ ଦିବସ ପାଳନ ଅବସରରେ କୃଷି ମନ୍ତ୍ରୀ ଅରୁଣ କୁମାର ସାହୁ ବିଲରେ ଅଖିମୁଠି ଅନୁକୂଳ କରୁଛନ୍ତି।

## ଓଡ଼ିଶା ବିକାଶର ଭୂଖଣ୍ଡ: କୃଷିମନ୍ତ୍ରୀ

### ରାଜ୍ୟସ୍ତରୀୟ କୃଷକ ଦିବସ

ଭୁବନେଶ୍ୱର,୩ା୫(ବ୍ୟୁରୋ)

ଅକ୍ଷୟ ତୃତୀୟା। ଚାଷ ଅନୁକୂଳର ମହାପର୍ବ। ଚାଷୀମାନେ ମା' ଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରିବା ସହ ବିଲରେ ଅଖିମୁଠି ଅନୁକୂଳ କରିଛନ୍ତି। ନୂଆ ଧାନ ବୁଣି ହଳ କରିଛନ୍ତି। ମଙ୍ଗଳବାର ଅକ୍ଷୟ ତୃତୀୟା ଅବସରରେ କୃଷି ଯନ୍ତ୍ରପାତି ଓ ତାଲିମ କେନ୍ଦ୍ର ପରିସରରେ କୃଷିମନ୍ତ୍ରୀ ଅରୁଣ ସାହୁ ଅଖିମୁଠି ଅନୁକୂଳ କରିଛନ୍ତି। ବିଧି ମୁତାବକ ସେ ଖେତରେ ବିହନ ଅନୁକୂଳ କରିଛନ୍ତି। ପବିତ୍ର ଅକ୍ଷୟ ତୃତୀୟା ତିଥିରେ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କୃଷକ ଦିବସ–୨୦୨୨ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ କୃଷିମନ୍ତ୍ରୀ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୃଷି କ୍ଷେତ୍ରକୁ ଦେଇଥିବା ପ୍ରାଧାନ୍ୟ ଓ କୃଷିଭିତ୍ତିକ ଅନେକ କାର୍ଯ୍ୟକ୍ରମ ଗ୍ରହଣର ଫଳସ୍ୱରୂପ ଆଜି ଓଡ଼ିଶା ଭୋକର ଭୂଗୋଳରୁ ବିକାଶର ଭୂଖଣ୍ଡରେ ପରିଣତ ହୋଇଛି। ୧୯୯୯ ମହାବାତ୍ୟା ସମୟରେ ଚାଉଳର ଅଭାବୀ ସ୍ଥିତିରୁ ୨୦୨୧ରେ ରାଜ୍ୟ ଚାଉଳ ବଳକା ରାଜ୍ୟ ଭାବେ ଉଭା ହୋଇଛି। କୃଷକର ଆୟ ଦ୍ୱିଗୁଣିତ କରିବା ନିମନ୍ତେ ସମନ୍ୱିତ କୃଷିକୁ ଅଧିକ ପ୍ରୋତ୍ସାହନ ଦିଆଯାଉଛି। ମାଛ, କ୍ଷୀର, ମାଂସ, ଅଣ୍ଡା ଆଦି ଉତ୍ପାଦନରେ ଓଡ଼ିଶା ସ୍ୱାବଲମ୍ବୀ ହୋଇପାରିଛି ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଏକ କୃଷି ମେଳାର ଆୟୋଜନ କରାଯାଇଥିଲା। ମେଳାକୁ ଉଦ୍‌ଘାଟନ କରିବା ସହ ମନ୍ତ୍ରୀ ବିଭିନ୍ନ ଷ୍ଟଲ୍ ବୁଲି ଦେଖିଥିଲେ। ଉତ୍ପାଦନ କମିଶନର ସଞ୍ଜୀବ ଚୋପ୍ରା, ବିଭାଗୀୟ ସ୍ୱତନ୍ତ୍ର ସଚିବ ସଞ୍ଜୀବ ଚଢ଼ା ଚଳିତ ବର୍ଷ ଉତ୍ତମ ମୌସୁମୀ ଓ ସଫଳ ଖରିଫ ଋତୁ ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରିଥିଲେ। କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଏମ୍. ମୁଥୁକୁମାର ସ୍ୱାଗତ ଭାଷଣ ଦେଇଥିବା ବେଳେ ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## 'ଝିଅ ସହ ଦେଖି ସହିପାରିଲିନି, ରଡ୍ ଭୁସି ମାରିଦେଲି'

### ପ୍ରେମ ପାଇଁ ଛାତ୍ରଙ୍କୁ ହତ୍ୟା ଘଟଣା

### ଅଭିଯୁକ୍ତ ବାପାଙ୍କ ଚାଞ୍ଚଲ୍ୟକର ବୟାନ

ଉଦଳା, ୩ା୫ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଜୟପୁର ଗ୍ରାମର ଛାତ୍ର ଶୁଭାଶିଷ ବାରିକଙ୍କ ହତ୍ୟା ଘଟଣାର ରହସ୍ୟ ଉନ୍ମୋଚନ କରିଛି ପୋଲିସ। ଶୁଭାଶିଷଙ୍କ ଗୁପ୍ତାଙ୍ଗ ତଳେ ରଡ୍ ଭୁସି ହତ୍ୟା କରାଯାଇଛି। ତାଙ୍କ ପ୍ରେମିକାଙ୍କ ବାପା ହିଁ ହତ୍ୟାକାରୀ ବୋଲି ପୋଲିସ ସ୍ପଷ୍ଟ କରିଛି। ଶୁଭାଶିଷ ଓ ଝିଅକୁ ଅସଂଯତ ଅବସ୍ଥାରେ ଦେଖି ସହି ପାରିଲିନି, ରଡ୍ ଭୁସି ମାରିଦେଲି ବୋଲି ଅଭିଯୁକ୍ତ ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି। ଏନେଇ ଉଦଳା ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କପ୍ତିପଦା ଏସ୍‌ଡିପିଓ ସାର୍ଥକ ରାଏ ଓ ଆଇଆଇସି ନିରୋଜ କୁମାର ସାମଲ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ସମ୍ପୃକ୍ତ ଝିଅ ସହ ଶୁଭାଶିଷଙ୍କର ପୂର୍ବରୁ ପ୍ରେମ ସମ୍ପର୍କ ଥିଲା। ଏହାକୁ ନେଇ ଝିଅ ଘର ପକ୍ଷରୁ ଅନେକ ବାର ଶୁଭାଶିଷଙ୍କୁ ତାଗିଦ୍ କରାଯାଇଥିଲା। ହେଲେ ଗତ ୩୦ତାରିଖ ରାତିରେ ଝିଅ ସହ ଶୁଭାଶିଷଙ୍କୁ ହଠାତ୍ ଦେଖି ଅଭିଯୁକ୍ତ ହିତାହିତ ଜ୍ଞାନ ଭୁଲିଯାଇଥିଲେ। ପୂର୍ବରୁ ଶୁଭାଶିଷଙ୍କ ଉପରେ ଥିବା ରାଗ ତାଙ୍କୁ ହିଂସ୍ର କରିଦେଇଥିଲା। ସେ ତାଙ୍କୁ ମାରିବାକୁ ଉଦ୍ୟମ କରି ଗୋଡ଼ାଇଥିଲେ। ଶେଷରେ ତାଙ୍କ ଗୁପ୍ତାଙ୍ଗ ତଳେ ଏକ ରଡ୍ ଭୁସି ଦେଇଥିଲେ। ଶୁଭାଶିଷ ଜୀବନ ବିକଳରେ ଘର ପଛପଟ ଦେଇ ପଳାଇ ଯାଉଥିବା ବେଳେ ବିଲ ମଝିରେ ପଡ଼ିଯାଇଥିଲେ। ସେଠାରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ହତ୍ୟାକାଣ୍ଡରେ ବ୍ୟବହୃତ ରଡ୍‌କୁ ଅଭିଯୁକ୍ତ ନିଜ ଘରେ ଲୁଚାଇ ରବିବାର ସକାଳୁ ଶରତ ଅଞ୍ଚଳକୁ ଚାଲିଯାଇଥିଲେ। ଅନ୍ୟପଟେ ପୋଲିସ ଝିଅ, ତାଙ୍କ ମା' ଓ ୪ ଜଣ ସମ୍ପର୍କୀୟଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ପରେ ମୁଖ୍ୟ ଅଭିଯୁକ୍ତ ଝିଅର ବାପାଙ୍କୁ ପୋଲିସ ଶରତ ଅଞ୍ଚଳରୁ ଗିରଫ କରିଛି। ପୋଲିସ୍ ପୂରା ଘଟଣାର ଖିଅ ଖୋଜି ବାହାର କରିଥିବା ବେଳେ ହତ୍ୟାକାଣ୍ଡରେ ବ୍ୟବହୃତ ରଡ୍‌କୁ ଜବତ କରିଛି। ହତ୍ୟା ସମୟରେ ଅଭିଯୁକ୍ତ ପିନ୍ଧିଥିବା କପଡ଼ାକୁ ମଧ୍ୟ ପୋଲିସ ଜବତ କରିଛି। ଏନେଇ ମାମଲା (ନଂ.୧୩୫/୨୨) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଡେନ୍‌ମାର୍କ ପ୍ରଧାନମନ୍ତ୍ରୀଙ୍କ ଘରେ ଓଡ଼ିଶା ପଟଚିତ୍ର



କୋପେନହେଗେନ୍,୩ା୫

ଡେନ୍‌ମାର୍କ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ତାଙ୍କ ଡାନିସ୍ ପ୍ରତିପକ୍ଷ ମେଟେ ଫ୍ରେଡେରିକ୍ସନ୍‌ଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହି ଅବସରରେ ଫ୍ରେଡେରିକ୍ସନ୍ ତାଙ୍କ ବାସଭବନରେ ଲାଗିଥିବା ଓଡ଼ିଶାର ପଟଚିତ୍ରକୁ ମୋଦିଙ୍କୁ ଦେଖାଇଥିଲେ। ପୂର୍ବରୁ ସେ ଭାରତ ଗସ୍ତରେ ଆସିଥିବାବେଳେ ମୋଦି ତାଙ୍କୁ ଏହି ପଟଚିତ୍ର ଉପହାର ଦେଇଥିଲେ। ଅଯୋଧ୍ୟାର ରାମ ଦରବାରକୁ ନେଇ ଏହି ସୂକ୍ଷ୍ମ କାରୁକାର୍ଯ୍ୟ ତଥା ଓଡ଼ିଶାର ସମ୍ପଦ ଏହି ପଟଚିତ୍ର ଡେନ୍‌ମାର୍କ ପ୍ରଧାନମନ୍ତ୍ରୀଙ୍କ ଘରେ ସଜ୍ଜାହୋଇଛି। ଏଥିପାଇଁ ମୋଦି ତାଙ୍କୁ ପ୍ରଶଂସା କରିଛନ୍ତି। ଓଡ଼ିଶାର ପଟଚିତ୍ର କେବଳ ଜାତୀୟ ସ୍ତରରେ ନୁହେଁ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ବେଶ୍ ପ୍ରସିଦ୍ଧ। ରାଜ୍ୟର ଅନନ୍ୟ କଳା, ସଂସ୍କୃତି, ପଟଚିତ୍ର, ଭାସ୍କର୍ଯ୍ୟକୁ ପ୍ରଧାନମନ୍ତ୍ରୀ ବିଶ୍ୱ ଦରବାରରେ ପହଞ୍ଚାଇଥିବାରୁ ଓଡ଼ିଶା ତରଫରୁ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

THIS IS A PUBLIC ANNOUNCEMENT FOR INFORMATION PURPOSES ONLY AND IS NOT A PROSPECTUS ANNOUNCEMENT. THIS DOES NOT CONSTITUTE AN INVITATION OR OFFER TO ACQUIRE, PURCHASE OR SUBSCRIBE FOR SECURITIES. NOT FOR RELEASE, PUBLICATION OR DISTRIBUTION, DIRECTLY OR INDIRECTLY, OUTSIDE INDIA.

LIC
योगक्षेमं वहाम्यहम्
भारतीय जीवन बीमा निगम
LIFE INSURANCE CORPORATION OF INDIA

# LIFE INSURANCE CORPORATION OF INDIA

The Corporation was established as 'Life Insurance Corporation of India' on September 1, 1956 under the Life Insurance Corporation Act, 1956. For details of change in the central office of the Corporation, see *"History and Certain Corporate Matters – Changes in central office of the Corporation"* on page 272 of the Red Herring Prospectus dated April 26, 2022 ("**RHP**").

**Central office:** Yogakshema, Jeevan Bima Marg, Nariman Point, Mumbai 400 021, Maharashtra, India.
**Contact Person:** Pawan Agrawal, Company Secretary and Compliance Officer; **Tel:** +91 22 2202 2079; **E-mail:** Investors@licindia.com; **Website:** www.licindia.in; **IRDAI Registration number:** 512

## OUR PROMOTER: THE PRESIDENT OF INDIA, ACTING THROUGH THE MINISTRY OF FINANCE, GOVERNMENT OF INDIA

INITIAL PUBLIC OFFER OF UP TO 221,374,920 EQUITY SHARES OF FACE VALUE OF ₹ 10 EACH ("EQUITY SHARES") OF LIFE INSURANCE CORPORATION OF INDIA ("THE CORPORATION" OR THE "ISSUER") THROUGH AN OFFER FOR SALE OF UP TO 221,374,920 EQUITY SHARES BY THE PRESIDENT OF INDIA, ACTING THROUGH THE MINISTRY OF FINANCE, GOVERNMENT OF INDIA ("SELLING SHAREHOLDER") FOR CASH AT A PRICE OF ₹ [●] PER EQUITY SHARE ("OFFER PRICE"), AGGREGATING UP TO ₹ [●] MILLION (THE "OFFER").
THE OFFER INCLUDES A RESERVATION OF UP TO 1,581,249 EQUITY SHARES AGGREGATING UP TO ₹ [●] MILLION (CONSTITUTING UP TO 0.025% OF THE POST-OFFER PAID-UP EQUITY SHARE CAPITAL), FOR SUBSCRIPTION BY ELIGIBLE EMPLOYEE(S) (THE "EMPLOYEE RESERVATION PORTION") AND A RESERVATION OF UP TO 22,137,492 EQUITY SHARES AGGREGATING UP TO ₹ [●] MILLION (CONSTITUTING UP TO 0.35% OF THE POST-OFFER PAID-UP EQUITY SHARE CAPITAL) FOR SUBSCRIPTION BY ELIGIBLE POLICYHOLDER(S) ("POLICYHOLDER RESERVATION PORTION"). THE CORPORATION AND THE SELLING SHAREHOLDER, IN CONSULTATION WITH THE BOOK RUNNING LEAD MANAGERS ("BRLMS"), SHALL OFFER (I) A DISCOUNT OF UP TO [●]% OF THE OFFER PRICE (EQUIVALENT OF ₹ 45 PER EQUITY SHARE) TO THE RETAIL INDIVIDUAL BIDDERS BIDDING IN THE RETAIL PORTION ("RETAIL DISCOUNT"), (II) A DISCOUNT OF UP TO [●]% OF THE OFFER PRICE (EQUIVALENT OF ₹ 45 PER EQUITY SHARE) TO ELIGIBLE EMPLOYEE(S) BIDDING IN THE EMPLOYEE RESERVATION PORTION ("EMPLOYEE DISCOUNT"), AND (III) A DISCOUNT OF UP TO [●]% OF THE OFFER PRICE (EQUIVALENT OF ₹ 60 PER EQUITY SHARE) TO THE ELIGIBLE POLICYHOLDER(S) BIDDING IN THE POLICYHOLDER RESERVATION PORTION ("POLICYHOLDER DISCOUNT"). THE OFFER LESS THE EMPLOYEE RESERVATION PORTION AND POLICYHOLDER RESERVATION PORTION IS HEREINAFTER REFERRED TO AS "NET OFFER". THE OFFER AND NET OFFER SHALL CONSTITUTE 3.5% AND 3.13%, RESPECTIVELY, OF THE POST-OFFER PAID-UP EQUITY SHARE CAPITAL OF THE CORPORATION.

**QIB Portion: Not more than 50% of the Net Offer | Retail Portion: Not less than 35% of the Net Offer | Non-Institutional Portion: Not less than 15% of the Net Offer**

**PRICE BAND: ₹ 902 TO ₹ 949 PER EQUITY SHARE OF FACE VALUE OF ₹ 10 EACH**
**A DISCOUNT OF ₹ 45 PER EQUITY SHARE IS BEING OFFERED TO RETAIL INDIVIDUAL BIDDERS BIDDING IN THE RETAIL PORTION AND ELIGIBLE EMPLOYEES BIDDING IN THE EMPLOYEE RESERVATION PORTION.**
**A DISCOUNT OF ₹ 60 PER EQUITY SHARE IS BEING OFFERED TO ELIGIBLE POLICYHOLDERS BIDDING IN THE POLICYHOLDER RESERVATION PORTION.**
**THE FLOOR PRICE IS 90.2 TIMES THE FACE VALUE OF THE EQUITY SHARES AND THE CAP PRICE IS 94.9 TIMES THE FACE VALUE OF THE EQUITY SHARES**
**BIDS CAN BE MADE FOR A MINIMUM OF 15 EQUITY SHARES AND IN MULTIPLES OF 15 EQUITY SHARES THEREAFTER**

### Risks to Investors:

- For Fiscal 2019, Fiscal 2020, Fiscal 2021 and the nine months ended December 31, 2021, the Corporation had a market share of 66.4%, 66.2%, 64.1% and 61.6%, respectively, in terms of total premium in the Indian life insurance sector.
- The entire Net Proceeds will be paid to the President of India and the Corporation will not receive any proceeds of the Offer.
- Our individual agents procure most of our individual new business premiums. If we are unable to retain and recruit individual agents on a timely basis and at reasonable cost, there could be a material adverse effect on our results of operations.
- The Corporation is not a company incorporated under the Companies Act, 2013 and is established and governed as per the provisions of the Life Insurance Corporation Act, 1956 and the rules and regulations framed thereunder. Accordingly, the Corporation is not subject to the provisions of the Companies Act, 2013.
- The Market capitalization / Embedded Value ratio based on Embedded Value as at September 30, 2021 for the Corporation at the upper end of the Price Band is 1.11, compared to the average industry peer group Market capitalization / Embedded Value of 3.41 (simple average basis). Potential investors may note that the Embedded Value of the Corporation could be sensitive to the equity markets given the size of the equity investment portfolio of the Corporation.
- Average Cost of acquisition of Equity Shares for the Selling Shareholder is ₹ 0.16 each and Offer Price at upper end of the Price Band is ₹ 949.
- Details of Acquisition of all Equity Shares transacted in last three years and one year:

| Period | Weighted Average Cost of Acquisition (in ₹) | Upper end of the Price Band (₹ 949) is 'X' times the Weighted Average Cost of Acquisition | Range of Acquisition Price: Lowest Price-Highest Price (in ₹) |
|---|---|---|---|
| Last 1 year | 0.16 | 5,931 | Nil*-10.00** |
| Last 3 years | 0.16 | 5,931 | Nil*-10.00** |

*Represents acquisition price of equity shares pursuant to bonus issue. **The paid-up equity capital of the Corporation was ₹ 1,000 million (provided held by the GoI) prior to amendment to the Life Insurance Corporation Act by the Finance Act, 2021 ("Amendment"). Pursuant to the Amendment, the Corporation was required, with the previous approval of the GoI, to issue Equity Shares to the GoI in consideration for the paid-up equity capital provided by the GoI as it stood before the coming into force of Section 131 of the Finance Act, 2021.*

- Weighted Average Return on Net Worth for Fiscals 2021, 2020 and 2019 is 182.25%.
- The Ten Book Running Lead Managers associated with the Offer have handled 70 public issues in the past 3 years out of which 23 issues closed below the issue price on listing date.

**BID/OFFER PROGRAMME***

## BID/OFFER OPENS TODAY

**BID/OFFER CLOSES ON MONDAY, MAY 9, 2022 (THE BID/ OFFER PERIOD SHALL ALSO INCLUDE BIDDING ON SATURDAY, MAY 7, 2022)**

**On account of Bid / Offer Closing Date i.e. Monday, May 9, 2022, being a public holiday in the state of West Bengal, potential Bidders located or residing in West Bengal are requested to ensure that they take necessary steps for completion of the Bidding process (including submission of Application Form or Revision Form, as the case may be, in the manner indicated in the RHP) prior to Monday, May 9, 2022.*

In case of any revision in the Price Band, the Bid/Offer Period will be extended by at least three additional Working Days after such revision in the Price Band, subject to the Bid/Offer Period not exceeding 10 Working Days. In cases of force majeure, banking strike or similar circumstances, the Corporation may, for reasons to be recorded in writing, extend the Bid/Offer Period for a minimum of three Working Days, subject to the Bid/Offer Period not exceeding 10 Working Days. Any revision in the Price Band and the revised Bid/Offer Period, if applicable, shall be widely disseminated by notification to the Stock Exchanges, by issuing a public notice, and also by indicating the change on the respective websites of the BRLMs and at the terminals of the Syndicate Members and by intimation to Designated Intermediaries and the Sponsor Banks, as applicable.

The Offer is being made through the Book Building Process, in terms of Rule 19(2)(b) of the Securities Contracts (Regulation) Rules, 1957, as amended ("**SCRR**") read with Regulation 31 of the SEBI ICDR Regulations and in compliance with Regulation 6(1) of the SEBI ICDR Regulations, wherein not more than 50% of the Net Offer shall be allocated on a proportionate basis to Qualified Institutional Buyers ("**QIBs**", the "**QIB Portion**"). The Corporation has in consultation with the BRLMs, allocated up to 60% of the QIB Portion to Anchor Investors on a discretionary basis in accordance with the SEBI ICDR Regulations ("**Anchor Investor Portion**"), of which one-third was reserved for domestic Mutual Funds, subject to valid Bids having been received from domestic Mutual Funds at or above the Anchor Investor Allocation Price. Further, 5% of the Net QIB Portion shall be available for allocation on a proportionate basis only to Mutual Funds, and the remainder of the Net QIB Portion shall be available for allocation on a proportionate basis to all QIBs, including Mutual Funds, subject to valid Bids being received at or above the Offer Price. Further, not less than 15% of the Net Offer shall be available for allocation on a proportionate basis to Non-Institutional Bidders and not less than 35% of the Net Offer shall be available for allocation to RIBs in accordance with the SEBI ICDR Regulations, subject to valid Bids being received at or above the Offer Price. All potential Bidders (except Anchor Investors) are required to mandatorily utilise the Application Supported by Blocked Amount ("**ASBA**") process providing details of their respective ASBA accounts, and UPI ID in case of UPI Bidders Bidding using the UPI Mechanism, if applicable, in which the corresponding Bid Amounts will be blocked by the SCSBs or under the UPI Mechanism, as the case may be, to the extent of respective Bid Amounts. Anchor Investors are not permitted to participate in the Offer through the ASBA process. For details, see *"Offer Procedure"* beginning on page 569 of the RHP.

**Bidders/Applicants should ensure that DP ID, PAN and the Client ID and UPI ID (for UPI Bidders bidding through UPI mechanism) are correctly filled in the Bid cum Application Form. The DP ID, PAN and Client ID provided in the Bid cum Application Form should match with the DP ID, PAN, Client ID available in the Depository database, otherwise, the Bid cum Application Form is liable to be rejected. Bidders/Applicants should ensure that the beneficiary account provided in the Bid cum Application Form is active. Bidders/Applicants should note that on the basis of the PAN, DP ID and Client ID as provided in the Bid cum Application Form, the Bidder/Applicant may be deemed to have authorized the Depositories to provide to the Registrar to the Offer, any requested Demographic Details of the Bidder/Applicant as available on the records of the depositories. These Demographic Details may be used, among other things, for giving Allotment Advice or unblocking of ASBA Account or for other correspondence(s) related to the Offer. Bidders/Applicants are advised to update any changes to their Demographic Details as available in the records of the Depository Participant to ensure accuracy of records. Any delay resulting from failure to update the Demographic Details would be at the Bidders/Applicants' sole risk.**

**Investors must ensure that their PAN is linked with Aadhaar and are in compliance with Central Board of Direct Taxes notification dated February 13, 2020 and press release dated June 25, 2021.**

**CONTENTS OF THE MEMORANDUM OF ASSOCIATION OF THE CORPORATION AS REGARDS ITS OBJECTS:** The Corporation, being established under the Life Insurance Corporation Act, does not have a memorandum of association or articles of association. The Corporation is governed under the provisions of the Life Insurance Corporation Act, the rules issued thereunder, and the Insurance Act and the regulations and guidelines issued by the IRDAI, each only to the extent applicable and not inconsistent with the provisions of the Life Insurance Corporation Act.

**LIABILITY OF THE MEMBERS OF THE CORPORATION:** Limited by shares.

**AMOUNT OF SHARE CAPITAL OF THE CORPORATION AND CAPITAL STRUCTURE:** As on the date of the RHP, the authorised share capital of the Corporation is ₹ 250,000,000,000 divided into 25,000,000,000 equity shares of ₹ 10 each. The issued, subscribed and paid-up Equity share capital of the Corporation is ₹ 63,249,977,010 divided into 6,324,997,701 equity shares of ₹ 10 each. For details of the capital structure, see "*Capital Structure*" beginning on page 92 of the RHP.

**NAMES OF THE INITIAL SIGNATORIES TO THE MEMORANDUM OF ASSOCIATION OF THE CORPORATION AND THE NUMBER OF EQUITY SHARES SUBSCRIBED BY THEM:** The Corporation, being established under the Life Insurance Corporation Act, does not have a memorandum of association or articles of association. For details of the share capital history and capital structure of the Corporation see "*Capital Structure*" beginning on page 92 of the RHP.

**LISTING:** The Equity Shares offered through the RHP are proposed to be listed on the Stock Exchanges. The Corporation has received 'in-principle' approvals from BSE and NSE for the listing of the Equity Shares pursuant to letters each dated February 14, 2022. For the purposes of the Offer, the Designated Stock Exchange shall be BSE. For details of the material contracts and documents available for inspection from the date of the RHP up to the Bid/ Offer Closing Date, see *"Material Contracts and Documents for Inspection"* on page 641 of the RHP.

**DISCLAIMER CLAUSE OF SEBI:** SEBI only gives its observations on the offer documents and this does not constitute approval of either the Offer or the specified securities stated in the offer document. The investors are advised to refer to page 534 of the RHP for the full text of the disclaimer clause of SEBI.

**DISCLAIMER CLAUSE OF BSE (The Designated Stock Exchange):** It is to be distinctly understood that the permission given by BSE Limited should not in any way be deemed or construed that the RHP has been cleared or approved by BSE Limited nor does it certify the correctness or completeness of any of the contents of the RHP. The investors are advised to refer to the page 536 of the RHP for the full text of the disclaimer clause of BSE.

**DISCLAIMER CLAUSE OF NSE:** It is to be distinctly understood that the permission given by NSE should not in any way be deemed or construed that the RHP has been cleared or approved by NSE nor does it certify the correctness or completeness of any of the contents of the RHP. The investors are advised to refer to page 537 of the RHP for the full text of the disclaimer clause of NSE.

**DISCLAIMER CLAUSE OF IRDAI:** The IRDAI does not undertake any responsibility for the financial soundness of the Corporation or for the correctness of any of the statements made or opinions expressed in this connection. Any issuance of observation by the IRDAI under the LIC General Regulations shall not in any manner be deemed to be or serve as a validation of the representations by the Corporation in the offer document.

**GENERAL RISKS:** Investments in equity and equity-related securities involve a degree of risk and investors should not invest any funds in the Offer unless they can afford to take the risk of losing their entire investment. Investors are advised to read the risk factors carefully before taking an investment decision in the Offer. For taking an investment decision, investors must rely on their own examination of the Corporation and the Offer, including the risks involved. The Equity Shares in the Offer have not been recommended or approved by the SEBI, nor does SEBI guarantee the accuracy or adequacy of the contents of the RHP. Specific attention of the investors is invited to *"Risk Factors"* beginning on page 24 of the RHP.

**ASBA*** | **Simple, Safe, Smart way of Application!!!**

*Applications Supported by Blocked Amount ("ASBA") is a better way of applying to offers by simply blocking the fund in the bank account. For further details, check section on ASBA below.
**Mandatory in public issues. No cheque will be accepted.**

UPI
UNIFIED PAYMENTS INTERFACE

**UPI-Now available in ASBA for UPI Bidders**.**
**Investors are required to ensure that the bank account used for bidding is linked to their PAN. UPI – Now available in ASBA for UPI Bidders applying through Registered Brokers, DPs & RTAs.**
**Retail Individual Bidders also have the option to submit the application directly to the ASBA Bank (SCSBs) or to use the facility of linked online trading, demat and bank account.**

**ASBA has to be availed by all the investors except Anchor Investors (as defined in the RHP). UPI may be availed by RIBs, Eligible Employees bidding in the Employee Reservation Portion, where made available by the broker through whom the Bidder is submitting the Bid, Eligible Policyholders bidding in the Policyholder Reservation Portion, where made available by the broker through whom the Bidder is submitting the Bid and Non-Institutional Bidders with an application size of up to ₹ 500,000 in the Non-Institutional Portion. Bidders who are Eligible Employees or Eligible Policyholders, as the case may be, are advised to confirm the same with his/her broker regarding availability of UPI mechanism prior to submission of Bids.*
*For details on the ASBA and UPI process, please refer to the details given in ASBA Form and abridged prospectus and also please refer to the section "Offer Procedure" beginning on page 569 of the RHP. The process is also available on the website of Association of Investment Bankers of India ("**AIBI**"), the websites of BSE Limited ("**BSE**") and National Stock Exchange of India Limited ("**NSE**", and together with BSE, the "**Stock Exchanges**") and in the General Information Document. ASBA bid-cum application forms can be downloaded from the websites of Stock Exchanges and can be obtained from the list of banks that is displayed on the website of SEBI at www.sebi.gov.in.*
***List of banks supporting UPI is also available on the website of SEBI at www.sebi.gov.in. For the list of UPI Apps and Banks live on IPO, please refer to the link: www.sebi.gov.in. UPI Bidders Bidding using the UPI Mechanism may apply through the SCSBs and mobile applications whose names appear on the website of SEBI (https://www.sebi.gov.in/sebiweb/other/OtherAction.do?doRecognisedFpi=yes&intmId=34) and (https://sebi.gov.in/sebiweb/other/OtherAction.do?doRecognisedFpi=yes&intmId=40) respectively, as updated from time to time. Axis Bank Limited, HDFC Bank Limited and Kotak Mahindra Bank Limited have been appointed as Sponsor Bank for the Offer. For Offer related grievance or UPI related queries, investors may contact the BRLMs and Registrar to the Offer on their respective email IDs as mentioned below. For UPI related queries, investors can contact NPCI at the toll free number: 18001201740 and E-mail Id: ipo.upi@npci.org.in; Axis Bank Limited at Tel: +91 91670 06951/ 52, +91 022 6817 6300 and E-mail: churchgate.branchhead@axisbank.com, churchgate.operationshead@axisbank.com; HDFC Bank Limited at Tel: +91 022 3075 2927/ 28/ 2914 and E-mail: Siddharth.Jadhav@hdfcbank.com, prasanna.uchil@hdfcbank.com, neerav.desai@hdfcbank.com; Kotak Mahindra Bank Limited at Tel: +91 022 6605 6588/ 6713 2416 and E-mail: cmsipo@kotak.com and the Registrar to the Offer at Tel: +91 40 6716 2222 and E-mail: lic.ipo@kfintech.com.*

**For any Offer related queries, investors may write on E-mail: lic.ipo@kfintech.com or call on Toll-free number: 1800 3094 001 or Whatsapp by typing 'Hi' to: +91 91000 94099.**

### BOOK RUNNING LEAD MANAGERS

kotak® Investment Banking
**Kotak Mahindra Capital Company Limited**
1st Floor, 27 BKC, Plot No. C-27, 'G' Block
Bandra Kurla Complex, Bandra (East)
Mumbai 400 051 Maharashtra, India
**Tel:** +91 22 4336 0000
**E-mail:** lic.ipo@kotak.com
**Website:** https://investmentbank.kotak.com
**Investor Grievance ID:** kmccredressal@kotak.com
**Contact Person:** Ganesh Rane
**SEBI Registration Number:** INM000008704

AXIS CAPITAL
**Axis Capital Limited**
1st Floor, Axis House, C-2 Wadia
International Centre, P.B. Marg, Worli
Mumbai 400 025 Maharashtra, India
**Tel:** +91 22 4325 2183/84
**E-mail:** lic.ipo@axiscap.in
**Website:** www.axiscapital.co.in
**Investor Grievance ID:** complaints@axiscap.in
**Contact Person:** Mayuri Arya
**SEBI Registration Number:** INM000012029

BofA SECURITIES
**BofA Securities India Limited**
Ground Floor, "A" Wing, One BKC, "G" Block
Bandra Kurla Complex, Bandra (East),
Mumbai 400 051 Maharashtra, India
**Tel:** +91 22 6632 8000/ 8411
**E-mail:** dg.lici_ipo@bofa.com
**Website:** www.ml-india.com
**Investor Grievance ID:** dg.india_merchantbanking@bofa.com
**Contact Person:** Abhay Agarwal
**SEBI Registration Number:** INM000011625

citi
**Citigroup Global Markets India Private Limited**
1202, 12th Floor, First International Finance Centre,
G-Block, Bandra Kurla Complex, Bandra (East)
Mumbai 400 098, Maharashtra, India
**Tel:** +91 22 6175 9999; **E-mail:** licindia.ipo@citi.com
**Investor Grievance ID:** investors.cgmib@citi.com
**Website:** www.online.citibank.co.in/rhtm/citigroupglobalscreen1.htm
**Contact Person:** Huzefa Bodabhaiwala
**SEBI Registration Number:** INM000010718

Goldman Sachs
**Goldman Sachs (India) Securities Private Limited**
951-A, Rational House
Appasaheb Marathe Marg, Prabhadevi
Mumbai 400 025, Maharashtra, India
**Tel:** +91 22 6616 9000
**E-mail:** licipo@gs.com
**Website:** www.goldmansachs.com
**Investor Grievance ID:** india-client-support@gs.com
**Contact Person:** Chirag Jasani
**SEBI Registration Number:** INM000011054

ICICI Securities
**ICICI Securities Limited**
ICICI Venture House
Appasaheb Marathe Marg, Prabhadevi
Mumbai 400 025, Maharashtra, India
**Tel:** +91 22 6807 7100
**E-mail:** lic.ipo@icicisecurities.com
**Website:** www.icicisecurities.com
**Investor Grievance ID:** customercare@icicisecurities.com
**Contact Person:** Sameer Purohit/ Sumit Singh
**SEBI Registration Number:** INM000011179

JM FINANCIAL
**JM Financial Limited**
7th Floor, Cnergy, Appasaheb Marathe Marg
Prabhadevi, Mumbai 400 025 Maharashtra, India
**Tel:** +91 22 6630 3030/ 3262
**E-mail:** lic.ipo@jmfl.com
**Website:** www.jmfl.com
**Investor Grievance ID:** grievance.ibd@jmfl.com
**Contact Person:** Prachee Dhuri
**SEBI Registration Number:** INM000010361

J.P.Morgan
**J.P. Morgan India Private Limited**
J.P. Morgan Tower, Off. C.S.T. Road
Kalina, Santacruz (East), Mumbai 400 098 Maharashtra, India
**Tel:** +91 22 6157 3000
**E-mail:** LIC_IPO@jpmorgan.com
**Website:** www.jpmipl.com
**Investor Grievance ID:** investorsmb.jpmipl@jpmorgan.com
**Contact Person:** Saarthak K Soni
**SEBI Registration Number:** INM000002970

NOMURA
**Nomura Financial Advisory and Securities (India) Private Limited**
Ceejay House, Level 11 Plot F, Shivsagar Estate,
Dr. Annie Besant Road, Worli, Mumbai 400 018 Maharashtra, India
**Tel:** +91 22 4037 4037
**E-mail:** licipo@nomura.com
**Website:** www.nomuraholdings.com/company/group/asia/india/index.html
**Investor Grievance ID:** investorgrievances-in@nomura.com
**Contact Person:** Vishal Kanjani/Sandeep Baid
**SEBI Registration Number:** INM000011419

SBI Capital Markets Limited
**SBI Capital Markets Limited**
202, Maker Tower "E", Cuffe Parade
Mumbai 400 005 Maharashtra, India
**Tel:** +91 22 2217 8300
**E-mail:** lic.ipo@sbicaps.com
**Website:** www.sbicaps.com
**Investor Grievance ID:** investor.relations@sbicaps.com
**Contact Person:** Sambit Rath/Mounika T
**SEBI Registration Number:** INM000003531

### REGISTRAR TO THE OFFER

KFINTECH
**KFin Technologies Limited**
Selenium, Tower B, Plot No- 31 and 32
Gachibowli, Financial District, Nanakramguda,
Serilingampally, Hyderabad 500 032 Telangana, India
**Tel:** +91 40 6716 2222; **E-mail:** lic.ipo@kfintech.com
**Investor Grievance ID:** einward.ris@kfintech.com
**Website:** www.kfintech.com
**Contact Person:** M Murli Krishna
**SEBI Registration Number:** INR000000221

### COMPANY SECRETARY AND COMPLIANCE OFFICER

**Pawan Agrawal**
**LIFE INSURANCE CORPORATION OF INDIA**
Yogakshema, Jeevan Bima Marg
Nariman Point, Mumbai 400 021 Maharashtra, India
**Tel:** +91 22 2202 2079; **E-mail:** Investors@licindia.com
**Website:** www.licindia.in

Investors can contact the Company Secretary and Compliance Officer, the BRLMs or the Registrar to the Offer in case of any pre-Offer or post-Offer related problems, such as non-receipt of letters of Allotment, non-credit of Allotted Equity Shares in the respective beneficiary account, non-receipt of refund orders or non-receipt of funds by electronic mode.

**AVAILABILITY OF RHP:** Investors are advised to refer to the RHP and the "*Risk Factors*" beginning on page 24 of the RHP before applying in the Offer. A copy of the RHP will be made available on the website of the SEBI at www.sebi.gov.in, the websites of the BRLMs, Kotak Mahindra Capital Company Limited at https://investmentbank.kotak.com, Axis Capital Limited at www.axiscapital.co.in, BofA Securities India Limited at www.ml-india.com, Citigroup Global Markets India Private Limited at www.online.citibank.co.in/rhtm/citigroupglobalscreen1.htm, Goldman Sachs (India) Securities Private Limited at www.goldmansachs.com, ICICI Securities Limited at www.icicisecurities.com, JM Financial Limited at www.jmfl.com, J.P. Morgan India Private Limited at www.jpmipl.com, Nomura Financial Advisory and Securities (India) Private Limited at www.nomuraholdings.com/company/group/asia/india/index.html and SBI Capital Markets Limited at www.sbicaps.com and the websites of the Stock Exchanges, for BSE at www.bseindia.com and for NSE at www.nseindia.com.

**AVAILABILITY OF BID CUM APPLICATION FORM:** Bid cum Application Form can be obtained from the Central Office of the Corporation, **LIFE INSURANCE CORPORATION OF INDIA:** Tel: +91 22 2202 2079; **BRLMs: Kotak Mahindra Capital Company Limited**, Tel: +91 22 4336 0000; **Axis Capital Limited**, Tel: +91 22 4325 2183; **BofA Securities India Limited**, Tel: +91 22 6632 8000; **Citigroup Global Markets India Private Limited**, Tel: +91 22 6175 9999; **Goldman Sachs (India) Securities Private Limited**, Tel: +91 22 6616 9000; **ICICI Securities Limited**, Tel: +91 22 6807 7100; **JM Financial Limited**, Tel: +91 22 6630 3030/ 3262; **J.P. Morgan India Private Limited**, Tel: +91 22 6157 3000; **Nomura Financial Advisory and Securities (India) Private Limited**, Tel: +91 22 4037 4037 and **SBI Capital Markets Limited**, Tel: +91 22 2217 8300; **Syndicate Members: Investec Capital Services (India) Private Limited,** Tel: +91 22 6849 7400; **JM Financial Services Limited,** Tel: +91 22 6136 3400; **Kotak Securities Limited,** Tel: +91 22 6218 5470 and **SBICAP Securities Limited,** Tel: +91 22 4227 3300 /69316100 and at selected locations of Sub-Syndicate Members (as given below), Registered Brokers, SCSBs, Designated RTA Locations and Designated CDP Locations for participating in the Offer. Bid cum Application Forms will also be available on the websites of the Stock Exchanges at www.bseindia.com and www.nseindia.com and at all the Designated Branches of SCSBs, the list of which is available on the websites of the Stock Exchanges and SEBI.

**SUB-SYNDICATE MEMBERS:** Achievers Equities Limited; Ajcon Global Services Limited; Alankit Assignments Limited; Almondz Global Securities Limited; Amrapali Capital & Finance Services Ltd.; Anand Rathi Share & Stock Brokers Limited; Anand Share Consultancy; ANS Pvt Limited; Ashwani Dandia & Co; Axis Securities Limited; Centrum Broking Limited; Centrum Wealth Management Ltd.; Choice Equity Broking Private Limited; Dalal & Broacha Stock Broking Private Limited; DB(International) Stock Brokers Ltd.; Dhani Stocks Limited; Edelweiss Broking Limited; Eureka Stock & Share Broking Services Limited; G Raj & Co. (Consultants) Limited; Globe Capital Market Limited; ICICI Securities Limited; IDBI Capital Markets and Securities Limited; IIFL Securities Ltd.; Innovate Securities Pvt Limited; Jhaveri Securities; Jobanputra Fiscal Services Private Limited; Kalpataru Multiplier Limited; Kantilal Chhaganlal Sec Pvt Ltd.; Keynote Capitals Limited; KJMC Capital Market Services Limited; Lakshmishree Investment & Securities Pvt Limited; LKP Securities Limited; Inventure Growth & Securities Ltd.; Marwadi Shares & Finance; Motilal Oswal Financial Services Limited; Motilal Oswal Securities Limited; Nirmal Bang Securities Pvt. Ltd.; Ohm Securities; Patel Wealth Advisors Pvt Limited; Prabhudas Lilladher Pvt Limited; Pravin Ratilal Share and Stock Brokers Ltd.; RR Equity Brokers Private Limited; Safal Capital (India) Limited; Sharekhan Limited; SMC Global Securities Limited; Systematix Shares and Stocks (India) Limited; Tanna Financial Services; Trade Bulls Securities (P) Ltd.; Trust Financial Consultancy Services Pvt Limited; Viren M Shah; Way2Wealth Brokers Private Limited and Yes Securities (India) Limited.

**ESCROW COLLECTION BANK/ REFUND BANK / PUBLIC ISSUE BANK/ SPONSOR BANKS:** Axis Bank Limited, HDFC Bank Limited and Kotak Mahindra Bank Limited. | **UPI:** UPI Bidders can also Bid through UPI mechanism.

**All capitalised terms used herein and not specifically defined shall have the same meaning as ascribed to them in the RHP.**

For **LIFE INSURANCE CORPORATION OF INDIA**
On behalf of the Board of Directors
Sd/-
Company Secretary & Compliance Officer

Place: Mumbai
Date: May 3, 2022

**LIFE INSURANCE CORPORATION OF INDIA** is proposing, subject to receipt of requisite approvals, market conditions and other considerations, to make an initial public issue of its Equity Shares and has filed the RHP with the Securities and Exchange Board of India ("**SEBI**") and the Stock Exchanges. The RHP shall be available on the website of the SEBI at www.sebi.gov.in as well as on the websites of the book running lead managers, Kotak Mahindra Capital Company Limited at https://investmentbank.kotak.com, Axis Capital Limited at www.axiscapital.co.in, BofA Securities India Limited at www.ml-india.com, Citigroup Global Markets India Private Limited at www.online.citibank.co.in/rhtm/citigroupglobalscreen1.htm, Goldman Sachs (India) Securities Private Limited at www.goldmansachs.com, ICICI Securities Limited at www.icicisecurities.com, JM Financial Limited at www.jmfl.com, J.P. Morgan India Private Limited at www.jpmipl.com, Nomura Financial Advisory and Securities (India) Private Limited at www.nomuraholdings.com/company/group/asia/india/index.html and SBI Capital Markets Limited at www.sbicaps.com, the website of the National Stock Exchange of India Limited at www.nseindia.com and the website of the BSE Limited at www.bseindia.com. Any potential investor should note that investment in equity shares involves a high degree of risk and for details relating to such risks, see "*Risk Factors*" on page 24 of the RHP. Potential investors should not rely on the draft red herring prospectus for any investment decision.

This announcement does not constitute an offer of securities for sale in any jurisdiction, including the United States, and any securities described in this announcement may not be offered or sold in the United States absent registration under the U.S. Securities Act or an exemption from such registration. Any public offering of securities to be made in the United States will be made by means of a prospectus that may be obtained from the Corporation or the Selling Shareholder and that will contain detailed information about the Corporation and management, as well as financial statements. However, no public offering of securities in the United States is contemplated.

CONCEPT

**ଆଜିର ମନ୍ତବ୍ୟ**

"ବିଶ୍ୱରେ ସାମ୍ପ୍ରତିକ ଭୂରାଜନୈତିକ ପରିସ୍ଥିତିରେ ଦେଶକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭଳି ସ୍ଥିର, ପରିପକ୍ୱ ତଥା ଦୃଢ଼ ନେତୃତ୍ୱର ଆବଶ୍ୟକତା ରହିଛି। ସେଥିପାଇଁ ୨୦୨୪ ଲୋକ ସଭା ନିର୍ବାଚନ ବେଶ୍ ଗୁରୁତ୍ୱପୂର୍ଣ୍ଣ।"

– ଅମରିନ୍ଦର ସିଂ, ପଞ୍ଜାବ ପୂର୍ବତନ ମୁଖ୍ୟମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅସତୀ ଭୁଞ୍ଜଇ ପଲଙ୍କ ସୁପାତି**
**କୁଳବତୀ ହୁଏ ଦାସୀ**
**ସାଇ ସାଇ ହୋଇ ବିକାଏ ଗୋରସ**
**ସୁରା ବିକାଯାଏ ବସି ।**

ପୁରୁଷର ମନୋହରିଣୀ ହେଉଛି ବେଶ୍ୟା ଅଥଚ ସେ ତା'ର ସୁନ୍ଦରୀ ସ୍ତ୍ରୀକୁ ଆଦର କରେ ନାହିଁ। ଠିକ୍ ସେହିପରି ଗାଈ କ୍ଷୀର ସ୍ୱାସ୍ଥ୍ୟ ପକ୍ଷେ ହିତକର ହୋଇଥିଲେ ସୁଦ୍ଧା ଗଉଡ଼ ତାକୁ ଭାଣ୍ଡରେ ଧରି ସାଇ ସାଇ ବୁଲି ବିକ୍ରି କରେ କିନ୍ତୁ ମଦ ଭଳି ଅସ୍ୱାସ୍ଥ୍ୟକର ପଦାର୍ଥ ସେବନ କରିବା ପାଇଁ ମଣିଷ ମଦ ଦୋକାନକୁ ଧାଇଁଯାଏ। ଆଜିର ଯୁଗର ବିଚିତ୍ର ରୀତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଙ୍ଗ କଉଡ଼ି ଭଙ୍ଗରେ ଯାଏ**
**ଚିତା କଉଡ଼ି ସଙ୍ଗରେ ଯାଏ ।**

ସାଧାରଣତଃ ନିଜ ଦ୍ୱାରା ଉପାର୍ଜିତ ହୋଇଥିବା ସମସ୍ତ ଧନ ସମ୍ପତ୍ତି ମୃତ୍ୟୁ ପରେ ଅନ୍ୟମାନେ ହିଁ ଭୋଗ କରିଥାନ୍ତି। କେବଳ ଅର୍ଜିଥିବା ଯଶ ବା ସୁନାମ ହିଁ ସାଙ୍ଗରେ ଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ**

## କଟକ, ଭୁବନେଶ୍ୱରରେ...

ପ୍ରଥମ ପୃଷ୍ଠାରୁ...

କଳାହାଣ୍ଡି, ନବରଙ୍ଗପୁର ଆଦି ଜିଲାରେ କାଳବୈଶାଖୀଜନିତ ବର୍ଷା ହୋଇଯାଇଛି। କେତେକ ସ୍ଥାନରେ ୫୦ ମିଲିମିଟରରୁ ଊର୍ଦ୍ଧ୍ୱ ବର୍ଷା ହୋଇଥିବା ସୂଚନା ମିଳିଛି। ଭୁବନେଶ୍ୱର ଓ କଟକରେ ରାତି ୮ଟାରୁ ବର୍ଷା ଆରମ୍ଭ ହୋଇ ପ୍ରାୟ ୨ ଘଣ୍ଟା ଚାଲିଥିଲା।

## ୮ ସ୍ଥାନ ତଳକୁ...

ପ୍ରଥମ ପୃଷ୍ଠାରୁ...

ବୋଲି କୁହାଯାଇଛି। ସେହିପରି ୪୨.୧୩ ସ୍କୋର ସହ ଶ୍ରୀଲଙ୍କା ୧୪୬ତମ ସ୍ଥାନରେ ଥିବାବେଳେ ଆଫଗାନିସ୍ତାନର ସ୍କୋର ୩୮.୨୭ ଏବଂ ସ୍ଥାନ ହେଉଛି ୧୫୬। ଏହି ତାଲିକାର ଶୀର୍ଷରେ ନରୱେ ରହିଛି, ଯାହାର ବୈଶ୍ୱିକ ସ୍କୋର ୯୨.୬୫। ସବୁଠୁ ଖରାପ ପ୍ରଦର୍ଶନ କରିଥିବା ଉତ୍ତର କୋରିଆର ସ୍କୋର ହେଲା ୧୩.୯୨।

ଦେଶରେ କର୍ତ୍ତବ୍ୟରତ ସାମ୍ବାଦିକ ଓ ଅନ୍‌ଲାଇନ ସମାଲୋଚକମାନଙ୍କୁ ଟାର୍ଗେଟ ବନ୍ଦ କରିବା ପାଇଁ ଆରଏସ୍ଏଫ୍ ଏବଂ ୯ ଅନ୍ୟ ମାନବାଧିକାର ସଂଗଠନ ପକ୍ଷରୁ ଭାରତୀୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଛି। ଆର୍ଏସ୍ଏଫ୍ ୱେବ୍‌ସାଇଟରେ ପ୍ରକାଶିତ 'ଇଣ୍ଡିଆ: ମିଡିଆ ଫ୍ରିଡମ୍ ଅଣ୍ଡର ଥ୍ରେଟ୍' ଶୀର୍ଷକ ରିପୋର୍ଟରେ ଖବରଦାତାମାନଙ୍କ ବିରୋଧରେ ଆତଙ୍କବାଦ ନିରୋଧୀ ଓ ଦେଶଦ୍ରୋହ ମାମଲା ରୁଜୁ ନ କରିବାକୁ ମଧ୍ୟ କୁହାଯାଇଛି। ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ଅଟକ ଥିବା ଖବରଦାତାମାନଙ୍କୁ ମୁକ୍ତ କରି ଅଭିବ୍ୟକ୍ତି ସ୍ୱାଧୀନତା ଅଧିକାରକୁ ସମ୍ମାନ ଦେବା ପାଇଁ ଆର୍ଏସ୍ଏଫ୍ ପରାମର୍ଶ ଦେଇଛି।

ଦେଖିବାକୁ ଗଲେ ୫ ବର୍ଷରେ ଭାରତର ପ୍ରେସ୍ ସ୍ୱାଧୀନତା ସୂଚକାଙ୍କ ୧୭ ସ୍ଥାନ ତଳକୁ ଖସିଛି। ୨୦୧୬ରେ ଏହି ର୍‌ୟାଙ୍କ ୧୩୩ ଥିବାବେଳେ ଚଳିତ ବର୍ଷ ୧୫୦ ରହିଛି। ୨୦୧୮ରେ ୧୩୮ ସ୍ଥାନରେ ଥିବାବେଳେ ଗତବର୍ଷ ତାହା ୧୪୨କୁ ହ୍ରାସ ପାଇଥିଲା। ଏଥିରେ ଆହୁରି କୁହାଯାଇଛି ଯେ, ଉପନିବେଶ ବିରୋଧୀ ଆନ୍ଦୋଳନରୁ ସୃଷ୍ଟ ଭାରତୀୟ ଗଣମାଧ୍ୟମ ପୂର୍ବରୁ ପ୍ରଗତିଶୀଳ ମନେହେଉଥିଲା। କିନ୍ତୁ ୨୦୧୪ରେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ଭାଜପା ଏବଂ ଦେଶର ବିତ୍ତଶାଳୀ ପରିବାରଗୁଡ଼ିକ ଆଧିପତ୍ୟ ବଢ଼ାଇ ଚାଲିଛନ୍ତି। ହିନ୍ଦୁ ଜାତୀୟତାବାଦୀ ଅଧିକାର ପାଇଁ ଓକିଲାତି କରୁଥିବା ଗୈରିକ ଦଳ ନେତୃତ୍ୱାଧୀନ ସରକାର ଅମଳରେ ଖବରଦାତାମାନଙ୍କ ବିରୋଧରେ ହିଂସା, ରାଜନୈତିକ ପକ୍ଷବାଦୀ ଗଣମାଧ୍ୟମ ଏବଂ ମିଡିଆର ମାଲିକାନା ଉପରେ ଅଧିକ ଦୃଷ୍ଟି ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରରେ ପ୍ରେସ୍ ଫ୍ରିଡମ୍‌ର ସଙ୍କଟକୁ ଦର୍ଶାଉଛି। ଦେଶରେ ଲଗାତର ଭାବେ ଆଇନ ଶୃଙ୍ଖଳା ରକ୍ଷା ଆଳରେ ଇଣ୍ଟରନେଟ ସେବାକୁ ବନ୍ଦ କରିଦିଆଯାଉଥିବାରୁ ଆର୍ଏସ୍ଏଫ୍ ରିପୋର୍ଟରେ ନିନ୍ଦା କରାଯାଇଛି।

ସରକାରଙ୍କୁ ସମାଲୋଚନା କରୁଥିବା ଖବରଦାତାମାନଙ୍କ ବିରୋଧରେ କିଭଳି ମିଛ ମାମଲାରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି, ତାହା ମଧ୍ୟ ଏଥିରେ ଉଲ୍ଲେଖ କରାଯାଇଛି। ଚଳିତ ବର୍ଷ ଜାନୁୟାରୀ ୧ରୁ ବର୍ତ୍ତମାନ ସୁଦ୍ଧା ଜଣେ ଖବରଦାତାଙ୍କୁ ହତ୍ୟା କରାଯାଇଥିବାବେଳେ ସରକାରଙ୍କୁ ସମାଲୋଚନା କରୁଥିବା ୧୩ ଜଣଙ୍କୁ ଗିରଫ କରି ଜେଲ୍ ପଠାଇଦିଆଯାଇଛି। ପ୍ରକାଶ ଯେ, ଗତ ଫେବୃୟାରୀ ୫ରେ କଳାହାଣ୍ଡି ଜିଲା ମଦନପୁର ରାମପୁର ମୋହନଗିରିର ଧରିତ୍ରୀ ଖବରଦାତା ରୋହିତ କୁମାର ବିଶ୍ୱାଳ କର୍ଲାମୁଣ୍ଡା ବ୍ରିଜ୍ ନିକଟ ଏକ ଗଛରେ ମାଓବାଦୀ ଲଗାଇଥିବା ପୋଷ୍ଟର ପଢ଼ିବାକୁ ଯାଇଥିଲେ। ପଢ଼ିବା ବେଳେ ଆକସ୍ମିକ ଭାବେ ତାଙ୍କ ଗୋଡ଼ ଲ୍ୟାଣ୍ଡମାଇନ ଉପରେ ପଡ଼ିଯିବାରୁ ବିସ୍ଫୋରଣ ଘଟିଥିଲା। ଏଥିରେ ରୋହିତଙ୍କର ଜୀବନ ଚାଲିଯାଇଥିଲା। କେତେକ ଜାତୀୟ ଗଣମାଧ୍ୟମରେ ସୂଚକାଙ୍କ ସମ୍ପର୍କିତ ପ୍ରକାଶିତ ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି।

## ୪୦ ଲକ୍ଷ ଚାଷୀଙ୍କୁ...

ଅଧିକ ଟଙ୍କାର ବଜେଟ ରଖାଯାଇଛି। ଏହି ଅବସରରେ କୃଷି ବିକାଶ ପାଇଁ ୮ଟି ନୂଆ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ପଣସ ମିଶନ ଓ ରିୱାର୍ଡ (ରେଜୁଭିନେଟିଂ ୱାଟରସେଡ୍ ଫର୍ ଏଗ୍ରିକଲ୍‌ଚରାଲ ରେଜିଲେନ୍ସ ଥ୍ରୁ ଇନୋଭେଟିଭ ଡେଭଲପମେଣ୍ଟ) କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହାସହ ମିଲେଟ୍ ମିଶନ ଓ ସମନ୍ୱିତ କୃଷି ପ୍ରୋତ୍ସାହନ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ପ୍ରସାର ମଧ୍ୟ କରାଯାଉଛି। ପଣସ ମିଶନରେ ୯ ଜିଲାର ଚାଷୀଙ୍କ ପାଇଁ ୯୭ କୋଟି ଟଙ୍କାର ପ୍ରୋତ୍ସାହନ ରଖାଯାଇଥିବା ବେଳେ ରିୱାର୍ଡ ଯୋଜନାରେ ବୈଜ୍ଞାନିକ ପ୍ରଣାଳୀରେ ଜଳ ବିଭାଜିକା କାର୍ଯ୍ୟକ୍ରମ ଜରିଆରେ ଚାଷ ଜମିର ଉତ୍ପାଦକତା ବୃଦ୍ଧି ପାଇଁ ୫୦୦ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଛି। ସେହିପରି ଓଡ଼ିଶା ମିଲେଟ୍ ମିଶନରେ ୧୯ ଜିଲାର ୧୮୨ଟି ବ୍ଲକର ଚାଷୀଙ୍କ ପାଇଁ ୨୮୦୮ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିବା ବେଳେ ସମନ୍ୱିତ କୃଷିର ପ୍ରୋତ୍ସାହନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୮ଟି ଜିଲାର ୧.୮ ଲକ୍ଷ କୃଷକ ପରିବାରକୁ ସାମିଲ କରିବା ପାଇଁ ୨୩୯ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଛି। ଏହି ୪ଟି ଯୋଜନା ପାଇଁ ୩୬୪୪ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ଅବସରରେ ଚାଷୀଙ୍କ ପାଇଁ ନୂଆ 'କୃଷକ ଓଡ଼ିଶା' ପୋର୍ଟାଲ ଲୋକାର୍ପିତ କରାଯାଇଛି। ଏଥିରେ ଚାଷୀମାନେ ସାମିଲହୋଇ ସେମାନଙ୍କ ତଥ୍ୟ ଅପ୍‌ଡେଟ୍ କଲେ ଆବଶ୍ୟକ ସେବା ଓ ପରାମର୍ଶ ପାଇପାରିବେ। ଏହାସହ କୃଷକ ଓ କୃଷି ଉଦ୍ୟୋଗୀଙ୍କ ପାଇଁ 'ଗୋ-ସୁଗମ' ପୋର୍ଟାଲର ମଧ୍ୟ ଶୁଭାରମ୍ଭ କରାଯାଇଛି। ଏହାସହ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ କୃଷକଙ୍କ ଆୟ ବୃଦ୍ଧି ନିମନ୍ତେ ବାସ୍ତବମୁଖୀ ନୀତି ନିର୍ଦ୍ଧାରଣ ପାଇଁ ଆନ୍ତର୍ଜାତିକ ଖାଦ୍ୟନୀତି ଗବେଷଣା ପ୍ରତିଷ୍ଠାନ ଓ ରାଜ୍ୟ କୃଷି ବିଭାଗ ମଧ୍ୟରେ ଏକ ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇଛି। କୃଷକଙ୍କ ସଶକ୍ତୀକରଣ ପାଇଁ କୃଷକ ଉତ୍ପାଦକ ସଙ୍ଗଠନର ଏକ ମାର୍ଗଦର୍ଶିକା ମଧ୍ୟ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଛନ୍ତି। ଏହି ଅବସରରେ କୃଷିମନ୍ତ୍ରୀ ଅରୁଣ ସାହୁ କହିଛନ୍ତି, ଅନେକ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଲେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ଦୃଢ଼ ନେତୃତ୍ୱ ପାଇଁ ଓଡ଼ିଶା ଆଜି କୃଷି କ୍ଷେତ୍ରରେ ଅଗ୍ରଣୀ ହୋଇପାରିଛି। ଏହି କାର୍ଯ୍ୟକ୍ରମରେ ବହୁ ଚାଷୀ କାଳିଆ ଯୋଜନା ଯୋଗୁ ସେମାନଙ୍କ ଚାଷକାମରେ କିପରି ଉନ୍ନତି ଆସିଛି ସେନେଇ ନିଜର ଅଭିଜ୍ଞତା ବର୍ଣ୍ଣନା କରିଛନ୍ତି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସଞ୍ଜୀବ ଚୋପ୍ରା ସ୍ୱାଗତ ଭାଷଣ ଦେଇଥିଲେ। ବିଭିନ୍ନ ଜିଲାରେ ଜିଲାପାଳ ଓ ଚାଷୀ ମାନେ ଉପସ୍ଥିତ ଥିଲେ।

## ୫୦ଲକ୍ଷ ଟଙ୍କା ଜୁଆ...

ଫଳରେ ଆଡମିଶନ ଓ ଟ୍ୟୁଶନ ଫି' ବାବଦକୁ ପିଲା ଦେଉଥିବା ଟଙ୍କାକୁ ଉକ୍ତ ଆକାଉଣ୍ଟରେ ନ ରଖି ନିଜ ନାମରେ ଥିବା ମହୁରା ଶାଖାସ୍ଥିତ ୟୁନିୟନ ବ୍ୟାଙ୍କ ଏବଂ ବାଦାମବାଡ଼ିସ୍ଥିତ ଆକ୍ସିସ୍ ବ୍ୟାଙ୍କ ଶାଖା ଆକାଉଣ୍ଟରେ ଜମା କରୁଥିଲେ। ପରେ ଉକ୍ତ ଟଙ୍କାକୁ ଫୋନ୍ ପେ' ଓ ଇ-ଟ୍ରାଞ୍ଜାକ୍ସନ ମାଧ୍ୟମରେ ପ୍ରେମିକ ବିକାଶଙ୍କ ପାଖକୁ ପଠାଉଥିଲେ। ଅଭିଯୋଗର ୭ଦିନ ପୂର୍ବରୁ ବିଶ୍ୱବିଦ୍ୟାଳୟର ବାର୍ଷିକ ଅଡିଟ୍ ସମୟରେ ଟଙ୍କା ଜମାରେ ହେରଫେର ହୋଇଥିବା ଜଣାପଡ଼ିଥିଲା। ଏହାପରେ ଦାୟିତ୍ୱରେ ଥିବା ସମସ୍ତ କର୍ମଚାରୀଙ୍କୁ ପଚରାଉଚୁରା କରିବାରୁ ପାୟଲ ଟଙ୍କା ନେଇଥିବା ମାନିଥିଲେ। ଏନେଇ ବିଶ୍ୱବିଦ୍ୟାଳୟର ଜେନେରାଲ ମ୍ୟାନେଜର (ଆକାଉଣ୍ଟ୍ସ) ଫିରୋଦ କୁମାର ଶତପଥୀଙ୍କ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିବା ସହ ଗତ ୨୯ତାରିଖରେ ପାୟଲଙ୍କୁ ତାଙ୍କ ଅଫିସରୁ ଗିରଫ କରିଥିଲା। ପୋଲିସ ପଚରାଉଚୁରାବେଳେ ସେ ବର୍ଷକ ଭିତରେ ଫି' ବାବଦରେ ଆଦାୟ ହୋଇଥିବା ୯୭ଲକ୍ଷ ଟଙ୍କାକୁ ବିଶ୍ୱବିଦ୍ୟାଳୟ ଆକାଉଣ୍ଟରେ ଡିପୋଜିଟ ନ କରି ବିକାଶଙ୍କ ପାଖକୁ ପଠାଇଥିବା କହିଥିବା ଜଣାପଡ଼ିଛି।

## ବିଜେଡି ନେତାଙ୍କୁ...

ପଞ୍ଚାୟତର ୨ ଥର ସରପଞ୍ଚ ଥିଲେ ଶିବରାମ। ଥରଟିଏ ୨୭ନଂ. ଜିଲା ପରିଷଦ ଜୋନ୍‌ରୁ ବିଜୟୀ ମଧ୍ୟ ହୋଇଥିଲେ। ଠିକାଦାରି କରୁଥିବା ଏହି ବିଜେଡି ନେତା ଗତ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ପଦବୀ ପାଇଁ ପ୍ରାର୍ଥୀ ହୋଇଥିଲେ। ଏଥିସହ ଅଭିଯୁକ୍ତ କଇଁଫୁଲିଆ ସାହିର ଦୀପକ ବେହେରାଙ୍କ ସ୍ତ୍ରୀଙ୍କୁ ମଧ୍ୟ ସମିତି ସଭ୍ୟ ପ୍ରାର୍ଥୀ କରାଇଥିଲେ। କିନ୍ତୁ ସ୍ତ୍ରୀଙ୍କ ନିର୍ବାଚନ ଖର୍ଚ୍ଚ ପାଇଁ ଦୀପକ ଦେଇଥିବା ଅର୍ଥର ଠିକ୍ ହିସାବ ଶିବରାମ ଦେଉ ନ ଥିଲେ। ଏ ନେଇ ଉଭୟଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ମଙ୍ଗଳବାର ସକାଳ ପ୍ରାୟ ୭ଟା ୩୦ରେ ଶିବରାମ ଘର ବାଡ଼ିପଟୁ ତୁଳସୀପତ୍ର ତୋଳୁଥିବାବେଳେ ଦୀପକ ପଛପଟୁ ଏକ ଟାଙ୍ଗିଆରେ ଆକ୍ରମଣ କରି ପଳାଇ ଯାଇଥିଲେ। ଘଟଣାସ୍ଥଳରେ ଶିବଙ୍କ ମୃତ୍ୟୁ ହୋଇଥିଲା। ହତ୍ୟାକାଣ୍ଡ ପରେ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଶତାଧିକ ଲୋକ ଥାନା ଆଗରେ ହୋହଲ୍ଲା କରିଥିଲେ। ଶିବରାମଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲା। ଏଥିସହ ନଂ. ୧୨୨/୨୨ରେ ମାମଲା ରୁଜୁ କରି ଗିରାଙ୍ଗ ଛକରୁ ଅଭିଯୁକ୍ତ ଦୀପକଙ୍କୁ ଗିରଫ କରିଥିଲା। ଆଇଆଇସି ବିନ୍ଦୁବିଶୋୟିନୀ ବିଶ୍ୱାଳ କହିଛନ୍ତି, ରାଜନୈତିକ ବିବାଦରୁ ଏହି ହତ୍ୟାକାଣ୍ଡ ଘଟିଛି। ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଆପଣଙ୍କର ଉନ୍ନତଚିନ୍ତା ଓ ନୂତନ ଯୋଜନା ଫଳପ୍ରଦ ହେବ। ବନ୍ଧୁମାନଙ୍କ ନିମନ୍ତ୍ରଣ କ୍ରମେ ସଭାସମିତି ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିପାରନ୍ତି। ଈର୍ଷା ଓ ଅସୂୟା ମନୋଭାବ ପୋଷଣକରି ନିଜ ଲୋକମାନେ ଅସୁବିଧାରେ ପକାଇପାରନ୍ତି। ପରିବହନ ତଥା ପାରିବାରିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ହେବ।

**ବୃଷ**
ଦୃଢ଼ ମନୋବଳ ନେଇ କାର୍ଯ୍ୟ ସାଧନ କରିବେ ଏବଂ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ସଭାସମିତି, କଳା, କ୍ରୀଡ଼ା, ସାହିତ୍ୟ, ସଂଗୀତ ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜିବେ। ଆର୍ଥିକ ସମସ୍ୟା ପାରିବାରିକ ଆବଶ୍ୟକତାକୁ ଅଟକାଇ ଦେଇପାରେ। ନିର୍ମାଣ, ବ୍ୟବସାୟ, ସାମ୍ବାଦିକତା, ଏଜେନ୍ସିପ୍, ମାଲିମକଦ୍ଦମା ପ୍ରଭୃତିରେ ଉନ୍ନତି କରିବେ।

**ମିଥୁନ**
ମଙ୍ଗଳଙ୍କ ପ୍ରଭାବରେ ଭ୍ରାତୃସମ୍ପର୍କରେ ଅବନତି ଘଟିବା ସୂଚନା ରହିଛି। ଅଧିକାଂଶ ସମୟ ସ୍ୱାସ୍ଥ୍ୟ ସମସ୍ୟା ଲାଗିରହିବା କାରଣରୁ ମନରେ ସରସତା ରହିବ ନାହିଁ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ ଓ କାମ ସକାଶେ ସାହାଯ୍ୟ ପାଇବେ । ଆଜି ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**କର୍କଟ**
ବନ୍ଧୁଙ୍କ ସହ କଥାବାର୍ତ୍ତାରେ ସଂଯମତା ଅବଲମ୍ବନ ନ କଲେ କଳହ ସମ୍ଭାବନା ରହିଛି । କର୍ମକ୍ଷେତ୍ରରେ ଧୈର୍ଯ୍ୟ ଓ ସହନଶୀଳତା ସହ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ।

**ସିଂହ**
ମନକଥା ମନରେ ଗୋପନ ରଖି ପିଠି ଥାପୁଡ଼େଇ କାମ ହାସଲ କରିବେ। ଅଫିସ୍ କାମରେ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ସଭାସମିତିରେ ଶେଷ ସମୟରେ ନିଷ୍ପତ୍ତି ବଦଳାଇ ଦେଇ ସମାଲୋଚିତ ହୋଇପାରନ୍ତି। ଆଜି ସନ୍ଧ୍ୟାରେ ଫେରନ୍ତା ବାଟରେ ବନ୍ଧୁଙ୍କୁ ଭେଟିପାରନ୍ତି।

**କନ୍ୟା**
ସମସ୍ତ ପ୍ରକାରର ସୁବିଧା ଥାଇ ମଧ୍ୟ ପ୍ରତିବନ୍ଧକ ଜନିତ କାମଗୁଡିକ ଠିକ୍ ସମୟରେ ନ ହୋଇପାରେ। ଅଧ୍ୟୟନ, ଅଧ୍ୟାପନା, ଲେଖାପଢ଼ା କ୍ଷେତ୍ରରୁ ଶୁଭଫଳ ପାଇବେ। ଘରର ଆବଶ୍ୟକତାକୁ ନେଇ ଆଜି ଗୃହୋପକରଣ କ୍ରୟ କରିପାରନ୍ତି। ଆକସ୍ମିକ ସମସ୍ୟା ଓ ପ୍ରତିବନ୍ଧକ ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ତୁଳା**
ସପ୍ତମସ୍ଥ ପ୍ରଭାବଶାଳୀ ଗ୍ରହ ହେତୁ ଆପଣ ପ୍ରତିଦ୍ୱନ୍ଦ୍ୱିତା କଲେ ଅପଦସ୍ଥ ହେବେ। ବନ୍ଧୁମାନଙ୍କୁ ଉପଯୁକ୍ତ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ, ଯାହା କି ଅନର୍ଥର କାରଣ ହୋଇପାରେ। ବନ୍ଧୁଙ୍କ ମୁହଁ ସାମ୍ନାରେ ସମସ୍ୟାଟିକୁ ପ୍ରକାଶ କରି ନ ପାରି ଅନୁତାପ କରିପାରନ୍ତି।

**ବିଛା**
ବୈଷୟିକ ଅଭିବୃଦ୍ଧି ସାମୟିକ ସୁଖ ପ୍ରଦାନ କଲେ ମଧ୍ୟ ମାନସିକ ସ୍ଥିତି ଭଲ ରହିବ ନାହିଁ। ସମୟ ସ୍ରୋତରେ ଅତି ଭଲ ସମ୍ପର୍କ ଥିବା ବ୍ୟକ୍ତିମାନଙ୍କ ସହ ବୈରତା ସୃଷ୍ଟି ହୋଇପାରେ। ବହୁତ ଯୁକ୍ତି ତର୍କ ପରେ ଯାଇ ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ସଭାସମିତିରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବାର ଆଶଙ୍କା ରହିଛି।

**ଧନୁ**
ସହନଶୀଳତା, ପରୋପକାର କାରଣରୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ନିକଟ ସମ୍ପର୍କୀୟମାନଙ୍କ ସନ୍ଦେହାତ୍ମକ ବ୍ୟବହାର ମନରେ ଭାବାନ୍ତର ସୃଷ୍ଟି କରିବ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବାରେ ସାମାନ୍ୟ ବିଳମ୍ବ ଘଟିବ । ମାନସିକ ଚାପଗ୍ରସ୍ତ କାରଣରୁ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ।

**ମକର**
ପ୍ରତିରୋଧ ଓ ପ୍ରତିବନ୍ଧକ କାରଣରୁ ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରିବେ। ଧନିଷ୍ଠା ନକ୍ଷତ୍ର ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କର୍ମକ୍ଷେତ୍ରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ନିର୍ମାଣାଧୀନ କାମ ଶେଷ ହେବାରେ ଅନ୍ୟମାନେ ଜାଣିଶୁଣି ସମସ୍ୟା ସୃଷ୍ଟି କରିପାରନ୍ତି।

**କୁମ୍ଭ**
ସାମାଜିକ ସ୍ତରରେ ସ୍ୱାର୍ଥହାସଲ ଅଭାବରୁ ନିଜ ଲୋକଟି ହଠାତ୍ ଶତ୍ରୁତା କରିବାକୁ ପଛାଇବ ନାହିଁ। ପାରିବାରିକ କ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ର କରି ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେଇପାରେ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ।

**ମୀନ**
ପରିସ୍ଥିତି ପ୍ରତି ସଜାଗ ରହି କାମ କରି ଚାଲିଲେ ପ୍ରତିବନ୍ଧକ ବେଶି ସମୟ ଅଟକାଇ ପାରିବ ନାହିଁ। ଦୃଢ଼ ଇଚ୍ଛାଶକ୍ତି ବଳରେ ଗତକାଲିର ଅସମ୍ପୂର୍ଣ୍ଣ କାମକୁ ଆଜି ପୂର୍ଣ୍ଣାଙ୍ଗ କରିପାରିବେ। ଆର୍ଥିକ ସ୍ଥିତି, ସାମାଜିକ ପ୍ରଗତି, ପୂର୍ବପରି ଅକ୍ଷୁଣ୍ଣ ରହିବ। କଚେରି ମାମଲାରେ ସଫଳତା ହାସଲ କରିବେ ଓ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିପାରନ୍ତି।

## ଟମାଟୋ ଦର ଆକାଶ ଛୁଆଁ

**ଭୁବନେଶ୍ୱର,୩।୫(ବ୍ୟୁରୋ):** ବଜାରରେ ଦରଦାମ ପୁଣି ବେଲଗାମ ହୋଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଦର ହୁ ହୁ ହୋଇ ବଢ଼ି ଚାଲିଛି। ସୂର୍ଯ୍ୟମୁଖୀ, ପାମୋଲିନ ତେଲ ଦର ବୃଦ୍ଧି ପାଇଥିବା ବେଳେ ପନିପରିବା ଦର ମଧ୍ୟ ବଢ଼ି ଚାଲିଛି। ବଜାରରେ ଟମାଟୋ ଦର ଆକାଶ ଛୁଆଁ ହୋଇଛି। କିଲୋ ପ୍ରତି ଦର ୮୦ ଟଙ୍କାରେ ପହଞ୍ଚିଛି। ଦୁଇ ଦିନ ତଳେ ଟମାଟୋ ଦର କିଲୋ ପିଛା ୫୦ ଟଙ୍କା ଥିବା ବେଳେ ମଙ୍ଗଳବାର ଏହାର ଦର ୮୦ ଟଙ୍କାକୁ ଛୁଇଁଛି। ସେହିପରି ପୋଟଳ କେ.ଜି. ୮୦, କଖାରୁ କିଲୋ ୪୦ ଟଙ୍କାରେ ବିକ୍ରି ହେଉଛି। ଦର ବୃଦ୍ଧି ଉଭୟ ବ୍ୟବସାୟୀ ଓ ଗ୍ରାହକଙ୍କୁ ବାଧୁଛି। ପରିବା ବ୍ୟବସାୟୀ ସୁଦର୍ଶନ ଲେଙ୍କା କହିଛନ୍ତି ଯେ ଟମାଟୋ ଦର ଦୁଇ ଦିନରେ ଦୁଇଗୁଣା ବଢ଼ି ଯାଇଛି।


# classifieds Everyday

0674-2580101, 2549302



MATRIMONIAL

**BRIDE WANTED**

Brahmin Boy MBBS/31 Govt. Doctor, Bhubaneswar, 9938199964, Whatsapp- 7978399083. D-296

**GROOM WANTED**

44 ବୟସ୍କା Government ଚାକିରିଆ Bania ବିଧବା ଝିଅଙ୍କୁ any caste ଘରଜ୍ୱାଇଁ ଦରକାର। 6371064622. D-305

Wanted Bengali/Oriya Groom for my daughter 38y 5'3", Assistant Professor in Bhubaneswar. Contact: 8249848300. D-295

45 ବର୍ଷର ଅବିବାହିତ ମହିଳା Govt. Teacher ଭାବରେ କାର୍ଯ୍ୟରତ। ଘର- ଅନୁଗୁଳ । ଇଚ୍ଛୁକ ଥିବା ବ୍ୟକ୍ତି ଯୋଗାଯୋଗ କରନ୍ତୁ । 7655858756. D-329

Matching groom required for Odiya, Khandayat girl, Paediatric doctor, 30, 5'6", 8/4 Pushya Nakhetra. Mob.- 9438120900. D-326



real estate

**SALE**

Demarcated plot KEC, Gudiapokhari ପାଖରେ immediate registration, possession ଅଗ୍ରିମ boundarywall, electricity, 30ft. road sqft.750/-ରେ ମିଳୁଛି। 7008045582, 9692003948. D-320

ପିତାପଲ୍ଲୀ NHରୁ 500mtr ଦୂରତାରେ 30ft. ରୋଡ୍ electricity ଥାଇ psqft.- 650/-ରେ ବାସୋପଯୋଗୀ plot ମିଳୁଅଛି। 8249243709, 8681007737. D-73227

**3 Acre Land for Sale on NH-16 near Khurda Collectorate for 6 Crore. 7980909139.** D-23515

Morningsun Villa Balianta (4k.m. from Hanspal) duplex price- 55,00,000/- to 65,00,000/-. 9938137503. D-73228

**5000sqft. (50ftX100ft.) premium commercial yellowzone, gharabari, sthitiban single patta owner plot for sale with boundary & filling completed at Dhauli Square. Price Rs.-1,45,00000/- contact direct owner. 9040026465 (Babu Babu).** D-135

Commercial Cum residential gharabari plot just 2 k.m. distance from Khurdha Collectorate Office for sale. Contact: 9800700664, 9439101373. D-106

**Gharabari plot for sale near Pahala, Bhingarpur, Kesura (Bankual), Contact: 6371268258, 8144128238.** D-71985

BBSR Hanspal to 4 K.M. ଘର ଉପଯୋଗୀ plot Price-1450/- ସୁନ୍ଦରପଦା Xavier University (sqft.-250,350,500) ଘରବାଡ଼ି ମିଳୁଛି। 9556393409, 8114994259. D-284

**ଭୁବନେଶ୍ୱର ହଂସପାଳଛକ, ନଖରା ଛକ ଏବଂ ପଟିଆ KIIT College ଛକ ପାଖରେ 3BHK Duplex/ flat ଅଛି। 9658122456, 8327785834.** D-73241

2000sqft. ପ୍ଲଟ୍ 8,00,000/-(15 plot available) ସୁନ୍ଦରପଦାରୁ ଜଟଣୀ ରୋଡ୍ Bhubaneswar. 9439493164. D-73242

**NH-16A କାଟେଣି ଛକରୁ 1K.M. ଦୂରରେ କଟକ ଆଡ଼କୁ କଣ୍ଟାବାଡ଼ ହାଇସ୍କୁଲ ପାଖରେ ରୋଡ୍ side ଘରବାଡ଼ି ପ୍ଲଟ୍ ମିଳୁଛି। 8658219495.** D-220

Bhubaneswar Puri bypass gharabari plot 1200sqft. @4,80,000/-.9853415415, 9777160796, 8144044975. D-71982

**ଭୁବନେଶ୍ୱର ପିତାପଲ୍ଲୀ ଛକରୁ 50mtr ଦୂରରେ BDA yellowzone ପ୍ଲଟ୍ ମିଳୁଛି। 9556368377.** D-73238



construction

**Construct your home 850/-, 1330/- includes Architecture structure with 3year FMC provide BDA plan approval boring/ interior work. SNV construction. 9439295469.** D-73237

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-252

Prabhakar construction construct your building get quality house. 9437025258, 8984389029. D-315




to-let

To-let First floor 1700sqft. & 2nd Floor 1700sqft. available on NH near Uttara Square, Bhubaneswar. Contact- 7978097047. D-306

Two spacious rooms, Toilet, Kitchen, Balcony behind Durga Mandap, Bomikhal. 9937142422. D-281

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



healthcare

Refreshing your mind and body with the best therapy, 7873794731. D-317

Newly open SPA positively health benefits expert therapist, kalpana. 7846814019. D-71500

Refreshments rejuvenation body massage therapy with experience the therapists, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-71986

All types body massage with high profile smart Lady room service available. 9142145769. D-71345

Newly open full body massage ladies and gents. 8327740003. D-71893

**Relax, Refresh your body, Mind at Saikrupa Spa with best therapies. 8984068077.** D-327

Full body massage in homely atmosphere all therapy. Mob.-8114881641. D-73401

Newly open SPA positively health benefit with expert. Contact: 7749976301. D-71987

Newly open full body massage ladies and gents. 7750904837. D-71894

**AFFIDAVIT**

Affidavit before Executive Magistrate, Dhenkanal, I have changed my name from Rajini Mallik to Sarojini Mallik, W/o. Satyabadi Mallik, At-Kauchi, PO- Gahamakhunti, PS- Sadar, Dist.-Dhenkanal for LIC policy- 588641341 and all purposes. D-70393

**AFFIDAVIT**

By virtue of an affidavit sworn before the Notary Public, Sambalpur, I Swapna Rani Barik, W/o. Ishak Nayak, R/o. Christianpada, Ashapali, PO/ Dist.- Sambalpur, Odisha declare that before marriage I was known as Swapna Rani Barik, but after marriage I am known as Swapna Rani Nayak. That both the names relates to one and the same person. Henceforth, I shall be known as Swapna Rani Nayak for all purposes. D-334

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୪ ମେ, ୨୦୨୨

**କଂଗ୍ରେସ ଛାଡ଼ି ଭାଜପାରେ ଅଶ୍ୱିନ କୋଟ୍‌ୱାଲ**

**ଅହମଦାବାଦ:** ଗୁଜରାଟ ବିଧାନସଭା ନିର୍ବାଚନକୁ ଆଉ ମାସ କେଇଟା ବାକି ଥିବାବେଳେ ୩ ଥରର କଂଗ୍ରେସ ବିଧାୟକ ଅଶ୍ୱିନ କୋଟ୍‌ୱାଲଙ୍କ ଇସ୍ତଫା ଦଳକୁ ଶକ୍ତ ଝଟ୍‌କା ହୋଇଛି। ଉତ୍ତର ଗୁଜରାଟର ଖେଦବ୍ରହ୍ମା ଆସନରୁ ବିଧାୟକ ଥିବା ଅଶ୍ୱିନ ଦଳୀୟ ନେତୃତ୍ୱକୁ ନେଇ ଅସନ୍ତୁଷ୍ଟ ଥିଲେ। ତାଙ୍କୁ ଦଳରେ ଅଣଦେଖା କରାଯାଉଥିବା ସେ ଅଭିଯୋଗ କରିଆସୁଥିଲେ। ସେ ଦଳରୁ ଇସ୍ତଫା ଦେବା ସହ ବିଧାୟକ ପଦ ମଧ୍ୟ ଛାଡ଼ିଛନ୍ତି। ବାଚସ୍ପତଙ୍କୁ ଭେଟି ସେ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ଏହାର କିଛି ସମୟ ପରେ ଅଶ୍ୱିନ ତାଙ୍କ ସମର୍ଥକଙ୍କ ସହ ଭାଜପାରେ ଯୋଗଦେଇଛନ୍ତି।



**ଡାକରା ଆସିଲା**

# ୯ରେ ଦିଲ୍ଲୀ ଯିବେ କଂଗ୍ରେସ ବିଧାୟକ

■ ନରସିଂହ କଂଗ୍ରେସ ବିଧାୟକ ଦଳ ନେତା ପଦରୁ ଇସ୍ତଫା ଦେଇଛନ୍ତି: ତାରା

■ ଡାକରା ଆସିବା ପରେ ସଭାପତି ଦୌଡ଼ରେ ଥିବା ବିଧାୟକ ଉତ୍ସାହିତ

■ ଦିଲ୍ଲୀ ବୈଠକ ପରେ ହୋଇପାରେ ଚୂଡ଼ାନ୍ତ ଘୋଷଣା

ଭୁବନେଶ୍ୱର,୩।୫(ବ୍ୟୁରୋ)

ପ୍ରଦେଶ କଂଗ୍ରେସ କମିଟି(ପିସିସି)କୁ ନୂଆ ସଭାପତି ମିଳିପାରନ୍ତି। ରାଜ୍ୟ ପ୍ରଭାରୀ ଏ. ଚେଲ୍ଲାକୁମାର ନିକଟରେ ଓଡ଼ିଶା ଗସ୍ତରେ ଆସି ଦଳର ସବୁ ବିଧାୟକଙ୍କ ସହ ପୃଥକ୍ ପୃଥକ୍ ଭାବେ ଆଲୋଚନା କରିବା ସହିତ ଦଳର ଅନ୍ୟ ନେତାଙ୍କୁ ମଧ୍ୟ ଭେଟି ସମସ୍ତଙ୍କ ମତାମତ ଲୋଡ଼ିଥିଲେ। ଏହାପରେ ଦଳ ବାହାରର କେତେଜଣ ବରିଷ୍ଠ ନେତାଙ୍କ ସହ ମଧ୍ୟ ଚେଲ୍ଲାକୁମାର ଆଲୋଚନା କରିଥିବା ଜଣାପଡ଼ିଥିଲା। ତେବେ ରାଜ୍ୟରେ କଂଗ୍ରେସର ସ୍ଥିତି ସଜାଡ଼ିବା ଲାଗି କଂଗ୍ରେସ କ'ଣ କରିବା ଦରକାର ବୋଲି ସେ ନେତାଙ୍କ ମତାମତ ନେବା ସହ କାହାକୁ ପିସିସି ସଭାପତି ପଦରେ ବସାଇଲେ ଭଲ ହେବ ସେକଥା ମଧ୍ୟ ପଚାରି ବୁଝିଥିଲେ। ତେବେ ଦଳର ସବୁ ବିଧାୟକ ପିସିସି ସଭାପତି ପରିବର୍ତ୍ତନ ଦାବି ଜୋର୍‌ଦାର ଭାବେ କରିଥିବା ବେଳେ ଏଥର ଜଣେ ବିଧାୟକଙ୍କୁ ଏହି ଦାୟିତ୍ୱ ଦେବାକୁ ଦାବି କରିଥିଲେ। ଏଭଳି ସ୍ଥିତିରେ ଆସନ୍ତା ୯ ତାରିଖରେ ଦଳର ସବୁ ବିଧାୟକ ଦିଲ୍ଲୀ ଗସ୍ତ କରିବେ। ରାହୁଲ ଗାନ୍ଧୀ ବିଧାୟକମାନଙ୍କୁ ଭେଟିବେ ବୋଲି ଦିଲ୍ଲୀରୁ ସବୁ ବିଧାୟକଙ୍କୁ ଫୋନ୍ ଆସିଥିବା ଜଣାପଡ଼ିଛି। ତେବେ ବିଧାୟକମାନଙ୍କ ମଧ୍ୟରୁ କାହାରିକୁ ପିସିସି ସଭାପତି କରିବା ଲାଗି ଦିଲ୍ଲୀରୁ ଡାକରା ଆସିଛି ଏବଂ ସେନେଇ ଆଲୋଚନା ହେବ ନା ସେମାନଙ୍କୁ ବୁଝାଇ ଜଣେ ଅଣବିଧାୟକଙ୍କୁ ଦାୟିତ୍ୱ ମିଳିବ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଏହି ଦୁଇଟି ମଧ୍ୟରୁ ଗୋଟିଏ କାରଣ ହୋଇଥାଇପାରେ ବୋଲି ବିଧାୟକମାନେ ଅନୁମାନ କରୁଛନ୍ତି। ତେବେ ସଭାପତି ଦୌଡ଼ରେ ଥିବା କେତେଜଣ ବିଧାୟକ କିନ୍ତୁ ଦିଲ୍ଲୀରୁ ଡାକରା ପାଇବା ପରେ ସାମାନ୍ୟ ଉତ୍ସାହିତ ଥିବା ଭଳି ମନେହେଉଛି।

ମିଳିଥିବା ସୂଚନା ମୁତାବକ, ରାହୁଲ ଓଡ଼ିଶାର ଦଳର ସବୁ ବିଧାୟକଙ୍କ ସହ ପୃଥକ୍ ପୃଥକ୍ ଭାବେ ଭେଟି ଆଲୋଚନା କରିବେ। ଚେଲ୍ଲାକୁମାର ଓଡ଼ିଶା ନେତାଙ୍କୁ ଭେଟିବା ପରେ ପ୍ରସ୍ତୁତ କରିଥିବା ରିପୋର୍ଟ ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ନିକଟରେ ପହଞ୍ଚାଇବା ପରେ ବିଧାୟକଙ୍କୁ ଡାକରା ଆସିଥିବା କୁହାଯାଉଛି। ବିଧାୟକମାନଙ୍କୁ ଏ ନେଇ ବିଧାୟକ ସୁରେଶ କୁମାର ରାଉତରାୟ ଏବଂ ମହମ୍ମଦ ମୋକିମ ସୂଚନା ଦେଇଛନ୍ତି।

ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ଆସନ୍ତା ୯ ତାରିଖରେ ଦିଲ୍ଲୀରେ ପହଞ୍ଚିବାକୁ ନିର୍ଦ୍ଦେଶ ରହିଛି। ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ଭେଟିବାକୁ ଦିଲ୍ଲୀରୁ ଟେଲିଫୋନ୍ ଆସିଛି। ସେଥିଲାଗି ପ୍ରଥମ ୯ ବିଧାୟକ ବସି ଆଲୋଚନା କରିବୁ। ଆମ୍ଭମାନଙ୍କ ମଧ୍ୟରୁ ଜଣଙ୍କୁ ପିସିସି ସଭାପତି କଲେ ଭଲ ହେବ। ତଥାପି ସୋନିଆ ଏବଂ ରାହୁଲ ଯାହା ନିଷ୍ପତ୍ତି ନେବେ ତାକୁ ମାନିବୁ ବୋଲି ତାରା କହିଛନ୍ତି।

ଅନ୍ୟପକ୍ଷରେ କଂଗ୍ରେସ ଦଳର ମୁଖ୍ୟ ସଚେତକ ପଦରୁ ତାରାପ୍ରସାଦ ବାହିନୀପତି ଇସ୍ତଫା ଦେଇଥିବା ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ତେବେ ଏକଥାକୁ ତାରା ସ୍ୱୀକାର କରିଛନ୍ତି। ନରସିଂହ ମିଶ୍ର ମଧ୍ୟ କଂଗ୍ରେସ ବିଧାୟକ ଦଳ ନେତା ପଦବୀରୁ ଇସ୍ତଫା ଦେଇଥିବା ଚର୍ଚ୍ଚା ସତ୍ୟ ବୋଲି ତାରା କହିଛନ୍ତି।

# ପ୍ରାର୍ଥୀ ଚୟନକୁ ନେଇ ଅଙ୍କକଷା

**ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଉପନିର୍ବାଚନ**

ବ୍ରଜରାଜନଗର,୩।୫ (ଡି.ଏନ.ଏ.)

ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ପାଇଁ ନିର୍ବାଚନ କମିଶନ ତାରିଖ ଘୋଷଣା କରିବା ପରେ ଏଠାକାର ଦଳୀୟ ରାଜନୀତି ସରଗରମ ହୋଇଉଠିଛି। ତିନି ପ୍ରମୁଖ ଦଳ ସେମାନଙ୍କ ପ୍ରାର୍ଥୀ ଚୟନକୁ ନେଇ ଅଙ୍କକଷା ଆରମ୍ଭ କରିଦେଇଛନ୍ତି। ମୁଖ୍ୟତଃ ଭାଜପା ଓ ବିଜେଡି ମଧ୍ୟରେ କଡ଼ା ଟକ୍କର୍ ହେବାକୁ ଥିବାବେଳେ ଉଭୟ ଦଳ କାହାକୁ ପ୍ରାର୍ଥୀ କରିବେ ସେ ନେଇ ମୁହଁ ଖୋଲୁନାହାନ୍ତି।

ବିଜୁ ଜନତା ଦଳ ନଗର ସଭାପତି ରାଧାକାନ୍ତ ପ୍ରଧାନ କହନ୍ତି, ଦଳର ନେତୃତ୍ୱ ଠିକ୍ ସମୟରେ ନିଷ୍ପତ୍ତି ନେବେ। ନିର୍ବାଚନମଣ୍ଡଳୀର ଭୋଟରମାନେ ଚାହୁଁଥିବା ପ୍ରାର୍ଥୀଙ୍କୁ ଦଳ ଟିକେଟ ଦେବ। ଦଳ ଯାହାକୁ ପ୍ରାର୍ଥୀ କରିବ ତାକୁ ଆମେ ସମସ୍ତେ ସମର୍ଥନ କରିବୁ ବୋଲି ସେ ପ୍ରକାଶ କରିଛନ୍ତି। ସେହିଭଳି ଭାଜପା ମଣ୍ଡଳ ସଭାପତି ଗୁଲ୍ଲଣ ଧୁରୁଆ ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡାଙ୍କୁ ଦଳ ପ୍ରାର୍ଥୀ କଲେ ବିଜୟ ସମ୍ଭାବନା ଅଧିକ ରହିବ ବୋଲି ପ୍ରକାଶ କରିଛନ୍ତି। ପୂର୍ବତନ ବିଧାୟିକା ପଣ୍ଡା କହନ୍ତି, ବ୍ରଜରାଜନଗରରେ ଅନେକ କାମ ବାକି ରହିଯାଇଛି। ଦଳୀୟ ପଦାଧିକାରୀ ଯଦି ମୋ ଉପରେ ଭରସା କରି ଟିକେଟ ଦେବେ ତା'ହେଲେ ନିର୍ବାଚନ ମଣ୍ଡଳୀର ଉନ୍ନତି ସହିତ ଲୋକଙ୍କ ସମସ୍ୟା ଉପରେ ଧ୍ୟାନ ଦେଇ କାମ କରିବି। ଅନ୍ୟପକ୍ଷରେ କଂଗ୍ରେସର ଯୁବ ସଭାପତି ଦେବେଶ ପଣ୍ଡା କହନ୍ତି, ଦଳ କାହାକୁ ପ୍ରାର୍ଥୀ କରିବ ସେ ନେଇ ଆଲୋଚନା ଚାଲିଛି। ଦୁଇଦିନ ମଧ୍ୟରେ ପ୍ରାର୍ଥୀଙ୍କ ନାମ ଘୋଷଣା ହେବା ନେଇ ସୂଚନା ମିଳିଛି। ଏଠାରେ ସୂଚନାଯୋଗ୍ୟ ଯେ ଗତ ୨୦୧୯ ନିର୍ବାଚନରେ ବିଜୁ ଜନତା ଦଳର ସ୍ୱର୍ଗତ କିଶୋର ମହାନ୍ତି ୮୦୧୫୨ଖଣ୍ଡ, ରାଧାରାଣୀ ପଣ୍ଡା ୬୮୫୧୮ଖଣ୍ଡ ଭୋଟ ପାଇଥିବାସ୍ଥଳେ କଂଗ୍ରେସ ସମର୍ଥିତ ସିପିଆଇ ପ୍ରାର୍ଥୀ ୯୩୫୦ଖଣ୍ଡ ଭୋଟ ପାଇଥିଲେ। ସେହିପରି ନିକଟରେ ସରିଥିବା ପୌର ନିର୍ବାଚନରେ ବ୍ରଜରାଜନଗର ପୌରାଞ୍ଚଳରୁ ବିଜୁ ଜନତା ଦଳ ମୋଟ ୨୨୦୮୫, ଭାଜପା ୧୩୧୦୩ ଓ ଅନ୍ୟ ଦଳ ମିଶି ୩୮୪୭ଖଣ୍ଡ ଭୋଟ ପାଇଥିଲେ। ଦୀର୍ଘବର୍ଷ ଧରି ଏହି ଆସନଟି ସରକାରଙ୍କ ବିରୋଧରେ ଯାଇଥିଲା। ଏହି ଧାରାରେ ପରିବର୍ତ୍ତନ ଆଣିଥିଲେ ସ୍ୱର୍ଗତ କିଶୋର ମହାନ୍ତି। ବିଗତ ଦିନରେ ଶେଷ ହୋଇଥିବା ନିର୍ବାଚନରେ ବିଜୁ ଜନତା ଦଳ ଜିତିବାରେ ସକ୍ଷମ ହୋଇଛି ସତ ହେଲେ ବିଜୟ ବ୍ୟବଧାନ ବହୁ କମ୍ ଥିବା ଜଣାପଡ଼ିଛି। ଚଳିତ ଉପନିର୍ବାଚନରେ ମୁଖ୍ୟତଃ ଭାଜପା ଓ ବିଜୁ ଜନତା ଦଳ ମଧ୍ୟରେ କଡ଼ା ଟକ୍କର ହେବ ବୋଲି ଅଞ୍ଚଳର ପୁରୁଖା ରାଜନେତା ମତପୋଷଣ କରିଛନ୍ତି।

# 'ସୁବାସଙ୍କ ବିରୋଧରେ ରୁଜୁ ମିଛ ମାମଲା ପ୍ରତ୍ୟାହାର କର'

**ରାଜ୍ୟପାଳଙ୍କୁ ଭେଟିଲା ଭାଜପା ପ୍ରତିନିଧି ଦଳ**

ଭୁବନେଶ୍ୱର,୩।୫(ବ୍ୟୁରୋ)

ଦେବଗଡ଼ ବିଧାୟକ ସୁବାସ ପାଣିଗ୍ରାହୀଙ୍କ ବିରୋଧରେ ଷଡ଼ଯନ୍ତ୍ର ରଚାଯାଇ ରୁଜୁ ମିଛ ମାମଲା ପ୍ରତ୍ୟାହାର କରାଯାଉ। ବିଧାୟକ ପାଣିଗ୍ରାହୀଙ୍କ ଦ୍ୱାରା ପ୍ରଥମେ ରୁଜୁ ହୋଇଥିବା ଏତଲା ଆଧାରରେ ତିଲେଇବଣି ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ବୁକ୍ ସର୍କୁଲାର-୪୭ର ଠିକ୍ କାର୍ଯ୍ୟକାରିତା ପାଇଁ ରାଜ୍ୟ ସରକାର କଠୋର ଆଭିମୁଖ୍ୟ ଓ ବିହୀତ ପଦକ୍ଷେପ ଗ୍ରହଣ ଦାବିରେ ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ରାଜ୍ୟପାଳଙ୍କୁ ସାକ୍ଷାତକରି ଦାବିପତ୍ର ପ୍ରଦାନ କରିଛନ୍ତି।

ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ତିଲେଇବଣି ବିଡିଓଙ୍କ ବିଶୃଙ୍ଖଳିତ ଆଚରଣ ଓ ଦୁର୍ବ୍ୟବହାର ପ୍ରଦର୍ଶନକୁ ଆଧାର କରି ବିଧାୟକ ପାଣିଗ୍ରାହୀ ପ୍ରଥମେ ଥାନାର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ସରକାରଙ୍କ ପରୋକ୍ଷ ଚାପରେ ବିଧାୟକଙ୍କ ଅଭିଯୋଗକୁ ତଦନ୍ତ କରାଗଲା ନାହିଁ। ଅନ୍ୟପକ୍ଷରେ ତା'ପରଦିନ ଏକ ଅଭାବନୀୟ ଘଟଣାକ୍ରମେ ତିଲେଇବଣି ବିଡିଓଙ୍କ ଅଭିଯୋଗକୁ ଭିତ୍ତିକରି ବିନା ତଦନ୍ତରେ ସରକାରଙ୍କ ସିଧାସଳଖ ଚାପରେ ବିଧାୟକ ପାଣିଗ୍ରାହୀଙ୍କୁ ତାଙ୍କ ଭୁବନେଶ୍ୱର ବାସଭବନରୁ ଗିରଫ କରାଯାଇଛି। ସୁପରିକଳ୍ପିତ ଏବଂ ଷଡ଼ଯନ୍ତ୍ର ରଚାଯାଇ ମିଛ ମାମଲାରେ ବିଧାୟକ ପାଣିଗ୍ରାହୀଙ୍କୁ ଗିରଫ କରାଯିବା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ। ତେଣୁ ପାଣିଗ୍ରାହୀଙ୍କ ବିରୋଧରେ ଥିବା ମିଛ ମାମଲା ପ୍ରତ୍ୟାହାର କରାଯାଇ ତାଙ୍କୁ ମୁକ୍ତ କରାଯାଉ। ଏହାସହ ବିଧାୟକଙ୍କ ଏତଲା ଆଧାରରେ ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଛନ୍ତି। ଦାବିପତ୍ରରେ ପୁଣି ଉଲ୍ଲେଖ ହୋଇଛି, ବୁକ୍ ସର୍କୁଲାର ୪୭କୁ ସରକାରୀ ଅଧିକାରୀ ମାନୁନାହାନ୍ତି। ସଦାଚାର କମିଟିର ଅଧ୍ୟକ୍ଷ ତଥା ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗତ ଅକ୍ଟୋବର ୨୧ରୁ ୨୪ ମଧ୍ୟରେ ଦେବଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ବୌଦ୍ଧ, ସୋନପୁର ଓ ବରଗଡ଼ ଜିଲା ଗସ୍ତ କରିଥିଲେ। ଗସ୍ତ ସମୟରେ ସଦାଚାର କମିଟିର ପ୍ରତିନିଧି ଦଳ ଅନେକ କିଛି ବ୍ୟତିକ୍ରମ ପରିଲକ୍ଷିତ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଛି। ଏହାକୁ ସରକାର ଜାଣିଶୁଣି ଅଣଦେଖା କରୁଛନ୍ତି। ଏହା ପାଳନ ଲାଗି ରାଜ୍ୟପାଳ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ପ୍ରତିନିଧି ଦଳ ଅନୁରୋଧ କରିଛି।

# ରାଜ୍ ଠାକ୍‌ରେଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ

**ମୁମ୍ବାଇ,୩।୫:** ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ଅଧ୍ୟକ୍ଷ ରାଜ୍ ଠାକ୍‌ରେଙ୍କ ବିରୋଧରେ ଏକ ୧୪ ବର୍ଷର ପୁରୁଣା ମାମଲାରେ ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରାଯାଇଛି। ସାଙ୍ଗଲି ଜିଲାର ଏକ କୋର୍ଟ ତାଙ୍କୁ ଗିରଫ କରି ଅଦାଲତରେ ହାଜର କରାଇବା ପାଇଁ ମୁମ୍ବାଇ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୦୮ରେ ଉତ୍ତେଜକ ଭାଷଣ ଦେବା ଅଭିଯୋଗରେ ରାଜଙ୍କ ବିରୋଧରେ ଆଇପିସିର ଦଫା ୧୦୯ ଓ ୧୧୭ ବଳରେ ମାମଲା ରୁଜୁ ହୋଇଥିଲା। ସେହିପରି ଔରଙ୍ଗାବାଦରେ ରବିବାର ଅନୁଷ୍ଠିତ ରାଲିରେ ଉତ୍ତେଜକ ଭାଷଣ ଦେବା ଅଭିଯୋଗରେ ମଧ୍ୟ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ରାଲିର ଆୟୋଜନ କରିଥିବା ୩ ଜଣଙ୍କ ନାଁ ମଧ୍ୟ ଏତଲାରେ ରହିଛି। ମୁମ୍ବାଇରେ ଥିବା ମସ୍‌ଜିଦଗୁଡ଼ିକରୁ ଡାକବାଜି ଯନ୍ତ୍ର ହଟାଇବା ପାଇଁ ଗତ ମାସରେ ରାଜ୍ ଠାକ୍‌ରେ ଶିବସେନା ନେତୃତ୍ୱାଧୀନ ମେଣ୍ଟ ସରକାରକୁ ଆହ୍ୱାନ ଦେଇ ଚର୍ଚ୍ଚାକୁ ଆସିଥିଲେ। ମେ' ୩ ସୁଦ୍ଧା ଡାକବାଜି ଯନ୍ତ୍ର ନ ହଟିଲେ ମସ୍‌ଜିଦ ବାହାରେ ଓ ଅନ୍ୟ ସର୍ବସାଧାରଣ ସ୍ଥାନରେ ତାଙ୍କ କର୍ମୀମାନେ ଆଜାନକୁ ବିରୋଧ କରି ହନୁମାନ ଚାଲିଶା ଗାନ କରିବେ ବୋଲି ଏମ୍‌ଏନ୍‌ଏସ୍ ଅଧ୍ୟକ୍ଷ ଚେତାବନୀ ଦେଇଥିଲେ। ଗତ ରବିବାର ସେ ଔରଙ୍ଗାବାଦ ରାଲିରେ ପୁଣି ଥରେ ଉକ୍ତ ଚେତାବନୀର ପୁନରାବୃତ୍ତି କରିଥିଲେ। ୩ ତାରିଖ ଇଦ୍ ହୋଇଥିବାରୁ ୪ ସୁଦ୍ଧା ଡାକବାଜି ଯନ୍ତ୍ର ହଟା ନ ଗଲେ ମସ୍‌ଜିଦ ଆଗରେ ଦୁଇଗୁଣା ଶବ୍ଦରେ ହନୁମାନ ଚାଲିଶା ଗାନ କରାଯିବ ବୋଲି କହିଥିଲେ।

# 'ମହାଦ୍ରୁମରୁ କେବଳ ପତ୍ର ଝଡ଼ିଛି'

**ବିଜେଡିର ମିଶ୍ରଣ ପର୍ବରେ ବିରୋଧୀଙ୍କୁ ମନ୍ତ୍ରୀଙ୍କ କଡ଼ା ଜବାବ**

ଖଇରା, ୩।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅଧୀନ ଖଇରାଠାରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ରାଧାକାନ୍ତ ପାତ୍ର ଓ ଗଡପୋଖରୀ ପଞ୍ଚାୟତର ଭାଜପା ନେତା ରଞ୍ଜନ ଦଳେଇ କିଛି ଦିନର ନୀରବତା ପରେ ମଙ୍ଗଳବାର ଆନୁଷ୍ଠାନିକ ଭାବେ ବିଜେଡିକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହାଛଡା ଗଡପୋଖରୀ ପଞ୍ଚାୟତରେ ନବନିର୍ବାଚିତ ୱାର୍ଡସଭ୍ୟା ଗାୟତ୍ରୀ ପାତ୍ର, ସଭ୍ୟ ଜୟନ୍ତ ସେଠୀ, ମହେଶ୍ୱର ପାତ୍ର, ଟୁନା ସାହୁ, ପୂର୍ବତନ କଂଗ୍ରେସ ସଭାପତି ଗଣନାଥ ସିଂ, ସାରୁଗାଁ ପଞ୍ଚାୟତରୁ ହେମନ୍ତ ଲେଙ୍କା ପ୍ରମୁଖ ବିଜେଡିର ଉତ୍ତରୀୟ ପିନ୍ଧିବା ସଦସ୍ୟ ପଦ ଗ୍ରହଣ କରିଛନ୍ତି। ଏହି ଅବସରରେ ବ୍ଲକ ବିଜେଡି ସଭାପତି ବ୍ରଜକିଶୋର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ବିରୋଧୀଙ୍କୁ ଭାଷଣ ଆଳରେ ଶାଣିତ ପ୍ରହାର କରିଛନ୍ତି।

ସିମୁଳିଆ ନିର୍ବାଚନମଣ୍ଡଳୀରେ ନାଗରିକମାନେ ୧୫ବର୍ଷ ଧରି ଶାନ୍ତି ପ୍ରଗତି ଭିତରେ ଜୀବନ ବିତାଉଥିଲେ। ହେଲେ ଏବେ କିଛି ବାହ୍ୟଶକ୍ତି ଗାଁ ଗାଁରେ ପଶି ଅଶାନ୍ତି ସୃଷ୍ଟି କରୁଛନ୍ତି। କିଛି ପଦବୀ ହାତରୁ ଚାଲିଯିବାକୁ ଇଙ୍ଗିତ କରି ସିମୁଳିଆରେ ବିଜେଡି ଏବେ ମହାଦ୍ରୁମ। ହୁଏତ କିଛି ପତ୍ର ଝଡିଛି। ଅନ୍ୟ ନିର୍ବାଚନମଣ୍ଡଳୀରେ ଭୋଟ ହାର୍ ଦେଖିଲେ ବିଜେଡି ଏଠାରେ ଯଥେଷ୍ଟ ଅଧିକ ଭୋଟ ପାଇଛି। ଏହି ମିଶ୍ରଣ ଆଗାମୀ ଦିନରେ ବିଜେଡିର ବିଜୟକୁ ଅଧିକ ସହଜ କରିବ ବୋଲି ପ୍ରକାଶ କରିଥିଲେ। ରାଧାକାନ୍ତ ପାତ୍ର ତାଙ୍କ ବକ୍ତବ୍ୟରେ କିଛି କୁଚକ୍ରୀଙ୍କ ପାଇଁ ବର୍ତ୍ତମାନ ମନ୍ତ୍ରୀଙ୍କ ସହ ତାଙ୍କର ମନୋମାଳିନ୍ୟ ହୋଇଥିଲା। ଏବେଠାରୁ ଦଳ ଅଧିକ ସଙ୍ଗଠିତ ହେବ ବୋଲି କହିଥିଲେ। ଅନ୍ୟତମ ଯୁବନେତା ରଞ୍ଜନ ଦଳେଇ ତାଙ୍କ ବକ୍ତବ୍ୟରେ ନବୀନ ପଟ୍ଟନାୟକ ଓ ପର୍ଯ୍ୟଟନ ମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ମିଶିଛନ୍ତି। ଆଗାମୀ ନିର୍ବାଚନରେ ଭାଜପା ଗଡପୋଖରୀ ପଞ୍ଚାୟତରେ ଅସ୍ତିତ୍ୱ ହରାଇବ ବୋଲି କହିଥିଲେ। ଉକ୍ତ ସଭାରେ ବ୍ଲକ ଉପାଧ୍ୟକ୍ଷ ଗଜେନ୍ଦ୍ର ପରିଡା, ଜିଲା ପରିଷଦ ସଭ୍ୟ ମାନସ ଦାଶ, ସଭ୍ୟା ରଶ୍ମିତା ମହାପାତ୍ର ଓ ସୁଷମା ମହାପାତ୍ର ,ଏମ୍‌ପି ପ୍ରତିନିଧି ଜୟନ୍ତ କୁମାର ରାଉତ ଓ ବିଧାୟକ ପ୍ରତିନିଧି କରୁଣାକର ଜେନା ପ୍ରମୁଖ ଯୋଗ ଦେଇଥିଲେ।



ମିଶ୍ରଣ ପର୍ବରେ ବିଜେଡି ନେତୃବୃନ୍ଦଙ୍କ ସହ ଦଳରେ ମିଶିଥିବା ଅନ୍ୟ ଦଳର କର୍ମୀ।

## ଓଡ଼ିଶା ସରକାର
## ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଘୋଷଣା

File No.168 Dt.25.02.2022

No. XXIX-13: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା-ବଡକେରଜାଙ୍ଗ, ଥାନା-ଜରପଡା, ତହସିଲ-ବଅଁରପାଳ, ଜିଲ୍ଲା-ଅନୁଗୋଳ**ରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଶାଳଗାଁ ବୁଢାପଙ୍କ ତାଳଚେର ଠାରୁ ଜରପଡା ତୃତୀୟ ଓ ଚତୁର୍ଥ ରେଳ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି । ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act, 2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୮, ତା.୨୬.୦୨.୨୦୨୧ ରିଖରେ ପ୍ରକାଶିତ ହୋଇଅଛି ।
ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ **ମୌଜା-ବଡକେରଜାଙ୍ଗ, ଥାନା-ଜରପଡା, ଜିଲ୍ଲା-ଅନୁଗୋଳ**ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ଅନୁଗୋଳ ତହସିଲ-ବଅଁରପାଳ

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ରୟତଙ୍କ ନାମ |
|---|---|---|---|---|---|---|
| ୬୩ | ରୟତି | ୪୦୩୩ | ଶାରଦ-୨/୨ | ୦.୦୯୫ | ୦.୦୧୦ | ଖଚେଡା ସାଉ, ପି-ଅଭି ସାଉ,ଗୁଜା ସାଉ,ଶତ୍ରୁ ସାଉ, ଧୋବେଇ ସାଉ,ମୁରାରୀ ସାଉ, ଏକାଦୁଶିଆ ସାଉ, ବୁଦ୍ଧିଆ ସାଉ, ପି-ଦିଗା ସାଉ, ଖଗ ସାଉ, ସାଧୁ ସାଉ, ପି-ଶ୍ରୀକର ସାଉ, ଧଡିଆ ସାଉ, ପି-ବଟାଙ୍ଗି ସାଉ, ଜା-ଚଷା, ବା-ନିଜଗାଁ |
| ୬୩ | ରୟତି | ୪୦୩୧ | ଶାରଦ-୩ | ୦.୦୭୦ | ୦.୦୭୦ | |
| ୬୯ | ରୟତି | ୪୦୧୪ ନିମମୁଣ୍ଡ | ଶାରଦ ଦୋଫସଲି-୧ | ୦.୦୪୦ | ୦.୦୨୦ | ଗିରିଧାରି ନନ୍ଦ ଓ ଧୋବା ନନ୍ଦ,ପି-ଚିନ୍ତାମଣି ନନ୍ଦ, ଜାତି ବ୍ରାହ୍ମଣ, ବା-ନିଜଗାଁ |
| ୧୦୩ | ରୟତି | ୨୬୨୬ ଭୀମ ନାଲି | ଶାରଦ ୨/୨ | ୦.୫୯୦ | ୦.୦୨୦ | ଯୋଗୀ ରାହୁଳ, ବଂଶୀ ରାହୁଲ, ପି-ଘସିଆ ରାହୁଳ,ଜାତି-ଚଷା,ବା-ନିଜଗାଁ |
| | ରୟତି | ୩୮୬ ଗହମ ଦାଣ୍ଡି | ଶାରଦ ଦୋଫସଲି-୧ | ୦.୨୩୦ | ୦.୦୪୦ | |
| ୧୩୭ | ରୟତି | ୨୬୦୨ ଭୀମ ନାଲି | ତଇଳା-୧ | ୧.୯୦୦ | ୦.୧୦୦ | ନନ୍ଦକିଶୋର ପ୍ରଧାନ, ପି-କୀର୍ତ୍ତନ ପ୍ରଧାନ, ଜାତି-ଚଷା, ବା-ନିଜଗାଁ |
| | ରୟତି | ୨୬୧୮ ଭୀମ ନାଲି | ପୁରାତନ ପତିତ | ୦.୧୫୦ | ୦.୦୮୦ | |
| | ରୟତି | ୨୬୨୭ | ବଗାୟତ-୧ | ୦.୧୩୦ | ୦.୦୨୦ | |
| ୧୩୯ | ରୟତି | ୨୬୨୦ ନିମ ନାଲି | ଶାରଦ-୧ | ୦.୩୨୦ | ୦.୧୨୦ | ନନ୍ଦକିଶୋର ପ୍ରଧାନ, ପି-କୀର୍ତ୍ତନ ପ୍ରଧାନ, ପି-ଅନ୍ତର୍ଯ୍ୟାମୀ ପ୍ରଧାନ, ପି-ମହେଶ୍ୱର ପ୍ରଧାନ, ଜାତି-ଚଷା, ବା-ନିଜଗାଁ |
| | ରୟତି | ୨୬୨୧ ନିମ ନାଲି | ଶାରଦ-୧ | ୦.୫୦୦ | ୦.୧୩୦ | |
| ୧୪୩ | ରୟତି | ୨୬୩୦ ଭୀମ ନାଲି | ବନ୍ଧ ହୁଡା | ୦.୩୨୦ | ୦.୧୨୦ | ନନ୍ଦକିଶୋର ପ୍ରଧାନ, ପି-କିର୍ତ୍ତନ ପ୍ରଧାନ, ଅନ୍ତର୍ଯ୍ୟାମୀ ପ୍ରଧାନ,ମହେଶ୍ୱର ପ୍ରଧାନ, ହୃଷିକେଶ ପ୍ରଧାନ, ପି-ଚୈତନ୍ୟ ପ୍ରଧାନ, କାହ୍ନୁଚରଣ ପ୍ରଧାନ, ପି-ଜୀବନ ପ୍ରଧାନ, ରାଜକିଶୋର ପ୍ରଧାନ, ସୁଦାମଚରଣ ପ୍ରଧାନ, ପ୍ରାଣବନ୍ଧୁ ପ୍ରଧାନ, ବିଧୁ ପ୍ରଧାନ, ପି-ପ୍ରଭାକର ପ୍ରଧାନ, ଗୌରଚନ୍ଦ୍ର ପ୍ରଧାନ,ସୁରେନ୍ଦ୍ର ପ୍ରଧାନ, ବିପିନ ବିହାରି ପ୍ରଧାନ, ପି-ବାସୁଦେବ ପ୍ରଧାନ, ଜାତି-ଚଷା,ବା-ନିଜଗାଁ, ମେନକିମୁସାମାତା, ସ୍ୱା-ପୁରୁନ୍ଦର ପ୍ରଧାନ, ଜା-ଚଷା, ବା-ଗୋବରା,(କି) ତାଳଚେର, ମହାରାଣୀମୁସାମାତା, ସ୍ୱା-ସଦାଶିବ ବିଶ୍ୱାଳ, ଜାତି-ଚଷା,ବା-ହାଟଶିମିଳି(କି) ଆଠମଲ୍ଲିକ, କିସ୍ତତ ୫୦ ନୁ.ପା. ବା-ସୁଶିଳାମୁସାମାତା, ପି-ବାଜିଆ ପ୍ରଧାନ, ଈଶ୍ୱର ପ୍ରଧାନ, ବାଳକ ପ୍ରଧାନ,ପି-ଭଜନା ପ୍ରଧାନ, ଚକ୍ର ପ୍ରଧାନ, ସୁକୁର ପ୍ରଧାନ, ପି-ବଡଗ୍ଗୁ ପ୍ରଧାନ, ଗୁଣ୍ଡିଚା ପ୍ରଧାନ, ପି-କାଳିଆ ପ୍ରଧାନ, ଜାତି-ଚଷା,ବା-ନିଜଗାଁ, କିସ୍ତତ ଟ.୦.୨୫ ନୁ.ପା. ବା-ସୁଦାମ ପ୍ରଧାନ, ପି-ସାଧୁ ପ୍ରଧାନ, ବିମ୍ବାଧର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବିଚିତ୍ର ପ୍ରଧାନ, ସୁଦର୍ଶନ ପ୍ରଧାନ, ବଂଶୀଧର ପ୍ରଧାନ, ପି-ପଦ୍ମନାଭ ପ୍ରଧାନ, ନିତ୍ୟାନନ୍ଦ ପ୍ରଧାନ, ପି-ଦିଗ ପ୍ରଧାନ, ଜାତି-ଚଷା,ବା-ନିଜଗାଁ,କିସ୍ତତ ଟ.୦.୨୫ ନୁ.ପା.ବା |
| | ରୟତି | ୨୬୨୯ ଭୀମ ନାଲି | ବନ୍ଧ | ୭.୬୧୦ | ୦.୫୨୦ | |
| | ରୟତି | ୨୬୨୮ ଭୀମ ନାଲି | ବନ୍ଧ ହୁଡା | ୦.୪୨୦ | ୦.୦୭୦ | |
| ୧୫୧ | ରୟତି | ୪୦୩୦ | ଶାରଦ ଦୋଫସଲି-୧ | ୦.୦୬୦ | ୦.୦୬୦ | ନିରଞ୍ଜନ ସାଉ, ଚିନ୍ତାମଣି ସାଉ, ପି-ପୁନିଆ ସାଉ, ଜା-ଚଷା, ବା-ନିଜଗାଁ |
| ୨୬୩ | ରୟତି | ୪୦୧୫ ଖଳି ମୁଣ୍ଡ | ଶାରଦ ଦୋଫସଲି-୧ | ୦.୦୬୦ | ୦.୦୨୦ | ଶତୃକରାହୁଳ, ପି-ଦ୍ରିଥ ରାହୁଳ, ଜାତି-ଚଷା, ବା-ନିଜଗାଁ |
| ୨୮୪ | ରୟତି | ୪୦୧୬ | ଶାରଦ ଦୋଫସଲି-୨ | ୦.୦୪୦ | ୦.୦୪୦ | ସୁଗ୍ରୀ ରାହୁଳ, ବଙ୍କଳ ରାହୁଳ, ଆନନ୍ଦ ରାଉଳ, ପି-ଟାଙ୍ଗୁରୁ ରାହୁଳ, ବାବାଜି ରାହୁଳ, ପି-ସୁରେନ୍ଦ୍ର ରାହୁଳ, ବିପିନ ରାହୁଳ, ପି-ଆର୍ତ୍ତ ରାହୁଳ, ଭୁଲୁ ରାହୁଳ, ପି-ନାକଫୋଡି ରାହୁଳ, ଜାତି-ଚଷା, ବା-ନିଜଗାଁ |
| ୩୦୦ | ରୟତି | ୪୦୨୭ | ତଇଳା-୧ | ୦.୨୯୦ | ୦.୨୦୦ | ଦାସରଥି ପ୍ରଧାନ, ପି-ଅନାଦି ପ୍ରଧାନ, ଜା-ଚଷା, ବା-ନିଜିଗାଁ |
| ୩୦୧/୩୬ | ରୟତି | ୪୦୪୩ | ଶାରଦ ଦୋଫସଲି-୧ | ୦.୨୭୦ | ୦.୦୧୦ | ବିଦା ନାଏକ, ପି-କେଶବ ନାଏକ, ଜା-ପାଣ, ବା-ନିଜଗାଁ |
| ୩୦୧/୮୩ | ରୟତି | ୪୦୩୪ | ଶାରଦ ଦୋଫସଲି-୨ | ୦.୧୬୦ | ୦.୧୦୦ | ପୂର୍ଣ୍ଣଚନ୍ଦ୍ର ନାୟକ, ପି-ରାଜନ ନାୟକ, ଜା-ଚଷା, ବା-ବଡକେରାଜଙ୍ଗ |
| ୩୦୧/୨୦୩ | ରୟତି | ୨୬୧୯ | ଶାରଦ-୩ | ୦.୧୯୦ | ୦.୧୦୦ | କୁଳମଣି ପ୍ରଧାନ, ପି-ଅନ୍ତର୍ଯ୍ୟାମୀ ପ୍ରଧାନ, ଜାତି-ଚଷା, ବା-ବଡକେରାଜଙ୍ଗ |
| | ରୟତି | ୨୬୩୨ | ତଇଳା-୧ | ୦.୨୨୦ | ୦.୨୧୦ | |
| | ରୟତି | ୨୬୨୩ | ଶାରଦ-୧ | ୦.୮୨୦ | ୦.୧୧୦ | |
| ୩୦୧/୨୦୪ | ରୟତି | ୪୦୨୧ | ଶାରଦ-୩ | ୦.୧୫୦ | ୦.୦୧୦ | ନିଶାମଣି ପ୍ରଧାନ, ପି-ଅନ୍ତର୍ଯ୍ୟାମୀ ପ୍ରଧାନ, ଜାତି-ଚଷା, ବା-ବଡକେରାଜଙ୍ଗ |
| | ରୟତି | ୨୬୨୫ | ତଇଳା-୧ | ୧.୦୩୦ | ୦.୦୧୦ | |
| ୩୦୧/୨୦୫ | ରୟତି | ୨୬୨୪ | ଶାରଦ-୨ | ୦.୩୫୦ | ୦.୨୨୦ | ରସାମଣି ପ୍ରଧାନ, ପି-ଅନ୍ତର୍ଯ୍ୟାମୀ ପ୍ରଧାନ, ଜାତି-ଚଷା, ବା-ବଡକେରାଜଙ୍ଗ |
| ୩୦୧/୨୩୮ | ରୟତି | ୪୦୨୨ ଖଳି ମୁଣ୍ଡ | ଶାରଦ-୩ | ୦.୧୦୦ | ୦.୦୪୦ | ହେମଲତା ପ୍ରଧାନ, ସ୍ୱା-ନିଶାମଣି ପ୍ରଧାନ, ଜାତି-ଚଷା, ବା-ନିଜଗାଁ |
| | ରୟତି | ୪୦୨୩ ଖଳି ମୁଣ୍ଡ | ଶାରଦ-୩ | ୦.୬୩୦ | ୦.୧୮୦ | |
| | ରୟତି | ୪୦୨୬ ଖଳି ମୁଣ୍ଡ | ତଇଳା -୧ | ୦.୨୨୦ | ୦.୧୫୦ | |
| | ରୟତି | ୪୦୨୪ | ଶାରଦ-୨ | ୦.୧୫୦ | ୦.୧୫୦ | |
| ୩୦୧/୨୪୬ | ରୟତି | ୪୦୧୭ ଖଳି ମୁଣ୍ଡ | ଶାରଦ ଦୋଫସଲି-୧ | ୦.୦୭୦ | ୦.୦୩୦ | ଅର୍ମି ରାହୁଳ, ଶତୃକ ରାଉଳ, ଜାତି-ଚଷା, ବା-ବଡକେରାଜଙ୍ଗ |
| ୩୦୧/୩୬୬ | ରୟତି | ୪୦୧୮ ଖଳି ମୁଣ୍ଡ | ଶାରଦ-୧ | ୦.୧୬୦ | ୦.୧୨୦ | ଲକ୍ଷ୍ମୀବତୀ ପ୍ରଧାନ, ସ୍ୱା-ଅମରେନ୍ଦ୍ର ପ୍ରଧାନ, ଜାତି-ଚଷା, ବା-ବଡକେରାଜଙ୍ଗ |
| ୩୦୧/୪୪୭ | ରୟତି | ୪୦୨୦ ଖଳି ମୁଣ୍ଡ | ଶାରଦ ଦୋଫସଲି-୧ | ୦.୧୫୦ | ୦.୦୨୦ | ଶେଷଦେବ ସାହୁ, ପି-କପିଳ ସାହୁ, ଜାତି-ଚଷା, ବା-ବଡକେରାଜଙ୍ଗ |
| | | | | **୧୭.୫୯୫** | **୩.୧୦୦** | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.......... ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ଅନୁଗୋଳ ତହସିଲ-ବଅଁରପାଳ

| ଗ୍ରାମର ନାମ | ଗ୍ରାମୀଣ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ପୁନର୍ବାସ ନିମନ୍ତେ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ.......................

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, ଅନୁଗୋଳ

OIPR-24012/14/0025/2223

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WALK-IN-INTERVIEW
ITC
*Indian Trading Co. Jagganath Raod, Near Bank of Baroda, Dhenkanal.*
A Leading Agriculture equipment dealer(***Kubota*** Tractor/ harvester) for Dhenkanal & Angul district requires experienced candidates for the following position:-
1.***Manager(Sales/Service/Admin.) 2. Sales/AccountsExecutive, 3. Hydra Driver.*** Interested candidates may attend the interview along with updated resume at above address or send resume to <*hr.indiantrading@gmail.com*>**Mob-8984453738, 8093355055.**
**Interview date:- 09-05-2022 & 10-05-2022 @ 10 AM**

WANTED
Saikrupa Panchakarma Spa
Bhubaneswar
Requires
**Expert Therapist** (M/F)
Attractive Salaries,
Interested Candidates
Please Contact-8984068077

See Career Appointment on every **Wednesday & Saturday**

NATIONAL PROJECTS CONSTRUCTION CORPORATION LIMITED
(A Govt. of India Enterprise)
NPCC
SOUTH EASTERN ZONE, BHUBANESWAR
Plot No.: HIG/166, Sailashree Vihar, Bhubaneswar-751021
Ph.: 0674-2741417, Email-ID: npccbbsr@gmail.com
WALK-IN-INTERVIEW
**Advt. No: SEZ/Contract Basis/78 Dated : 02.05.2022**
NPCC Limited, a subsidiary of WAPCOS Ltd., a Schedule "B" Premier Public Sector Enterprise, Mini Ratna Category-1 Company invites applications for the post of Sr. Associate (Office Support)- Finance (01 Nos.) on Contract basis.
For details, please visit our Website : **www.npcc.gov.in**
**Zonal Manager**

REQUIRED
Wonder World Water Park & Resort

**F&B & BANQUET MANAGER - 02 (MALE/FEMALE)**
Criteria :
Qualification : Bachelor & Master's Degree in Hospitality Management
Experience : 05 to 15 year (Hotel and service industry )
Age Limit : 30 to 45 year
Language : Odia, English, Hindi (Speaking & Writing)

**DIGITAL MEDIA MANAGER - 01 (MALE/FEMALE)**
Criteria :
Qualification : BS Degree in Marketing or a related Field
* Demonstrable experience leading and managing SEO/SEM
* Marketing Database Mail, Social Media and display advertising campaigns
Experience : 5 to 7 year (Working experience in digital Marketing)
Age Limit : 25 to 35 year
Language : Odia, English, Hindi (Speaking & Writing)

**ADMIN HEAD - 01 (MALE/FEMALE)**
Criteria :
Qualification : MBA & PGDCA
Experience : 5 to 15 year (Working experience in Hotel and service industry)
Age Limit : 25 to 35 year
Language : Odia, English, Hindi (Speaking & Writing)

**STORE KEEPER - 01 (MALE)**
Criteria :
Qualification : B.Com & PGDCA
Experience : 5 to 10 year (Working experience in Hotel and service industry)
Age Limit : 25 to 35 year
Language : Odia, English, Hindi (Speaking & Writing)

**ACCOUNTANT - 01 (MALE)**
Criteria :
Qualification : B.Com & TALLY ERP
Experience : 5 to 10 year (Working experience in Hotel and service industry)
Age Limit : 25 to 35 year
Language : Odia, English, Hindi (Speaking & Writing)

**CONTACT PERSON: 7064563302 / 7327027434**
Send Resume on following EMAIL ID:
**hr@wonderworldpark.in**
**Date of Applying: 4th May 2022 to 10th May 2022**
**Address: NH-203, Balia, Malatipatpur, Puri - 752002, Odisha**

**FORM No. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR -7, CDA, CUTTACK, ODISHA**
**O.A. No. 123 of 2020**

**Canara Bank, Hamirpur Branch, Koelnagar, Rourkela** ...Applicant
**Versus**
**Sukra Oram & another** ...Defendant(s)
**To**
**D.1) Sukra Oram,** S/o: Mangra Oram, At: Jagda Sarna Chawk, PO.: Jhirpani, P.S.: Bisra, Dist.: Sundargarh, Pin-769042,
**D.2) Champu Oram,** W/o: Sukra Oram, At: Jagda Sarna Chawk, PO.: Jhirpani, P.S.: Bisra, Dist.: Sundargarh, Pin-769042

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 123/ 2020** in the court of the Debts of Recovery Tribunal, Cuttack for recovery of **Rs.16,25,210.34** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **23.06.2022 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **02nd day of May 2022.**

**Sd/- (M.K. Patnaik)**
**Registrar,**
**Debts Recovery Tribunal, Cuttack**

**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, Sector-7, CDA, Cuttack-753014**
**O.A. No. 472 of 2019**

**Canara Bank, (E-Syndicate Bank)**
**Paradeep Port Branch, Paradeep, Dist.- Jagatsinghpur** ...Applicant
**AND**
**Susanta Kumar Samal and others** ...Defendants
**To,**
**1) Mr. Susanta Kumar Samal,** S/o: Late Netrananda Samal, At/Po.: Paradeepgarh, PS.: Paradeep Lock, Dist.: Jagatsinghpur - 754141
**2) Mr. Sek. Raphik @ Sek Mohd Raphik,** S/o: Sk. Hasimuddin, At/Po.: Paradeepgarh, PS.: Paradeep Lock, Dist.: Jagatsinghpur - 754141

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 472 of 2019** in the Court of Debts Recovery Tribunal at Cuttack for a recovery of **Rs.47,03,219.33** only together with current and future interest, costs and other reliefs. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within 30 days from the date of publication or on **03rd day of June 2022 at 10.30 A.M.** as to why reliefs prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **21st day of APR 2022.**

**Sd/- Registrar,**
**Debts Recovery Tribunal**

ସ୍ୱାଭାବିକ ଭାବେ ଯେଉଁ କାର୍ଯ୍ୟ କରିବାକୁ ତୁମେ ଇଚ୍ଛା କରୁଛ କର । ମାତ୍ର ତୁମେ ଏକ ଉନ୍ନତ ଉଦ୍ଦେଶ୍ୟ ବା ମନୋଭାବ ନେଇ ସେ କାର୍ଯ୍ୟଟି କର । ପରିସ୍ଥିତିକୁ ପରିବର୍ତ୍ତନ କରିଦେଇପାରେ କେବଳ ତୁମର ମନୋଭାବ । -ଶ୍ରୀମା

# ଝୁସି ଗଲା କୁଆଡ଼େ

ମେ ୩ରେ ଅନୁଗୋଳ ଜିଲା ବଣ୍ଡଁରପାଳ ବ୍ଲକ ବଳରାମପ୍ରସାଦର ପୂର୍ବତନ ସରପଞ୍ଚଙ୍କୁ ହତ୍ୟା କରାଯାଇଛି । ଏହାକୁ ମିଶାଇ ଗତ ତିନି ମାସ ମଧ୍ୟରେ ଓଡ଼ିଶାରେ ରାଜନୈତିକ ହିଂସାକାଣ୍ଡରୁ ୨୦ରୁ ଅଧିକ ଲୋକଙ୍କ ଜୀବନ ଯାଇଥିବା ବେଳେ ଘରୋଇ ହିଂସାଜନିତ ହତ୍ୟା ଓ ଆତ୍ମହତ୍ୟା ସଂଖ୍ୟା ୩୦ରୁ ଊର୍ଦ୍ଧ୍ୱ ହୋଇଥିବା ଖବର ପ୍ରକାଶ ପାଇଛି । ରିପୋର୍ଟ ହୋଇ ନ ଥିବା ହିଂସାଜନିତ ମୃତ୍ୟୁକୁ ହିସାବକଲେ ସଂଖ୍ୟା ବଢ଼ିଯିବ । ଆଇନ ଶୃଙ୍ଖଳା ଦୃଷ୍ଟିକୋଣରୁ ଦେଖିଲେ ଓଡ଼ିଶା ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଅପେକ୍ଷାକୃତ ଭଲ ସ୍ଥିତିରେ ଥିଲା । ଗାଁଗଣ୍ଡାରେ ନିର୍ବାଚନ ପରେ ଶତ୍ରୁତା ବଢ଼ିଥିବାରୁ ଗୋଷ୍ଠୀବଦ୍ଧ ଆକ୍ରମଣ ହେଉ ବା ଜିତିଥିବା ପ୍ରାର୍ଥୀଙ୍କ ଟାହିଟାପରା ସହି ନ ପାରି ପରାଜିତ ପ୍ରାର୍ଥୀ କିମ୍ବା ତାଙ୍କ ପରିବାର ସଦସ୍ୟ କେତେକ ସ୍ଥାନରେ ଆତ୍ମହତ୍ୟା କରିଥିବା ଖବର ସମସ୍ତେ ପଢ଼ିଥିବେ । ସେହିପରି ସମ୍ପତ୍ତି ବିବାଦରୁ ସାନ ଭାଇ କ୍ରୋଧିତ ହୋଇ ବଡ଼ ଭାଇ ସମେତ ତାଙ୍କ ପରିବାରର ୫ ଜଣଙ୍କୁ ନିର୍ମମ ଭାବେ ହତ୍ୟା କରିଥିବା ଘଟଣା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ଏଭଳି ଘଟଣାସବୁ ବର୍ଣ୍ଣନା କଲେ ତାଲିକା ଲମ୍ବି ଚାଲିବ ।

ରାଜ୍ୟରେ ଏ ଯେଉଁ ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହୋଇଛି ସେଥିପାଇଁ ରାଜନୈତିକ ବାତାବରଣ ସହ ପୋଲିସର ନିଷ୍କ୍ରିୟତା ମୁଖ୍ୟତଃ ଦାୟୀ । କୋଭିଡ୍-୧୯ ପରେ ବହୁ ଲୋକ ରୋଜଗାର ହରାଇ ଗାଁକୁ ପଳାଇ ଆସିଛନ୍ତି । ଅନେକ ଯୁବକ ବେରୋଜଗାର ହେବା ଫଳରେ ରାଜନୀତିରେ ପ୍ରବେଶ କରିଛନ୍ତି । ଗୁଣ୍ଡାମି ହୋଇଛି ମୁଖ୍ୟ ଅସ୍ତ୍ର । ସାଧାରଣରେ ସମସ୍ତଙ୍କ ଧାରଣା ଯେ, ବାହୁବଳ ଥିବା ଲୋକ ପାଇଁ ରାଜନୀତି ସହଜ । ଏହି ଦୃଷ୍ଟିରୁ ଥୋଡ଼େ ଟୋକାଙ୍କୁ ସାଥିରେ ରଖିପାରିଲେ କାର୍ଯ୍ୟ ହାସଲ ହୋଇଥାଏ । ନେତାଙ୍କ ପଛରେ ଥିବା ଗୁଣ୍ଡା ଦଳ ହିଂସା ଘଟାଇବା ସକାଶେ ଆଗଭର ହୋଇଥାଆନ୍ତି । ତେବେ ସାମାନ୍ୟ ଘଟଣାକୁ ନେଇ ଯେତେବେଳେ କିଛି ଗଣ୍ଡଗୋଳ ହେଉଛି ସେତେବେଳେ ଅପ୍ରୀତିକର ସ୍ଥିତି ଉପୁଜୁଛି । ଅନେକ ସ୍ଥାନରେ ଦେଖାଦେଇଛି ଯେଉଁଠାରେ ପ୍ରବଳମାତ୍ରାରେ ହିଂସା ଘଟିଛି ସେଠାରେ ପୋଲିସର ଉପସ୍ଥିତି ନ ଥାଏ । କାରଣ ପୋଲିସ ସବୁବେଳେ ଧନ ପଛରେ ପଡ଼ିଥାଏ । ସଦ୍ୟ ଉଦାହରଣ ଦେଖିଲେ କୋରାପୁଟ ଜିଲା ଲମତାପୁଟ ବ୍ଲକର କୁମାରଗନ୍ଧଣାସ୍ଥିତ ଏକ ଚୂନମାଟି ଖଣି ଖନନକୁ ଗ୍ରାମବାସୀ ବିରୋଧ କରୁଥିବା ବିଷୟ ସାମ୍ନାକୁ ଆସୁଛି । ସେଭଳି ସ୍ଥଳେ ପୋଲିସ ବାହିନୀ ଖଣିଖନନ କମ୍ପାନୀକୁ ସାହାଯ୍ୟ କରିବାକୁ ଯାଇ ସ୍ଥାନୀୟ ବାସିନ୍ଦାଙ୍କୁ ବୁଝାଶୁଝା କରିବା ପାଇଁ ଚେଷ୍ଟା କରୁଥିଲା । ପୋଲିସ ଉପରେ ପଡ଼ିଲା ମାଡ଼ । ଉପରଲିଖିତ ଘଟଣାକୁ ଦେଖିଲେ ସାଧାରଣ ପୋଲିସର ଚରିତ୍ର ବୁଝାପଡ଼ିଯାଉଛି । ଏହି ସ୍ତମ୍ଭରେ ଆମେ ବାରମ୍ବାର କହିଛୁ ଯେ ଏଠାରେ ପୋଲିସ ଲୋକଙ୍କ ଆସ୍ଥାଭାଜନ ହୋଇପାରୁ ନାହିଁ । ନାଗରିକଙ୍କୁ ଦମନ କରିବାର ଯେଉଁ ଔପନିବେଶିକ ଚିନ୍ତାଧାରା ରହିଆସିଛି, ତାହାଠାରୁ ଖାକି ପୋଷାକଧାରୀ ଦୂରେଇ ଯାଇପାରୁ ନାହାଁନ୍ତି । ଏହା ପଛରେ ସରକାରୀ ମନୋଭାବର ପ୍ରଭାବ ରହିଛି ।

ଗତ କିଛି ଦଶନ୍ଧି ଧରି ଭାରତରେ କେବଳ ଜିଡିପି ବା ମୋଟ ଘରୋଇ ଉତ୍ପାଦ ଉପରେ ଗୁରୁତ୍ୱ ଦିଆଯାଇ ଆସୁଥିବାରୁ ସମାଜରେ ମଣିଷପଣିଆ ହ୍ରାସ ପାଉଛି । ସାଧାରଣ ମଣିଷ ପାଇଁ ସୁଖଶାନ୍ତିର ଜୀବନ ସବୁଠାରୁ ଅଧିକ ଗୁରୁତ୍ୱ ରଖେ । ପୂର୍ବରୁ ପରିବାର ପ୍ରତି ଶ୍ରଦ୍ଧା ଓ ସମ୍ମାନ ଥିଲା । ଏବେ ମା'ବାପାଙ୍କୁ ହାଣିଦେବା ସହିତ ସ୍ତ୍ରୀ ଓ ଛୁଆଙ୍କୁ ମଧ୍ୟ ହତ୍ୟା କରିବା ଏକ ଦୈନନ୍ଦିନ ଖବରରେ ପରିଣତ ହୋଇଗଲାଣି । ମଣିଷର ସୁଖ ପ୍ରତି ଧ୍ୟାନ ଦିଆ ନ ଗଲେ ଅସହିଷ୍ଣୁତା ବୃଦ୍ଧି ପାଇବା ସ୍ୱାଭାବିକ । ସବୁବେଳେ ବସ୍ତୁବାଦୀ ଚିନ୍ତାଧାରାରେ ବଞ୍ଚି ରହିଥିବା ସମାଜ ବିଭିନ୍ନ ବିକୃତିର ସମ୍ମୁଖୀନ ହେବ । ଏବେ ଭାରତ ବିଶେଷକରି ଓଡ଼ିଶାରେ ଆମେ ଏସବୁ ଦେଖୁଛେ ।

# ସମୟର ଖେଳ

ସମ୍ପ୍ରତି ଗୁଜବ ରୋକିବା ପାଇଁ ଇଣ୍ଟରନେଟ୍ ଉପରେ କଟକଣା ଏକ ସହଜ ଉପାୟ ପାଲଟିଛି । ଡିଜିଟାଲ ରାଇଟ୍ସ ଆଡ୍‌ଭୋକେସି ଗ୍ରୁପ୍ ଆସେସ୍ ନାଓର ଏକ ରିପୋର୍ଟ ଅନୁସାରେ ୨୦୧୬ରୁ ୨୦୨୧ ମଧ୍ୟରେ ବିଶ୍ୱର ୩୪ ଦେଶରେ ମୋଟ ୯୩୧ ଥର ଇଣ୍ଟରନେଟ୍ ବନ୍ଦ କରାଯାଇଥିଲା । ସେଥିରୁ ଅର୍ଦ୍ଧାଧିକ ଅର୍ଥାତ୍ ୫୬୭ ଥର କେବଳ ଭାରତରେ ବନ୍ଦ ହୋଇଥିଲା । ଗତବର୍ଷ ସାରା ଭାରତରେ ୧୦୬ ଥର ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଥିଲା । ୧,୧୫୭ ଘଣ୍ଟା ସେବା ବ୍ୟାହତ ହେବା ଯୋଗୁ ଦେଶର ୫୮୩ ନିୟୁତ ଡଲାର (୪,୪୬୩ କୋଟି ୫୬ ଲକ୍ଷ ୪୬ ହଜାର କୋଟି ଟଙ୍କା) କ୍ଷତି ହୋଇଥିଲା । ଏଥିରେ ୫୯.୧ ନିୟୁତ ଲୋକ ପ୍ରଭାବିତ ହୋଇଥିଲେ ବୋଲି ନିକଟରେ ଇଣ୍ଟରନେଟ୍ ଫାର୍ମ 'ଟପ୍ ଟେନ୍ ଭିପିଏନ୍ ଡଟ୍ କମ୍' ଦର୍ଶାଇଥିଲା । ରାସ୍ତାରେ ଛିଡ଼ା ହୋଇଥିବା ଜଣେ ବ୍ୟକ୍ତି ନିଜ ମୋବାଇଲ ଫୋନ୍‌ରେ ପରିସ୍ଥିତିର ଭିଡିଓ ବା ଫଟୋ ଉଠାଇ ବାସ୍ତବତାକୁ ବିଶ୍ୱବ୍ୟାପୀ ଲୋକଲୋଚନକୁ ଆଣିପାରନ୍ତି । ତେଣୁ ବାକ୍ ସ୍ୱାଧୀନତାକୁ ସଙ୍କୁଚିତ କରିବା ଅଭିସନ୍ଧି ରଖି ଅନେକ ରାଜ୍ୟର ସରକାର ଇଣ୍ଟରନେଟ୍ ସେବା ବନ୍ଦ କରୁଥିବା ଦେଖିବାକୁ ମିଳୁଛି । ଚାଇନା ଓ ଉତ୍ତର କୋରିଆର ଏକଚ୍ଛତ୍ରବାଦୀ ଶାସକ ଏଭଳି କଟକଣା ଜାରି କରୁଥିବାବେଳେ ଏବେ ଭାରତ ମଧ୍ୟ ସେହି ଗୋଷ୍ଠୀରେ ନିଜକୁ ସାମିଲ କରିଛି ।

କିଛି ମାସ ତଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ତାଙ୍କ ବାପା ସ୍ୱର୍ଗତ ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବାବେଳେ ଭାରତକୁ ଇଣ୍ଟରନେଟ୍ ଆଣିଥିବା ଦାବି କରିଥିଲେ । ତାଙ୍କ ମନ୍ତବ୍ୟରୁ ମନେହେଉଛି ସତେ ଯେମିତି ରାଜୀବ ନିଜ ପୈତୃକ ସମ୍ପତ୍ତିରୁ ଇଣ୍ଟରନେଟ୍ ଉଦ୍ଭାବନ କରିଥିଲେ । ରାହୁଲଙ୍କ ଦାବି ହାସ୍ୟାସ୍ପଦ ମନେହୁଏ । ରାଜୀବଙ୍କୁ ଆମେରିକୀୟ ଡେଭେଲପର ତଥା ଇଣ୍ଟରନେଟ୍‌ର ଜନକ ଭିଣ୍ଟନ୍ ସର୍ଫଙ୍କ ସହ ତୁଳନା କରାଯାଇ ନ ପାରେ । ବିଶ୍ୱବ୍ୟାପୀ ଗୋଟିଏ ସମୟରେ ଇଣ୍ଟରନେଟ୍‌ର ସୃଷ୍ଟି ହୋଇଥିବାବେଳେ ୯୦ ଦଶକର ମଧ୍ୟଭାଗରେ ଏହାକୁ ଭାରତ ଦେଖିଥିଲା । ସେତେବେଳେ କଂଗ୍ରେସର ପି.ଭି. ନରସିଂହ ରାଓ ପ୍ରଧାନମନ୍ତ୍ରୀ ଥିଲେ । ତା'ର ଅର୍ଥ ନୁହେଁ ଯେ ନରସିଂହ ରାଓ ଭାରତରେ ଇଣ୍ଟରନେଟ୍‌କୁ ପ୍ରବେଶ କରାଇଥିଲେ । କିନ୍ତୁ ଆମ ଦେଶର ସ୍ଥିତିକୁ ଦେଖିଲେ ଜାଣିହୁଏ ଯେ, ଏଭଳି ତ୍ରୁଟି ସମସ୍ତେ କରନ୍ତି । ନୂଆ ରେଳ ସଂଯୋଗ କାର୍ଯ୍ୟକାରୀ ହେଲେ ଦାବି କରାଯାଏ, ଅମୁକ ରେଳମନ୍ତ୍ରୀଙ୍କ ଦ୍ୱାରା ଏହା କରାଯାଇଛି । ଭାରତୀୟ ବାୟୁସେନାର ରାଫାଲ ଯୁଦ୍ଧବିମାନ ମୋଦିଙ୍କ ଯୋଗୁ ଆସିଲା ବୋଲି କେତେଜଣ ଲୋକ ଦାବି କରିପାରନ୍ତି । କିନ୍ତୁ ସେହି କିଣାବିକା ପ୍ରକ୍ରିୟା ହୁଏତ ୧ ଦଶନ୍ଧି ପୂର୍ବରୁ ଗଢ଼ିଆସୁଥିଲା । ଅନେକ ହଜାର କୋଟି ଟଙ୍କାର କିଣାବିକା ନିଷ୍ପତ୍ତି ଦିନକରେ କିମ୍ବା ୫ ବର୍ଷରେ ଶେଷ ହୁଏନାହିଁ । ଅନ୍ୟପଟେ ଦେଶରେ ବୈଷୟିକ ଜ୍ଞାନର ପ୍ରବେଶ କୌଣସି ରାଜନେତାଙ୍କ ଯୋଗୁ ଘଟେ ନାହିଁ । ରୁଷିଆ ସହିତ ଯୁଦ୍ଧ ଯୋଗୁ ୟୁକ୍ରେନ୍‌ର ସେନା ତୁର୍କୀଠାରୁ ଆକ୍ରମଣକାରୀ ଡ୍ରୋନ୍ ପାଇପାରିଲା । ଏଥିରେ ଯଦି ଦାବି କରାଯାଏ ଯେ, ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଡ୍ରୋନ୍‌ର ଉଦ୍ଭାବକ ତେବେ ତାହାଠାରୁ ହାସ୍ୟାସ୍ପଦ କଥା ଖୋଜିବା କଷ୍ଟକର ହେବ । ସେହିଭଳି ଭାରତରେ କରୋନା ସଂକ୍ରମଣ ସମୟରେ ଦିଆଯାଉଥିବା ଟିକା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶ୍ରେୟ ଦେବା ମଧ୍ୟ ଭୁଲ୍ । ଏଥିରୁ ବୁଝିବାକୁ ହେବ ଯେ, ପୃଥିବୀରେ ଉନ୍ନତି ଲାଗିରହିଛି । ବିଶେଷକରି ବିଜ୍ଞାନ ଓ ବୈଷୟିକ ଜ୍ଞାନରେ ପ୍ରତ୍ୟେକ ଦିନ ନୂଆ ବିଷୟ ଜଣାପଡୁଛି । ଏହି ବିକାଶରେ ଭାରତୀୟ ରାଜନେତାମାନଙ୍କର ତିଳେ ହେଲେ ଅବଦାନ ନାହିଁ । ସେଥିପାଇଁ ଇଣ୍ଟରନେଟ୍‌ଠାରୁ ମାଗଣା କୋଭିଡ୍ ଟିକା ପର୍ଯ୍ୟନ୍ତ ରାହୁଲ ହୁଅନ୍ତୁ ବା ଅନ୍ୟ କାହାରି ବାହାଦୁରି ମାରିବା ଅଧିକାର ନାହିଁ । ଟିକା ପାଇଁ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରେ ମୋଟା ଅଙ୍କର ଟିକସ ବସାଇ ଲୋକଙ୍କଠାରୁ ଅର୍ଥ ଅସୁଲ କରିଥିବା ବିଷୟ ଅନେକ ମନ୍ତ୍ରୀ ସ୍ୱୀକାର କରିଛନ୍ତି ।

# ତୈଳ ନୀତିକୁ ସରକାରଙ୍କ ନାତ



ତତ୍ତ୍ୱ ଓ ତର୍କ

ବିମଳ ପାଣ୍ଡିଆ

ଏପ୍ରିଲ ୨୮ରେ ମୁଖ୍ୟମନ୍ତ୍ରୀମାନଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ବୈଠକ ପୁଣିଥରେ ଆଶଙ୍କା କରାଯାଉଥିବା କୋଭିଡ୍ ଲହର ଉପରେ ହେବାର ଥିଲା । କିନ୍ତୁ ପ୍ରଧାନମନ୍ତ୍ରୀ ସେହି ବୈଠକକୁ ମହଙ୍ଗାକୁ ନେଇ ତାଙ୍କର ଚିନ୍ତା ଜାହିର କରିବାର ମାଧ୍ୟମ ବୋଲି ବିଚାରିଲେ । ବିଦ୍ରୂପ କଲା ଭଳି ଢଙ୍ଗରେ କହିଲେ ଯେ, କିଛି ରାଜ୍ୟ ପେଟ୍ରୋଲ ଡିଜେଲ ଉପରେ ମୂଲ୍ୟଯୁକ୍ତ ଟିକସ ବା ଭାଟ୍ ଦର ନ ଖସାଇ ସେହି ରାଜ୍ୟର ଲୋକଙ୍କ ସହ ପଡ଼ୋଶୀ ରାଜ୍ୟ ଉପରେ ଅନ୍ୟାୟ କରୁଛନ୍ତି । ସେ କହିଲେ ଯେ, ଭାଟ୍ ନ କମାଇ କିଛି ରାଜ୍ୟ ହଜାର ହଜାର କୋଟି ଟଙ୍କାର ଅତିରିକ୍ତ କର ଆଦାୟ କରିଛନ୍ତି । ପ୍ରଧାନମନ୍ତ୍ରୀ ଭାବରେ ଅନ୍ୟମାନଙ୍କୁ ଉପଦେଶ ଦେଲାବେଳେ ତାଙ୍କ ସରକାର କ'ଣ କରୁଛି ତାହା ମଧ୍ୟ ଜଣାଇବାର ଉତ୍ତରଦାୟିତ୍ୱ ତାଙ୍କର ରହିଛି । କୋଭିଡ୍‌କୁ ନେଇ ହେଉଥିବା ମୁଖ୍ୟମନ୍ତ୍ରୀଙ୍କ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଅଣ-ଭାଜପା ଶାସିତ ରାଜ୍ୟ ଗୁଡ଼ିକରେ ଭାଟ୍ ଦରକୁ ନେଇ ଦେଖାଇଥିବା ଚିନ୍ତା କିନ୍ତୁ ଉତ୍ତରଦାୟିତ୍ୱର ସେହି ମାପଦଣ୍ଡରେ ଆଦୌ ଉତୁରୁ ନାହିଁ । ଏହି ଆଲେଖ୍ୟରେ ଆମେ ରାଜ୍ୟଗୁଡ଼ିକର ଭାଟ୍ ଦର ବିଷୟରେ ଆଲୋଚନା କରିବା ନାହିଁ । କେବଳ କେନ୍ଦ୍ର ସରକାର କେମିତି ପେଟ୍ରୋଲ ଡିଜେଲ ଦରକୁ ନେଇ ଲୋକଙ୍କୁ ଭ୍ରମିତ କରୁଛନ୍ତି ଓ ଠକୁଛନ୍ତି ତାହାର କିଛି ସଦ୍ୟ ଉଦାହରଣ ହିଁ ରଖିବା ।

କେନ୍ଦ୍ର ସରକାର ବାରମ୍ବାର କହିଆସୁଛନ୍ତି ଯେ, ପେଟ୍ରୋଲ ଡିଜେଲ ଦର ସ୍ଥିର କରିବାରେ କେନ୍ଦ୍ର ସରକାରଙ୍କ କୌଣସି ଭୂମିକା ନାହିଁ । 'ପେଟ୍ରୋଲ ଡିଜେଲର ଦରରେ ସରକାରଙ୍କ ନିୟନ୍ତ୍ରଣ ନ ଥିବା ନୀତି ଏବେ ବି ପ୍ରଚଳିତ ଅଛି କି' ବୋଲି ୧୪।୦୩।୨୦୨୨ରେ ରାଜ୍ୟ ସଭାରେ ପଚରାଯାଇଥିବା ଏକ ତାରକା ପ୍ରଶ୍ନର ଉତ୍ତରରେ ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ପୁରୀ ସେହି ଆଳାପକୁ ଦୋହରାଇ କହିଲେ ଯେ, ୨୬।୧୦।୨୦୧୦ରୁ ପେଟ୍ରୋଲ ଓ ୧୯।୧୦।୨୦୧୪ରୁ ଡିଜେଲ ଦର ବଜାରରେ ତୈଳ ଦର ଅନୁସାରେ ନିର୍ଦ୍ଧାରଣ ହେଉଛି । ସେବେଠାରୁ ସରକାର ଦରକୁ ନିୟନ୍ତ୍ରଣ କରୁ ନାହାନ୍ତି, ତୈଳ କମ୍ପାନୀଗୁଡ଼ିକ ନିଷ୍ପତ୍ତି ନେଉଛନ୍ତି । ମଜାର କଥା ଯେ ସେହି ସମାନ ପ୍ରଶ୍ନରେ ପଚରାଯାଇଥିବା ଆଉ ଏକ ପ୍ରଶ୍ନ 'ଏଇ ନିକଟରେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବହୁତ ବଢ଼ିଥିଲେ ବି ଦେଶରେ କାହିଁକି ପେଟ୍ରୋଲ ଡିଜେଲ ଦର ଅପରିବର୍ତ୍ତିତ ରହିଛି'ର କିଛି ଉତ୍ତର ମନ୍ତ୍ରୀ ରଖି ନ ଥିଲେ । ଶାସକ ଦଳର ବରିଷ୍ଠ ସଦସ୍ୟ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁବ୍ରମନ୍ୟମ ସ୍ୱାମୀ ମଧ୍ୟ ୦୪।୦୪।୨୦୨୨ରେ ସେହିଭଳି ଏକ ପ୍ରଶ୍ନ ରାଜ୍ୟ ସଭାରେ ପଚାରିଥିଲେ । ସରକାର ସେହି ସମାନ ଉତ୍ତର ରଖିଥିଲେ ଯେ ପେଟ୍ରୋଲ ଡିଜେଲ ଦର କମ୍ପାନୀଗୁଡ଼ିକ ହିଁ ସ୍ଥିର କରୁଛନ୍ତି, ସେଥିରେ ସରକାରଙ୍କ କିଛି କରିବାର ନାହିଁ । ଏହା ଡାହା ମିଛ ।



କ୍ରମାଗତ ପେଟ୍ରୋଲ ଡିଜେଲ ଦର ବୃଦ୍ଧିକୁ ନେଇ ସାଧାରଣରେ ଆକ୍ରୋଶ ବଢ଼ିବାରୁ କେନ୍ଦ୍ର ସରକାର ୦୪।୧୧।୨୦୨୧ରେ ଏକ୍ସାଇଜ ଡ୍ୟୁଟି ବା ଉତ୍ପାଦ ଶୁଳ୍କକୁ ହ୍ରାସ କରିଥିଲେ । ତାହା ପୂର୍ବରୁ ପ୍ରାୟ ପ୍ରତ୍ୟେକ ଦିନ ପେଟ୍ରୋଲ ଡିଜେଲ ଦରରେ କିଛିକିଛି ପରିବର୍ତ୍ତନ ହେଉଥିଲା । ମଜାର କଥା ଯେ ସେହି ଦିନଠାରୁ ୧୯।୦୩।୨୦୨୨ ଯାଏ, ୧୩୫ ଦିନ ଧରି ଦେଶରେ ପେଟ୍ରୋଲ ଡିଜେଲ ଦରରେ କିଛି ପରିବର୍ତ୍ତନ ହେଲା ନାହିଁ । ସରକାର ରାଜ୍ୟ ସଭାରେ ଦେଇଥିବା ଉତ୍ତର ଯଦି ଠିକ ଥିଲା ତା'ହେଲେ ଧରି ନେବା ଯେ ଅନ୍ତର୍ଜାତୀୟ ବଜାରରେ ସେହି ସାଢ଼େ ଚାରି ମାସ ପ୍ରାକୃତିକ ତୈଳର ଦର ସ୍ଥିର ହିଁ ଥିଲା । ତେଣୁ ଇଣ୍ଡିଆନ ଅଏଲ କର୍ପୋରେଶନ ଭଳି କମ୍ପାନୀ ଦେଶରେ ଦର ଏପାଖସେପାଖ କରି ନ ଥିଲେ । କିନ୍ତୁ ସ୍ଥିତି କ'ଣ ସେୟା ଥିଲା ? ଯେଉଁ ଦିନ ଭାରତ ସରକାର ଉତ୍ପାଦ ଶୁଳ୍କ କମାଇଲେ, ସେହିଦିନ ଅନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ କ୍ରୁଡ୍ ବା ଅଶୋଧିତ ପ୍ରାକୃତିକ ତୈଳର ଦର ବ୍ୟାରେଲ ପ୍ରତି ୮୨.୪୩ ଡଲାର ଥିଲା । ସେହି ଦିନଠାରୁ ପରବର୍ତ୍ତୀ ପରିବର୍ତ୍ତନ ହେବା ଦିନ ମଧ୍ୟରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ୬୯ ଡଲାରରେ ବି ପହଞ୍ଚିଥିଲା ଆଉ ୧୩୪ ଡଲାରର ଶିଖରକୁ ବି ଛୁଇଁଥିଲା କିନ୍ତୁ ଭାରତରେ ଦର ଏପଟସେପଟ ହୋଇ ନ ଥିଲା । ଏଥିରୁ କେନ୍ଦ୍ର ସରକାରଙ୍କ ପ୍ରବଞ୍ଚନାର ଅନ୍ତତଃ ଦୁଇଟି ସ୍ପଷ୍ଟ ଉଦାହରଣ ମିଳୁଛି । ଏହି ୧୩୫ ଦିନର ଶେଷ ଅଳ୍ପ କିଛି ସପ୍ତାହରେ ରୁଷିଆ-ୟୁକ୍ରେନ ଯୁଦ୍ଧ କାରଣରୁ ତୈଳ ଦର ଅନେକ ବଢ଼ିଲା କିନ୍ତୁ ଉତ୍ତରପ୍ରଦେଶ, ପଞ୍ଜାବ ଆଦି ରାଜ୍ୟରେ ଭୋଟ ଜିତିବା ପାଇଁ ନୀତିକୁ ଜଳାଞ୍ଜଳି ଦେଇ ତୈଳ କମ୍ପାନଗୁଡ଼ିକର ଅନେକ କ୍ଷତି କରାଇଲେ । କିନ୍ତୁ ଏହି ୧୩୫ ଦିନର ବାକି ସମସ୍ତ ଦିନଗୁଡ଼ିକରେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର କମ ଥିଲେ ମଧ୍ୟ ଦେଶରେ ତୈଳ ଦର ଖସୁ ନ ଥିଲା । ସରକାର ଓ ତୈଳ କମ୍ପାନୀଗୁଡ଼ିକ ଲୋକଙ୍କୁ ଭକୁଆ ବନାଇ ଲାଭ ସାଉଁଟି ଚାଲିଥିଲେ ।

ନଭେମ୍ବର ୪ରେ ଉତ୍ପାଦ ଶୁଳ୍କ କମାଇବା ଦିନଠାରୁ ଅନ୍ତତଃ ତିନି ମାସ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ଦର ୮୨.୪୩ ଡଲାରରୁ ଖସି ୦୧।୧୨।୨୦୨୧ରେ ୬୯ ଡଲାରରେ ପହଞ୍ଚିଥିଲା । ସରକାର ଉତ୍ପାଦ ଶୁଳ୍କ ହ୍ରାସ କରିବା ଦିନ ଅନ୍ତର୍ଜାତୀୟ ଦର ଯାହାଥିଲା, ଡିସେମ୍ବର ୧ ତାରିଖ ବେଳକୁ ତାହା ୧୫.୬% କମ ଥିଲା । ଉତ୍ପାଦ ଶୁଳ୍କ ଛାଡ଼ କରାଯିବା ଦିନଠାରୁ ପରବର୍ତ୍ତୀ ତିନି ମାସ ମଧ୍ୟରେ ଅନ୍ତର୍ଜାତୀୟ ବଜାରରେ ହାରାହାରି ତୈଳ ଦର ୮୦ ଡଲାର ହିଁ ଥିଲା ; ଯାହା ଉତ୍ପାଦ ଶୁଳ୍କ ହ୍ରାସ କରାହେବା ଦିନର ଦରଠାରୁ ଅନ୍ତତଃ ୨.୪ ଡଲାର ବା ପ୍ରାୟ ୩% କମ୍ ଥିଲା । ତୈଳ ଦର ନିୟନ୍ତ୍ରଣମୁକ୍ତ ଥାଇ ଅନ୍ତର୍ଜାତୀୟ ଦର ଅନୁସାରେ କମ୍ପାନୀମାନେ ପ୍ରତିଦିନ ତୈଳ ଦର ସ୍ଥିର କରିବାର ନୀତି ରହିଥିବା ସତ୍ତ୍ୱେ ଅନ୍ତର୍ଜାତୀୟ ଦର କମୁଥିବା ବେଳେ ମଧ୍ୟ କମ୍ପାନୀଗୁଡ଼ିକ କାହିଁକି ଦର ଖସାଉ ନ ଥିଲେ ? ଏବେ ଆସିବା ସେହି ମାୟାପୂର୍ଣ୍ଣ ୧୩୫ ଦିନର ଶେଷ କିଛି ଦିନକୁ । ରୁଷର ମତି ଦେଖି ଅନ୍ତର୍ଜାତୀୟ ବଜାରରେ ତୈଳ ଦର ଫେବୃୟାରୀ ୧୨ରେ ୧୦୦ ଡଲାର ଡେଇଁଲା । ମାର୍ଚ୍ଚ ୬ରେ ୧୩୪ ଡଲାରରେ ବି ପହଞ୍ଚିଗଲା । କିନ୍ତୁ ଭାରତରେ ପେଟ୍ରୋଲ ଡିଜେଲ ଦର ସେହି ସମୟରେ ବଢୁ ନ ଥିଲା । ବଦଳିଲା ୨୦ ମାର୍ଚ୍ଚରେ, ଉତ୍ତରପ୍ରଦେଶ ପଞ୍ଜାବ ଆଦି ରାଜ୍ୟର ନିର୍ବାଚନ ଫଳ ଘୋଷଣା ହେବାର କିଛି ଦିନ ପରେ । ସେତେବେଳକୁ ଅନ୍ତର୍ଜାତୀୟ ବଜାରରେ ଦର ଶୀର୍ଷରୁ ଅନେକ ଖସି ସାରିଥିଲା ।

ଯଦି ଅନ୍ତର୍ଜାତୀୟ ଦରକୁ ଦେଖି ପ୍ରତିଦିନ କମ୍ପାନୀମାନେ ପେଟ୍ରୋଲ ଡିଜେଲ ଦର ସ୍ଥିର କରିବାର ନୀତି ଅଛି, ତେବେ ଏହି ସମୟ ମଧ୍ୟରେ ତାହା ଲାଗୁ ନ ହେବା ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ । ଏହା କହିବା ଅବଶ୍ୟ ଉପଯୋଗୀ ହେବ ଯେ ଯଦି କେନ୍ଦ୍ର ସରକାର ଉତ୍ପାଦ ଶୁଳ୍କ କମେଇବେ, ରାଜ୍ୟଗୁଡ଼ିକର ଭାଟ୍ ଟିକସ ମଧ୍ୟ ଆପେ ଆପେ କମିଯିବ କାରଣ ରାଜ୍ୟ ସରକାରଗୁଡ଼ିକ ଉତ୍ପାଦ ଶୁଳ୍କ ମିଶ୍ରିତ ଦର ଉପରେ ହିଁ ଭାଟ୍ ଲଗାଇଥାନ୍ତି । ରାଜ୍ୟଗୁଡ଼ିକୁ ଟ୍ୟାକ୍ସ କମାଇବା ପାଇଁ ଉପଦେଶ ଦେବା ସ୍ୱାଗତଯୋଗ୍ୟ, କିନ୍ତୁ ପ୍ରଧାନମନ୍ତ୍ରୀ ମହୋଦୟ ନିଜ ଚାଦରରେ ଲାଗିଥିବା ଗାଢ଼ ମଇଳାକୁ ଆଗ ସଫା କରିଥିଲେ ଠିକ୍ ହୋଇଥାନ୍ତା ।

# ଦାନ ଧର୍ମ



ହରେକୃଷ୍ଣ ଦାସ

ପତ୍ନୀଙ୍କ ସହ ମନ୍ଦିର ଭିତରକୁ ଯାଇ ପୂଜା କରିବାକୁ ଅମଙ୍ଗ ହେବାରୁ ମୋର ବନ୍ଧୁଙ୍କୁ ତାଙ୍କ ପତ୍ନୀ 'ବିଧର୍ମୀ କୋଉଠିକାର...' କହି ବନ୍ଧୁଙ୍କଠାରୁ କିଛି ଖୁଚୁରା ପଇସା ନେଇ ନିଜ ସ୍ୱାମୀଙ୍କର ଦୀର୍ଘଜୀବନ କାମନା କରି ଯାଚିଥିବା ମାନସିକ ପୂଜା ପାଇଁ ମୁହଁ ଫଣଫଣ କରି ଏକୁଟିଆ ଚାଲିଗଲେ । କିଛି ଜବାବ ଦେଇପାରି ନ ଥିଲେ ବି ଅପମାନିତ ମନେକରି ବିଚରା ବନ୍ଧୁ ମୋର ଧାନ ଉଷୁଁଆ ହାଣ୍ଡିପରି ମୁହଁ କରି ଛିଡ଼ା ହୋଇ ରହିଲେ । ପରିସ୍ଥିତିକୁ ହାଲୁକା କରିବାକୁ ଚେଷ୍ଟା କରି ମୁଁ ମନ୍ଦିରମାନଙ୍କର ହୁଣ୍ଡିରେ ପଡୁଥିବା ଦାନ ସୂତ୍ରରୁ ହେଉଥିବା ଆୟର ପରିମାଣ ସମ୍ପର୍କରେ ଆଲୋଚନା ଆରମ୍ଭ କରିଦେଲି ।

ଏ ପ୍ରସଙ୍ଗ ଶୁଣି ବନ୍ଧୁ କହିଲେ, 'ଜାଣିଲ, ଏ ଦୁନିଆରେ ଅନେକ ବଦାନ୍ୟ ଲୋକ ଅଛନ୍ତି ଯୋଉମାନେ ଠାକୁରଙ୍କୁ ଦାନ କରି ପୁଣ୍ୟ ଅର୍ଜନ କରୁଛନ୍ତି ।' ଚଟ କରି ମୁଁ କହିଲି, 'ତମେ ସେମିତି ଦାନ କରି ପୁଣ୍ୟ ଅର୍ଜନ କରୁନ ? ତମର ତ ରୋଜଗାରରେ ଅଭାବ ନାହିଁ ।' ଏକଥା ଶୁଣି ବନ୍ଧୁ କହିଲେ, 'ମାମଲା ରୋଜଗାରଠି ନାହିଁ, ନିଃସ୍ୱାର୍ଥପର ହୋଇପାରିବା ବଡ଼ କଥା ।' ଏତକ ଶୁଣି ମୋ ଛୋଟ ଝିଅ କହିଲା, 'ପାପା, ତମେ ଥରେ କହୁଥିଲ ଯେ ଆମର ଯାହା ସବୁ ଅଛି, ଏ ପୃଥିବୀରେ ଯାହା କିଛି ବି ଅଛି, ସେ ସବୁ ଠାକୁର ଆମକୁ ଦାନ କରିଛନ୍ତି ।' ତା'ହେଲେ, ଲୋକମାନେ ପୁଣି ଠାକୁରଙ୍କୁ କ'ଣ ଦାନ କରୁଛନ୍ତି ? ମୁଁ କହିଲି, 'ଠାକୁରଙ୍କୁ ଯାହା ଦିଆଯାଏ, ତାକୁ ଦାନ କୁହାଯିବା ଉଚିତ ନୁହଁ । ଯୋଉଟାକୁ ପ୍ରକୃତରେ ଦାନ କୁହାଯାଇପାରିବ, ସେ କାମ ଖୁବ୍ କମ ଲୋକ କରନ୍ତି ।' ଏତିକିରେ ମୋ ବନ୍ଧୁ କହିଲେ, ଏ କଥା ଭିତରେ ପୁଣି କି ତତ୍ତ୍ୱ ଅଛି, ଖୋଲିକରି କୁହ ।

ବନ୍ଧୁଙ୍କୁ କହିଲି, 'ତୈତ୍ତିରୀୟ ଉପନିଷଦରେ ଦାନ ସମ୍ପର୍କରେ ଶ୍ଳୋକଟିଏ ଅଛି: ଶ୍ରଦ୍ଧୟା ଦେୟମ, ଅଶ୍ରଦ୍ଧୟା ଅଦେୟମ, ଶ୍ରୀୟା ଦେୟମ, ହ୍ରୀୟା ଦେୟମ, ଭୀୟା ଦେୟମ, ସଂବିଦା ଦେୟମ । ଅର୍ଥାତ୍, କାହାକୁ ଦାନ ଦେବାବେଳେ ମନ ଭିତରେ ଶ୍ରଦ୍ଧା ଭାବ ରଖିବା ଉଚିତ, ନିଜର ଅହଂକାର ବା ଧନର ଆଧିକ୍ୟ ଦେଖେଇ ହେବା ଅନୁଚିତ । ଯାହାକୁ ଦାନ କରାଯାଏ, ସେ ତାହା ଆବଶ୍ୟକ କରୁଥିବା ଉଚିତ । କୌଣସି ପ୍ରକାର ଅସୂୟାବୋଧ ରଖି କିମ୍ବା ବାଧ୍ୟବାଧକତାରେ ଦାନ କରାଯିବା ଅନୁଚିତ । ମନରେ ସଂକୋଚ ଭାବ ରଖି ଏମିତି ଭାବରେ ଦାନ କରାଯିବା ଉଚିତ, ଯେମିତି ତାହା ଗ୍ରହଣ କରୁଥିବା ଲୋକ ମନରେ ତା' ନିଜ ପ୍ରତି ନ୍ୟୂନ ଭାବ ସୃଷ୍ଟି ନ ହୁଏ । ନିଜ ସାମର୍ଥ୍ୟ ଅନୁସାରେ ହିଁ ଦାନ କରିବା ଉଚିତ, କେବଳ ସାଙ୍କେତିକ ଭାବେ ନଗଣ୍ୟ ପରିମାଣର ଅର୍ଥ ବା ଦ୍ରବ୍ୟ ଦେଇ ଦାନ କରୁଥିବାର ଅହଂକାର ରଖିବା ଅନୁଚିତ । ନିଜ ଦାନ ବିଷୟରେ ଅନ୍ୟମାନଙ୍କ ପାଖରେ ଦେଖେଇହେବା ଉଚିତ ନୁହଁ । କେବଳ ଦାନ ଗ୍ରହୀତାକୁ ସାହାଯ୍ୟ



କରିବାର ଭାବନା ବ୍ୟତିରେକ ଦାନ ଦ୍ୱାରା ନିଜର କୌଣସି ଗୋପନ ଅଭିଳାଷ ଚରିତାର୍ଥ କରିବାର ଭାବନା ରଖିବା ଉଚିତ ନୁହଁ କିମ୍ବା ଆତ୍ମଶ୍ଳାଘା ଆଣିବା ଉଚିତ ନୁହଁ । ନଚେତ ପୁଣ୍ୟ ବଦଳରେ ବିପରୀତ ଫଳ ଭୋଗିବାକୁ ପଡ଼ିପାରେ ବୋଲି ମନରେ ଭୟ ଭାବ ସହ ଦାନ ଦେବା ଉଚିତ । ପୁଣି, ଯାହାକୁ ଦାନ ଦିଆଯିବ ତା'ର ଆବଶ୍ୟକତା ବିଷୟରେ ସମ୍ୟକ୍ ଧାରଣା ଆଣି ସମ୍ବେଦନଶୀଳ ଭାବରେ ଦାନ ଦିଆଯିବା ଉଚିତ । ଦାନ ଗ୍ରହଣ କରୁଥିବା ଲୋକର ହାତ ନିଜ ହାତଠାରୁ ତଳେ ନ ରହୁ ବୋଲି କର୍ଣ୍ଣ କାଳେ ଦାନ ପଦାର୍ଥକୁ ଦୁଇ ପାପୁଲିରେ ତୋଳି ଧରୁଥିଲେ ଏବଂ ଗ୍ରହୀତା ମନରେ କିଛି ଲଜ୍ଜା ବୋଧ ନ ଆସୁ ବୋଲି କର୍ଣ୍ଣ ନିଜ ମୁହଁ ତଳକୁ କରି ରଖୁଥିଲେ ।

ଏତକ କହିସାରି ବନ୍ଧୁଙ୍କୁ ପଚାରିଲି, 'ଏଥର କୁହ, ତମେ କେତେଜଣ ଦାନୀଙ୍କୁ ଜାଣିଛ ?' ସେ କହିଲେ, ଯୋଉମାନଙ୍କୁ ଆମେ ଦାନୀ ବୋଲି ଭାବୁ ସେମାନେ ତ ଦେଲାବେଳେ ଆଗ ଫଟୋ ଉଠେଇବାକୁ ତତ୍ପର କେବଳ ପ୍ରଚାର ପାଇଁ । ଆମ ଘର ପାଖ ପଟେଲ ବାବୁ କାଲି କହୁଥିଲେ ଯେ, ସେ ତାଙ୍କ ଗାଆଁ ଠାକୁରାଣୀଙ୍କ ନଳକୂଅ ଚାରିପାଖ ଟଙ୍କା ଖର୍ଚ୍ଚ କରି ସିମେଣ୍ଟ ପ୍ଲାଷ୍ଟର କରେଇଦେଇଛନ୍ତି । ଏ କଥା ଉପରେ ତାଙ୍କ ସ୍ତ୍ରୀ କହିଲେ, 'ଏମିତି ଦାନ ଧର୍ମ କଲେ କ'ଣ ଟଙ୍କା ସରିଯାଉଛି ! ବରଂ ପୁଣ୍ୟ ହବ ।' ମୁଁ ଏବେ ବୁଝିପାରୁଛି ଯେ ରିଟାୟାରମେଣ୍ଟ ପରେ ଗାଆଁକୁ ଗଲେ ସେଠି ନେତାଗିରି କରିବେ ବୋଲି ପଟେଲ ବାବୁ ଯୋଉ ପ୍ଲାନ କରିଛନ୍ତି ବୋଲି ଥରେ ତାଙ୍କ ମୁହଁରୁ ବାହାରିପଡିଥିଲା, ଏସବୁ ପ୍ରକୃତରେ ତା'ର ପୂର୍ବ ପ୍ରସ୍ତୁତି ; କୌଣସି ଦାନ କି ସାହାଯ୍ୟ ନୁହଁ । ସତକଥା, ଏଠି ପ୍ରକୃତରେ ଦାନ କରୁଥିବା ଲୋକଙ୍କ ସଂଖ୍ୟା ନଗଣ୍ୟ । ଅନ୍ୟର ତଣ୍ଟି ଚିପି, ଠକି, ଲାଞ୍ଚ ନେଇ ନିଜ ପାପ ଅର୍ଜିତ ଧନରୁ କିଛି ମନ୍ଦିର ହୁଣ୍ଡିରେ ପକେଇ, କିଛି ଅନ୍ୟକୁ ସାହାଯ୍ୟ କରିବାରେ ଲଗେଇ ନିଜ ପାପ ଛଡେଇବାକୁ ଯୋଉମାନେ ଏତେ ଫନ୍ଦି ଫିକର କରୁଛନ୍ତି, ତାଙ୍କୁ ଦାନୀ ବୋଲି ଭାବିବାଟା ସତରେ ଆମର ମୂର୍ଖତା ।

ଆମର ଏତେ ସମୟର ଆଲୋଚନା ଭିତରେ ବନ୍ଧୁଙ୍କ ପତ୍ନୀ ମନ୍ଦିର କାମ ସାରି ଫେରିଆସି ତାଙ୍କ ସ୍ୱାମୀଙ୍କୁ କହିଲେ, ମୁଁ ତମର ସବୁ ପଇସା ଖର୍ଚ୍ଚ କରି ତମକୁ ତଳିତଳାନ୍ତ କରିଦେଲି । ପାଞ୍ଚଟା ଟଙ୍କାର ଦୀପ ଲଗେଇଲି, ହୁଣ୍ଡିରେ ଠାକୁରଙ୍କୁ ପାଞ୍ଚ ଟଙ୍କା ଦାନ କଲି, ଦୁଆର ମୁହଁରେ ବସିଥିବା ସେ ଭିକାରୀଟାକୁ ଟଙ୍କା ପାଞ୍ଚଟା ଦାନ କଲି । ସ୍ତ୍ରୀର ଏମିତିଆ କଥା ଶୁଣି ବନ୍ଧୁ ଲଜ୍ଜାରେ ମୁହଁ ତଳକୁ କରିଦେଲେ । ୟା'ର ଅର୍ଥ ତାଙ୍କ ସ୍ତ୍ରୀ କ'ଣ ବୁଝିଲେ କେଜାଣି, ଚଟ୍ କରି କହିଲେ, ତମେ ଏମିତି ମନ ଦୁଃଖ କରନି ହେ ! ବିଚରା ଗରିବ ଲୋକଟା ସେ । ତାକୁ ଦାନ କଲେ ଧର୍ମ ହବ, ପୁଣ୍ୟ ବଢ଼ିବ । ଝିଅ ମତେ ଆସ୍ତେ କରି କହିଲା 'ପାପା, ଆଣ୍ଟି ବି ତା'ହେଲେ ଜଣେ ଦାନୀ ! ଏତକ ମୋ ବନ୍ଧୁଙ୍କ କାନରେ ପଡ଼ିଯିବାରୁ ସେ ପୂରା କଳାକାଠ ପଡ଼ିଗଲେ । ମୁଁ କିଛି ଉତ୍ତର ନ ଦେଇ ବନ୍ଧୁଙ୍କୁ କେବଳ ହାତ ହଲେଇ ଦେଇ ଫେରିବାକୁ ଉଦ୍ୟତ ହେଲି ।

ଅଧ୍ୟାପକ, ଇଂଲିଶ ବିଭାଗ, ନିଆଳି କଲେଜ, କଟକ
ମୋ:୯୮୬୧୩୪୫୬୫୮

## ଏଇ ଭାରତରେ

ବିପଦରେ ଭାଙ୍ଗି ନ ପଡ଼ି ଜଣେ ଯୋଦ୍ଧା ଭାବେ କ୍ୟାନ୍‌ସରକୁ ପରାସ୍ତ କରିବା ସହ ଅନ୍ୟ ରୋଗୀମାନଙ୍କ ପାଇଁ ଆଶାବାଡ଼ି ପାଲଟିଛନ୍ତି ଦିଲ୍ଲୀର ଦୁର୍ଗା ଗୋପାଲ । ୭୦ ବର୍ଷୀୟା ଦୁର୍ଗା ଦୁଇ ଥର କ୍ୟାନ୍‌ସରରୁ ବଞ୍ଚିବା ପରେ ଅନ୍ୟ କ୍ୟାନ୍‌ସର ପୀଡ଼ିତଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଇ ଦେଉଛନ୍ତି । ବ୍ୟାଙ୍କ କର୍ମଚାରୀ ଭାବେ ଅବସର ନେଇଥିବା ଦୁର୍ଗା ତାଙ୍କ ସ୍ୱାମୀଙ୍କ ଦେହାନ୍ତ ପରେ ୨୦୧୦ରେ ପ୍ରଥମେ ସ୍ତନ କର୍କଟରେ ପୀଡ଼ିତ ହୋଇଥିଲେ ଓ ଚିକିତ୍ସା ଦ୍ୱାରା ସୁସ୍ଥ ହୋଇଥିଲେ । ପୁନଶ୍ଚ ଫୁସ୍‌ଫୁସ୍‌ରେ କ୍ୟାନ୍‌ସର ଚିହ୍ନଟ ହେବା ପରେ ସେ ମଧ୍ୟ ଏହାକୁ ସାମ୍ନାକରି ସୁସ୍ଥ ହୋଇପାରିଥିଲେ । ତା' ପରେ ସେ ଦିଲ୍ଲୀର ଓମେଗା ହସ୍ପିଟାଲରେ ସ୍ୱେଚ୍ଛାକୃତ ଭାବେ ରୋଗୀଙ୍କୁ ୯ମାସ ପର୍ଯ୍ୟନ୍ତ ଆର୍ଥିକ ଓ ଅନ୍ୟାନ୍ୟ ସେବା ଯୋଗାଇଦେବା ପରେ ଏବେ ସିକନ୍ଦରାବାଦର ସୌମ୍ୟା କମ୍ପ୍ରେହେନସିଭ କ୍ୟାନ୍‌ସର ସେଣ୍ଟରରେ କର୍କଟ ପୀଡ଼ିତମାନଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଇ ଦେଉଛନ୍ତି । କ୍ୟାନ୍‌ସର ଚିକିତ୍ସା ଲାଗି ପାଣ୍ଠି ଯୋଗାଡ଼ କରୁଥିବା କିଛି ବିଦେଶୀ ସଂସ୍ଥା ଦ୍ୱାରା ଉତ୍ସାହିତ ହୋଇ ସୌମ୍ୟ ହସ୍ପିଟାଲରେ ରୋଗୀମାନଙ୍କ ପାଇଁ ଅର୍ଥ ଯୋଗାଡ଼ କରିବା ଆରମ୍ଭ କରୁଛନ୍ତି । ସେ ତାଙ୍କ ବନ୍ଧୁବାନ୍ଧବ ଓ ପୂର୍ବତନ ବ୍ୟାଙ୍କ କର୍ମଚାରୀଙ୍କଠାରୁ ୧୬ ଦିନରେ ୨୦ ଲକ୍ଷ ଟଙ୍କାର ପାଣ୍ଠି ଯୋଗାଡ଼ କରି ଏଯାବତ୍ ୫୦ ଜଣ ରୋଗୀଙ୍କୁ ସାହାଯ୍ୟ କରିସାରିଲେଣି ।

## ୨୫ ବର୍ଷ ତଳର ଧରିତ୍ରୀ

୪ ମେ ୧୯୯୭

- ଏକ ସମତୁଲ ସଂଘୀୟ ବଜେଟ ପ୍ରସ୍ତୁତ ପାଇଁ ଆମେରିକା ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ ଓ କଂଗ୍ରେସ ରିପବ୍ଲିକାନ ନେତାଙ୍କ ମଧ୍ୟରେ ବୁଝାମଣା ।
- ସେଣ୍ଟକିଟ୍ସ ଜାଲିଆତି ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ନରସିଂହ ରାଓ, ପୂର୍ବତନ କେନ୍ଦ୍ରମନ୍ତ୍ରୀ କେ.କେ. ତିୱାରୀ, ତାନ୍ତ୍ରିକ ଚନ୍ଦ୍ରସ୍ୱାମୀ ଓ ତାଙ୍କ ସହଯୋଗୀ କେ.ଏନ୍. ଅଗ୍ରୱାଲଙ୍କ ବିରୁଦ୍ଧରେ ସିବିଆଇର ପ୍ରମାଣ ହାସଲ ।
- ହରିଆଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ଜନତା ପାର୍ଟିର ନେତା ଓମ୍‌ପ୍ରକାଶ ଚୌଟାଲାଙ୍କ ଜାମିନ ଆବେଦନ ଖାରଜ ।

## ପାଠକ ଶ୍ରେଷ୍ଠ ବିଚାରକ

### ବେପରୁଆଙ୍କୁ ଅଙ୍କୁଶ ଲାଗୁ

ମହାଶୟ,

ସଡ଼କ ଦୁର୍ଘଟଣାରେ ବେଳେ ବେଳେ ମୂଲ୍ୟବାନ ଜୀବନ ଚାଲିଯାଉଛି । ସେଥିପାଇଁ ଟ୍ରାଫିକ୍ ନିୟମ ପ୍ରଣୟନ କରାଯାଇଛି । ଲୋକଙ୍କ ଜୀବନରକ୍ଷା ପାଇଁ ଏହା ଅଭିପ୍ରେତ ହେତୁ ଏହାକୁ ସଫଳ କରିବାକୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି । ତଥାପି କେତେକ ଗାଡି ଚାଳକ ଜାଣିଶୁଣି ଟ୍ରାଫିକ୍ ନିୟମ ଉଲ୍ଲଂଘନ କରୁଛନ୍ତି । ଦୁଇଚକିଆ ଯାନଚାଳକ ହେଲ୍‌ମେଟ ପିନ୍ଧିବା ଏବଂ ଚାରିଚକିଆ ଗାଡି ଚାଳନା ବେଳେ ସିଟବେଲ୍ଟ ପିନ୍ଧିବା ନିୟମ କରାଯାଇଛି । ମାତ୍ର କେତେକ ଗାଡିଚାଳକ ଏହାକୁ ମାନୁନାହାନ୍ତି । ନିୟମ ଖିଲାପକାରୀଙ୍କଠାରୁ ଜରିମାନା ଆଦାୟ କରାଯାଉଥିଲେ ମଧ୍ୟ ଏହା ସେମାନଙ୍କୁ ନିୟମ ମାନିବାକୁ ପ୍ରଭାବିତ କରୁନାହିଁ । ନିଶା ଖାଇ ଗାଡ଼ିଚାଳନା ନ କରିବାକୁ କଡ଼ାକଡ଼ି ନିୟମ ରହିଛି । ଧରପଗଡ଼ ବେଳେ କେତେକ ନିଶାଗ୍ରସ୍ତ ଗାଡ଼ିଚାଳକ ଧରାପଡ଼ି ଜରିମାନା ଦେଉଛନ୍ତି । ତଥାପି ସତର୍କତା ଅବଲମ୍ବନ କରୁନାହାନ୍ତି । ଜାଣିଶୁଣି ଟ୍ରାଫିକ ନିୟମ ଭାଙ୍ଗି ଗାଡ଼ିଚାଳନା କରୁଥିବା ଲୋକେ କେବଳ ଯେ ନିଜ ପାଇଁ ବିପଦକୁ ଡାକି ଆଣୁଛନ୍ତି, ତାହା ନୁହେଁ ରାସ୍ତାରେ ଯିବା ଆସିବା କରୁଥିବା ଲୋକଙ୍କୁ ମଧ୍ୟ ବିପଦରେ ପକାଉଛନ୍ତି । ନିୟମ ଭାଙ୍ଗିବା କେତେକଙ୍କର ଅଭ୍ୟାସ ହୋଇଗଲାଣି । ସଡ଼କ ଦୁର୍ଘଟଣା ବୃଦ୍ଧି ପାଇଁ ଅମାନିଆମାନେ ହିଁ ଦାୟୀ । ସେମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିହାତି ଦରକାର ।

-ସୁଧାଂଶୁ ମହାପାତ୍ର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତୁ ଯେବେ ଆଗ ଯିବୁ କେସନ ମୁଁ ବଞ୍ଚିବଇଁ
ମରଣୁ ବଳି ପର
ଜୀବନର ଭାର ବହି ।
ମରିବି ଯେବେ ଆଗ କେସନ ମୁଁ ମରିବି ଗୋ
ମରଣୁଁ ବଳି ତା'ର
ଅନ୍ଧକାର ଦଶଦିଗ ।

-(ମରଣ ପାଳି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | | | 7 | | | | 9 |
| | | | | 6 | | | | 2 |
| 7 | | 8 | | | 2 | | | 3 |
| | | 3 | 8 | | | | 2 | |
| | | | | | | 9 | | |
| | 9 | 7 | | 1 | | | | 5 |
| | | | | | | | 8 | 4 |
| | 1 | 9 | | | 3 | | 6 | |
| | | | 7 | | | 5 | | |

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 6 | 7 | 4 | 5 | 2 | 9 | 1 |
| 2 | 4 | 7 | 1 | 8 | 9 | 5 | 6 | 3 |
| 5 | 9 | 1 | 2 | 3 | 6 | 4 | 7 | 8 |
| 3 | 6 | 2 | 5 | 9 | 1 | 7 | 8 | 4 |
| 1 | 8 | 5 | 4 | 6 | 7 | 9 | 3 | 2 |
| 4 | 7 | 9 | 8 | 2 | 3 | 6 | 1 | 5 |
| 9 | 2 | 4 | 3 | 7 | 8 | 1 | 5 | 6 |
| 7 | 5 | 8 | 6 | 1 | 2 | 3 | 4 | 9 |
| 6 | 1 | 3 | 9 | 5 | 4 | 8 | 2 | 7 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଗତକାଲିର ଉତ୍ତର

# ଯୋଧପୁରରେ ସାମ୍ପ୍ରଦାୟିକ ନିଆଁ

**ଜୟପୁର/ଯୋଧପୁର,୩।୫ (ପି.ଟି.)**

ରାଜସ୍ଥାନମୁଖ୍ୟମନ୍ତ୍ରୀଅଶୋକଗେହଲଟ୍‌ଙ୍କ ନିଜ ସହର ଯୋଧପୁରରେ ଇଦ୍ ପାଳନ ପୂର୍ବରୁ ମଙ୍ଗଳବାର ସକାଳେ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି ହୋଇଛି। ସୋମବାର ରାତିରେ ଜାଲୋରି ଗେଟ୍ ଅଞ୍ଚଳରେ ଇସ୍‌ଲାମୀୟ ପତାକା ଲଗାଯିବାକୁ ନେଇ ବିବାଦରୁ ଦୁଇ ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଉଭୟ ପକ୍ଷ ପରସ୍ପର ଉପରକୁ ଢେଲାମାଡ଼ କରିବା ସହ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଭିଆଇଥିଲେ। ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ପୋଲିସକୁ ବଳ ପ୍ରୟୋଗ କରିବାକୁ ପଡ଼ିଥିଲା। ମଙ୍ଗଳବାର ସକାଳେ ପୁଣିଥରେ ଉଭୟ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ହୋଇଥିଲା। ଉଡାଇ ମନ୍ଦିର, ନାଗୋରି ଗେଟ୍, ଖଣ୍ଡା ଫଲ୍‌ସା, ପ୍ରତାପ ନଗର, ଦେବ ନଗଦ, ସୁର୍ ସାଗର ଏବଂ ସର୍ଦ୍ଦାରପୁରା ଥାନା ଅଞ୍ଚଳରେ ବୁଧବାର ମଧ୍ୟରାତ୍ର ପର୍ଯ୍ୟନ୍ତ କର୍ଫ୍ୟୁ ଜାରି କରାଯାଇଛି। ଗୁଜବ ରୋକିବା ଲାଗି ଯୋଧପୁରରେ ଇଣ୍ଟରନେଟ ସେବାକୁ ବନ୍ଦ କରିଦିଆଯାଇଥିବାବେଳେ ପୋଲିସ ସୁରକ୍ଷା ମଧ୍ୟରେ ନମାଜ ପାଠ କରାଯାଇଛି। ମୁଖ୍ୟମନ୍ତ୍ରୀ ଗେହଲଟ ଏଭଳି ଘଟଣାକୁ ଦୁର୍ଭାଗ୍ୟଜନକ ବୋଲି କହିବା ସହିତ ଶାନ୍ତି ଓ ସଦ୍‌ଭାବ ବଜାୟ ରଖିବା ଲାଗି ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ସେ ଏକ ଉଚ୍ଚସ୍ତରୀୟ ବୈଠକରେ ସ୍ଥିତି ସମୀକ୍ଷା କରିବା ସହ ହେଲିକପ୍ଟର ଯୋଗେ ବରିଷ୍ଠ ଅଧିକାରୀମାନଙ୍କୁ ଯୋଧପୁର ପଠାଇଛନ୍ତି।

ଯୋଧପୁରରେ ୩ ଦିନିଆ ପର୍ଶୁରାମ ଜୟନ୍ତୀ ଉତ୍ସବ ପାଳନ



ଯୋଧପୁରର ଜାଲୋରି ଗେଟ୍‌ରେ ବିକ୍ଷୋଭକାରୀଙ୍କୁ ଲାଠିମାଡ଼ କରୁଛି ପୋଲିସ।

- ଇଦ୍ ପାଳନ ବେଳେ ସାମ୍ପ୍ରଦାୟିକ ଉତ୍ତେଜନା
- ଇଣ୍ଟରନେଟ୍ ସେବା ବନ୍ଦ

ହେବାକୁ ଯାଉଥିବାବେଳେ ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଲୋକେ ସୋମବାର ରାତିରେ ପତାକା ଲଗାଇବାକୁ ନେଇ ବଚସାରୁ ସଂଘର୍ଷ ସୃଷ୍ଟି ହୋଇଥିଲା। ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଲାଠିଚାଳନା କରିଥିଲା। ଲୋକଙ୍କ ଢେଲାମାଡ଼ରେ ୫ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ବ୍ୟାପକ ପୋଲିସ ମୁତୟନ ପରେ ଭୋର ସମୟରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ତେବେ ମଙ୍ଗଳବାର ସକାଳେ ଇଦ୍‌ଗାରେ ନମାଜ ପାଠ ଆରମ୍ଭ ପରେ ପୁଣିଥରେ ଉତ୍ତେଜନା ବୃଦ୍ଧି ପାଇଥିଲା। ଜାଲୋରି ଗେଟ୍ ଅଞ୍ଚଳରେ ଥିବା ଦୋକାନ, ଗାଡ଼ି ଓ ଘର ଉପରକୁ ଟେକାମାଡ଼ ହୋଇଥିଲା। ସଂଖ୍ୟାଲଘୁ ସମ୍ପ୍ରଦାୟର ସଦସ୍ୟମାନେ ଇଦ୍ ପତାକା ଲଗାଇବା ସହ ସ୍ୱାଧୀନତା ସଂଗ୍ରାମୀ ବାଲମୁକୁନ୍ଦ ବିସାଙ୍କ ପ୍ରତିମୂର୍ତ୍ତିରେ ପତାକା ଗୁଡ଼ାଇଦେଇଥିଲେ। ପର୍ଶୁରାମ ଜୟନ୍ତୀ ପାଳନ ଲାଗି ସେଠାରେ ଲଗାଯାଇଥିବା ଗୈରିକ ପତାକା ନ ଥିବାରୁ ଏହାକୁ ନେଇ ଦୁଇ ସମ୍ପ୍ରଦାୟର ସଦସ୍ୟଙ୍କ ମଧ୍ୟରେ ବଚସା ହୋଇଥିଲା, ଯାହା ପରେ ଢେଲାମାଡ଼ ଓ ସଂଘର୍ଷର ରୂପ ନେଇଥିଲା।

ଯୋଧପୁରରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତକୁ ନେଇ ବିରୋଧୀ ଦଳ ଭାଜପା ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି। ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ନିକଟରେ ଇଦ୍ ପତାକା ଲଗାଇବାକୁ ନେଇ ଯୋଧପୁର ଭାଜପା ବିଧାୟକ ସୂର୍ଯ୍ୟକାନ୍ତ ବ୍ୟାସ ଆପତ୍ତି ଉଠାଇଛନ୍ତି। ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ଇସ୍‌ଲାମୀୟ ପତାକା ଲଗାଇବା ଅସାମାଜିକ ତତ୍ତ୍ୱଙ୍କ କାର୍ଯ୍ୟ ଏବଂ ଗୈରିକ ପତାକା ହଟାଇଦିଆଯିବା ନିନ୍ଦନୀୟ ଘଟଣା ବୋଲି ଭାଜପା ରାଜ୍ୟ ସଭାପତି ସତୀଶ ପୁନିଆ କହିଛନ୍ତି।

## ଧ୍ୟାନ ହଟାଇବାକୁ ଭାଜପାର ଚକ୍ରାନ୍ତ: ଗେହଲଟ୍



**ନୂଆଦିଲ୍ଲୀ, ୩।୫:** ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ ହୁ ହୁ ହୋଇ ବଢ଼ିଚାଲିଛି। ବେକାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ବିପର୍ଯ୍ୟସ୍ତ ଅର୍ଥନୀତିକୁ ସଳଖାଇବାରେ କେନ୍ଦ୍ର ସରକାର ବିଫଳ ହୋଇଥିବାବେଳେ ଭାଜପା ସେଥିରୁ ଦେଶବାସୀଙ୍କ ଧ୍ୟାନ ହଟାଇବା ପାଇଁ ଉଦ୍ୟମ କରୁଛି। ରାଜସ୍ଥାନର ଯୋଧପୁରରେ ଘଟିଥିବା ସଦ୍ୟ ସାମ୍ପ୍ରଦାୟିକ ହିଂସା ଏହାର ପରିଣାମ ବୋଲି କେନ୍ଦ୍ର ଉପରେ ମଙ୍ଗଳବାର ଦୋଷ ଲଦିଛନ୍ତି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍।

## ସଂକ୍ଷେପରେ

### ଏସ୍‌ୟୁଭି ଧକ୍କାରେ ୮ ମୃତ

**କସ୍‌ଗଞ୍ଜ,୩।୫ (ପି.ଟି.):** ଉତ୍ତରପ୍ରଦେଶର ପଟିୟାଲି ଅଞ୍ଚଳ ଅନ୍ତର୍ଗତ ବୁଦାଉଁ-ମୈନପୁରୀ ଜାତୀୟ ରାଜପଥରେ ଏକ ଏସ୍‌ୟୁଭି ଅନ୍ୟ ଏକ ଟେମ୍ପୋକୁ ଧକ୍କା ଦେବାରୁ ୮ ଜଣଙ୍କ ମୃତ୍ୟୁ ଘଟିବା ସହ ୬ ଜଣ ଆହତ ହୋଇଛନ୍ତି। ଟେମ୍ପୋରେ ଯାତ୍ରୀମାନେ ଏକ ସତ୍‌ସଙ୍ଗରେ ଯୋଗଦେବାକୁ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏସ୍‌ୟୁଭି ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ୬ ଜଣ ଏବଂ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶୋକବ୍ୟକ୍ତ କରିବା ସହ ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

### ‘ହିଂସାର ଶିକାର ହେଉଛନ୍ତି ମୁସଲମାନ’



**ୱାଶିଂଟନ୍, ୩।୫:** ସାରା ବିଶ୍ୱରେ ମୁସଲମାନ ସମ୍ପ୍ରଦାୟର ଲୋକେ ହିଂସାର ଶିକାର ହେଉଛନ୍ତି ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି। ମୁସଲମାନମାନେ ବାସ୍ତବ ଚ୍ୟାଲେଞ୍ଜକୁ ସାମ୍ନା କରିବା ସହ ସମାଜରେ କଷ୍ଟକର ପରିସ୍ଥିତିରେ ପଡ଼ିବା ସତ୍ତ୍ୱେ ପ୍ରତ୍ୟେକ ଦିନ ଆମେରିକାକୁ ଅଧିକ ମଜଭୁତ କରୁଥିବା ବାଇଡେନ୍ ଇଦ-ଉଲ୍-ଫିତର ଅବସରରେ କହିଛନ୍ତି। ଏଥିସହ ବାଇଡେନ ଇଣ୍ଟରନ୍ୟାଶନାଲ ରିଲିଜିୟସ୍ ଫ୍ରିଡମ୍ ପାଇଁ ରାଷ୍ଟ୍ରଦୂତ ଭାବେ ପ୍ରଥମ କରି ଜଣେ ମୁସଲମାନଙ୍କୁ ନିଯୁକ୍ତ କରିଛନ୍ତି।

### ଚାକିରି ନୁହେଁ, ଟୁଇଟର ପାଇଁ ଚିନ୍ତା: ପରାଗ

**ୱାଶିଂଟନ୍, ୩।୫:** ଟେସ୍‌ଲା ମାଲିକ ଏଲନ୍ ମସ୍କ ଟୁଇଟର କିଣିବା ପରେ ଏହି ସାମାଜିକ ଗଣମାଧ୍ୟମର ସିଇଓ ପରାଗ ଅଗ୍ରୱାଲ ପଦରୁ ବିଦା ହୋଇପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି। ଏ ନେଇ ପରାଗଙ୍କ ପ୍ରତିକ୍ରିୟା ଆସିଛି। ସେ କହିଛନ୍ତି, ନିଜ ଚାକିରି ପାଇଁ ନୁହେଁ, ବରଂ ଟୁଇଟରର ଭବିଷ୍ୟତକୁ ନେଇ ଚିନ୍ତିତ। ନିକଟରେ ଜଣେ ୟୁଜର୍ସ ତାଙ୍କ ଚାକିରିକୁ ନେଇ କରିଥିବା ପୋଷ୍ଟ ଉପରେ ପରାଗ ଟୁଇଟ କରିଛନ୍ତି, ଆପଣଙ୍କୁ ଧନ୍ୟବାଦ। ବଡ଼ କଥା ହେଉଛି, ଟୁଇଟରର ବ୍ୟବସ୍ଥାରେ ଉନ୍ନତି ଆଣି ଏହାର ଉତ୍ତୋରୋତ୍ତର ବିକାଶ କରିବା।



### ଭାରତରେ ଏକ୍ସଇ ଭାରିଆଣ୍ଟ

**ନୂଆଦିଲ୍ଲୀ,୩।୫ (ଆଇଏଏନ୍‌ଏସ୍)**

ଭାରତରେ ଏକ୍ସଇ କୋଭିଡ୍ ଭାରିଆଣ୍ଟର ପ୍ରଥମ ମାମଲା ଚିହ୍ନଟ ହୋଇଛି। ଭାରତୀୟ ସାର୍ସ-ସିଓଭି୨ ଜିନୋମିକ୍ସ ସିକ୍ୱେନ୍ସିଂ କନସୋର୍ଟିୟମ (ଆଇଏନ୍‌ଏସ୍‌ଏସିଓଜି) ପକ୍ଷରୁ ପ୍ରକାଶିତ ସଦ୍ୟ ବୁଲେଟିନ୍‌ରେ ଏହା ସ୍ପଷ୍ଟ କରାଯାଇଛି। ଏହା ଉପରେ ଅଧିକ ଅନୁଧ୍ୟାନ କରାଯାଉଛି। ଗତ ୨୫ ତାରିଖରେ ନୂଆ ମାମଲା ଚିହ୍ନଟ ହୋଇଥିଲେ ହେଁ ନିର୍ଦ୍ଦିଷ୍ଟ ସ୍ଥାନ ସମ୍ପର୍କରେ ଉଲ୍ଲେଖ କରାଯାଇ ନାହିଁ। ଗତ ସପ୍ତାହରେ ୧୨ ରାଜ୍ୟରେ କୋଭିଡ୍ ସଂକ୍ରମଣ ବଢୁଥିବାବେଳେ ୧୯ ରାଜ୍ୟରେ ଏହା ହ୍ରାସ ପାଉଥିବା ଦେଖାଯାଇଥିଲା। ପୂର୍ବରୁ ବିଏ.୨ର ଦୁଇଟି ଉପବଂଶଜ ବିଏ.୨.୧୦ ଏବଂ ବିଏ.୨.୧୨ ଚିହ୍ନଟ ହୋଇଥିଲା। ତେବେ ବର୍ତ୍ତମାନ ସୁଦ୍ଧା ଭାରତରେ ଏକ୍ସଇ କ୍ଲଷ୍ଟର ରିପୋର୍ଟ ମିଳି ନ ଥିବା ବୁଲେଟିନ୍‌ରେ କୁହାଯାଇଛି।

### ମଦ ପିଇବା ପାଇଁ ଟ୍ରେନ୍‌କୁ ଘଣ୍ଟାଏ ଅଟକାଇଲେ ଚାଳକ

**ପାଟନା, ୩।୫:** ବିହାରର ହସନପୁରରେ ଜଣେ ଆସିଷ୍ଟାଣ୍ଟ ଲୋକୋପାଇଲଟ (ଏଏଲ୍‌ପି) ମଦ ପିଇବା ପାଇଁ ପାସେଞ୍ଜର ଟ୍ରେନ୍‌କୁ ଘଣ୍ଟାଏ ଅଟକାଇ ରଖିଥିବା ସାମ୍ନାକୁ ଆସିଛି। ସମସ୍ତିପୁରରୁ ସହର୍ଷ ଯାଉଥିବା ଯାତ୍ରୀବାହୀ ଟ୍ରେନ୍ ୧ ଘଣ୍ଟାରୁ ଅଧିକ ସମୟ ହାସନପୁର ରେଳ ଷ୍ଟେଶନ୍‌ରେ ଅଟକିଥିଲା। ସିଗ୍‌ନାଲ ମିଳିବା ପରେ ଟ୍ରେନ୍ ଆଗକୁ ବଢ଼ି ନ ଥିବାବେଳେ ଏଏଲ୍‌ପି କରନବୀର ଯାଦବ ଇଞ୍ଜିନରେ ନ ଥିବା ଦେଖି ଷ୍ଟେଶନ ମାଷ୍ଟର ଯାଞ୍ଚ କରିଥିଲେ। ପରେ କରନବୀରଙ୍କୁ ଷ୍ଟେଶନ ନିକଟ ମାର୍କେଟରେ ନିଶାସକ୍ତ ଅବସ୍ଥାରେ ଦେଖିବାକୁ ମିଳିଥିଲା।

# ନେପାଳ ନାଇଟ୍ କ୍ଲବ୍‌ରେ ରାହୁଲ



- ଭାଇରାଲ ଭିଡିଓକୁ ନେଇ ବିବାଦ
- ସାଙ୍ଗ ବାହାଘରକୁ ଯାଇଥିଲେ: କଂଗ୍ରେସ

**ନୂଆଦିଲ୍ଲୀ,୩।୫ (ପି.ଟି.)**

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କର ଏକ ଭିଡିଓ ମଙ୍ଗଳବାର ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହାକୁ ନେଇ ବିବାଦ ଦେଖାଦେଇଛି। କଂଗ୍ରେସ ନେତା ନେପାଳର ଏକ ନାଇଟ୍ କ୍ଲବ୍‌ରେ ଯୋଗ ଦେଇଥିବା ଭାଜପା ଅଭିଯୋଗ କରିଛି। ଅନ୍ୟ ପକ୍ଷରେ ରାହୁଲ ତାଙ୍କର ଜଣେ ସାମ୍ବାଦିକ ବନ୍ଧୁଙ୍କ ବିବାହ ଉତ୍ସବରେ ଯୋଗଦେବା ଲାଗି ନେପାଳ ଯାଇଥିଲେ ବୋଲି କଂଗ୍ରେସ ସଫେଇ ଦେବା ସହ ଏହା ଅପରାଧ ନୁହେଁ ବୋଲି କହିଛି। ଭାଜପା ସୋସିଆଲ ମିଡିଆ ବିଭାଗ ମୁଖ୍ୟ ଅମିତ୍ ମାଲବ୍ୟ ଏବଂ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ ଉକ୍ତ ଭିଡିଓକୁ ଟୁଇଟ୍ କରିଛନ୍ତି। ୨୦୦୮ରେ ମୁମ୍ବାଇର ଏକ ନାଇଟ୍ କ୍ଲବ୍‌ରେ ଥାଇ ଧରାପଡ଼ିଥିଲେ। ଏବେ ଦଳର ବିପର୍ଯ୍ୟୟ ବେଳେ ଏହାର ନେତା ନାଇଟ କ୍ଲବ ଯାଉଛନ୍ତି। ବାହାରୁ କାହାକୁ ଦଳ ଅଧ୍ୟକ୍ଷ କରିବା ଲାଗି କଂଗ୍ରେସ ମନା କରିବା ପରେ ସେମାନଙ୍କ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଏଭଳି କାର୍ଯ୍ୟରେ ଲିପ୍ତ ରହୁଥିବା ମାଲବ୍ୟ ଟୁଇଟ୍‌ରେ ଲେଖିଛନ୍ତି। ସେହିପରି ଗିରିରାଜ ଏହାକୁ ରଙ୍ଗୀନ କାର୍ଯ୍ୟକ୍ରମ ବୋଲି କହିଛନ୍ତି।

ଏହାର ଜବାବରେ କଂଗ୍ରେସ ମୁଖପାତ୍ର ରଣଦୀପ୍ ସୁର୍ଜେୱାଲା କହିଛନ୍ତି, ରାହୁଲ ବନ୍ଧୁଙ୍କ ନିମନ୍ତ୍ରଣକ୍ରମେ ସେଠାକୁ ବିବାହ ଉତ୍ସବରେ ଯୋଗଦେବାକୁ ଯାଇଥିଲେ। ବନ୍ଧୁ କିମ୍ବା ତାଙ୍କ ପରିବାର ସଦସ୍ୟଙ୍କ ବିବାହ ଉତ୍ସବରେ ଯୋଗଦେବା ଅପରାଧ ନୁହେଁ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭଳି ରାହୁଲ ବିନା ନିମନ୍ତ୍ରଣରେ ଯାଇ ନ ଥିଲେ। ମୋଦି ବିନା ନିମନ୍ତ୍ରଣରେ ପାକିସ୍ତାନ ଯାଇ ତତ୍କାଳୀନ ପ୍ରଧାନମନ୍ତ୍ରୀ ନୱାଜ ସରିଫଙ୍କ ଜନ୍ମଦିନରେ କେକ୍ କାଟିଥିଲେ ବୋଲି ସୁର୍ଜେୱାଲା କହିଛନ୍ତି।

ନାଇଟ୍ କ୍ଲବରେ ରାହୁଲ ଯୋଗଦେବାର ଭିଡିଓକୁ ଭାଜପା ଟୁଇଟ୍ କରିବା ପରେ କଂଗ୍ରେସ ନେତା ବି.ଭି ଶ୍ରୀନିବାସ ରାଜ୍ୟ ସଭା ଏମ୍‌ପି ପ୍ରକାଶ ଜାଭଡେକରଙ୍କ ଏକ ଫଟୋକୁ ଟୁଇଟ୍ କରଛନ୍ତି। ଫଟୋରେ ଜାଭଡେକର ଏକ ପାର୍ଟିରେ ସାମ୍ପେନ୍ ବୋତଲ ଖୋଲୁଥିବା ଦେଖାଯାଇଛି।



ବେଙ୍ଗାଲୁରୁରେ ମଙ୍ଗଳବାର ଇଦ୍-ଉଲ୍-ଫିତର ପାଳନ ଅବସରରେ ପିଲାମାନେ ନମାଜ ପାଠ କରୁଛନ୍ତି।

# ୨ ଆଦିବାସୀଙ୍କୁ ପିଟି ମାରିଦେଲେ

**ଗୋହତ୍ୟା ସନ୍ଦେହ**

**ଭୋପାଳ,୩।୫**

ମଧ୍ୟପ୍ରଦେଶର ସିଓନି ଜିଲାରେ ଗୋହତ୍ୟା ସନ୍ଦେହରେ ଉତ୍ତ୍ୟକ୍ତ ଲୋକେ ଆଦିବାସୀ ସମ୍ପ୍ରଦାୟର ୨ ଜଣଙ୍କୁ ପିଟି ମାରିଦେଇଛନ୍ତି। ସେମାନଙ୍କ ଆକ୍ରମଣରେ ଅନ୍ୟ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ଭିଡ଼ହିଂସାରେ ପ୍ରାୟ ୨୦ ଜଣ ସାମିଲ ଥିଲେ ବୋଲି ପୋଲିସ କହିଛି। ସେମାନେ ସମ୍ପୃକ୍ତ ଆଦିବାସୀଙ୍କ ଘରକୁ ଯାଇ ଗାଈ ହତ୍ୟା ପାଇଁ ସେମାନଙ୍କୁ ଦାୟୀ କରିବା ସହ ମାଡ଼ ମାରିଥିଲେ। ସେମାନଙ୍କୁ ହସ୍ପିଟାଲ ନେବା ବାଟରେ ମୃତ୍ୟୁ ହୋଇଥିଲା। ଭିଡ଼ହିଂସା ପ୍ରତିବାଦରେ ଜବଲପୁର-ନାଗପୁର ଜାତୀୟ ରାଜପଥ ଅବରୋଧ କରାଯିବା ସହ ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି କଂଗ୍ରେସ ବିଧାୟକ ଅର୍ଜୁନ ସିଂ କକୋଡିଆ ଦାବି କରିଛନ୍ତି। ୬ ଜଣଙ୍କ ନାମରେ ହତ୍ୟା ମାମଲା ଦାଏର ହୋଇଥିବା ପୋଲିସ କହିଛି।

# ବିଏସ୍‌ଏଫ୍‌ରେ ଯବାନ ଅଭାବ

**ନୂଆଦିଲ୍ଲୀ, ୩।୫**

୨୦୨୧ରେ ଆମେରିକା ଓ ଚାଇନା ପରେ ଭାରତର ପ୍ରତିରକ୍ଷା ବଜେଟ୍ ବିଶ୍ୱର ତୃତୀୟ ସର୍ବାଧିକ। ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ଚାଇନା ପଟୁ ଆସୁଥିବା ଚ୍ୟାଲେଞ୍ଜର ମୁକାବିଲା ପାଇଁ ଭାରତ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ଆମଦାନୀ ବଢ଼ାଇବା ସହ ସ୍ୱଦେଶୀ ଜ୍ଞାନକୌଶଳରେ ଅସ୍ତ୍ରଶସ୍ତ୍ର ନିର୍ମାଣକୁ ଗୁରୁତ୍ୱ ଦେଉଛି। କିନ୍ତୁ ପାକିସ୍ତାନ ଓ ବାଂଲାଦେଶ ଭଳି ସମ୍ବେଦନଶୀଳ ବର୍ଡରରେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ରେ ଯବାନ ଓ ଅନ୍ୟ ଅଧିକାରୀଙ୍କ ଅଭାବ ଉପୁଜିଛି। ଆବଶ୍ୟକତାଠାରୁ କର୍ତ୍ତବ୍ୟରତ ସୈନ୍ୟ ଓ କର୍ମଚାରୀଙ୍କ ସଂଖ୍ୟା କମ୍ ଥିବାରୁ ଏହି ଅର୍ଦ୍ଧସାମରିକ ବାହିନୀ ପାଇଁ ଚିନ୍ତାର କାରଣ ପାଲଟିଛି। ଏହା ଭିତରେ କାର୍ଯ୍ୟରେ ନିୟୋଜିତ କେହି କର୍ମଚାରୀ ଅସୁସ୍ଥ ହେଲେ ସମ୍ପୂର୍ଣ୍ଣ ୟୁନିଟ୍ ଉପରେ ଚାପ ପଡୁଥିବା ବିଏସ୍‌ଏଫ୍ ପକ୍ଷରୁ ଅଭିଯୋଗ ଆସିଛି। ଜଣେ



- ଅନ୍‌ଫିଟ୍ ବର୍ଗରେ ପ୍ରତି ୟୁନିଟ୍‌ର ୧୦୦
- ୨୦ ହଜାର ପଦ ଖାଲି

ସୀମା ସୁରକ୍ଷା ବଳ ଅଧିକାରୀଙ୍କ କହିବା ମୁତାବକ, ପ୍ରତି ୟୁନିଟ୍‌ରେ ପ୍ରାୟ ୧୦୦ ଅଧିକାରୀ ଲୋ ମେଡିକାଲ କାଟାଗୋରୀ (ଏଲ୍‌ଏମ୍‌ସି)ରେ ଆସୁଛନ୍ତି। ଅର୍ଥାତ୍ ଏହି ବର୍ଗରେ ଥିବା ଯବାନ ତଥା ଅନ୍ୟ କର୍ମଚାରୀ ହାଇ ରିସ୍କ ଏରିଆ କିମ୍ବା ଅତି ବିପଦପୂର୍ଣ୍ଣ ସୀମାନ୍ତରେ ଚ୍ୟାଲେଞ୍ଜିଂ ଅପରେଶନ କରିବା ପାଇଁ ଶାରୀରିକ ଦୃଷ୍ଟିରୁ ସକ୍ଷମ ନୁହନ୍ତି। ପ୍ରତ୍ୟେକ ବିଏସ୍‌ଏଫ୍ ୟୁନିଟ୍‌ରେ ୧,୨୧୦ କର୍ମଚାରୀ ରହିଛନ୍ତି। ବିଏସ୍‌ଏଫ୍‌ରେ ପ୍ରାୟ ୨୦ ହଜାର ପଦବୀ ଖାଲି ପଡ଼ିଥିବା ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

ଚିନ୍ତାଜନକ ତଥ୍ୟ ହେଉଛି, ଅଫିସର ର୍‌ୟାଙ୍କଠାରୁ ତଳସ୍ତରର କର୍ମଚାରୀଙ୍କ ଅଭାବ ସଂଖ୍ୟା ଅଧିକ। ସେମାନେ ସିକ୍ୟୁରିଟି ନେଟ୍‌ର ପ୍ରମୁଖ ଅଙ୍ଗ। ପର୍ଯ୍ୟବେକ୍ଷକ ଭାବେ ପ୍ରଥମ ସ୍ତରରେ ହେଡ୍ କନଷ୍ଟେବଳ ରହିଥାନ୍ତି। ପରେ ଏଏସ୍‌ଆଇ, ଏସ୍‌ଆଇ, ଇନ୍ସପେକ୍ଟର ଏବଂ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁପରଭାଇଜର ଭୂମିକା ନେଇଥାନ୍ତି। କିନ୍ତୁ ଏହି ସ୍ତରରେ ବହୁ ଅଧିକାରୀ ପଦବୀ ଖାଲି ପଡ଼ିଛି। ଏ ସମ୍ପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ବିଏସ୍‌ଏଫ୍ କର୍ତ୍ତୃପକ୍ଷ ଭଲଭାବେ ଅବଗତ ବୋଲି ସମ୍ପୃକ୍ତ ଅଫିସର ଜଣକ କହିଛନ୍ତି। ପ୍ରବେଶ ସ୍ତରରେ କନଷ୍ଟେବଳମାନଙ୍କୁ ପ୍ରଥମ ପ୍ରମୋଶନ ପାଇବା ନିମନ୍ତେ ୨୦ ବର୍ଷରୁ ଅଧିକ ସମୟ ଲାଗିଯାଉଛି। ଏହି ଅସୁବିଧା ବିଏସ୍‌ଏଫ୍‌ର ପ୍ରତ୍ୟେକ ର୍‌ୟାଙ୍କରେ ରହିଛି। ବରିଷ୍ଠ ଅଧିକାରୀମାନେ ପୂର୍ବରୁ ଏକ ‘ଦରବାର୍’ ଡାକି କର୍ମଚାରୀମାନଙ୍କୁ ବ୍ୟକ୍ତିଗତ ଭାବେ ଭେଟୁଥିଲେ। କିନ୍ତୁ କରୋନା ମହାମାରୀ ପରଠାରୁ ତାହା ମଧ୍ୟ ବନ୍ଦ ହୋଇଯାଇଛି। କେବଳ ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟାଳୟ ସ୍ତରରେ ଅନୌପଚାରିକ ଭାବେ ବୈଠକ ବସୁଥିବା ଜଣାପଡ଼ିଛି।

ବିଏସ୍‌ଏଫ୍‌ରେ ୧୯୦ ବାଟାଲିୟନ ରହିଛି। ୫,୫୦୦ ଅଧିକାରୀ ଗ୍ରୁପ୍ ‘ଏ’ରେ ଥିବାବେଳେ ଗ୍ରୁପ୍ ‘ବି’ ଏବଂ ‘ସି’ରେ ପ୍ରାୟ ୨.୫ ଲକ୍ଷ କର୍ମଚାରୀ ରହିଛନ୍ତି। ଏଥିସହ ବିଏସ୍‌ଏଫ୍‌ରେ ସହକର୍ମୀଙ୍କୁ ହତ୍ୟା କରିବା ଭଳି ଘଟଣା ମଧ୍ୟ ଅନେକ ସମୟରେ ଘଟୁଛି। ୨୦୨୧ରେ ଏଭଳି ୨ଟି ମାମଲା ସାମ୍ନାକୁ ଆସିଥିବାବେଳେ ଚଳିତ ବର୍ଷ ଅଦ୍ୟାବଧି ଏପରି ୫ ଘଟଣା ଘଟିସାରିଲାଣି। ପଡ଼ୋଶୀ ପାକିସ୍ତାନ ଓ ଚାଇନା ସଂଲଗ୍ନ ସୀମାରେ ଭାରତୀୟ ଯବାନମାନେ ପ୍ରତିପକ୍ଷଙ୍କ ସହ ମୁହାଁମୁହିଁ ହେଉଥିବାବେଳେ ବିଏସ୍‌ଏଫ୍‌ରେ ଖାଲି ପଡ଼ିଥିବା ପଦବୀ ସଂଖ୍ୟା ସାମରିକ ବଳର ଦୁର୍ବଳତାକୁ ପଦାକୁ ଆଣୁଛି।

# ଡେନ୍‌ମାର୍କରେ ମୋଦି: ନିବେଶ ପାଇଁ ଆହ୍ୱାନ



କୋପେନ୍‌ହାଗେନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଳାକାରଙ୍କ ସହ ଢୋଲ ବଜାଉଛନ୍ତି।

**କୋପେନହାଗେନ, ୩।୫**

ତିନି ଦିନିଆ ୟୁରୋପ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ପ୍ରଥମ ଥର ପାଇଁ ଡେନ୍‌ମାର୍କରେ ପହଞ୍ଚିଛନ୍ତି। ସେ ଡେନ୍‌ମାର୍କ ପ୍ରଧାନମନ୍ତ୍ରୀ ମେଟେ ଫ୍ରେଡେରିକ୍‌ସେନଙ୍କୁ ଭେଟି ଦ୍ୱିପାକ୍ଷିକ ସମ୍ପର୍କ ମଜଭୁତ ସହ ଉଭୟ ଦେଶର ହିତରେ ଏକାଧିକ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ଜର୍ମାନୀରୁ ଡେନ୍‌ମାର୍କରେ ପହଞ୍ଚିବା ପରେ ଫ୍ରେଡେରିକ୍‌ସେନ୍ ତାଙ୍କୁ ବିମାନବନ୍ଦରରେ ସ୍ୱାଗତ କରିଥିଲେ। ଭାରତ-ଡେନ୍‌ମାର୍କ ବିଜ୍‌ନେସ ଫୋରମରେ ପ୍ରଧାନମନ୍ତ୍ରୀ ମୋଦି ଭାରତରେ ନିବେଶ ଆହ୍ୱାନ ଦେଇଥିଲେ। ଯେଉଁମାନେ ଏବେ ଭାରତରେ ନିବେଶ କରୁନାହାନ୍ତି ସେମାନେ ସୁଯୋଗ ହାତଛଡ଼ା କରୁଛନ୍ତି ବୋଲି ମୋଦି କହିଥିଲେ। ସମ୍ପ୍ରତି ଅର୍ଥନୈତିକ ସଂସ୍କାର ଗ୍ରୀନ୍ ଟେକ୍ନୋଲୋଜି, କୋଲ୍ଡ ଚେନ୍, ପରିବହନ ଏବଂ ବନ୍ଦର ପରି ବିଭିନ୍ନ କ୍ଷେତ୍ରରେ ବିନିଯୋଗ ସୁଯୋଗ ସୃଷ୍ଟି କରିଛି ବୋଲି ମୋଦି ଏହି ଫୋରମ୍‌ରେ କହିଥିଲେ। ଡେନ୍‌ମାର୍କ ଗସ୍ତବେଳେ ମୋଦି ରୁଷିଆ-ୟୁକ୍ରେନ୍ ଯୁଦ୍ଧ ପ୍ରସଙ୍ଗ ମଧ୍ୟ ଉଠାଇଥିଲେ। ୟୁକ୍ରେନ୍‌ରେ ତୁରନ୍ତ ଯୁଦ୍ଧବିରତି ସହ କୂଟନୈତିକ ରାସ୍ତାରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ପାଇଁ ଆହ୍ୱାନ ଦେଇଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଉତ୍କଳ ଖବରଦାତା ସଂଘର ରାଜ୍ୟ ଅଧିବେଶନ ଓ ଭୁବନେଶ୍ୱର ଖବରଦାତା ସଂଘର ବାର୍ଷିକ ଉତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ଏଲ୍‌ଆଇସିର ଘରୋଇକରଣ ବିରୋଧରେ ସିପିଆଇ ପକ୍ଷରୁ ବିକ୍ଷୋଭ, ଏଲ୍‌ଆଇସି ଅଫିସ ସମ୍ମୁଖ, ପୂର୍ବାହ୍ନ ୧୦ଟା ୩୦।
- ପ୍ରତିଭା ରାୟ ଫାଉଣ୍ଡେଶନ୍ ଟ୍ରଷ୍ଟ ଓ ଆଦ୍ୟା ପ୍ରକାଶନୀ ପକ୍ଷରୁ ଅକ୍ଷୟ ଚନ୍ଦ୍ର ରାୟ ସ୍ମାରକୀ ଦ୍ୱିତୀୟ 'ଉପନ୍ୟାସ' ପୁରସ୍କାର ପ୍ରଦାନ ଉତ୍ସବ, ସୂଚନା ଭବନ, ଅପରାହ୍ନ ୫ଟା ୩୦।

ବଡ଼ନ୍ଧା

- ଶ୍ରୀଶ୍ରୀ ରାମଚରିତମାନସ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ, ଶଙ୍ଖାମେରୀ, କପାପଦା ସାହି, ରାତି ୯ଟା।

## ସଂକ୍ଷେପରେ

### ୧୨ ଲକ୍ଷ ଟଙ୍କାର ସୁନା ଜବତ, ଦମ୍ପତି ଗିରଫ

**ପୁରୀ ଅଫିସ,୩।୫:** ସୁନା ଅଲଙ୍କାର ଚୋରି ଅଭିଯୋଗରେ ପୁରୀ ସଦର ଥାନା ପୋଲିସ ମାଳତୀପାଟପୁର ବସ୍‌ଷ୍ଟାଣ୍ଡରୁ ଦମ୍ପତିଙ୍କୁ ମଙ୍ଗଳବାର ଗିରଫ କରିଛି। ସେମାନେ ଖୋର୍ଦ୍ଧା ଜିଲା ଅରଗୁଳ ଅଞ୍ଚଳର ରବୀନ୍ଦ୍ରନାଥ ବାରିକ ଏବଂ ତାଙ୍କ ସ୍ତ୍ରୀ। ପୋଲିସ ଏମାନଙ୍କ ନିକଟରୁ ୧୨ ଲକ୍ଷ ଟଙ୍କାର ସୁନା ଜବତ କରିଛି। ଏହାର ଓଜନ ୨୬୧ ଗ୍ରାମ ହେବ। ଏଥିସହ ୪୮ ହଜାର ଟଙ୍କା, ଗୋଟିଏ ମୋବାଇଲ ଫୋନ ଜବତ କରିଛି। ଏ ନେଇ ଥାନାରେ ନଂ. ୧୩୩/୨୨ ରେ ଏକ ମାମଲା ରୁଜୁ ହୋଇଛି। ତେବେ ଏହି ଦମ୍ପତି କେଉଁଠାରୁ ସୁନା ଅଲଙ୍କାର ଆଣିଛନ୍ତି ନା ଚୋରି କରିଛନ୍ତି ସେନେଇ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୁରୀ ସଦର ଏସ୍‌ଡିପିଓ କିଶୋର ଚନ୍ଦ୍ର ମୁଣ୍ଡ ସୂଚନା ଦେଇଛନ୍ତି।

### ପିଲା ଚୋରି ଉଦ୍ୟମରେ ଜଣେ ଗିରଫ

**ବଲାଙ୍ଗୀ,୩।୫(ଡି.ଏନ୍.ଏ.):** ବଲାଙ୍ଗୀ ଥାନା ବଲରାମପୁର ଗ୍ରାମର ଶରତ ନାୟକଙ୍କ ଘରୁ ୩ ବର୍ଷର ଶିଶୁପୁତ୍ରକୁ ଚୋରି କରୁଥିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ସତ୍ୟବାଦୀ ଥାନା ହରିପୁର ଗ୍ରାମର କପିଳ ନାୟକ (୫୦)। ଏନେଇ ପୋଲିସ ୮୨/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ମଙ୍ଗଳବାର ନିମାପଡା କୋର୍ଟକୁ ଚାଲାଣ କରିଛି। ଶରତଙ୍କ ଅଭିଯୋଗ ଅନୁଯାୟୀ, ସୋମବାର ତାଙ୍କ ପରିବାର ଖାଇ ସାରି ବିଳମ୍ବିତ ରାତିରେ ଶୋଇଥିଲେ। ସେହି ସମୟରେ କପିଳ ତାଙ୍କ ଘରେ ପଶି ୩ ବର୍ଷର ଶିଶୁ ପୁତ୍ରକୁ ଚୋରି ଉଦ୍ୟମ କରିବାବେଳେ ଶିଶୁଟି କାନ୍ଦିବାରୁ ପରିବାର ଲୋକେ ଉଠିପଡିଥିଲେ। ପରେ ଅଭିଯୁକ୍ତଙ୍କୁ କାବୁ କରି ବଲାଙ୍ଗୀ ଥାନାରେ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ ଗିରଫ କରିଥିଲା।

### ଆଚାର୍ଯ୍ୟ ହରିହରରେ ହେଲା ୨ୟ ଶେଡ୍

**ଭୁବନେଶ୍ୱର,୩।୫(ବ୍ୟୁରୋ):** କଟକ ଆଚାର୍ଯ୍ୟ ହରିହର କ୍ୟାନସର୍ ହସ୍ପିଟାଲ ଓ ଇନ୍‌ଷ୍ଟିଚ୍ୟୁଟ ବାହାରେ ଖରାରେ ଅପେକ୍ଷା କରୁଥିବା ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ପାଇଁ ମଙ୍ଗଳବାର ଆଉ ଏକ ଶେଡ୍ ପ୍ରସ୍ତୁତ ହୋଇଛି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ହସ୍ପିଟାଲ କର୍ତ୍ତୃପକ୍ଷ ଏହାକୁ ନିର୍ମାଣ କରିଛନ୍ତି। ଆଚାର୍ଯ୍ୟ ହରିହର କ୍ୟାନସର୍ ହସ୍ପିଟାଲ ନିର୍ଦ୍ଦେଶକ ଲଲାଟେନ୍ଦୁ ଷଡଙ୍ଗୀ କହିଛନ୍ତି, ଏବେଠାରୁ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ ବିଶ୍ରାମ ନେଇପାରିବେ। ଯେଉଁମାନେ ହସ୍ପିଟାଲ ବାରଣ୍ଡାରେ ଆଶ୍ରୟ ନେଉଥିଲେ ସେମାନଙ୍କୁ ଏହି ସୁବିଧା ମିଳିପାରିବ। ଏହି ପରିସରରେ ତୃତୀୟ ଶେଡ୍ କାର୍ଯ୍ୟ ଆସନ୍ତା ସପ୍ତାହକ ମଧ୍ୟରେ ଶେଷ ହୋଇଯିବ ବୋଲି ସେ କହିଛନ୍ତି।

# ମହାଗ୍ରାମ୍ କମ୍ପାନୀର ୬.୫୭ କୋଟି ଟଙ୍କା ଫ୍ରିଜ୍

## ଲୋନ୍ ଆପ୍ ଦ୍ୱାରା ଠକେଇ ମାମଲା

- ସାରା ଦେଶରେ ଲମ୍ବିଛି ଚେର, ତଦନ୍ତ କରୁଛି ଇଓଡବ୍ଲ୍ୟୁ
- ଲୋନ ଦେବା ପରେ ଅଧିକ ସୁଧ ଦାବି କରି ବ୍ଲାକ୍‌ମେଲ କରାଯାଉଥିଲା

ଭୁବନେଶ୍ୱର, ୩।୫(ବ୍ୟୁରୋ)

ଗ୍ରାହକଙ୍କୁ ଲୋନ୍ ଆପ୍ ଦ୍ୱାରା ଟଙ୍କା ଦେଇ ପରେ ଅଧିକ ସୁଧ ସହ ଋଣ ଶୁଝିବାକୁ ବାଧ୍ୟକରି ମାନସିକ ନିର୍ଯ୍ୟାତନା ଦିଆଯାଉଥିଲା। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଏବଂ ଗ୍ରାହକଙ୍କ ଅଭିଯୋଗକୁ ଆଧାର କରି କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଉକ୍ତ ଆପ୍ ସଂସ୍ଥା ବିରୋଧରେ ଏକ ମାମଲା (ନଂ. ୦୯/୨୦୨୨) ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଇଓଡବ୍ଲ୍ୟୁ ତଦନ୍ତ ସମୟରେ 'ମହାଗ୍ରାମ୍ ପେମେଣ୍ଟ୍‌ସ ପ୍ରାଇଭେଟ ଲିମିଟେଡ'ର ୪ଟି ଆକାଉଣ୍ଟରୁ ୬ କୋଟି ୫୭ ଲକ୍ଷ ୩୪ ହଜାର ୮୨୯ ଟଙ୍କା ଫ୍ରିଜ୍(ଅଚଳ) କରିଛି। ଦେଶର ବିଭିନ୍ନ ପ୍ରାନ୍ତରେ ଲୋକମାନେ ଏହି କମ୍ପାନୀ ଦ୍ୱାରା ଠକେଇର ଶିକାର ହୋଇଛନ୍ତି। ପୋଲିସଠାରୁ ବର୍ତ୍ତିବା ପାଇଁ ଉକ୍ତ କମ୍ପାନୀ ବିଭିନ୍ନ କୌଶଳ ଆପଣାଉଥିବାରୁ ଇଓଡବ୍ଲ୍ୟୁ ଏହାକୁ ଗୁରୁତ୍ୱର ସହ ତଦନ୍ତ କରୁଛି। ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିବାକୁ ୩ଟି ସ୍ୱତନ୍ତ୍ର ଟିମ୍ ଗଠନ କରିଛି। ଏହି ଟିମ୍ ମହାରାଷ୍ଟ୍ର, ବିହାର, ଉତ୍ତରପ୍ରଦେଶ ଓ ନୂଆଦିଲ୍ଲୀ ଆଦି ରାଜ୍ୟରେ ଆପ୍‌ର ଚେର ଖୋଜିବାକୁ ତଦନ୍ତ ଜାରି ରଖିଛି। ଏଥିସହ ଇଓଡବ୍ଲ୍ୟୁ ତେଲଙ୍ଗାନା ଓ ହାଇଦ୍ରାବାଦ୍ ପୋଲିସର ସହାୟତା ଲୋଡ଼ିଛି। ଅପରପକ୍ଷରେ ଇଓଡବ୍ଲ୍ୟୁ ଟେକ୍ନିକାଲ ଏକ୍ସପର୍ଟ୍ସ, ବ୍ୟାଙ୍କ କର୍ମଚାରୀ ଏବଂ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ମଧ୍ୟ ସହାୟତା ନିଆଯାଇଥିବା ଇଓଡବ୍ଲ୍ୟୁ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି।

ଇଓଡବ୍ଲ୍ୟୁ ସୂଚନା ଅନୁଯାୟୀ, 'ମହାଗ୍ରାମ ପେମେଣ୍ଟ୍‌ସ ପ୍ରାଇଭେଟ ଲିମିଟେଡ୍' ସଂସ୍ଥାର ଗୁଗଲ ପ୍ଲେ-ଷ୍ଟୋରରେ ଜୋଜୋ ଓ କୋକୋ ନାମରେ ୨ଟି ଲୋନ୍ ଆପ୍ ରହିଛି। ଏଥିପାଇଁ ଆପ୍ ସଂସ୍ଥା ପକ୍ଷରୁ ଆର୍‌ବିଆଇରେ ପଞ୍ଜୀକରଣ କରାଯାଇନାହିଁ। ଗ୍ରାହକମାନେ ଲୋନ୍ ପାଇବାକୁ ଏହି ୨ଟି ଆପ୍‌କୁ ଗୁଗଲ ପ୍ଲେ-ଷ୍ଟୋରରୁ ଡାଉନଲୋଡ୍ କରିବାର କିଛି ସମୟ ମଧ୍ୟରେ ଲିଙ୍କ୍ ଏବଂ ୟୁପିଆଇ ଜରିଆରେ ୩ ହଜାରରୁ ୫ ହଜାର ଟଙ୍କା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆସିଯାଏ। ଅପରପକ୍ଷରେ ଏହି ଆପ୍ ଦ୍ୱାରା ଗ୍ରାହକଙ୍କ ମୋବାଇଲର ସମସ୍ତ ଡାଟା ସହ କଣ୍ଟାକ୍ଟ ଲିଷ୍ଟ (ଯୋଗାଯୋଗ ତାଲିକା) ମଧ୍ୟ ସେମାନେ ନେଇଯାଆନ୍ତି। ସଂସ୍ଥାର ଏଜେଣ୍ଟମାନେ ଗୋଟିଏ ସପ୍ତାହ ମଧ୍ୟରେ ଗ୍ରାହକଙ୍କୁ ଅଧିକ ସୁଧ ସହ ଲୋନ ଟଙ୍କା ଫେରାଇବାକୁ ବାଧ୍ୟ କରିଥାନ୍ତି। ଗ୍ରାହକମାନେ ସେମାନଙ୍କ କଥାରେ ରାଜି ନ ହେଲେ କମ୍ପାନୀ ପକ୍ଷରୁ ନିର୍ଯାତନା ଦିଆଯାଏ। ଗ୍ରାହକଙ୍କ ସମ୍ପର୍କୀୟଙ୍କ ନମ୍ବରକୁ ସେମାନଙ୍କ ଅଶ୍ଳୀଳ ଫଟୋ ପଠାଇ ବ୍ଲାକମେଲ୍ କରିଥାନ୍ତି। ଏଥିସହ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ ମଧ୍ୟ କରିଥାନ୍ତି। ତେବେ ସଂସ୍ଥା ଦ୍ୱାରା ନିର୍ଯାତନାର ଶିକାର ହୋଇ ଏକାଧିକ ଗ୍ରାହକ ଆତ୍ମହତ୍ୟା ମଧ୍ୟ କରିଥିବା ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି। ତେବେ ରାଜ୍ୟର ବିଭିନ୍ନ ଜିଲାର ଲୋକେ ଏ ନେଇ ଇଓଡବ୍ଲ୍ୟୁରେ ଅଭିଯୋଗ କରିବା ପରେ ତଦନ୍ତ ଆରମ୍ଭ ହୋଇଛି। ଆଏନ୍ ଲୋନ, ବେଲୁନ ଆପ୍, ଫ୍ଲିପ୍‌କ୍ୟାଶ୍, ଲୋନ୍ ଇଣ୍ଡିଆ, ଲୋନ୍ ଲୋନ୍, ପ୍ଲମ୍ ଟ୍ରି ଭଳି ବେନାମୀ ଆପ୍ ଗୁଗୁଲ ପ୍ଲେ' ଷ୍ଟୋରରେ ରହିଛି। ଏପରି ବେଆଇନ୍ ଲୋନ ଆପ୍‌କୁ ଡାଉନଲୋଡ୍ ନ କରିବାକୁ ଇଓଡବ୍ଲ୍ୟୁ ପକ୍ଷରୁ ପରାମର୍ଶ ଦିଆଯାଇଛି।



ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ନାଟ୍ୟଧାରା ପକ୍ଷରୁ ଆୟୋଜିତ ନାଟକ ମହୋତ୍ସବରେ ମଙ୍ଗଳବାର ସନ୍ଧ୍ୟାରେ ପରିବେଷିତ ନାଟକ 'ଏନ୍ ଏଚ୍-୩୧୬'ର ଏକ ଦୃଶ୍ୟ।

## ନାଟକ 'ଏନ୍ ଏଚ୍-୩୧୬'ରେ ଜୀବନର ବାସ୍ତବତା

ଭୁବନେଶ୍ୱର,୩।୫(ବ୍ୟୁରୋ)

ଜୀବନରେ ସୁଖଦୁଃଖ ଖରାଛାଇ ପରି। ମଣିଷ ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ଅଙ୍ଗେ ନିଭାଇବା ପରେ ମଧ୍ୟ ଖୋଜିଥାଏ କେବଳ ସୁଖ ଆଉ ସୁଖ। ଇଚ୍ଛା କରେ ସବୁ ଆବଶ୍ୟକତା ପୂରଣ କରିବାକୁ। ସବୁ ପରେ ବି ସମ୍ପର୍କର ମୋହ ତାକୁ ବାନ୍ଧି ରଖିଥାଏ ପ୍ରତି କ୍ଷଣରେ। କିନ୍ତୁ ବାସ୍ତବ ଏହା ଯେ, ଆମେ ଯାହା ଭାବୁ କି ଚାହୁଁ ତାହା ସବୁବେଳେ ଘଟି ନ ଥାଏ। ନିୟତିର ନିୟମ ଆଗରେ ସମସ୍ତେ ବନ୍ଧା। ପୁରାଣକୁ ଗଲେ ଶ୍ରୀରାମ ଜନ୍ମ ନିଅନ୍ତୁ କିମ୍ବା ନ ନିଅନ୍ତୁ, ସୀତା ସତୀ ହୁଅନ୍ତୁ କି ଅସତୀ ଏସବୁ ପରେ ବି ସୀତାଙ୍କ ପାଇଁ ବାଲ୍ମୀକିଙ୍କ ଆଶ୍ରମ ସବୁବେଳେ ଖୋଲା। ଜୀବନର ଏଭଳି କାହାଣୀକୁ ନେଇ ମଞ୍ଚସ୍ଥ ହୋଇଛି ନାଟକ 'ଏନ୍ ଏଚ୍-୩୧୬'। ମଙ୍ଗଳବାର ନାଟ୍ୟଧାରା ପକ୍ଷରୁ ଭଞ୍ଜକଳା ମଣ୍ଡପରେ ଆୟୋଜିତ ନାଟକ ମହୋତ୍ସବରେ ଏହି ନାଟକ ଦର୍ଶକଙ୍କୁ ବାସ୍ତବ ଦୁନିଆରେ ପାଦ ଆଗକୁ ବଢାଇବାକୁ ସାହସ ଯୋଗାଇଥିଲା। ଏହି ଅବସରରେ ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ର, ନିର୍ଦ୍ଦେଶକ ମୁକୁନ୍ଦ ଶତପଥୀ, ଅଜିତ ନାଟ୍ୟାନୁଷ୍ଠାନର ମୁଖ୍ୟ ମାୟା ଦାସ, ଓଏନ୍‌ଏସ୍‌ର ଉପସଭାପତି ଜିତେନ୍ଦ୍ର ପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସମ୍ପାଦକ ଶୁଭକାନ୍ତ ପାଢୀ ପରିଚାଳନା କରିଥିଲେ।

## ଆଲୋଚନା ସରିଛି, ଉଚ୍ଛେଦ ହେବ ନାହିଁ ଘର: ମେୟର

**ସିଏମ୍‌ସି ଡେପୁଟି ମେୟରଙ୍କ ଘର ଖାଲି କରିବାକୁ ଇଡ୍‌କୋର ନୋଟିସ ପ୍ରସଙ୍ଗ**

କଟକ ଅଫିସ,୩।୫

କଟକ ମହାନଗର ନିଗମ(ସିଏମ୍‌ସି)ର ବିନା ଅନୁମତିରେ କୌଣସି ବସ୍ତି ଉଚ୍ଛେଦ ହୋଇପାରିବ ନାହିଁ। ଏଥିସହ ଡେପୁଟି ମେୟରଙ୍କ ଘର ଉଚ୍ଛେଦ ହେବ ନାହିଁ ବୋଲି ସିଏମ୍‌ସି ମେୟର ସୁବାସ ସିଂ ମଙ୍ଗଳବାର କହିଛନ୍ତି। ଯଦି ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ଇନ୍‌ଫ୍ରାଷ୍ଟ୍ରକ୍ଚର ଡେଭଲପ୍‌ମେଣ୍ଟ କର୍ପୋରେଶନ (ଇଡ୍‌କୋ) ପକ୍ଷରୁ ଡ୍ରେନ୍ କାମ କରାଯିବ, ତାହେଲେ ଏହାକୁ ବିରୋଧ କରାଯିବ ନାହିଁ। ହେଲେ ସିଏମ୍‌ସି ବିନା ଅନୁମତିରେ ସହରର କୌଣସି ସ୍ଥାନରେ ବସ୍ତି ଉଚ୍ଛେଦ ହୋଇପାରିବ ନାହିଁ। ତେବେ ଡେପୁଟି ମେୟରଙ୍କ ଘରକୁ ବାଦ୍ ଦେଇ କିପରି ଡ୍ରେନ ହୋଇପାରିବ ସେ ନେଇ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ମେୟର କହିଛନ୍ତି। ସେହିପରି ଡେପୁଟି ମେୟର ଦମୟନ୍ତୀ ମାଝି କହିଛନ୍ତି, ଡ୍ରେନେଜ କାର୍ଯ୍ୟ ପାଇଁ ଆବଶ୍ୟକ ଜାଗା ଛାଡ଼ିବାକୁ ଇଡ୍‌କୋ ପକ୍ଷରୁ ନୋଟିସ୍ ଦିଆଯାଇଛି। ଆମେ ସେଥିପାଇଁ ପ୍ରସ୍ତୁତ। ଉକ୍ତ ସ୍ଥାନ ତଳିଆ ଅଞ୍ଚଳ ହୋଇଥିବାରୁ ବର୍ଷା ହେଲେ ପାଣି ଜମିଥାଏ। ତେଣୁ ଡ୍ରେନ୍ ନିର୍ମାଣ ହେଲେ ଆମେ ଉପକୃତ ହେବୁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଜଗତପୁର ଶିଳ୍ପାଞ୍ଚଳରେ ୪୦ବର୍ଷରୁ ଉର୍ଦ୍ଧ୍ୱ ଧରି ରହି ଆସୁଥିବା ୨୦ରୁ ଉର୍ଦ୍ଧ୍ୱ ବସ୍ତି ପରିବାରକୁ ଉଚ୍ଛେଦ କରିବା ଉଦ୍ଦେଶ୍ୟରେ ଇଡ୍‌କୋର କଟକ ଡିଭିଜନ ମୁଖ୍ୟଙ୍କ ପକ୍ଷରୁ ଗତ ୨ଦିନ ତଳେ ଘର ଖାଲି କରିବାକୁ ନୋଟିସ୍ ଦିଆଯାଇଛି। ଯଦି ୧୦ ତାରିଖ ସୁଦ୍ଧା ସମସ୍ତ ବସ୍ତିବାସିନ୍ଦା ଏହି ନିର୍ଦ୍ଦେଶକୁ ପାଳନ ନ କରନ୍ତି, ତେବେ ଇଡ୍‌କୋ ପକ୍ଷରୁ ଉଚ୍ଛେଦ କରାଯାଇ ପାଚେରି ନିର୍ମାଣ କରାଯିବ ବୋଲି ନୋଟିସ୍‌ରେ କୁହାଯାଇଥିଲା। ଏହି ବସ୍ତିବାସିନ୍ଦାଙ୍କ ମଧ୍ୟରେ ଡେପୁଟି ମେୟର ଦମୟନ୍ତୀ ମଧ୍ୟ ରହିଛନ୍ତି। ଅନ୍ୟପକ୍ଷରେ ଜଗତପୁର ଶିଳ୍ପାଞ୍ଚଳ ସିଏମ୍‌ସି ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ ଉଚ୍ଛେଦ ସମ୍ପର୍କରେ ସିଏମ୍‌ସି କର୍ତ୍ତୃପକ୍ଷଙ୍କ ସହ ଇଡ୍‌କୋ ଆଦୌ ଆଲୋଚନା କରି ନ ଥିବା ଜଣାପଡ଼ିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରିତିକ୍



@ ଫାଲ୍‌ଗୁନି



@ ପ୍ରେମାନନ୍ଦ



@ ଜଗଦୀଶ



@ ଅଭିଜିତ୍



@ ଖୁସିଦ୍

# ମଥୁରେନ୍ଦ୍ର ପୃଷ୍ଟିଙ୍କୁ ଶ୍ରୀଜଗନ୍ନାଥ ସମ୍ମାନ

ଭୁବନେଶ୍ୱର,୩।୫(ବ୍ୟୁରୋ)

ଶ୍ରୀଜଗନ୍ନାଥ ସଂସ୍କୃତିର ବାର୍ତ୍ତା ବିଶ୍ୱବାସୀଙ୍କୁ ନୂତନ ଦିଗ୍‌ଦର୍ଶନ ଦେଇପାରିବ। 'ବସୁଧୈବ କୁଟୁମ୍ବକ' ନୀତିରେ ବିଶ୍ୱାସ କରୁଥିବା ସନାତନ ଧର୍ମର ମୂଳଭିତ୍ତି ହିଁ ଶ୍ରୀଜଗନ୍ନାଥ ସଂସ୍କୃତି। ବିଶ୍ୱରେ ଭ୍ରାତୃଭାବ ଆଣି ଶାନ୍ତି ପ୍ରତିଷ୍ଠା ଦିଗରେ ଜଗନ୍ନାଥପ୍ରେମୀ ଅନୁଷ୍ଠାନ ଓ ପ୍ରବକ୍ତାମାନେ ଆଗଭର ହୁଅନ୍ତୁ ବୋଲି ଅକ୍ଷୟ ତୃତୀୟାରେ ମଙ୍ଗଳବାର ଭାରତୀୟ ବିଦ୍ୟାଭବନରେ 'ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ' ପକ୍ଷରୁ ଆୟୋଜିତ ସଭାରେ ମତ ପ୍ରକାଶ ପାଇଛି। ସାହିତ୍ୟିକ ସାତକଡ଼ି ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟବକ୍ତା ଭାବେ ପଦ୍ମଶ୍ରୀ ରଜତ କୁମାର କର ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତିର ବିଶେଷତ୍ୱ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ତାଙ୍କ ଜୀବନରେ ଶ୍ରୀଜଗନ୍ନାଥଙ୍କ କରୁଣା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ମୁଖ୍ୟଅତିଥି ଭାବେ ଡା. ଅଶୋକ କୁମାର ମହାପାତ୍ର ଯୋଗଦେଇ ତାଙ୍କ ଅନୁଭୂତିରୁ ଶ୍ରୀଜଗନ୍ନାଥ ସଂସ୍କୃତିର ବିଶ୍ୱବ୍ୟାପୀ ପ୍ରଚାର ଓ ପ୍ରସାରର ଉଦାହରଣ ଦେଇଥିଲେ। 'ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ' ତରଫରୁ ଚଳିତ ବର୍ଷ ପାଇଁ ଶ୍ରୀଜଗନ୍ନାଥ ସଂସ୍କୃତିର ଗବେଷକ ଡ. ମଥୁରେନ୍ଦ୍ର ପୃଷ୍ଟିଙ୍କୁ ଶ୍ରୀଜଗନ୍ନାଥ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ସଂସ୍କୃତରୁ ଓଡ଼ିଆରେ ଅନୁବାଦ କରିଥିବା ପ୍ରଫେସର ଡ. ଗୋପାଳକୃଷ୍ଣ ଦାଶଙ୍କୁ ଶ୍ରୀବଳଭଦ୍ର ସମ୍ମାନ, ପ୍ରସାର ଭାରତୀର ପ୍ରାକ୍ତନ ଉପମହାନିର୍ଦ୍ଦେଶିକା କଣ୍ଠଶିଳ୍ପୀ ଡ. ସୁଧା ମିଶ୍ରଙ୍କୁ ସୁଭଦ୍ରା ସମ୍ମାନ, ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ବଦ୍ରି ମିଶ୍ରଙ୍କୁ ଶ୍ରୀସୁଦର୍ଶନ ସମ୍ମାନ ପ୍ରଦାନ କରାଯାଇଥିଲା। ଧର୍ମ ସାହିତ୍ୟ ମୁଦ୍ରଣ କ୍ଷେତ୍ରରେ ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଇଭେଟ ଲିମିଟେଡକୁ ନନ୍ଦିଘୋଷ ସମ୍ମାନ ପ୍ରଦାନ କରାଯାଇଥିଲା। ଚଳିତବର୍ଷ ପ୍ରକାଶ ପାଇବାକୁ ଯାଉଥିବା ପୁସ୍ତକ 'ଅପରିସୀମ ଶ୍ରୀଜଗନ୍ନାଥ'ର ପ୍ରଚ୍ଛଦପଟ୍ଟ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ଦ୍ୱାରା ରଚିତ 'ଶ୍ରୀଗୁରୁଭାଗବତ ସୁରଧୂନୀ'ର ସଙ୍ଗୀତ ଆଲବମ୍ ମଧ୍ୟ ଲୋକାର୍ପିତ ହୋଇଥିଲା। ଏହାର କଣ୍ଠଶିଳ୍ପୀ ମୀନାକ୍ଷୀ ରଥ, ଅନ୍ତରା ଚକ୍ରବର୍ତ୍ତୀ, ମାନସୀ ପାତ୍ର ଏବଂ ପ୍ରଯୋଜକ ଶୁଭାନ୍ୱେଷ ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜବୈଦ୍ୟ ପ୍ରଫେସର ଗୋପାଳଚନ୍ଦ୍ର ନନ୍ଦଙ୍କ ଅନୁବାଦ ପୁସ୍ତକ 'ନାମମାଳିକା' ଲୋକାର୍ପିତ ହୋଇଥିଲା।

## ପର୍ଶୁରାମ ଦ୍ୱିବେଦୀଙ୍କ ୮୮ତମ ସ୍ୱନକ୍ଷତ୍ର

**ଭୁବନେଶ୍ୱର,୩।୫(ବ୍ୟୁରୋ):** ପୂଜ୍ୟପୂଜା ସଂସ୍କୃତି ଆନ୍ଦୋଳନ ଏବଂ ପୂର୍ଣ୍ଣାଙ୍ଗ ଉତ୍କଳ ନ୍ୟାସ ପକ୍ଷରୁ ମଙ୍ଗଳବାର ଓଡ଼ିଆ ଭାଷାପ୍ରାଣ ପର୍ଶୁରାମ ଦ୍ୱିବେଦୀଙ୍କ ୮୮ତମ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନ୍ୟାସର ଅଧ୍ୟକ୍ଷ ସୀତାବଲ୍ଲଭ ମହାପାତ୍ର ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ପୂଜ୍ୟ ପ୍ରଣାମ ଟ୍ରଷ୍ଟର ସଭାପତି ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଯୋଗଦେଇ କହିଥିଲେ, ଓଡ଼ିଆ ଭାଷା, ସଂସ୍କୃତି, ସାହିତ୍ୟ ଓ ବିଶେଷଭାବେ ବିଚ୍ଛିନ୍ନାଞ୍ଚଳରେ ଥିବା ଓଡ଼ିଆ ପରିବାରଙ୍କ ପ୍ରତିବଦ୍ଧତା ପ୍ରତି ଓଡ଼ିଆ ଯୁବକମାନେ ସଚେତନ ହେବା ଉଚିତ୍। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଖବରଦାତା ତଥା ଭାଷା ଆନ୍ଦୋଳନର ପ୍ରତିଷ୍ଠାତା ସଭାପତି ପ୍ରଦ୍ୟୁମ୍ନ କୁମାର ଶତପଥୀ ଯୋଗଦେଇ କହିଛନ୍ତି, ଛତିଶଗଡ଼, ଚକ୍ରଧରପୁର ଭଳି ବିଚ୍ଛିନ୍ନାଞ୍ଚଳରେ ଏବେ ବି ଗୋପବନ୍ଧୁଙ୍କ ଦ୍ୱିତୀୟ ଅବତାର ଭାବେ ପର୍ଶୁରାମ ବାବୁଙ୍କୁ ସେମାନେ ଗ୍ରହଣ କରିଥାନ୍ତି। ପର୍ଶୁରାମ କହିଥିଲେ, ଉତ୍କଳ ବାହିନୀର ପ୍ରାଣ ପ୍ରତିଷ୍ଠାତା ଭଗବାନ ରଥଙ୍କଠାରୁ ଆରମ୍ଭ କରି ଚିନ୍ତାମଣି ପାଣିଗ୍ରାହୀଙ୍କ ସ୍ୱପ୍ନର ଅଖଣ୍ଡ ଓଡ଼ିଶା ପାଇଁ ସେ ସଂଗ୍ରାମ ଅବ୍ୟାହତ ରଖିଛନ୍ତି। ବିଚ୍ଛିନ୍ନାଞ୍ଚଳ ଭଉଣୀଭାଇଙ୍କ ମୁହଁରେ ହସ ଫୁଟାଇବା ଏକମାତ୍ର କାର୍ଯ୍ୟ। ପ୍ରାରମ୍ଭରେ କବି ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଓ ନ୍ୟାସର ଯୁଗ୍ମ ସମ୍ପାଦକ ରାମନାରାୟଣ ମିଶ୍ର ଧନ୍ୟବାଦ ଦେଇଥିଲେ।



ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ଦିବସ ଅବସରରେ ମଙ୍ଗଳବାର ଭୁବନେଶ୍ୱର ଜର୍ନାଲିଷ୍ଟ ଆସୋଶିଏସନ ପକ୍ଷରୁ ସୂଚନାଭବନଠାରେ ଆୟୋଜିତ ଫଟୋ ପ୍ରଦର୍ଶନୀକୁ ଜଟଣୀ ବିଧାୟକ ସୁରେଶ ଚନ୍ଦ୍ର ରାଉତରାୟ ବୁଲି ଦେଖୁଛନ୍ତି।




ଭାରତୀୟ ବିଦ୍ୟାଭବନଠାରେ 'ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ' ପକ୍ଷରୁ ଆୟୋଜିତ ଅକ୍ଷୟ ତୃତୀୟା ମହୋତ୍ସବ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।



ଜଟଣୀ ପାତ୍ରପଡାସ୍ଥିତ ଧନୁଯାତ୍ରା ପଡ଼ିଆରେ ପୂର୍ବ ଓଡ଼ିଶା ଧନୁଯାତ୍ରା ଆରମ୍ଭ ଅବସରରେ କଂସ ମହାରାଜାଙ୍କ ନଗର ପରିକ୍ରମା


ଭୁବନେଶ୍ୱର ବିନ୍ଦୁସାଗରରେ ମଙ୍ଗଳବାର ଚନ୍ଦନଯାତ୍ରାର ପ୍ରଥମ ଦିନରେ ପ୍ରଭୁ ଶ୍ରୀଲିଙ୍ଗରାଜ, ମା'ପାର୍ବତୀ, ଦୁର୍ଗା, ପ୍ରଭୁ ଅନନ୍ତ ବାସୁଦେବ ଚାପ ଖେଳୁଛନ୍ତି।


ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ବାହାର ଚନ୍ଦନଯାତ୍ରା ଅବସରରେ ପୁରୀ ନରେନ୍ଦ୍ର ପୁଷ୍କରିଣୀରେ ନନ୍ଦା ଓ ଭଦ୍ରା ଚାପରେ ବସି ମହାପ୍ରଭୁ ଚାପ ଖେଳୁଛନ୍ତି।

# ଚାପ ଖେଳିଲେ ଶ୍ରୀଲିଙ୍ଗରାଜ

**ପୁରୁଣା ଭୁବନେଶ୍ୱର,୩।୫(ଡି.ଏନ୍.ଏ.)**

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ମଙ୍ଗଳବାର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ୨୨ଦିନିଆ ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। ଦୈନିକ ନୀତି ପ୍ରାତଃରୁ ଆଳତି, ଅବକାଶ, ସାହାଣମେଳା ଦର୍ଶନ, ରୋଷହୋମ କରାଯାଇ ମଧ୍ୟାହ୍ନ ୧୨ଟା ରେ ଦର୍ଶନ ବନ୍ଦ କରାଯାଇଥିଲା। ଛାମୁ ପରିଷ୍କାର, ମହାସ୍ନାନ, ବେଶ, ଭୋଗମଣ୍ଡପ ସରିବା ପରେ ଶ୍ରୀଜୀଉଙ୍କ ଯାତ୍ରା ପୂଜା ହୋଇ ବଲ୍ଲଭ ଶେଷ ହୋଇଥିଲା। ଦକ୍ଷିଣ ଘରେ ଶ୍ରୀଲିଙ୍ଗରାଜ, ମା'ପାର୍ବତୀ, ଦୁର୍ଗା, ପ୍ରଭୁ ଅନନ୍ତ ବାସୁଦେବ ଚନ୍ଦନ ଯାତ୍ରାକୁ ବିଜେ ହୋଇ ଆଡ଼କାଠ ନିକଟକୁ ଆସିଥିଲେ। ଶ୍ରୀଜୀଉମାନେ ସୁସଜ୍ଜିତ ପାଲିଙ୍କିରେ ବିଜେ କରିଥିଲେ। ସେବାୟତଙ୍କ ଗହଣରେ ଶ୍ରୀଜୀଉମାନେ ସନ୍ଧ୍ୟା ୭ଟା ୨୦ରେ ଚାପ ଖେଳିବା ପାଇଁ ବିନ୍ଦୁସାଗର ଅଭିମୁଖେ ଯାତ୍ରା କରିଥିଲେ। ବ୍ରହ୍ମାଘାଟରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଚାପଡଙ୍ଗାରେ ଶ୍ରୀଜୀଉମାନେ ସ୍ୱତନ୍ତ୍ର ସିଂହାସନରେ ବିରାଜମାନ କରିଥିଲେ। ପରେ ଶଙ୍କରାନନ୍ଦ ମଠରେ ଶ୍ରୀଜୀଉଙ୍କ ଉଦ୍ଦେଶ୍ୟରେ ଭୋଗ ହୋଇଥିଲା। ସେଠାରୁ ଅଷ୍ଟସମ୍ଭୁଙ୍କ ନାମରେ ଭଉଁରି ଖେଳି ଜଗତିରେ ପହଞ୍ଚିଥିଲେ। ଦ୍ୱିପହର ଧୂପ, ଭୋଗ ସରିବାପରେ ଶ୍ରୀଜୀଉଙ୍କୁ ପାଳିଆ ପୂଜାପଣ୍ଡା ସେବାୟତ ସୁଗନ୍ଧିତ ଜଳରେ ସୁବର୍ଣ୍ଣ କୁଣ୍ଡରେ ସ୍ନାନ, ଚନ୍ଦନ ବେଶ କରାଇ ପାଟବସ୍ତ୍ର ପରିଧାନ କରାଇଥିଲେ। ସନ୍ଧ୍ୟା ଧୂପରେ ଜଗତିରେ ତିଆରି ହୋଇଥିବା ମାଣ୍ଡୁଆ, କାକରା ଭୋଗ କରାଯାଇଥିଲା। ପୁନଃ ଚାପଡଙ୍ଗାରେ ଅଷ୍ଟଚଣ୍ଡୀଙ୍କ ନାମରେ ଭଉଁରୀ ଖେଳି ବିଶ୍ରାମ ଘାଟକୁ ଆସିଥିଲେ। ସେଠାରେ ଭୋଗ ପୂଜା ଓ ଆଳତି ସରିବାପରେ ଶ୍ରୀଜୀଉମାନେ ବିମାନ ପାଲିଙ୍କିରେ ବିରାଜମାନ କରି ତିନିମୁଣ୍ଡିଆ ମନ୍ଦିର ଦେଇ ବାଟରେ ବିଭିନ୍ନ ନିଯୋଗରେ ଭୋଗ ଖାଇ ଗୋଟିପୁଅ ନୃତ୍ୟର ତାଳେ ତାଳେ ସ୍ୱମନ୍ଦିର ଯାତ୍ରା କରିଥିଲେ।

## ସାମିଲ ହେଲେନି କପିଳେଶ୍ୱର ଦେବ

ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରାରେ ୨୦୧୫ ମସିହାରୁ ଅଦ୍ୟାବଧି କପିଳେଶ୍ୱରଦେବ ସାମିଲ ହେଉନାହାନ୍ତି। କପିଳେଶ୍ୱର ମନ୍ଦିରର ଖୁଣ୍ଟିଆ ଓ ମଳିଆ ସେବାୟତଙ୍କ ମଧ୍ୟରେ ଦ୍ୱନ୍ଦ୍ୱନେଇ ୯୦୦ବର୍ଷର ହାଣ୍ଡିଭଙ୍ଗା ଯାତ୍ରା ପରମ୍ପରା ଭଙ୍ଗ ସହ ଚନ୍ଦନ ଯାତ୍ରାରେ କପିଳେଶ୍ୱରଦେବ ଯୋଗ ନ ଦେବା ଭଳି ବ୍ୟତିକ୍ରମ ଦେଖାଦେଇଛି। ସବୁବର୍ଷ ଭଳି ଚଳିତବର୍ଷ ଏହି ସମସ୍ୟାର ସମାଧାନ ପୂର୍ବକ ଉଭୟ ଠାକୁରଙ୍କ ମଧ୍ୟରେ ସମନ୍ୱୟ ଆଣିବା ପାଇଁ ଜିଲା ପ୍ରଶାସନ ଅଣ୍ଟା ଭିଡ଼ିଥିଲା। ଏଥିରେ ବିଫଳ ହେବାରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଫଳରେ ୮ବର୍ଷ ଧରି କପିଳେଶ୍ୱର ମନ୍ଦିରର ମଣିକର୍ଣ୍ଣିକା ପୁଷ୍କରିଣୀରେ ଆରମ୍ଭ କରାଯାଇଥିବା ଚନ୍ଦନ ଯାତ୍ରାକୁ ଚଳିତ ବର୍ଷ ବନ୍ଦ କରାଯାଇଛି।

# ମହାପ୍ରଭୁଙ୍କ ଚନ୍ଦନଯାତ୍ରା ଆରମ୍ଭ

**ପୁରୀ ଅଫିସ,୩।୫**

■ହରିବୋଲ, ହୁଳହୁଳିରେ ବଡ଼ଦାଣ୍ଡ ପ୍ରକମ୍ପିତ

■୨ବର୍ଷ ପରେ ଯାତ୍ରା ଦେଖି ଭାବବିହ୍ୱଳ ହେଲେ ଭକ୍ତ

ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଅନ୍ୟତମ ଯଥା ୨୧ଦିନ ବ୍ୟାପୀ ବାହାର ଚନ୍ଦନ ଯାତ୍ରା ଅକ୍ଷୟତୃତୀୟାଠାରୁ ଆରମ୍ଭ ହୋଇଛି। ରୀତିନୀତି ଅନୁଯାୟୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ସରିବା ପରେ ଆଜ୍ଞାମାଳ ରଥଖଳାକୁ ବିଜେ ହୋଇଥିଲା। ମହାଜନ ସେବକଙ୍କ ହାତରେ ରାମକୃଷ୍ଣ ବିଜେ ହୋଇ ମୁକ୍ତି ମଣ୍ଡପ ନିକଟରେ ଥିବା ପାଲିଙ୍କିରେ ବିଜେ ହୋଇଥିବା ବେଳେ ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ମଣି ବିମାନରେ ବିଜେ ହୋଇଥିଲେ। ପରେ ଘଣ୍ଟ, ଛତା, କାହାଳୀ ଏବଂ ସେବାୟତଙ୍କ ଗ୍ରହଣରେ ବିମାନବଡୁ ସେବକମାନେ ଠାକୁର ଠାକୁରାଣୀମାନଙ୍କୁ ଶ୍ରୀନଅର ସମ୍ମୁଖକୁ ନେଇଥିଲେ। ପାଲିଙ୍କି ଏବଂ ବିମାନ ରାଜ ନହରରେ ପହଞ୍ଚିବା ପରେ ରଥ ନିର୍ମାଣ ଅନୁକୂଳ କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

ରଥ ନିର୍ମାଣ ଅନୁକୂଳ ନୀତି ସମ୍ପନ୍ନ ହେବା ପରେ ଶ୍ରୀ ରାମକୃଷ୍ଣ, ଶ୍ରୀ ମଦନମୋହନ, ଶ୍ରୀଦେବୀ,



ଭୂଦେବୀ ଏବଂ ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବ ଯମେଶ୍ୱର, ଲୋକନାଥ, ମାର୍କଣ୍ଡେଶ୍ୱର, କପାଳମୋଚନ ଏବଂ ନୀଳକଣ୍ଠ ଚନ୍ଦନ ଯାତ୍ରା ଲାଗି ନରେନ୍ଦ୍ର ପୁଷ୍କରିଣୀ ଅଭିମୁଖେ ଶୋଭାଯାତ୍ରାରେ ଯାଇଥିଲେ। ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ପନ୍ତି ଭୋଗ ଖାଇ ଆଗରେ ଚାଲିଥିଲେ ରାମକୃଷ୍ଣ। ରାମକୃଷ୍ଣଙ୍କ ପାଲିଙ୍କି ପଛରେ ଦୋହଲି ଦୋହଲି ମଣି ବିମାନରେ ଯାଉଥିଲେ ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ। ତାଙ୍କ ପଛରେ ଥିଲେ ପଞ୍ଚ ମହାଦେବ। ସମସ୍ତ ଦେବୀଦେବ ନରେନ୍ଦ୍ର ପୁଷ୍କରିଣୀରେ ପହଞ୍ଚିବା ପରେ ଭିତରଚ୍ଛ ମହାପାତ୍ର ଜଳଲାଗି କରିଥିଲେ। ପରେ ଠାକୁରମାନଙ୍କୁ ଚାପରେ ବିଜେ କରାଯାଇଥିଲା। ନନ୍ଦା ଚାପରେ ରାମକୃଷ୍ଣ ଓ ପଞ୍ଚ ମହାଦେବ ବିଜେ ହୋଇଥିଲେ। ଭଦ୍ରା ଚାପରେ ମଦନ ମୋହନ, ଶ୍ରୀଦେବୀ, ଭୂଦେବୀ ବିଜେ କରିଥିଲେ। ଏହାପରେ ଦିନ ଚାପ ହୋଇ ନରେନ୍ଦ୍ର ପୁଷ୍କରିଣୀରେ ଘେରାଏ ବୁଲିବା ପରେ ଚନ୍ଦନ ଘର ନିକଟରେ ଚାପ ଲାଗିଥିଲା। ରାମକୃଷ୍ଣ ଭଦ୍ରାଚାପ ବା ମଦନମୋହନଙ୍କ ଚାପକୁ ବିଜେ ହୋଇଥିଲେ। ପରେ ସେଠାରେ ରାଜ ବନ୍ଦାପନା ଏବଂ ଆଲୋଟ ଚାମର କରାଯାଇଥିଲା। ପରେ ଠାକୁରମାନେ ଜଗତି ଉପରକୁ ବିଜେ କରିଥିଲେ। ପରେ ଠାକୁରମାନେ ଚନ୍ଦନକୁଣ୍ଡ ମଧ୍ୟରେ ପ୍ରବେଶ କରି ଫୁଲରେ ବେଶ କରାଯାଇଥିଲା। ପ୍ରଥମ ଦିବସରେ ମଦନମୋହନଙ୍କୁ ନଟବର ବେଶ କରାଯାଇ ମାଣ୍ଡୁଅ ଭୋଗ କରାଯାଇଥିଲା। ପରେ ବିଡିଆ ମୋଣହି କରାଯାଇଥିଲା। ପରେ ଠାକୁରମାନେ ଜଳକ୍ରୀଡା କରି ଶ୍ରୀମନ୍ଦିରକୁ ବାହୁଡି ଥିଲେ। ତେବେ ଚଳିତବର୍ଷ ମହାପ୍ରଭୁଙ୍କ ଚନ୍ଦନଯାତ୍ରାରେ ଭକ୍ତମାନେ ସାମିଲ ହୋଇଛନ୍ତି। ଭକ୍ତଙ୍କ ହରିବୋଲ, ହୁଳହୁଳିରେ ବଡ଼ଦାଣ୍ଡ ଏବଂ ଚନ୍ଦନ ଚକଡା ପ୍ରକମ୍ପିତ ହୋଇଥିଲା। ମଣି ବିମାନ ଆଗେ ଆଗେ କଳାକରମାନେ ଓଡ଼ିଶୀ ଏବଂ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ। ଜିଲା ତଥା ରାଜ୍ୟର ବିଭିନ୍ନ ଅଞ୍ଚଳରୁ ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଦୁଇବର୍ଷ ପରେ ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ସାମିଲ ହେବା ସହ ସ୍ୱଚକ୍ଷୁରେ ଯାତ୍ରା ଦେଖି ଭକ୍ତମାନେ ଭାବବିହ୍ୱଳ ହୋଇପଡିଥିବା ଦେଖିବାକୁ ମିଳିଥିଲା।

# ଅକ୍ଷୟ ତୃତୀୟାରେ ରଥକାଠ ଅନୁକୂଳ

**ପୁରୀ ଅଫିସ ୩।୫**

ଜୁଲାଇ ୧ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ତେବେ ରଥଯାତ୍ରା ପାଇଁ ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହୋଇଛି। ବୈଶାଖ ଶୁକ୍ଳ ତୃତୀୟା ବା ଅକ୍ଷୟତୃତୀୟା ମଙ୍ଗଳବାର ଅବସରରେ ଶ୍ରୀମନ୍ଦିରରେ ବିଶେଷ ନୀତିମାନ ହୋଇଛି। ଶ୍ରୀମନ୍ଦିର ଦ୍ୱାର ୪.୧୫ ଫିଟାହାଇ ହୋଇ ଭିତରଶୋଧ ୪.୫୦, ମହାପ୍ରଭୁଙ୍କ ମଙ୍ଗଳ ଆଳତି ୫.୦୦ଟା ରେ ବଢି ଅବକାଶ ନୀତି ୬.୨୦ରେ ଶେଷ ହୋଇ ପରବର୍ତ୍ତୀ ନୀତି ଅନୁଷ୍ଠିତ ହୋଇଥିଲା। ସେହିପରି ପୂର୍ବରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ତିନିଖଣ୍ଡ ଧଉରା କାଠକୁ ବିଧି ଅନୁଯାୟୀ ଧୁଆଯାଇ ରଖାଯାଇଥିଲା। ପରେ ବ୍ରାହ୍ମଣମାନଙ୍କ ଦ୍ୱାରା ରଥଖଳାରେ ବନଯାଗ ପଦ୍ଧତିରେ ରଥକାଠ ନୀତି ଅନୁକୂଳ କରିଥିଲେ। ଶ୍ରୀମନ୍ଦିରରୁ ବୈଷ୍ଣବାଗ୍ନୀ ଆଣି ହୋମରେ ଅଗ୍ନି ସ୍ଥାପନା କରାଯାଇଥିଲା। ନୃସିଂହ ମନ୍ତ୍ରରେ ଆହୁତି ଦିଆଯାଇଥିଲା। ଏହାପରେ ମା' ଦକ୍ଷିଣକାଳୀଙ୍କ ମନ୍ତ୍ରରେ ନୂତନ ଭାବେ ଅଣାଯାଇଥିବା ତିନୋଟି କୁରାଢିକୁ ଅଭିମନ୍ତ୍ରିତ କରି ପୂଜା କରାଯାଇଥିଲା। ଶ୍ରୀମନ୍ଦିରରୁ ପୂଜାପଣ୍ଡା ୩ଜଣ ଆଜ୍ଞା ମାଳ ଧରିଥିବା ବେଳେ ରଥ ନିର୍ମାଣକାରୀ ବିଶ୍ୱକର୍ମା ମହାରଣା, ରୂପକାର, ଓଝା ଏବଂ


ରଥଖଳାରେ ତିନି ରଥର ମୁଖ୍ୟ ମହାରଣାମାନଙ୍କ ଦ୍ୱାରା ଅନୁକୂଳ ନୀତି ସମ୍ପନ୍ନ କରାଯାଉଛି।

ଭୋଇ ସେବକମାନଙ୍କ ଶାଢିବନ୍ଧା ନୀତି ପାଢଯୋଶୀ ମହାପାତ୍ରଙ୍କ ଉପସ୍ଥିତିରେ ଦେଉଳ କାରଣ ସମାପନ କରିଥିଲେ। ଏହାପରେ ରଥତ୍ରୟ ନିର୍ମାଣ ଶୁଭାନୁକୂଳ ନିମନ୍ତେ ପୂଜା ପାଇଁ ରଖାଯାଇଥିବା ତିନିଗୋଟି ଧଉରା କାଠରେ ଆଜ୍ଞାମାଳ ଲାଗିହୋଇଥିଲା। ପରେ ତିନି ରଥର ମୁଖ୍ୟ ମହାରଣାମାନଙ୍କ ଦ୍ୱାରା ଅନୁକୂଳନୀତି ସମ୍ପନ୍ନ ହୋଇଥିଲା । ଏହି ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ, ଜିଲାପାଳ ତଥା ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ସମର୍ଥ ବର୍ମା, ଆରକ୍ଷୀ ଅଧୀକ୍ଷକ ଡ.କନୱର ବିଶାଲ ସିଂ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା , ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ ଏବଂ ଜିଲା ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ଅନୁକୂଳ କାର୍ଯ୍ୟ ସମ୍ପନ୍ନ ହେବା ପରେ ଠାକୁର, ଠାକୁରାଣୀମାନେ ଚାପ ନିମନ୍ତେ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ନରେନ୍ଦ୍ର ପୁଷ୍କରିଣୀ ଚନ୍ଦନ ଚକଡ଼ା ଅଭିମୁଖେ ବିଜେ କରିଥିଲେ। ତେବେ ଗୁରୁବାରଠାରୁ ରାଜ ନହରସ୍ଥିତ ଅସ୍ଥାୟୀ ରଥଖଳାରେ ରଥକାର୍ଯ୍ୟ ଆରମ୍ଭ ହେବ।

## ୨୪ ଘଣ୍ଟା ବିତିଲା: ଦୁର୍ବୃତ୍ତଙ୍କ ଟେର୍ ପାଉନି ପୋଲିସ

### ସୁନା ଦୋକାନୀଙ୍କୁ ଗୁଳି ଘଟଣା

**ଭୁବନେଶ୍ୱର,୩।୫(ବ୍ୟୁରୋ)**

ଭୁବନେଶ୍ୱର ସାମନ୍ତରାପୁର ଛକରେ ଥିବା ଦେବୀଦୁର୍ଗା ଜୁଏଲର୍ସର ମାଲିକ ଓ ତାଙ୍କ କର୍ମଚାରୀଙ୍କୁ ଗୁଳିମାଡ଼ ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ଦୁର୍ବୃତ୍ତଙ୍କ ଟେର୍ ପାଇପାରିନି ପୋଲିସ। କମିଶନରେଟ ପୋଲିସର ପାଟ୍ରୋଲିଂ ସତ୍ତ୍ୱେ ଦୁର୍ବୃତ୍ତମାନେ ରାତିରେ ଜଣକ ପରେ ଜଣେ ସୁନାଦୋକାନୀଙ୍କୁ ଟାର୍ଗେଟ କରି ଲୁଟୁଛନ୍ତି। ସୂଚନାନୁଯାୟୀ, ସୋମବାର ରାତି ପ୍ରାୟ ସାଢ଼େ ୧୦ଟାରେ ଦେବୀଦୁର୍ଗା ଜୁଏଲର୍ସ ଦୋକାନରେ କୌଣସି ଗ୍ରାହକ ନ ଥିଲେ। ଦୋକାନ ମାଲିକ ପ୍ରଶାନ୍ତ ସାହୁ ଦୋକାନ ବନ୍ଦ କରିବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ହଠାତ ୩ଜଣ ଦୁର୍ବୃତ୍ତ ଏକ ପଲ୍‌ସର ଗାଡ଼ିରେ ଆସି ଦୋକାନ ଭିତରେ ପଶି ସୁନା ଅଳଙ୍କାର ଲୁଟିବାକୁ ଚେଷ୍ଟା କରିଥିଲେ। ପ୍ରଶାନ୍ତ ଓ ତାଙ୍କ କର୍ମଚାରୀ ରାଜେନ୍ଦ୍ର ସାହୁ ସେମାନଙ୍କୁ ବିରୋଧ କରିବାରୁ ଦୁର୍ବୃତ୍ତମାନେ ଗୁଳି ଚଳାଇଥିଲେ। ପ୍ରଶାନ୍ତ ଓ ରାଜେନ୍ଦ୍ରଙ୍କ ଗୋଡ଼ରେ ଗୁଳି ବାଜିଥିଲା। ଗୁଳି ଶବ୍ଦ ଓ ଚିତ୍କାର ଶୁଣି ଆଖପାଖରେ ଥିବା ଅନ୍ୟ ଦୋକାନୀଙ୍କ ସମେତ ସ୍ଥାନୀୟ ଲୋକେ ପହଞ୍ଚିଯିବାରୁ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

# ଅଦ୍ୱୈତବାଦ ଅହିଂସା ଓ ଶାନ୍ତିର ପ୍ରତୀକ


ଶତବାର୍ଷିକ ମହୋତ୍ସବରେ ଉପସ୍ଥିତ ରାଜ୍ୟପାଳ ପ୍ରଫେସର ଗଣେଷୀ ଲାଲ ଓ ଅନ୍ୟମାନେ।

**ପୁରୀ ଅଫିସ,୩।୫**

### ଅଦ୍ୱୈତ ବ୍ରହ୍ମ ଆଶ୍ରମର ଶତବାର୍ଷିକ ମହୋତ୍ସବ

ପୁରୀର ଗିନାଗିବନ୍ତସ୍ଥିତ ଅଦ୍ୱୈତ ବ୍ରହ୍ମ ଆଶ୍ରମର ଶତବାର୍ଷିକ ସମାରୋହ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ କହିଥିଲେ, ଅଦ୍ୱୈତବାଦ କ୍ଷେତ୍ରରେ ଭାରତ ବିଶ୍ୱକୁ ମହାନ୍ ଶିକ୍ଷା ପ୍ରଦାନ କରେ। ଅଦ୍ୱୈତବାଦକୁ ପାଥେୟ କରି ଅହିଂସା, ଶାନ୍ତି, ମୈତ୍ରୀ ଓ ପ୍ରୀତିର ବାର୍ତ୍ତା ପ୍ରେରଣ କରିବା ଦରକାର। ଅନେକ ମହାନ ସନ୍ଥ ଓ ପରିବ୍ରାଜକମାନଙ୍କୁ ଏହି ଦେବଭୂମି ସଦାସର୍ବଦା ଆକର୍ଷିତ କରିଛି। ଏହି କ୍ଷେତ୍ରରେ ସ୍ୱାମୀ ଦିଗମ୍ବର ପରମହଂସ ନଙ୍ଗବାବା ତୋତାପୁରୀଙ୍କ ଅବଦାନ ଅତୁଳନୀୟ ବୋଲି ରାଜ୍ୟପାଳ କହିଛନ୍ତି। ଶତବାର୍ଷିକ ସମାରୋହରେ ତିରୁପତି ବିଶ୍ୱବିଦ୍ୟାଳୟ ଓ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତିମାନେ ଉପସ୍ଥିତ ରହି ସ୍ୱାମୀ ଦିଗମ୍ବର ପରମହଂସଙ୍କ ଭାରତୀୟ ପରମ୍ପରା କ୍ଷେତ୍ରକୁ ଥିବା ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ କହିଥିଲେ, ଶ୍ରୀକ୍ଷେତ୍ର ଅନେକ ଆଧ୍ୟାତ୍ମିକ ଗୁରୁ ଓ ମହାନ ପୁରୁଷଙ୍କୁ ସ୍ଥାନ ଦେଇଛି। ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଜଗନ୍ନାଥଙ୍କ ଉପସ୍ଥିତିର ଆଧ୍ୟାତ୍ମିକତାର ଫଳସ୍ୱରୂପ ଏଭଳି ହେଉଛି। ପରେ ରାଜ୍ୟପାଳ ଲାଲ ଆଶ୍ରମ ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଶ୍ରମର କର୍ମଚାରୀ ଓ ସାଧୁସନ୍ଥଙ୍କୁ ସମ୍ମାନିତ କରାଯାଇଥିଲା। ଆଶ୍ରମର ମୁଖ୍ୟ ପୃଷ୍ଠପୋଷକ କିଶନ ଲାଲ, ସଭାପତି ରାଜକିଶୋର ଦାସ, ସାଧାରଣ ସମ୍ପାଦକ ଗଣେଶ ପ୍ରସାଦ ମହାନ୍ତି, ପ୍ରଫେସର ହରିଶଚନ୍ଦ୍ର ସାହୁ, ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଓ ସର୍ବାଣୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।


ପବିତ୍ର ଇଦ୍ ଅବସରରେ ମଙ୍ଗଳବାର କଟକ ସତୀଚଉରାସ୍ଥିତ ଇଦ୍‌ଗା ପଡ଼ିଆରେ ମୁସ୍‌ଲିମ୍ ସମ୍ପ୍ରଦାୟର ଲୋକମାନେ ସମୂହ ନମାଜ ପାଠ କରୁଛନ୍ତି।


ଖୋର୍ଦ୍ଧା କେରଙ୍ଗଠାରେ ସମୂହ ନମାଜ ପାଠ କରାଯାଉଛି।


ଭୁବନେଶ୍ୱର ୟୁନିଟ୍-୪ସ୍ଥିତ ମସ୍‌ଜିଦ୍‌ରେ ସାମୂହିକ ନମାଜ ପାଠ।

## ପୋଖରୀରେ ବୁଡ଼ି ୨ ନାବାଳକ ମୃତ

ଗୋପାଳପୁର,(ଡି.ଏନ୍.ଏ.): ଗଞ୍ଜାମ ଜିଲା ଗୋପାଳପୁର ଥାନା ମାଣ୍ଡିଆପଲ୍ଲୀ ପଥରା ପୋଖରୀରେ ବୁଡ଼ିଯାଇ ଦୁଇ ନାବାଳକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଗୋପାଳପୁର ଥମସନ ସାହିର ବି.ଅନୀଲ (୧୧) ଓ ବି.ପ୍ରେମ (୧୨)। ମଙ୍ଗଳବାରଠାରୁ ମାଣ୍ଡିଆପଲ୍ଲୀରେ ନାମ ସଙ୍କୀର୍ତ୍ତନ ଆରମ୍ଭ ହୋଇଥିବାରୁ ଗୋପାଳପୁର ସଙ୍କୀର୍ତ୍ତନ ଦଳ ସେଠାକୁ ଯାଇଥିଲେ। ସଙ୍କୀର୍ତ୍ତନ ଦଳ ଅପରାହ୍ଣରେ ଖାଇ ସାରିବା ପରେ ସନ୍ଧ୍ୟାରେ ୫ ଜଣ ସାଙ୍ଗ ହୋଇ ପଥରା ପୋଖରୀକୁ ଗାଧୋଇ ଯାଇଥିଲେ। ଅସାବଧାନତାରୁ ଅନୀଲ ଓ ପ୍ରେମ ବୁଡ଼ି ଯାଇଥିଲେ। ସାଙ୍ଗରେ ଥିବା ଅନ୍ୟ ୩ ଜଣ ପାଟି କରି ଲୋକଙ୍କୁ ଡାକିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲ ନେଇଥିଲେ। ସେଠାରେ ଅନୀଲ ଓ ପ୍ରେମଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ପିଏଫ୍ଏ ସେକ୍ରେଟାରି ଜୀବନବଲ୍ଲଭ ଦାସ କଳା ତାଲିକାଭୁକ୍ତ

ଭୁବନେଶ୍ୱର, ୩।୫(ବ୍ୟୁରୋ): ରାଜ୍ୟ ସରକାର ପିପୁଲ୍ ଫର୍ ଆନିମଲ୍ସ (ପିଏଫ୍ଏ) ଭୁବନେଶ୍ୱରର ସେକ୍ରେଟାରି ଜୀବନ ବଲ୍ଲଭ ଦାସଙ୍କୁ କଳା ତାଲିକାଭୁକ୍ତ କରିଛନ୍ତି। ଏ ନେଇ ରାଜ୍ୟ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ତଥା ଷ୍ଟେଟ୍ ଆନିମଲ ୱେଲଫେୟାର ବୋର୍ଡର ମେମ୍ବର ସେକ୍ରେଟାରି ଡ. ୟେଦୁଲା ବିଜୟ ସମସ୍ତ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ଜୀବନ ବଲ୍ଲଭଙ୍କୁ କୌଣସି ପ୍ରାଣୀ ମଙ୍ଗଳ କାର୍ଯ୍ୟକ୍ରମରେ ସାମିଲ ନ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଚିଠିରେ ଉଲ୍ଲେଖ ରହିଛି ଯେ, ୨୦୦୭ ମସିହାରେ ଜୀବନ ବଲ୍ଲଭ ସରକାରୀ ଅର୍ଥ ତୋଷରପାତ କରିଥିଲେ। ତେବେ ଜାଣିଶୁଣି କୁକୁର ବନ୍ଧ୍ୟାକରଣ କାମ ନ କରି ସରକାରୀ ଟଙ୍କା ହଡ଼ପ କରିବା ପାଇଁ ତତ୍କାଳୀନ ସିଟି ହେଲ୍‌ଥ ଅଫିସରଙ୍କ ଦସ୍ତଖତକୁ ମଧ ଜାଲ କରିଥିଲେ। ଏନେଇ ସେତେବେଳେ ବରଗଡ଼ ଓ ଖାରବେଳ ନଗର ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା, ଯାହାର ଏଯାବତ ତଦନ୍ତ ଜାରି ରହିଛି। ଏହି କାରଣରୁ ଜୀବନବଲ୍ଲଭଙ୍କୁ ସରକାରଙ୍କ କୌଣସି ପ୍ରାଣୀ ମଙ୍ଗଳ କାର୍ଯ୍ୟକ୍ରମରେ ସାମିଲ ନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

### ବିଦ୍ୟୁତ୍ ଆଘାତରେ ୨ ମୃତ

ଭଞ୍ଜନଗର/ଆସିକା,୩।୫(ଡି.ଏନ.ଏ.): ଗଞ୍ଜାମ ଜିଲାର ଭଞ୍ଜନଗର ଓ ଆସିକା ଥାନା ଅଞ୍ଚଳରେ ମଙ୍ଗଳବାର ବିଦ୍ୟୁତ୍ ଆଘାତରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଭଞ୍ଜନଗର ଥାନା ତୁଡୁଆରେ ବିଦ୍ୟୁତ୍ ଖୁଣ୍ଟ ସଂସ୍ପର୍ଶରେ ଆସି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ତାମ୍ପିରି ଗ୍ରାମର ରାଣୀ ନାଇକ (୧୪)। ରାଣୀ ଦୁଇ ଦିନ ପୂର୍ବେ ତୁଡୁଆ ଗ୍ରାମକୁ ମାମୁ ଭାବଗ୍ରାହୀ ନାଇକଙ୍କ ଘରକୁ ଆସିଥିଲେ। ପୂର୍ବାହ୍ନରେ ସେ ମାମୁଘର ଦାଣ୍ଡରେ ଥିବା ବିଦ୍ୟୁତ ଖୁଣ୍ଟ ସଂସ୍ପର୍ଶରେ ଆସି ଯାଇଥିଲେ। ଉକ୍ତ ଖୁଣ୍ଟରେ କୌଣସି ପ୍ରକାରେ ବିଦ୍ୟୁତ୍ ଚାର୍ଜ ହୋଇଯାଇଥିବାରୁ ରାଣୀ ଗୁରୁତର ହୋଇ ପଡିଥିଲେ। ତାଙ୍କୁ ତୁରନ୍ତ ଭଞ୍ଜନଗର ହସ୍ପିଟାଲକୁ ନିଆଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ବିଦ୍ୟୁତ ବିଭାଗର ଅବହେଳା ଯୋଗୁ ରାଣୀଙ୍କ ମତ୍ୟୁ ଘଟିଥିବା ଅଭିଯୋଗ ହେଉଛି। ତାଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି ହୋଇଛି। ସେହିପରି ଆସିକା ଥାନା ପାଣ୍ଡିଆପଥର ପଞ୍ଚାୟତ ସୁନାପଲ୍ଲୀ ଗ୍ରାମରେ ବିଦ୍ୟୁତ ଆଘାତରେ ଲଣ୍ଡା ବେହେରା ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଲଣ୍ଡା ଗାଁରେ ଚାଲିଥିବା ଏକ ଭୋଜିରେ ଯୋଗଦେଇ ନିଜ ପାନ ଦୋକାନକୁ ଆସିଥିଲେ। ଦୋକାନରେ ଫ୍ୟାନ ଲଗାଇବା ବେଳେ ଅସାବଧାନତାରୁ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କୁ ଆସିକା ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଲଣ୍ଡାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହକୁ ଜବତ କରି ଆସିକା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ପରିବାରକୁ ହସ୍ତାନ୍ତର କରିଛି। ଥାନାରେ ନଂ.୧୧/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଶିଶୁ ଶ୍ରମିକଙ୍କ ଅନୁଦାନ ଉଭାନ

## ଅସହାୟଙ୍କ ଶିକ୍ଷା, ପ୍ରତିପୋଷଣ ଅର୍ଥ ହଡ଼ପ ଅଭିଯୋଗ

**ପରିବାରର ସାହାରା ନ ପାଇ କିମ୍ବା ପରିବାରର ମୁହଁରେ ଆହାର ଦେବା ପାଇଁ କୋମଳ ବୟସରେ ଶ୍ରମିକ ସାଜିଥିବା ପିଲାମାନଙ୍କୁ ଚିହ୍ନଟ କରି ସେମାନଙ୍କ ଶିକ୍ଷା, ଖାଦ୍ୟ, ସ୍ୱାସ୍ଥ୍ୟସେବା ଭଳି ଜରୁରୀ ଆବଶ୍ୟକତା ପୂରଣ ନିମନ୍ତେ ସରକାରୀ ସ୍ତରରେ ବ୍ୟବସ୍ଥା ରହିଛି। ଏଥିପାଇଁ ବିପୁଳ ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ଅନୁଦାନ ଅର୍ଥ ହଡ଼ପ ଯୋଗୁ ଶିଶୁ ଶ୍ରମିକମାନେ ଉପକୃତ ହୋଇପାରୁ ନାହାନ୍ତି। ଏନେଇ ଏକ ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି।**

ଯାଜପୁର ଅଫିସ,୩।୫

ଶିଶୁ ଶ୍ରମିକମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ପାଇଁ ୨୦୦୭ରୁ ନ୍ୟାଶନାଲ ଚାଇଲ୍ଡ ଲେବର ସ୍କୁଲ ନାମକ ସ୍ୱତନ୍ତ୍ର ବିଦ୍ୟାଳୟ ଖୋଲାଯାଇଥିଲା, ଯାହା ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ହେଉଥିଲା। ବିଭିନ୍ନ କାମ ଧନ୍ଦା ବନ୍ଦ କରି ଉକ୍ତ ସ୍କୁଲରେ ପାଠ ପଢୁଥିବା ଶିଶୁ ଶ୍ରମିକମାନଙ୍କୁ ମାସିକ ଭତ୍ତା, ପୁଷ୍ଟିକର ଖାଦ୍ୟ, ପୋଷାକ, ପାଠ୍ୟ ପୁସ୍ତକ ଯୋଗାଇ ଦେବାପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନୁଦାନ ବ୍ୟବସ୍ଥା ହୋଇଥିଲା। କିନ୍ତୁ ଅନୁଦାନ ମିଳିବାରେ ଅନିୟମିତତା ଦେଖାଦେବାରୁ ଏହି ସ୍ୱତନ୍ତ୍ର ବିଦ୍ୟାଳୟଗୁଡ଼ିକ କେତେଥର ବନ୍ଦ ହୋଇ ଖୋଲିଥିଲା। ତେବେ ୨୦୧୫ରୁ ପର୍ଯ୍ୟାୟକ୍ରମେ ରାଜ୍ୟରେ ଏହି ସ୍ୱତନ୍ତ୍ର ସ୍କୁଲଗୁଡ଼ିକ ବନ୍ଦ ହୋଇଯାଇଛି। କିନ୍ତୁ ସମ୍ପୃକ୍ତ ସ୍କୁଲରେ ପାଠପଢୁଥିବା ଶିଶୁଶ୍ରମିକମାନଙ୍କ ଭତ୍ତା ବାବଦ ବକେୟା ଅନୁଦାନକୁ ହଡ଼ପ କରାଯିବା ଭଳି ଅଭିଯୋଗ ଯାଜପୁର ଜିଲାରେ ହୋଇଛି।

ଶ୍ରମ ମନ୍ତ୍ରଣାଳୟରୁ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ଯାଜପୁର ଜିଲାର ବିଭିନ୍ନ ଅଞ୍ଚଳରେ ୪୦ଟି ଶିଶୁ ଶ୍ରମିକ ବିଦ୍ୟାଳୟ ଖୋଲାଯାଇ ୨ହଜାର ଶିଶୁ ଶ୍ରମିକଙ୍କୁ ୨୦୦୭ ସେପ୍ଟେମ୍ବରରୁ ଶିକ୍ଷା ପ୍ରଦାନ କରାଯାଇଥିଲା। ଏହି ସ୍କୁଲଗୁଡ଼ିକ ୨୦୧୦ ଅଗଷ୍ଟ ପର୍ଯ୍ୟନ୍ତ ଚାଲିଥିଲା। ପରେ ୨୦୧୨ ମେ ମାସରୁ ଏହି ସ୍କୁଲଗୁଡ଼ିକ ପୁନର୍ବାର ଖୋଲାଯାଇ ୨୦୧୪ ଜୁଲାଇ ପର୍ଯ୍ୟନ୍ତ ଚାଲିଥିଲା। କିନ୍ତୁ ପୂର୍ବରୁ ଏହି ସ୍କୁଲ ଦାୟିତ୍ୱ ତୁଲାଇଥିବା ଯାଜପୁର ଜିଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ସାମିଲ କରା ଯାଇ ନ ଥିଲା। ଖୋଦ୍ ପ୍ରକଳ୍ପ ଅଧିକାରୀ ନିଜେ ୨୦୧୩ ନଭେମ୍ବର ପର୍ଯ୍ୟନ୍ତ ବିଦ୍ୟାଳୟ ପରିଚାଳନା କରିଥିଲେ। ହେଲେ ପରିଚାଳନାରେ ତ୍ରୁଟି ଦେଖାଦେବାରୁ ୨୦୧୩ ଡିସେମ୍ବରରୁ ଯାଜପୁର ଓ ବାହାର ଜିଲାର ୩୨ଟି ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଏଥିରେ ସାମିଲ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୩୬ ମାସ ଓ ୨ୟ ପର୍ଯ୍ୟାୟରେ ୨୭ ମାସ ଏହି ସ୍କୁଲଗୁଡ଼ିକ ଜିଲାରେ ଚାଲିଥିଲା ବୋଲି ସରକାରୀ ଭାବେ ଦର୍ଶାଯାଇଛି।

ସରକାରୀ ନିୟମ ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ୧୦୦ ଟଙ୍କା ଲେଖାଏ ୩୬ ମାସ ଓ ୨ୟ ପର୍ଯ୍ୟାୟରେ ୧୫୦ ଟଙ୍କା ଲେଖାଏ ୨୭ମାସର ଭତ୍ତା ବାବଦକୁ ମୋଟ ୭୬୫୦ ଟଙ୍କା ଶିଶୁ ଶ୍ରମିକ ପିଛା ବ୍ୟାଙ୍କ ବା ପୋଷ୍ଟାଲ ଆକାଉଣ୍ଟରେ ଜମା ହେବା କଥା। ହେଲେ ଏହି ଭତ୍ତା ଅର୍ଥ ଜଣକ ପିଛା ୧୪୦୦ ଟଙ୍କା ଲେଖାଏ କେତେଜଣ ଶିଶୁ ଶ୍ରମିକଙ୍କୁ ମିଳିଥିଲା। କିନ୍ତୁ କେନ୍ଦ୍ର ସରକାର ଏ ବାବଦକୁ ସମସ୍ତ ଅର୍ଥ ଯାଜପୁର ଜିଲାକୁ ଯୋଗାଇ ଦେଇଥିବା ଜଣାପଡ଼ିଛି। ମିଳିଥିବା ତଥ୍ୟ ଅନୁଯାୟୀ ୨୦୧୪ ଅକ୍ଟୋବର ୨୦ରେ ଯାଜପୁରର ପୂର୍ବତନ ଜିଲାପାଳ ଅନିଲ କୁମାର ସାମଲ ଏହି ଯୋଜନାରେ ୨୦୦୭-୦୮ରୁ ୨୦୧୪-୧୫ ଆର୍ଥିକ ବର୍ଷ ମଧ୍ୟରେ ବକେୟା ଥିବା ୧ କୋଟି ୮୫ ଲକ୍ଷ ୩୯ ହଜାର ୯୦୦ଟଙ୍କା ସମ୍ପର୍କରେ ଶ୍ରମ ମନ୍ତ୍ରଣାଳୟ (ଚାଇଲ୍ଡ ଲେବର ଡିଭିଜନ)କୁ ଏକ ପତ୍ର ସଂଖ୍ୟା ୪୦୧/୨୦।୧୦।୨୦୧୪ ମାଧ୍ୟମରେ ଅବଗତ କରାଇଥିଲେ। ଯାଜପୁର ଜିଲା ପ୍ରଶାସନ ନିକଟରେ ଏହି ପ୍ରକଳ୍ପ ବାବଦକୁ ୧।୪।୨୦୧୫ ସୁଦ୍ଧା ୪୭ ଲକ୍ଷ ୭୬ ହଜାର ୯୧୨ଟଙ୍କା ଜମା ରହିଥିବାରୁ ଅବଶିଷ୍ଟ ଅର୍ଥ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ଫଳରେ ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ୨୦୧୫ ଡିସେମ୍ବର ୨୨ରେ ପୂର୍ବ ବକେୟା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ୧ କୋଟି ୩୭ ଲକ୍ଷ ୬୨ ହଜାର ୯୮୮ ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଥିଲା। ଫଳରେ ଏହି ପ୍ରକଳ୍ପ ପାଇଁ ଯାଜପୁର ଜିଲା ଚାଇଲ୍ଡ ଲେବର ରିହାବିଲିଟେଶନ୍-କମ୍-ୱେଲ୍‌ଫେୟାର ସୋସାଇଟି ଉପରେ ଥିବା ଆର୍ଥିକ ବୋଝ ଦୂର ହେବ ବୋଲି ଆଶା କରାଯାଇଥିଲା। ହେଲେ ଯାଜପୁର ଜିଲାର ଶତାଧିକ ଶିଶୁ ଶ୍ରମିକ ଅଦ୍ୟାବଧି ସେମାନଙ୍କର ଭତ୍ତା ବାବଦକୁ ୬୬ ଲକ୍ଷ ୬୦ ହଜାର ଟଙ୍କା ପାଇ ନ ଥିବା ଜଣାପଡିଛି। ଏଥିନେଇ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ୧।୧୦।୨୦୧୬ରେ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଥିଲା। କିନ୍ତୁ ଏ ବାବଦକୁ ଆସିଥିବା ଅନୁଦାନକୁ ଜିଲା ଚାଇଲ୍ଡ ଲେବର ରିହାବିଲିଟେଶନ୍-କମ-ୱେଲଫେୟାର ସୋସାଇଟି (ଯାଜପୁର) ପକ୍ଷରୁ ବ୍ୟାଙ୍କ ଆକାଉଣ୍ଟରୁ ଉଠାଯାଇଥିବା ଜଣାପଡ଼ିଛି, ଯାହାକି ଯାଜପୁର ଆକ୍ସିସ୍ ବ୍ୟାଙ୍କର ଆକାଉଣ୍ଟ ନମ୍ବର ୫୦୧୦୧୦୦୦୧୭୬୨୦ରୁ ସ୍ପଷ୍ଟ ହୋଇଛି। ଏହିକ୍ରମରେ ଉକ୍ତ ଅର୍ଥକୁ କିଏ ଆତ୍ମସାତ୍ କଲା ତାହା ଏପର୍ଯ୍ୟନ୍ତ ଜଣାପଡିନାହିଁ। ଏନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଦାବି ହୋଇଛି। ଏହାଦ୍ୱାରା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ସମ୍ପର୍କରେ ଜଣାପଡ଼ିବ ବୋଲି ମତପ୍ରକାଶ ପାଇଛି।

# ସରିଲା ଥାଳଉଠା ପର୍ବ



ଝାଡୁଆପଡା ଲୋକନାଥ ବାବାଙ୍କ ଥାଳ ଉଠା ପର୍ବ।

ସମ୍ବଲପୁର,୩।୫ (ବ୍ୟୁରୋ)

ସମ୍ବଲପୁରର ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ମଙ୍ଗଳବାର ଶୁଭାରମ୍ଭ ହୋଇଛି। ବୈଶାଖ ଶୁକ୍ଲପକ୍ଷ ଅକ୍ଷୟ ତୃତୀୟା ତିଥି ଗୋଧୂଳି ଲଗ୍ନରେ ଥାଳଉଠା ପର୍ବ ସମ୍ପନ୍ନ ହୋଇଛି। ସକାଳ ୮ଟାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ବିଭିନ୍ନ ଶୈବ ପୀଠରେ ରୁଦ୍ରାଭିଷେକ, ଜଳାଶୟୀ ଓ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟା ୫ଟାରେ ଶିବ ପଞ୍ଚାକ୍ଷରୀ ମନ୍ତ୍ର ଉଚ୍ଚାରଣରେ ଥାଳଉଠା ପର୍ବ ହୋଇଥିଲା। ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳି ଧ୍ୱନିରେ ଶିବାଳୟ ମୁଖରିତ ହୋଇଥିଲା। ଏଭଳି ଶୁଭ ମୁହୂର୍ତ୍ତରେ ଜଗତ୍‌ଜନନୀ ପାର୍ବତୀଙ୍କ କନ୍ୟା ମାତାପିତା ଚୟନ କରାଯାଇଥିଲା। ସମବେତ ଯାତ୍ରା କମିଟି କର୍ମକର୍ତ୍ତା ଓ ପଣ୍ଡିତମାନେ ମନ୍ତ୍ର ଉଚ୍ଚାରଣ କରି କନ୍ୟା ମାତାପିତା ଚୟନକୁ ସହମତି ପ୍ରଦାନ କରିଥିଲେ।

ସହରର ସର୍ବପୁରାତନ ବାଲିବନ୍ଧାସ୍ଥିତ ସୋମନାଥ ବାବା, ନନ୍ଦପଡ଼ାର ବମ୍ବରାଡ ବାଲୁଙ୍କେଶ୍ୱର ବାବା, ଝାଡୁଆପଡ଼ା ଲୋକନାଥ ବାବା, ମୁଦିପଡ଼ା ଜାଗେଶ୍ୱର ବାବା, ବୁଢ଼ାରଜା ମହାଦେବ, ବଡବଜାର ଶୀତଳେଶ୍ୱର ବାବା, ଠାକୁରପଡ଼ା ଗୁପ୍ତେଶ୍ୱର ବାବାଙ୍କ ପୀଠ ସହିତ ଶୀତଳଷଷ୍ଠୀ ଯାତ୍ରା କମିଟି କର୍ମକର୍ତ୍ତା ଥାଳଉଠା ପର୍ବ ରୀତିନିତୀ ଅନୁସାରେ କରିଥିଲେ। ଏହି ପର୍ବରେ ପଡ଼ାର ମୁରବିମାନେ ଥାଳଧରି ପଡ଼ା ବୁଲିଥିଲେ। ଥାଳରେ ଭକ୍ତମାନେ ଯାତ୍ରା ସକାଶେ ସାମର୍ଥ୍ୟ ଅନୁସାରେ ଅର୍ଥ ଦାନ କରିଥିଲେ। ଭକ୍ତମାନଙ୍କୁ ବେଲପତ୍ର, ପଦ୍ମଫୁଲ ଓ ପ୍ରସାଦ ଦିଆଯାଇଥିଲା। ପ୍ରାୟ ୪ଶହରୁ ଊର୍ଦ୍ଧ୍ୱ ବର୍ଷର ଏହି ପରମ୍ପରା ଅକ୍ଷୟ ତୃତୀୟା ତିଥିରେ ହୋଇଥାଏ। ଦୁଇବର୍ଷ କରୋନା କଟକଣା ଯୋଗୁ କେବଳ ନୀତିକାନ୍ତିରେ ପର୍ବ ପାଳନ ହୋଇଥିଲା। ସୂଚନାଯୋଗ୍ୟ ଯେ, ଥାଳଉଠା ପର୍ବରେ ପଣ୍ଡିତମାନେ ସମବେତ ଭାବେ ଅନ୍ନପୂର୍ଣ୍ଣେ ସଦା ପୂର୍ଣ୍ଣେ ଶଙ୍କର ପ୍ରାଣ ବଲ୍ଲଭେ, ଜ୍ଞାନ ବୈରାଗ୍ୟ ସିଦ୍ଧ୍ୟାର୍ଥମ ଭିକ୍ଷାମ ଦେହି ଚ ପାର୍ବତୀ ଶ୍ଲୋକ ଉଚ୍ଚାରଣ କରିଥାନ୍ତି। ଏହି ପୌରାଣିକ ଶ୍ଲୋକ ଓ ଶିବ ସ୍ତୁତିକୁ ଭିତ୍ତି କରି ଶୈବ ପୀଠରେ ଥାଳଉଠା ପର୍ବ ହୋଇଥାଏ।

**ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା**

# ମାଟି ତଳୁ ମିଳିଲା ୧୪୦୦ ଗ୍ରାମ୍ ଚୋରି ସୁନା

- ଜୁଏଲେରି ମାଲିକଙ୍କଠାରୁ ୩ କିଲୋ ସୁନା ଲୁଟ୍ ମାମଲା
- ୨ ଅଭିଯୁକ୍ତଙ୍କୁ ଆସ୍କାରୁ ଗିରଫକଲା ଗୁଣପୁର ପୋଲିସ

ଗୁଣପୁର,୩।୫(ଡି.ଏନ୍.ଏ.)



ଖବରଦାତା ସମ୍ମିଳନୀରେ ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା ସୂଚନା ଦେଉଛନ୍ତି।

ରାୟଗଡ଼ା ଜିଲା ଗୁଣପୁର ସହର କନ୍ୟକା ପରମେଶ୍ୱର ମନ୍ଦିର ସମ୍ମୁଖ ଏସ୍ଏସ୍ ଜୁଏଲେରି ଦୋକନା ମାଲିକ ଏସ୍.ବାବା ପ୍ରସାଦଙ୍କଠାରୁ ସୁନା ଅଳଙ୍କାର ଲୁଟ୍ ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗୁଣପୁର ପୋଲିସ ଗଞ୍ଜାମ ଜିଲା ଆସ୍କାରୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଯାଜପୁରର ଅର୍ଜୁନ ପ୍ରଧାନ ଏବଂ ଭଞ୍ଜନଗରର ତରୁଣ ଦାସ। ପୋଲିସ ସେମାନଙ୍କଠାରୁ ଚୋରି ହାଇଥିବା ୧୪୦୦ ଗ୍ରାମ୍ ସୁନା ସହ ଲୁଟ୍‌ରେ ବ୍ୟବହାର କରିଥିବା ବାଇକ ଜବତ କରିଥିବା ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ଗତ ୨୬ ତାରିଖରେ ଏସ୍. ବାବା ପ୍ରସାଦ ଦୋକାନ ଖୋଲିବାକୁ ଆସିଥିଲେ। ଗାଡ଼ିରେ ଏକ ବ୍ୟାଗ୍‌ରେ ୩କେଜି ସୁନା ସହ ୨ଲକ୍ଷ ଟଙ୍କା ରଖି ଦୋକାନ ଖୋଲିବାବେଳେ ଅଭିଯୁକ୍ତମାନେ ବ୍ୟାଗ୍ ନେଇ ପଳାଇଥିଲେ। ଉକ୍ତ ଘଟଣା ସିସି ଟିଭିରେ କଏଦ ହୋଇଥିଲା। ଅଭିଯୋଗ ପରେ ସିସିଟିଭି ଫୁଟେଜ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପୋଲିସର ୩ଟି ଟିମ୍ ଜୟପୁର, ଆନ୍ଧ୍ରର ପାଲାସା ଏବଂ ଗଞ୍ଜାମରେ ତଦନ୍ତ କରିଥିଲା। ଲୁଟ୍ ଅଳଙ୍କାରକୁ ଅଭିଯୁକ୍ତମାନେ ଆସ୍କାର ଏକ ଅଞ୍ଚଳରେ ମାଟି ତଳେ ଲୁଚାଇ ରଖିଥିଲେ। ଅତିରିକ୍ତଏସ୍‌ପି ରାମପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ଗୁଣପୁର ଏସ୍‌ଡିପିଓ ଅଜୟ କୁମାର ବାରିକ ଆସ୍କାରେ ତଦନ୍ତ କରି ଅଭିଯୁକ୍ତ ଓ ଚୋରି ସାମଗ୍ରୀ ଧରିପାରିଛନ୍ତି ବୋଲି ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଲୁଟ୍ ହୋଇଥିବା ଟଙ୍କା, ବଳକା ସୁନା ଅଳଙ୍କାର ସହ ଅନ୍ୟ ଅଭିଯୁକ୍ତଙ୍କୁ ପୋଲିସ ଖୁବ୍ ଶୀଘ୍ର ଧରିବ ବୋଲି ଏସ୍‌ପି କହିଛନ୍ତି। ଜବତ ଅଳଙ୍କାରକୁ ଦୋକାନ ମାଲିକଙ୍କୁ ପ୍ରଦାନ କରାଯାଇଛି। ଖବରଦାତା ସମ୍ମିଳନୀରେ ଗୁଣପୁର ଏସ୍‌ଡିପିଓ, ଆଇଆଇସି ଯଶବନ୍ତ ହିଆଲ, ଆଶ୍ରିତା ଖାଲୋକ ଉପସ୍ଥିତ ଥିଲେ।

# ଶକ୍ତି କ୍ଷେତ୍ରକୁ ମିଳିଛି ୬୧୭.୨ଲକ୍ଷ ଟନ୍ କୋଇଲା

ଭୁବନେଶ୍ୱର,୩।୫(ବ୍ୟୁରୋ)

**ଏପ୍ରିଲରେ ହୋଇଛି ୬୬୧.୫୪ ଲକ୍ଷ ଟନ୍ ଉତ୍ପାଦନ**

ଚଳିତବର୍ଷ ଏପ୍ରିଲରେ ଦେଶରେ ମୋଟ ୬୬୧.୫୪ ଲକ୍ଷ ଟନ୍ କୋଇଲା ଉତ୍ପାଦିତ ହୋଇଛି। ସେଥିମଧ୍ୟରୁ କୋଲ୍ ଇଣ୍ଡିଆ ଲିମିଟେଡ (ସିଆଇଏଲ୍) ଏବଂ ତାହାର ସହଯୋଗୀ ସଂସ୍ଥାଗୁଡ଼ିକ ଏହି ମାସରେ ୫୩୪.୭ ଲକ୍ଷ ଟନ୍ କୋଇଲା ଉତ୍ପାଦନ କରିଥିବା ବେଳେ ସିଙ୍ଗରେନି କୋଲେରିଜ କମ୍ପାନୀ ଲିମିଟେଡ (ଏସ୍‌ସିସିଏଲ) ଦ୍ୱାରା ୫୩.୨୩ ଲକ୍ଷ ଟନ୍ ଉତ୍ପାଦିତ ହୋଇଛି। ଏହା ବ୍ୟତୀତ ନିଜସ୍ୱ କୋଇଲା ଖଣିରୁ ଏହି ମାସରେ ଉତ୍ପାଦିତ ହୋଇଥିବା କୋଇଲାର ପରିମାଣ ୭୩.୬୧ ଲକ୍ଷ ଟନ୍।

କୋଇଲା ମନ୍ତ୍ରଣାଳୟର ତଥ୍ୟ ଅନୁସାରେ ଏପ୍ରିଲରେ ଦେଶରେ ମୋଟ କୋଇଲା ଚାହିଦା ଥିଲା ୭୦୮.୬୮ଲକ୍ଷ ଟନ୍। ସେହି ମାସରେ କେବଳ ଶକ୍ତି କ୍ଷେତ୍ରର କୋଇଲା ଆବଶ୍ୟକତା ୬୧୭.୨ଲକ୍ଷ ଟନରେ ପହଞ୍ଚିଥିଲା। ସେଥିମଧ୍ୟରୁ କୋଲ୍ ଇଣ୍ଡିଆ ଶକ୍ତି କ୍ଷେତ୍ରକୁ ୪୯୭.୩୯ ଲକ୍ଷ ଟନ୍ କୋଇଲା ଯୋଗାଇ ଦେଇଥିଲା। ୨୦୨୨ ଏପ୍ରିଲରେ ସର୍ବାଧିକ ୫୩୪.୭ ଲକ୍ଷ ଟନ କୋଇଲା ଉତ୍ପାଦନ କରି ୬.୦୨ଶତାଂଶ ଅଭିବୃଦ୍ଧି ହାସଲ କରିଥିଲା। ଏହା ପୂର୍ବରୁ ସିଆଇଏଲ ୨୦୧୯ରେ ସର୍ବାଧିକ ୪୫୦.୨୯ଲକ୍ଷ ଟନ୍ କୋଲଇା ଉତ୍ପାଦନ କରିଥିଲା। ସେହିଭଳି କୋଇଲାର ସର୍ବାଧିକ ଯୋଗାଣ ସେହିବର୍ଷ ଏପ୍ରିଲରେ ଥିଲା ୫୭୦.୫୫ଲକ୍ଷ ଟନ୍। ଏହା ପରେ ୨୦୨୧ ଏପ୍ରିଲରେ କୋଇଲାର ସର୍ବୋଚ୍ଚ ଯୋଗାଣ ୫୪୦.୧୨ଲକ୍ଷ ଟନ୍ ହୋଇଥିଲା। ୨୦୨୧-୨୨ ଆର୍ଥିକ ବର୍ଷରେ ମୋଟ କୋଇଲା ଉତ୍ପାଦନ ଥିଲା ୭୭୭୦. ୨୩ ଲକ୍ଷ ଟନ୍। ୨୦୨୦-୨୧ ବର୍ଷରେ ଦେଶରେ ମୋଟ ୭୧୬୦ଲକ୍ଷ ଟନ୍ କୋଇଲା ଉତ୍ପାଦିତ ହୋଇଥିଲା। ତେଣୁ ବର୍ଷକ ମଧ୍ୟରେ କୋଇଲା ଉତ୍ପାଦନରେ ୮.୫୫ ଶତାଂଶ ଅଭିବୃଦ୍ଧି ଘଟିଥିଲା। କୋଲ ଇଣ୍ଡିଆ(ସିଆଇଏଲ୍)ର ଉତ୍ପାଦନ ୨୦୨୦-୨୧ରେ ୫୯୬୦.୨୪ ଲକ୍ଷ ଟନ୍ ଥିବାବେଳେ ୨୦୨୧-୨୨ ଆର୍ଥିକ ବର୍ଷରେ ଏହା ୬୨୨୦.୬୪ ଲକ୍ଷ ଟନରେ ପହଞ୍ଚିଛି, ଯାହାକି ୪.୪୩ ଶତାଂଶ ବୃଦ୍ଧି ଘଟିଛି। ସିଙ୍ଗରେନି କୋଇଲା କମ୍ପାନୀ ୨୦୨୧-୨୨ରେ ପୂର୍ବ ବର୍ଷ ତୁଳନାରେ ୨୮.୫ ଶତାଂଶ ଅଧିକ କୋଇଲା ଉତ୍ପାଦନ କରିଥିଲା। ସେହିବର୍ଷ ଏହି କମ୍ପାନୀ ଦ୍ୱାରା ଉତ୍ପାଦିତ କୋଇଲାର ପରିମାଣ ଥିଲା ୬୫୦.୦୨ ଲକ୍ଷ ଟନ। ୨୦୨୦-୨୧ରେ ଏହି କମ୍ପାନୀ ମୋଟ ୫୦୦. ୫୮ ଲକ୍ଷ ଟନ୍ କୋଇଲା ଉତ୍ପାଦନ କରିଥିଲା। ସେହିଭଳି ନିଜସ୍ୱ ଖଣିଗୁଡ଼ିକରୁ କୋଇଲା ଉତ୍ପାଦନ ୨୦୨୦-୨୧ରେ ୬୯୦.୧୮ଲକ୍ଷ ଟନ୍ ଥିବାବେଳେ ୨୦୨୧-୨୨ରେ ଏହା ୮୯୦.୫୭ ଲକ୍ଷ ଟନ୍‌ରେ ପହଞ୍ଚିଛି। ୨୦୨୧-୨୨ ବର୍ଷରେ ମୋଟ କୋଇଲା ଯୋଗାଣ ପରିମାଣ ଥିଲା ୮୧୮୦.୦୪ ଲକ୍ଷ ଟନ୍। ୨୦୨୦-୨୧ବର୍ଷରେ ମୋଟ ୬୯୦୦.୭୧ଲକ୍ଷ ଟନ କୋଇଲା ବିଭିନ୍ନ ବ୍ୟବହାରକାରୀଙ୍କୁ ଯୋଗାଇ ଦିଆଯାଇଥିଲା। ବର୍ଷକରେ କୋଇଲା ଯୋଗାଣ କ୍ଷେତ୍ରରେ ୧୮.୪୩ ଶତାଂଶ ଅଭିବୃଦ୍ଧି ହାସଲ କରାଯାଇଛି। ଏହି ସମୟ ମଧ୍ୟରେ କୋଲ୍ ଇଣ୍ଡିଆ ଲିମିଟେଡ ୬୬୧୦.୮୫ ଲକ୍ଷ ଟନ୍ କୋଇଲା ଯୋଗାଇ ଦେଇଥିଲା। ୨୦୨୦-୨୧ରେ କୋଲ୍ ଇଣ୍ଡିଆର ମୋଟ କୋଇଲା ଯୋଗାଣ ପରିମାଣ ଥିଲା ୫୭୩୦. ୮୦ ଲକ୍ଷ ଟନ୍।

# ମାଷ୍ଟର ମାଇଣ୍ଡ, ୩ ସୁପାରି କିଲରଙ୍କ ସମେତ ୯ ଗିରଫ

**୨ ବିଜେଡି ନେତାଙ୍କୁ ହତ୍ୟା ଘଟଣା**

**ଡିଲ୍ ଥିଲା ୫୦ ହଜାର ଟଙ୍କା ସୁପାରି**

ବ୍ରହ୍ମପୁର ଅଫିସ,୩।୫



ଗିରଫ ଅଭିଯୁକ୍ତ।

ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଚଷାନିମଖଣ୍ଡି ପଞ୍ଚାୟତ ସଉରା ପାହାଡ଼ ଗାଁ ନିକଟ ରାସ୍ତା ପାର୍ଶ୍ୱରେ ଗତ ୨୩ ତାରିଖରେ ଦୁଇ ଜଣ ବିଜେଡି ନେତା ସୁଦର୍ଶନ ସୁଆର ଓ ସୁଧୀର କାନ୍ତ ପାତ୍ରଙ୍କୁ ହତ୍ୟା କରାଯାଇଥିଲା। ହତ୍ୟାର ୧୧ଦିନ ପରେ ପୋଲିସ ଘଟଣାର ରହସ୍ୟ ଉନ୍ମୋଚନ କରିଛି। ରାଜନୈତିକ ଶତ୍ରୁତାରୁ ଉକ୍ତ ୨ ନେତାଙ୍କୁ ହତ୍ୟା ପାଇଁ ୫୦ହଜାର ଟଙ୍କାର ସୁପାରି ଡିଲ୍ ହୋଇଥିଲା। ୩ ଜଣ ସୁପାରିକିଲରଙ୍କୁ ୩୦ ହଜାର ଟଙ୍କା ଦେଇଥିବା ହତ୍ୟାର ମାଷ୍ଟରମାଇଣ୍ଡ ପ୍ରଶାନ୍ତ କୁମାର ଗୌଡ଼ ବୋଲି ବ୍ରହ୍ମପୁର ପୋଲିସ ମୁଖ୍ୟାଳୟରେ ମଙ୍ଗଳବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗତ ପଞ୍ଚାୟତ ନିର୍ବାଚନରେ ଚଷାନିମଖଣ୍ଡି ପଞ୍ଚାୟତ ସରପଞ୍ଚ ପ୍ରାର୍ଥୀ ଭାବେ ପାଳଝାଡ଼ି ଗ୍ରାମର ପ୍ରଶାନ୍ତ ଗୌଡ଼ଙ୍କ ସ୍ତ୍ରୀ ଓ ରବି ଗୌଡ଼ ସ୍ତ୍ରୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଉକ୍ତ ଗ୍ରାମର ସୁଦର୍ଶନ ସୁଆର ଓ ସୁଧୀର କାନ୍ତ ପାତ୍ର ରବି ସ୍ତ୍ରୀଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର କରିଥିଲେ। ଅନ୍ୟପଟେ ପ୍ରଶାନ୍ତ ନିର୍ବାଚନରେ ୪୦ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ ମଧ ତାଙ୍କ ସ୍ତ୍ରୀ ହାରି ଯାଇଥିଲେ। ଏଣୁ ସୁଦର୍ଶନ ଓ ସୁଧୀରଙ୍କ ଉପରେ ପ୍ରଶାନ୍ତଙ୍କ ରାଗ ବଢ଼ିଥିଲା। ସେ ପ୍ରତିଶୋଧ ପରାୟଣ ହୋଇ ଉକ୍ତ ୨ଜଣଙ୍କୁ ହତ୍ୟା ଲାଗି ଯୋଜନା କରିଥିଲେ।

ପୋଲିସ ହତ୍ୟାର ମାଷ୍ଟରମାଇଣ୍ଡ ପାଳଝାଡ଼ି ଗ୍ରାମର ପ୍ରଶାନ୍ତଙ୍କୁ ଗିରଫ କରିଛି। ସେ ଜଣେ ଗଞ୍ଜେଇ ମାଫିଆ ବୋଲି ଏସ୍‌ପି କହିଛନ୍ତି। ଏହା ବ୍ୟତୀତ ୩ଜଣ ସୁପାରିକିଲର ସଦର ଥାନା ଅନ୍ତର୍ଗତ ଲାଠି ଗ୍ରାମର କୁନା ଗୌଡ଼, କୁକୁଡ଼ାଖଣ୍ଡିର ବୁଡୁ ଦାସ, ଚମାଖଣ୍ଡି ଥାନା ଅନ୍ତର୍ଗତ ଜଗନ୍ନାଥପୁରର ବି. ଦେବରାଜ ରେଡ୍ଡୀ, ପ୍ରଶାନ୍ତଙ୍କ ମୁଖ୍ୟ ସହଯୋଗୀ ଚମାଖଣ୍ଡି ଥାନା ଅନ୍ତର୍ଗତ ତୋଟାପଲିର ସୁମନ୍ତ କୁମାର ନାହାକ, ହତ୍ୟା ପରେ ଅଭିଯୁକ୍ତଙ୍କୁ ଫେରାର କରାଇବାରେ ସହଯୋଗ କରିଥିବା ପାଟପୁର ଥାନା ଅନ୍ତର୍ଗତ ବି. ଆଦିକନ୍ଦପୁର ଗ୍ରାମର ସନ୍ତୋଷ କୁମାର ପ୍ରଧାନ ଓ ହତ୍ୟାକାରୀଙ୍କୁ ସହଯୋଗ କରିଥିବା ପାଳଝାଡ଼ି ଗ୍ରାମର ମିଥୁନ ଓରଫ ବସନ୍ତ କୁମାର ଗୌଡ଼, କୃଷ୍ଣଚନ୍ଦ୍ର ଗୌଡ଼ ଓ ସିଦ୍ଧାନ୍ତ ଗୌଡ଼ଙ୍କୁ ମାମଲା ନଂ.୧୪୫/୨୨ରେ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ଏସ୍‌ପି କହିଛନ୍ତି।

ସୂଚନାଯୋଗ୍ୟ, ହତ୍ୟା ଘଟଣାରେ ଗିରଫ ହୋଇଥିବା ମାଷ୍ଟରମାଇଣ୍ଡ ପ୍ରଶାନ୍ତଙ୍କ ଏକ ଅର୍ଦ୍ଧନିର୍ମିତ ଗୃହରୁ ପୋଲିସ ୨୦୨ କେଜି ୪୦୦ ଗ୍ରାମ ଗଞ୍ଜେଇ, ମାରୁତି କାର, ଗୋଟିଏ ଟ୍ରାକ୍ଟର, ବୁଲେଟ ଗାଡ଼ି, ୧୧୨ ଖଣ୍ଡ କାଠପଟା ଜବତ କରିଛି। ସେହିପରି ହତ୍ୟାରେ ବ୍ୟବହୃତ ଲୁହାଛଡ଼, ପଥର, କାର ଓ ଦୁଇଟି ବାଇକ୍ ମଧ ଜବତ କରାଯାଇଛି ବୋଲି ସେ କହିଛନ୍ତି। ସୁପାରିକିଲର କୁନା ଗୌଡ଼ଙ୍କ ନାଁରେ ସଦର ଥାନାରେ ୭ଟି ମାମଲା ରହିଥିବା ବେଳେ ବଡ଼ବଜାର, ଗୋଷାଣୀନୂଆଗାଁ, ଗୋଳନ୍ଥରା ଓ କେ. ନୂଆଗାଁ ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି। ସେହିପରି ବୁଡୁ ଦାସଙ୍କ ନାଁରେ ସଦର ଥାନାରେ ୫ ଓ ହିଞ୍ଜିଳିକାଟୁ ଥାନାରେ ଗୋଟିଏ ମାମଲା ରହିଥିବା ଏସ୍‌ପି ମିଶ୍ର ସୂଚନା ଦେଇଛନ୍ତି। ମାଷ୍ଟରମାଇଣ୍ଡ ପ୍ରଶାନ୍ତ ଓ ଅନ୍ୟ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ସେ କହିଛନ୍ତି। ସେହିପରି ପ୍ରଶାନ୍ତଙ୍କ ନାମରେ ଥିବା ସମ୍ପତ୍ତି ବାଜ୍ୟାପ୍ତି କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୨୩ ତାରିଖ ରାତିରେ ନିମଖଣ୍ଡିରେ ଏକ ଭୋଜିରେ ଯୋଗ ଦେଇ ସୁଧୀର ଓ ସୁଦର୍ଶନ ଘରକୁ ଫେରୁଥିବା ବେଳେ ରାସ୍ତାରେ ତାଙ୍କୁ କୁନା ଗୌଡ଼, ବୁଡୁ ଦାସ ଓ ବି. ଦେବରାଜ ରେଡ୍ଡୀ ସଂଘବଦ୍ଧ ଭାବେ ଆକ୍ରମଣ କରି ଅତି ବୀଭତ୍ସ ଭାବେ ହତ୍ୟା କରିଥିଲେ ବୋଲି ଏସ୍‌ପି କହିଛନ୍ତି।

# ଅଗଷ୍ଟ ସୁଦ୍ଧା ଶିକ୍ଷକଙ୍କ ପରଫର୍ମାନ୍ସ ରିପୋର୍ଟ ଦିଅ

ଭୁବନେଶ୍ୱର, ୩।୫(ବ୍ୟୁରୋ)

**ଜିଲା ଶିକ୍ଷାଧିକାରୀଙ୍କୁ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ**

ରାଜ୍ୟର ସବୁ ସ୍କୁଲର ଶିକ୍ଷକଙ୍କ ପ୍ରଦର୍ଶନ ବା ପରଫର୍ମାନ୍ସ ରିପୋର୍ଟ ଅଗଷ୍ଟ ଶେଷ ସୁଦ୍ଧା ଦେବା ପାଇଁ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତବର୍ଷ ଶିକ୍ଷକଙ୍କ ଶିକ୍ଷାଦାନ ବ୍ୟବସ୍ଥା, ସ୍କୁଲ ପରିଚାଳନା ଆଦି ବିଭିନ୍ନ ସରକାରୀ ଯୋଜନା କିଭଳି କାର୍ଯ୍ୟକାରୀ କରାଯାଇଛି ତାହାର ରିପୋର୍ଟ ଦେବାକୁ ବିଭାଗ ପକ୍ଷରୁ କୁହାଯାଇଛି। ପୂର୍ବରୁ ଏହି ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ସରକାରଙ୍କ ପକ୍ଷରୁ ସବୁ ସ୍କୁଲକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର କରୋନା ଲାଗି ସ୍କୁଲ ବନ୍ଦ ହୋଇଯାଇଥିବାରୁ ପ୍ରକ୍ରିୟା ବନ୍ଦ ରହିଥିଲା। ସ୍କୁଲ ଖୋଲିବା ପରେ ଖୁବଶୀଘ୍ର ଏହି ପ୍ରକ୍ରିୟା କାର୍ଯ୍ୟକାରୀ କରିବାକୁ ବ୍ୟବସ୍ଥା ଆରମ୍ଭ ହୋଇଛି।

ପ୍ରତ୍ୟେକ ଶିକ୍ଷକଙ୍କ ପରଫର୍ମାନ୍ସ ରିପୋର୍ଟ ଏକବର୍ଷରେ ୪ଥର ଦେବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଥିବା ବେଳେ କରୋନା ଲାଗି ବ୍ୟବସ୍ଥାରେ ବିଳମ୍ବ ହୋଇଛି। ତେବେ ମାର୍ଚ୍ଚ ମାସ ମଧ୍ୟରେ ଯେଉଁ ରିପୋର୍ଟ ମିଳିବାର ଥିଲା ସେ କ୍ଷେତ୍ରରେ କେତେକ ଜିଲାରେ ପ୍ରଧାନ ଶିକ୍ଷକମାନେ ଏହି ନିର୍ଦ୍ଦେଶକୁ ଅଣଦେଖା କରୁଥିବାବେଳେ ଆଉ କେତେକ ଜିଲାରେ ବ୍ଲକ ଶିକ୍ଷାଧିକାରୀମାନେ ନିର୍ଦ୍ଦେଶକୁ ଅବମାନନା କରୁଥିବା ଜଣାପଡ଼ିଛି। ଏବେ ଅଗଷ୍ଟ ୩୧ ସୁଦ୍ଧା ଶିକ୍ଷକଙ୍କ ପରଫର୍ମାନ୍ସ ରିପୋର୍ଟ ଦେବା ପାଇଁ ବିଭାଗ ନିର୍ଦ୍ଦେଶ ଦେଇଛି। ଯଦି ଏହି ସମୟ ସୀମା ମଧ୍ୟରେ ବିଭାଗ ପାଖରେ ରିପୋର୍ଟ ନ ପହଞ୍ଚେ ତେବେ ସମ୍ପୃକ୍ତ ବିଦ୍ୟାଳୟଗୁଡ଼ିକର ଉଭୟ ପ୍ରଧାନ ଶିକ୍ଷକ ଏବଂ ଯେଉଁ ଶିକ୍ଷକଙ୍କ ରିପୋର୍ଟ ପ୍ରଦାନ କରାଯାଇ ନ ଥିବ ଉଭୟଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି। ସେପଟେ ରାଜ୍ୟର କିଛି ଜିଲାରେ ନକଲି ଶିକ୍ଷକ ଧରାପଡ଼ିବା ପରେ ଶ୍ରେଣୀରେ ଶିକ୍ଷାଦାନ ଗୁଣାବତ୍ତାକୁ ନେଇ ପ୍ରଶ୍ନ ଉଠିଥିଲା। ଜିଲା ଶିକ୍ଷାଧିକାରୀମାନେ ସମସ୍ତ ଶିକ୍ଷକଙ୍କ ତାଲିକା ସହ ବିଷୟଭିତ୍ତିକ ପରଫର୍ମାନ୍ସ ରିପୋର୍ଟ ପ୍ରସ୍ତୁତ କରି ଜିଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିବାକୁ କୁହାଯାଇଛି। ବିଭାଗ ପକ୍ଷରୁ ଦିଆଯାଇଥିବା ନୋଟିସରେ ୧୧ଟି ପଏଣ୍ଟ ରହିଥିବା ବେଳେ ଆବଶ୍ୟକସ୍ଥଳେ ସ୍କୁଲ କମିଟି ମଧ ଅଧିକ ତଥ୍ୟ ସୁପାରିସ କରିବାକୁ ପରାମର୍ଶ ଦିଆଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଝରିଗାଁ ବିଧାୟକଙ୍କ ନାମରେ...

ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନ ଜୋର୍‌ଦାର ହେବ ବୋଲି ଉଭୟ ଭାଜପା ଓ କଂଗ୍ରେସ ପୃଥକ୍ ଖବରଦାତା ସମ୍ମିଳନୀ କରି ଚେତାବନୀ ଦେଇଛନ୍ତି। ବିଧାୟକ ୩ ବର୍ଷ ହେବ ପୀଡ଼ିତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପରେ ତାଙ୍କୁ ହତ୍ୟା ଧମକ ଦେଇଛନ୍ତି। କିନ୍ତୁ ପୋଲିସ ବିଧାୟକଙ୍କ ନାମରେ ମାମଲା ରୁଜୁ କରୁ ନ ଥିବା ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ ଅଭିଯୋଗ କରିଛନ୍ତି। ତାଙ୍କ ବିରୋଧରେ କାର୍ଯ୍ୟାନଷ୍ଠାନ ଗ୍ରହଣ ସହ ବିଧାୟକ ପଦ ରଦ୍ଦ କରିବାକୁ କଂଗ୍ରେସ ଦାବି କରିଛି। ସେହିଭଳି ନବରଙ୍ଗପୁର ଚାମୁରିଆଗୁଡ଼ାସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟରେ ମଧ ଦଳୀୟ ନେତାମାନେ ଏକ ଖବରଦାତା ସମ୍ମିଳନୀ କରିଛନ୍ତି। ପୋଲିସ କାହା ଇଙ୍ଗିତରେ ବିଧାୟକ ମାଝିଙ୍କୁ ସୁରକ୍ଷା ଦେଉଛି ବୋଲି ଭାଜପା ପ୍ରଶ୍ନ କରିଛି। ଭାଜପା ମଧ ପ୍ରକାଶ ମାଝିଙ୍କ ବିଧାୟକ ପଦ ରଦ୍ଦ କରିବାକୁ ଦାବି କରିଛି। କଂଗ୍ରେସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ଉପସଭାପତି ଦିଲୀପ ବେହେରା, ସମ୍ପାଦକ ପରି ସାହୁ ଉପସ୍ଥିତ ଥିଲେ। ଭାଜପାର ଖବରଦାତା ସମ୍ମିଳନୀରେ ଜିଲା ଭାଜପା ସଭାପତି ଜଗଦୀଶ ଚନ୍ଦ୍ର ମାଝି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଘଟଣା ସମ୍ପର୍କରେ ଜାଣିବାକୁ ବିଧାୟକଙ୍କୁ ଫୋନ୍ ଲଗାଇବାରୁ ତାଙ୍କ ମୋବାଇଲ ସୁଇଚ୍ ଅଫ୍ ଥିଲା। ତେଣୁ ଘଟଣା ସମ୍ପର୍କରେ ତାଙ୍କ ମତାମତ ମିଳିପାରିନାହିଁ।

# ପ୍ରତିଶ୍ରୁତି ରକ୍ଷା କରିପାରିଲାନି ବିଏମ୍‌ସି

## ଅକ୍ଷୟ ତୃତୀୟାରେ ପଡ଼ିଲାନି ଶୁଭ

- ବିବାଦ ତୁଟୁ ନ ଥିବାରୁ ଆରମ୍ଭ ହୋଇପାରୁନି ଭୁଆସୁଣୀ ବାୟୋ ମାଇନିଂ ପ୍ରକଳ୍ପ
- ୭ଦିନ ମଧ୍ୟରେ ନିଷ୍ପତ୍ତି ଜଣାଇବେ ବିଧାୟକ, ସରପଞ୍ଚ

**ଭୁବନେଶ୍ୱର, ୩।୫(ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ବହୁ ପ୍ରତୀକ୍ଷିତ ଭୁଆସୁଣୀ ବାୟୋ ମାଇନିଂ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ। ଏଥିପାଇଁ ସବୁ କାମ ସରିଥିଲେ ମଧ୍ୟ ପ୍ରତିଦିନ ଆବର୍ଜନା ଗଦା ହେଉଥିବାରୁ ପ୍ରକଳ୍ପ ହୋଇପାରୁନାହିଁ। ଅକ୍ଷୟ ତୃତୀୟା ଠାରୁ ଏଠାରେ କାମ ଆରମ୍ଭ ହେବ ବୋଲି ବିଏମ୍‌ସି ପକ୍ଷରୁ ଏପ୍ରିଲ୍ ୨୦ ତାରିଖରେ ସୂଚନା ଦିଆଯାଇଥିଲା। ମାତ୍ର ଅଳିଆ ପକାଇବାକୁ ନେଇ ଅଞ୍ଚଳବାସୀ ଏବଂ ବିଏମ୍‌ସି ମଧ୍ୟରେ ଥିବା ବିବାଦ ତୁଟୁନାହିଁ। ଫଳରେ ପଦ୍ମ ଘୁଞ୍ଚି ଘୁଞ୍ଚି ଯିବା ଭଳି ପ୍ରକଳ୍ପ କାର୍ଯ୍ୟ ମଧ୍ୟ ବିଳମ୍ବ ହୋଇଚାଲିଛି। ଏପ୍ରିଲ ୨୦ରେ ବିଏମ୍‌ସି ମେୟର ସୁଲୋଚନା ଦାସ, ଜଟଣୀ ବିଧାୟକ ସୁରେଶ ରାଉତରାୟ, ଭୁବନେଶ୍ୱର ବ୍ଲକ ଉପାଧ୍ୟକ୍ଷ ଅଜିତ ହରିଚନ୍ଦନ ଓ ଦାରୁଠେଙ୍ଗ ସରପଞ୍ଚ ତପନ କୁମାର ଚକ୍ରବର୍ତ୍ତୀଙ୍କ ସହ ଆଲୋଚନା କରାଯାଇଥିଲା। ଆବର୍ଜନା ଗଦା କରିବା ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଇଛି ଏବଂ ୨୩ ତାରିଖରୁ ସେଠାରେ ଆଉ ଆବର୍ଜନା ପଡ଼ିବ ନାହିଁ ବୋଲି ବିଏମ୍‌ସି ପ୍ରତିଶ୍ରୁତି ଦେଇଥିଲା। ମାତ୍ର ନିଜ କଥା ରକ୍ଷା କରିବାରେ ବିଏମ୍‌ସି ବିଫଳ ହୋଇଛି। ଆଜି ପର୍ଯ୍ୟନ୍ତ ସେଠାରେ ଅଳିଆ ପକାଇବା ବନ୍ଦ ହୋଇପାରିନାହିଁ। ତେଣୁ ଯେ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ଅଳିଆ ପକାଇବା ବନ୍ଦ ନ ହୋଇଛି ସେ ପର୍ଯ୍ୟନ୍ତ ବାୟୋ ମାଇନିଂ ପ୍ରକଳ୍ପ କାମ ଆରମ୍ଭ ହୋଇପାରିବ ନାହିଁ ବୋଲି ସ୍ଥାନୀୟ ସରପଞ୍ଚ ଏବଂ ବିଧାୟକ ରୋକ୍‌ଠୋକ୍ ଭାବେ କହିଛନ୍ତି। ଏନେଇ ୨/୩ ଦିନ ତଳେ ବିଏମ୍‌ସି ସହିତ ସେମାନଙ୍କର ଆଲୋଚନା ହୋଇଥିଲା। ତେବେ ବିଏମ୍‌ସିର ଅଧିକାରୀମାନେ ଏ ସମ୍ପର୍କରେ ବୁଝାଶୁଝା କରିବା ପରେ ସେମାନେ ୭ଦିନ ସମୟ ମାଗିଛନ୍ତି। ତେଣୁ ଭୁଆସୁଣୀରେ ବାୟୋ ମାଇନିଂ ପ୍ରକଳ୍ପ ଆରମ୍ଭ ହୋଇପାରିବ କି ନାହିଁ ତାହା ଏହି ନିଷ୍ପତ୍ତି ଉପରେ ନିର୍ଭର କରୁଛି। ଏନେଇ ବିଏମ୍‌ସି ଡେପୁଟି କମିଶନର (ପରିମଳ) ଶୁଭେନ୍ଦୁ ସାହୁ କହିଛନ୍ତି, ସହରରେ ବର୍ଜ୍ୟ ପରିଚାଳନା ପାଇଁ ଏବେ ୩୧ଟି ଏମ୍‌ସିସି (ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର) କାର୍ଯ୍ୟକ୍ଷମ ହୋଇଛି। ବାକି ୧୦ଟି ଏମ୍‌ସିସି ନିର୍ମାଣ ପାଇଁ ପ୍ରସ୍ତୁତି ଚାଲିଛି। ଏଥିଲାଗି ଆଉ ୨ମାସ ସମୟ ଲାଗିବ। ଏହି ସେଣ୍ଟର କାର୍ଯ୍ୟକ୍ଷମ ହେବା ପରେ ସହରର ଅଳିଆ ଭୁଆସୁଣୀ ଡମ୍ପିଂୟାର୍ଡକୁ ଯିବ ନାହିଁ। ସ୍ଥାନୀୟ ଲୋକେ ଯେପରି ପ୍ରକଳ୍ପ ପାଇଁ ସହଯୋଗ କରିବେ ସେନେଇ ପ୍ରଚେଷ୍ଟା ଜାରି ରହିଛି। ତେଣୁ ଖୁବ୍ ଶୀଘ୍ର କାମ ଆରମ୍ଭ ହେବ ବୋଲି ଆଶା ରଖୁଛୁ ବୋଲି ସାହୁ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ୨୦୨୧ ମାର୍ଚ୍ଚରେ ଭୁଆସୁଣୀ ବାୟୋମାଇନିଂ ପ୍ରକଳ୍ପ ଆରମ୍ଭ ହୋଇଥିଲା। ୩ବର୍ଷ ମଧ୍ୟରେ ଏହି ପ୍ରକଳ୍ପ ସାରିବାକୁ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ବିଭିନ୍ନ କାରଣରୁ ଏପର୍ଯ୍ୟନ୍ତ ପ୍ରକଳ୍ପର ଶୁଭ ପଡ଼ିପାରୁନାହିଁ। ବାୟୋ ମାଇନିଂ ପ୍ରକ୍ରିୟାରେ ସବୁ ଅଳିଆକୁ ଡିସ୍‌ପୋଜାଲ କରାଯିବ। ଏଥିପାଇଁ ୧୦୩ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ଜାଗୃତି ଓ ଜନାଧାର ସଂସ୍ଥା ବାୟୋମାଇନିଂ କାର୍ଯ୍ୟ ଆରମ୍ଭ କରିବାକୁ ଆବଶ୍ୟକ ପରୀକ୍ଷଣ ଶେଷ କରିଥିବାବେଳେ ୨ଟି ମେଶିନ୍ କ୍ରୟ କରିସାରିଛନ୍ତି। ମାତ୍ର କାମ ଆରମ୍ଭ ହୋଇପାରୁ ନାହିଁ। ଡମ୍ପିଂୟାର୍ଡକୁ ନେଇ ବାଦବିବାଦ ହେବା ପରେ ଏମ୍‌ସିସି ପ୍ରତିଷ୍ଠା କରି ଆବର୍ଜନା ପରିଚାଳନା କରିବା ପାଇଁ ବିଏମ୍‌ସି ଯୋଜନା କରିଥିଲା। ଆବର୍ଜନା ଓ ପରିଚାଳନାକୁ ହିସାବ କରି ସହରରେ ୪୩ଟି ଏମ୍‌ସିସି ପ୍ରତିଷ୍ଠା କଲେ ଭୁବନେଶ୍ୱରରୁ ଦୈନିକ ବାହାରୁଥିବା ଆବର୍ଜନା ପରିଚାଳନା ହୋଇପାରିବ ବୋଲି ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ଜାଗା ଚିହ୍ନଟ ହେବା ସହ ପ୍ରକଳ୍ପ ପ୍ରତିଷ୍ଠା ହେଲା। ସେଥିମଧ୍ୟରୁ ୩୧ଟି କାର୍ଯ୍ୟକ୍ଷମ ହୋଇଥିଲା। ତେବେ ସବୁଗୁଡ଼ିକ ନିୟମିତ ଚାଲୁନାହିଁ। ବାକି ୧୨ଟି ଏମ୍‌ସିସି ମଧ୍ୟରୁ ଜମି ବିବାଦ କାରଣରୁ ୨ଟିକୁ ବନ୍ଦ କରି ଦିଆଯାଇଛି। ଏହାବାଦ୍ ଆଉ ୧୦ଟି ମଧ୍ୟରୁ କେଉଁଠି ଜମିକୁ ନେଇ ଅଦାଲତି ଲଢ଼େଇ ତ' ଆଉ କେଉଁଠାରେ ଦୁର୍ଗନ୍ଧ ଯୋଗୁ ଲୋକେ ପ୍ରକଳ୍ପ କରାଇ ଦେଉନାହାନ୍ତି। ତେବେ ବିବାଦ ତୁଟୁ ନ ଥିବାରୁ ଏହି ପ୍ରକଳ୍ପ କେବେ କାର୍ଯ୍ୟକାରୀ ହେବ ଏବଂ ଦାରୁଠେଙ୍ଗବାସୀ ଏହି ଆବର୍ଜନାରୁ ନିସ୍ତାର ପାଇବେ ତାହା ଅନିଶ୍ଚିତତା ମଧ୍ୟରେ ରହିଛି।

## ଅଖିମୁଠି ଅନୁକୂଳ କଲେ ବିଧାୟକ

**ବାରଙ୍ଗ,୩।୫(ଡି.ଏନ୍.ଏ.)**

ଭୁବନେଶ୍ୱର ବ୍ଲକ ଇଞ୍ଜଣା ପଞ୍ଚାୟତର ଇଞ୍ଜଣା ଗ୍ରାମରେ ମଙ୍ଗଳବାର ଅକ୍ଷୟତୃତୀୟା ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଖିମୁଠି ଅନୁକୂଳ କରିଥିଲେ। ଆୟୋଜିତ ସଭାରେ ବିଧାୟକ, କୃଷିର ଉନ୍ନତି ହେଲେ ଦେଶର ଉନ୍ନତି ହେବ, ସେଥିଲାଗି ରାଜ୍ୟ ସରକାର କୃଷି ଓ କୃଷକକୁ ଅଧିକ ଗୁରୁତ୍ୱ ଦେଇ ଚାଷୀଙ୍କ ଆକାଉଣ୍ଟକୁ କାଳିଆ ଯୋଜନା ମାଧ୍ୟମରେ ୨ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି ବୋଲି କହିଥିଲେ। ଏହି ଅବସରରେ ଚାଷୀ ଓ ବରିଷ୍ଠ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷା ନିରୁପମା ସାହୁ, ବିଜେଡିର କୃଷକ ନେତା ଭଗବାନ ଜେନାଙ୍କ ସମେତ ୫ ପଞ୍ଚାୟତର ଜନପ୍ରତିନିଧି ଉପସ୍ଥିତ ଥିଲେ। ଇଞ୍ଜଣା ଗ୍ରାମ ସଭାପତି ପ୍ରଦୀପ ଦାସ ଉତ୍ସବ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ରଥଯାତ୍ରା ପାଇଁ କାଠ ଅନୁକୂଳ

ବାଲିଅନ୍ତା,୩।୫(ଡି.ଏନ୍.ଏ.): ବାଲିଅନ୍ତା ବ୍ଲକ ଅଧୀନ କାକରୁଦ୍ରପୁର ଅଞ୍ଚଳର ଆରାଧ୍ୟ ଠାକୁର ଶ୍ରୀପତିତପାବନ ଦେବଙ୍କ ପ୍ରସିଦ୍ଧ ରଥଯାତ୍ରା ପାଇଁ ମଙ୍ଗଳବାର ଅକ୍ଷୟତୃତୀୟା ଅବସରରେ ରଥକାଠ ଅନୁକୂଳ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ମନ୍ଦିର ସମ୍ମୁଖ ରଥଖଳାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ପୂଜକ ବାଉରୀବନ୍ଧୁ ପଣ୍ଡା ଠାକୁରଙ୍କ ପାଖର ଆଜ୍ଞାମାଳ ଆସିବା ପରେ ସ୍ୱତନ୍ତ୍ର ପୂଜାନୀତି ଆରମ୍ଭ ହୋଇଥିଲା। କୀର୍ତ୍ତନ, ଘଣ୍ଟନାଦରେ ରଥଖଳା ଉତ୍ସବ ମୁଖରିତ ହୋଇଥିଲା। ପୂଜାର୍ଚ୍ଚନା ପରେ ସୁରେନ୍ଦ୍ର ମହାରଣାଙ୍କ ଦ୍ୱାରା ରଥକାଠ ଅନୁକୂଳ ହୋଇଥିଲା। ଏହି ଉତ୍ସବରେ ମନ୍ଦିର ଟ୍ରଷ୍ଟିର ସମସ୍ତ କର୍ମକର୍ତ୍ତା, ସରପଞ୍ଚ ସସ୍ମିତା ମଲ୍ଲିକ ଓ ସମିତିସଭ୍ୟା ମିଲିଲତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ସରକାର ଖବରଦାତାଙ୍କୁ ସୁରକ୍ଷା ପ୍ରଦାନ କରନ୍ତୁ

ବାରଙ୍ଗ,୩।୫(ଡି.ଏନ୍.ଏ.): ବାରଙ୍ଗ ପ୍ରେସ୍ କ୍ଲବ ପକ୍ଷରୁ ଆନନ୍ଦ ବଜାରସ୍ଥିତ ପ୍ରେସ୍ କ୍ଲବ ପରିସରରେ ଜାତୀୟ ଗଣମାଧ୍ୟମ ସ୍ୱାଧୀନତା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ପ୍ରେସ୍ କ୍ଲବର ସଭାପତି ଲିଙ୍ଗରାଜ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଏବେ ବି ଗଣମାଧ୍ୟମ ପ୍ରତିନିଧିମାନେ ଅନେକ କ୍ଷେତ୍ରରେ ସ୍ୱାଧୀନତା ପାଇବାରୁ ବଞ୍ଚିତ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ସରକାର ଖବରଦାତାଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ଦାବି କରିଥିଲେ। ଏହି ଅବସରରେ ଅଞ୍ଚଳର ବହୁ ସାମାଜିକ କର୍ମୀ ଓ ବୁଦ୍ଧିଜୀବୀ, ମହିଳା ଗୋଷ୍ଠି ପ୍ରଶାସନିକ ଅଧିକାରଙ୍କ ସମେତ ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଉପସଭାପତି ତ୍ରିଲୋଚନ ଦାସ, ସମ୍ପାଦକ ରୁଦ୍ର ନାରାୟଣ ଷଡ଼ଙ୍ଗୀ, କମଳାକାନ୍ତ ନାୟକଙ୍କ ସମେତ ପ୍ରେସ୍ କ୍ଲବର ସମସ୍ତ ସଦସ୍ୟ ଯୋଗଦେଇଥିଲେ।

### ଜୟଦେବ ପୀଠରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ

ବାଲିଅନ୍ତା,୩।୫(ଡି.ଏନ୍.ଏ.): କବି ଶ୍ରୀଜୟଦେବଙ୍କ ଜୟନ୍ତୀ ପାଳନ ଅବସରରେ ମଙ୍ଗଳବାର ବାଲିଅନ୍ତାସ୍ଥିତ ତାଙ୍କ ଜନ୍ମପୀଠ କେନ୍ଦୁଲି ଜୟଦେବ ପୀଠରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ୫୦ରୁ ଊର୍ଦ୍ଧ୍ୱ କବିୟତ୍ରୀ ଓ କବି ପ୍ରଭୁ ଜଗନ୍ନାଥ ସଂସ୍କୃତି ଓ ଜୟଦେବଙ୍କ ଭକ୍ତିରସ ଉପରେ କବିତା ପାଠ କରିଥିଲେ। ଶ୍ରୀ ଅନନ୍ତ ମୋମୋରିଆଲ ଟ୍ରଷ୍ଟ ଓ ତ୍ରୈମାସିକ ଶିଶୁ କିଶୋର ପତ୍ରିକା ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ରବୀନ୍ଦ୍ରନାଥ ପାତ୍ରଙ୍କ ଗୀତିକାବ୍ୟ 'ପୁଣ୍ୟତୋୟା ପ୍ରାଚୀ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହି ଉତ୍ସବରେ ରାଜ୍ୟ ସଂଗ୍ରହାଳୟର ଡ.ଭାରତୀ ପାଲ, ଗବେଷକ ହଂସନାଥ ସାହୁ, ପ୍ରଫେସର ରାଧାକାନ୍ତ ମହାନ୍ତି, ରବୀନ୍ଦ୍ରନାଥ ପାତ୍ର, ପଣ୍ଡିତ ହରିହର ମହାପାତ୍ର, ସୁରେଶ ସ୍ୱାଇଁ, ଡ.ରାମକୃଷ୍ଣ ଦାସ ଗୋସ୍ୱାମୀ ଓ ଭାବଗ୍ରାହୀ ଗୋଚ୍ଛାୟତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶେଖ ଅବଦୁଲ ପ୍ରାରମ୍ଭିକ ସୂଚନା ଦେଇଥିଲେ।

### ଗଡ଼ଖୋର୍ଦ୍ଧା, ବାଟମଙ୍ଗଳାରେ ହେବ ଅଣ୍ଡରପାସ୍

ଖୋର୍ଦ୍ଧା ଅଫିସ,୩।୫

ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥ ଖୋର୍ଦ୍ଧା ସହର ସ୍ଥିତ ଗଡ଼ଖୋର୍ଦ୍ଧା ଓ ବାଟମଙ୍ଗଳା ଠାରେ ଭେହିକିଲ୍ ଅଣ୍ଡରପାସ ନିର୍ମାଣ ହେବ। ଏଥିଲାଗି ୭ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଦୁଇ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ସାରିବାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ସୂଚନା ଦେଇଛନ୍ତି। ମଙ୍ଗଳବାର ଖୋର୍ଦ୍ଧା ବିକାଶ ମଞ୍ଚ ଆନୁକୂଲ୍ୟରେ ଗଡ଼ଖୋର୍ଦ୍ଧା ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏମ୍‌ପି ଷଡଙ୍ଗୀ ନିର୍ମାଣ ହେବାକୁ ଥିବା ସ୍ଥଳ ପରିଦର୍ଶନ ସହ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏବଂ ଉପସ୍ଥିତ ଅନ୍ୟମାନଙ୍କ ସହ ଆଲୋଚନା ପରେ ଘୋଷଣା କରିଥିଲେ। ସୂଚନାଥାଉ କି, ଏହି ଅଣ୍ଡରପାସ୍ ନିର୍ମାଣ ପାଇଁ ଏପ୍ରିଲ ୧୦ରୁ ବିକାଶ ମଞ୍ଚ ଆନ୍ଦୋଳନ ଜାରି ରଖିଥିଲା। ଏପ୍ରିଲ ୧୬ରେ ସହରର ଏକାଧିକ ବୁଦ୍ଧିଜୀବୀ ଏମ୍‌ପିଙ୍କ ସହ ଆଲୋଚନା କରିଥିଲେ। ମଞ୍ଚ ସଭାପତି ନରେନ୍ଦ୍ର ପୃଷ୍ଟି ସଭାପତିତ୍ୱରେ ଆୟୋଜିତ ବୈଠକରେ ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ, ଶିଶିର ପରିଡ଼ା, ଓକିଲ ସଂଘ ସଭାପତି ବିଜୟ ସାମନ୍ତସିଂହାର, ଭାଜପା ଜିଲ୍ଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, କାଉନ୍‌ସିଲର କମଳ ପ୍ରଧାନ, ସୁଶାନ୍ତ ଜେନା, ଏମ୍.ଡି.କାଲାମ, ପ୍ରଫୁଲ୍ଲ ଜେନା, ଗିରିଜା ଦାସ, ହେମନ୍ତ ପାତ୍ର, ନଗେନ୍ଦ୍ର ଚମ୍ପତି, ପ୍ରକାଶ ଶ୍ରୀଚନ୍ଦନ, ବିପ୍ର ବେହେରା ଉପସ୍ଥିତ ଥିଲେ।




କବି ଜୟଦେବ ଗୋସ୍ୱାମୀଙ୍କ ଜୟନ୍ତୀ ଅବସରରେ ମଙ୍ଗଳବାର ଜୟଦେବ ବିହାରସ୍ଥିତ ଜୟଦେବଙ୍କ ପ୍ରତିମୂର୍ତ୍ତିରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## କବି ଜୟଦେବଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୩।୫(ବ୍ୟୁରୋ)**

ଉତ୍କଳ ସମ୍ମିଳନୀ, ରାଜ୍ୟ ସଂସ୍କୃତି ବିଭାଗ ଏବଂ ଜୟଦେବ ବିହାର ଅଟୋ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଗୀତଗୋବିନ୍ଦ ରଚୟିତା ମହାକବି ଜୟଦେବଙ୍କ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ଜୟଦେବ ବିହାରଛକସ୍ଥିତ ଜୟଦେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖାର ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିଲେ। କର୍ପୋରେଟର ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ସଂସ୍କୃତି ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା, ଶାଖାର ଉପସଭାପତି ଶୀତଳ ଚନ୍ଦ୍ର ମହାନ୍ତି, ସଦସ୍ୟ ପ୍ରସନ୍ନ ରଥ ଏବଂ ପ୍ରବିର ମହାନ୍ତି ପ୍ରମୁଖ ଜୟଦେବଙ୍କ ଗୁଣାବଳୀ ବର୍ଣ୍ଣନା କରିଥିଲେ। ଜୟଦେବ ବିହାର ଅଟୋ ଆସୋସିଏଶନ ସଭାପତି କବିଚନ୍ଦ୍ର ପଣ୍ଡିମରାୟ, ସମ୍ପାଦକ ବାପି ନାୟକ, ସମ୍ମିଳନୀର ସମ୍ପାଦିକା ବାସନ୍ତୀ ତ୍ରିପାଠୀ, ମହେଶ୍ୱର ବିଶ୍ୱାଳ ଏବଂ ଶରତ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଭୁବନେଶ୍ୱରରେ ଲାକ୍‌ମି ଏକାଡେମୀ

**ଭୁବନେଶ୍ୱର,୩।୫**

ସୌନ୍ଦର୍ଯ୍ୟ କ୍ଷେତ୍ର ଓ ଶିଳ୍ପରେ କ୍ୟାରିୟର କରିବାକୁ ଆଗ୍ରହୀ ଥିବା ଯୁବପିଢ଼ିଙ୍କ ପାଇଁ ପ୍ରଥମ ଥର ଲାଗି ଭୁବନେଶ୍ୱର ଶହୀଦନଗରସ୍ଥିତ ଭବାନୀ ମଲ୍‌ରେ ବୁଧବାର ଆପ୍‌ଟେକ୍‌ର ଲାକ୍‌ମି ଏକାଡେମୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମହିଳା ଏବଂ ଶିଶୁ ବିକାଶ ବିଭାଗର ଉପଦେଷ୍ଟା ସୁଲତା ଦେଓ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସୌନ୍ଦର୍ଯ୍ୟ ଶିଳ୍ପ ଉପରେ କ୍ୟାରିୟର କରିବାକୁ ଚାହୁଁଥିବା ଯୁବପିଢ଼ିଙ୍କ ଆବଶ୍ୟକତାକୁ ଏହି ସେଣ୍ଟର ପୂରଣ କରିପାରିବ ବୋଲି ଅତିଥିଦ୍ୱୟ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ସଂସ୍ଥାର ଆଞ୍ଚଳିକ ପରିଚାଳନା ମୁଖ୍ୟ (ପୂର୍ବ ଭାରତ) ଶୁଭାଶିଷ ମହାପାତ୍ର କହିଥିଲେ, ଲାକ୍‌ମି ଏକାଡେମୀ ହେଉଛି ଏକ ବ୍ୟୁଟି ୱେଲ୍‌ନେସ୍ ତାଲିମ କେନ୍ଦ୍ର, ଯେଉଁଠାରେ କେବଳ ତାଲିମ ଦିଆଯାଏ ତାହା ନୁହେଁ, ଛାତ୍ରୀଛାତ୍ରଙ୍କୁ କିଭଳି ବଡ଼ ବଡ଼ କମ୍ପାନୀରେ ଚାକିରି ମିଳିବ ସେ ସମ୍ପର୍କରେ ମଧ୍ୟ ସଂସ୍ଥା ଗୁରୁତ୍ୱ ଦେଇଥାଏ।

ସାରା ଦେଶରେ ଲାକ୍‌ମିର ୧୫୦ ସେଣ୍ଟର ରହିଥିବାବେଳେ ଏହା ଓଡ଼ିଶାରେ ପ୍ରଥମ ଏବଂ ୧୫୧ତମ ସେଣ୍ଟର। ଏଠାରେ ଆଗ୍ରହୀ ଯୁବପିଢ଼ିଙ୍କୁ ଶ୍ରେଣୀଗୃହ ପାଠପଢ଼ା ସହ ଉପଯୁକ୍ତ ଭାବେ ପ୍ରାକ୍ଟିକାଲର ତାଲିମ ଦିଆଯିବ। ଏଠାରେ ପିଲାଙ୍କୁ ସୌନ୍ଦର୍ଯ୍ୟ, ଚର୍ମ ଏବଂ କେଶର ଯତ୍ନ, କର୍ପୋରେଟ୍ ମେକ୍‌ଅପ୍, ବ୍ୟକ୍ତିଗତ ଗ୍ରୁମିଙ୍ଗ, ବ୍ରାଇଡାଲ୍ ମେକ୍‌ଅପ୍, କ୍ଲାସିକ୍ କଟ୍, କ୍ରିଏଟିଭ୍ କଟ୍, କେଶର ରଙ୍ଗ ଇତ୍ୟାଦିରେ କୋଚିଂ ଦିଆଯିବ। ଯେଉଁମାନେ ଏଠାରୁ ଉତ୍ତୀର୍ଣ୍ଣ ହେବେ ସେମାନେ ଚଳଚ୍ଚିତ୍ର, ବ୍ୟୁଟି ସେଲୁନ୍ ଏବଂ ଟେଲିଭିଜନରେ ନିଜର ବୃତ୍ତି ଆରମ୍ଭ କରିପାରିବେ। ଏଠାରେ ସ୍ୱଳ୍ପ ମିଆଦୀ ଏବଂ ଦୀର୍ଘ ମିଆଦୀ ପାଠ୍ୟକ୍ରମ ମଧ୍ୟ ଉପଲବ୍ଧ ରହିଛି। ଉକ୍ତ କାର୍ଯ୍ୟକ୍ରମରେ ସଂସ୍ଥାର ଭୁବନେଶ୍ୱର ଫ୍ରାଞ୍ଚାଇଜ୍ ମୁଖ୍ୟ ପ୍ରଦୀପ୍ତ ପ୍ରଧାନ, ରେଣୁପ୍ରଭା ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ଭୁବନେଶ୍ୱର ଭବାନୀ ମଲ ପରିସରରେ ଲାକ୍‌ମୀ ଏକାଡେମୀର ଉଦ୍‌ଘାଟନୀ ଅବସରରେ ଅତିଥିଗଣ।

## ସାହାଣ ମେଳା, ଶ୍ୱେତ ସଙ୍କେତ ପକ୍ଷରୁ ୨୩ ପ୍ରତିଭା ସମ୍ବର୍ଦ୍ଧିତ

**ଭୁବନେଶ୍ୱର,୩।୫(ବ୍ୟୁରୋ)**

ଶ୍ୱେତ ସଂକେତ ସାରସ୍ୱତ ମଞ୍ଚର ୩୪ତମ ସମାବର୍ତ୍ତନ ସମାରୋହ ଓ ଦୈନିକ ଓଡ଼ିଆ ଖବରକାଗଜ 'ସାହାଣ ମେଳା'ର ୧୦ମ ସମ୍ବର୍ଦ୍ଧନା ଉତ୍ସବ ମଙ୍ଗଳବାର ଗୀତଗୋବିନ୍ଦ ସଦନ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇ ଅନୁଷ୍ଠାନର ଅଧ୍ୟକ୍ଷା ଡ. ସୁଚେତା ରାଉତ ଏବଂ ଦମୟନ୍ତୀ ଦାଶଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ଯୋଗଦେଇ ଅନୁଷ୍ଠାନର ଆଦର୍ଶ ଓ ନୀତିକୁ ପ୍ରଶଂସା କରିବା ସହ ମାତୃଭାଷାର ପ୍ରସାର ଓ ପ୍ରଚାର ପାଇଁ ଶ୍ୱେତ ସଂକେତର ଲଢ଼େଇ ଲାଗି ସାଧୁବାଦ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ କୁମାର ପଣ୍ଡା, ସୂଚନା ଓ ପ୍ରସାରଣ ମନ୍ତ୍ରୀ ରଘୁନନ୍ଦନ ଦାସ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଗାନ୍ଧୀବାଦୀ ଆଲୋଚକ ପ୍ରହ୍ଲାଦ ପ୍ରସାଦ ସିଂହ ମଞ୍ଚାସୀନ ଥିଲେ। ଏହି ଅବସରରେ ଶ୍ୱେତ ସଙ୍କେତର ବିଷୁବ ସଂଖ୍ୟା ଏବଂ ଅଧ୍ୟାପକ ବିଷ୍ଣୁମୋହନଙ୍କ ପୁସ୍ତକ 'ଜାତି ଜାତିକା' ଓ 'ଗୀତି ଗୀତିକା' ଲୋକାର୍ପିତ ହୋଇଥିଲା। ଶ୍ୱେତ ସଂକେତ ପକ୍ଷରୁ ୧୦ ଜଣ ଓ ସାହାଣ ମେଳା ତରଫରୁ ୧୩ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ଅଧିବେଶନରେ ଆୟୋଜିତ ରାଜ୍ୟସ୍ତରୀୟ କବିତା ପାଠ କାର୍ଯ୍ୟକ୍ରମକୁ ଡ. ଦେବାଶିଷ ମହାପାତ୍ର, ଡ. ଗୀତାଶ୍ରୀ ପ୍ରିୟମ୍ବଦା ଏବଂ ଉମାକାନ୍ତ ମହାପାତ୍ର ସଂଯୋଜନା କରିଥିଲେ। ଦୁଇ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଦେବେନ୍ଦ୍ରନାଥ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାହାଣମେଳାର ପ୍ରକାଶିକା ଦମୟନ୍ତୀ ଦାଶ ଧନ୍ୟବାଦ ଦେଇଥିଲେ।




ଗୀତଗୋବିନ୍ଦ ସଦନରେ ଶ୍ୱେତ ସଙ୍କେତ ଏବଂ 'ସାହାଣମେଲା' ପକ୍ଷରୁ ଆୟୋଜିତ ସାରସ୍ୱତ ମଞ୍ଚ ଓ ସମ୍ବର୍ଦ୍ଧନା ସମାରୋହରେ ମଞ୍ଚାସୀନ ଅତିଥି।

## ଆନ୍ତଃ ଜିଲ୍ଲା ମହିଳା କ୍ରିକେଟ: ୫ରେ ଖୋର୍ଦ୍ଧା ଜିଲ୍ଲା ଚୟନ ଶିବିର

**ଖୋର୍ଦ୍ଧା ଅଫିସ,୩।୫:** ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଆସନ୍ତା ୯ତାରିଖରୁ ଆରମ୍ଭ ହେବ ଆନ୍ତଃ ଜିଲ୍ଲା ମହିଳା ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ। ଏନେଇ ଖୋର୍ଦ୍ଧା ଜିଲ୍ଲା ଦଳର ଚୟନ ଶିବିର ଆସନ୍ତା ୫ତାରିଖରେ ସ୍ଥାନୀୟ ବିଜେବି ହାଇସ୍କୁଲ ଖେଳପଡ଼ିଆରେ ଅନୁଷ୍ଠିତ ହେବ। ଇଚ୍ଛୁକ ମହିଳା ଖେଳାଳିମାନେ ସେମାନଙ୍କ ଜନ୍ମପ୍ରମାଣପତ୍ର, ଆଧାରକାର୍ଡ ସହିତ ପୂର୍ବାହ୍ନ ୧୦ଟାରେ ଖେଳପଡ଼ିଆରେ ଉପସ୍ଥିତ ରହିବାକୁ ସଂଘର ସମ୍ପାଦକ ବିକାଶ ପ୍ରଧାନ ଜଣାଇଛନ୍ତି।

## ପିଲାଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା

**ଭୁବନେଶ୍ୱର,୩।୫(ବ୍ୟୁରୋ)**

'ନୂତନ ଭବିଷ୍ୟତ ନିର୍ମାଣର ସୂତ୍ରଧର' ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ସତ୍ୟନଗର ବସ୍ତିରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅକ୍ଷୟତୃତୀୟା ଅବସରରେ ଆୟୋଜିତ ଏହି ପ୍ରତିଯୋଗିତାରେ ୪୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଚିତ୍ରାଙ୍କନର ଥିମ୍ ଥିଲା 'ମୋ ଜଗନ୍ନାଥ'। ଆଗାମୀ ଦିନରେ କୃତି ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନର ସଦସ୍ୟା ଭାନୁପ୍ରିୟା ଦାସ କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦାସ, ସମ୍ପାଦକ ନିହାର ରଞ୍ଜନ ଦାସ ଏବଂ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଜୟଦେବ ଓଡ଼ିଶାର ଅସ୍ମିତା

**ବାଲିପାଟଣା,୩।୫(ଡି.ଏନ୍.ଏ.)**

ଗୀତଗୋବିନ୍ଦର ରଚୟିତା କବି ଜୟଦେବଙ୍କ ଜୟନ୍ତୀ ଉତ୍ସବ ମଙ୍ଗଳବାର ବାଲିପାଟଣାସ୍ଥିତ ଶିଶୁ ଅନନ୍ତ ପୀଠରେ ପାଳିତ ହୋଇଯାଇଛି। ଏଥିରେ ଜୟଦେବ ବିଧାୟକ ଅରବିନ୍ଦ ଢାଲି ଉଦ୍‌ଘାଟକ ଭାବେ ଯୋଗଦେଇ କହିଥିଲେ, ଜୟଦେବଙ୍କ ପାଇଁ ଆମେମାନେ ବିଦେଶରେ ପରିଚିତ। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ପ୍ରଫୁଲ କୁମାର ସ୍ୱାଇଁ ଯୋଗଦେଇ କହିଥିଲେ, ଜୟଦେବ ଓଡ଼ିଶାର ଅସ୍ମିତା। ସମ୍ମାନିତ ଅତିଥି ଭାବେ ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ ଯୋଗଦେଇ ଜୟଦେବଙ୍କ ପାଇଁ ଗୀତିଗୋବିନ୍ଦ କାଳଜୟୀ ହୋଇ ରହିବ ବୋଲି କହିଛନ୍ତି। ବାଲିପାଟଣା ଥାନା ଅଧିକାରୀ କୃପାସିନ୍ଧୁ ବରାଡ଼, ଗବେଷକ ପ୍ରଫୁଲ ତ୍ରିପାଠୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପଠାଣି ରାଉତ, ଭାଗ୍ୟଲକ୍ଷ୍ମୀ ମିଶ୍ର ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ। ଶିଶୁଅନନ୍ତ ସ୍ମୃତି ସଂସଦ ସମ୍ପାଦିକା ତନୟାଦାସ ଗୋସ୍ୱାମୀ ସ୍ୱାଗତ ଭାଷଣ ଓ ସଭାପତି ଅଭିମନ୍ୟୁ ନାୟକ ଧନ୍ୟବାଦ ଦେଇଥିଲେ। ରବି କୁମାର ଓ ତାଙ୍କ ସାଥି ଭଜନ ପରିବେଷଣ କରିଥିଲେ। ପୂର୍ଣ୍ଣ ବାରିକଙ୍କ ଗୋଟିପୁଅ ଦଳ ନୃତ୍ୟ ପରିବେଷଣ କରିଥିଲେ।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

## ଯୁବକଙ୍କୁ ଛୁରାମାଡ଼ କରି ଲୁଟ୍

### ରାଜଧାନୀରେ ଲୁଟେରାଙ୍କ ଆତଙ୍କ

- ଚାକିରି ଆଶାରେ ଭଞ୍ଜନଗରରୁ ଆସିଥିଲେ
- ମୋବାଇଲ ଫୋନ୍, ଟଙ୍କା ଛଡ଼ାଇ ନେଲେ
- ଗୁରୁତର ଅବସ୍ଥାରେ ଉଦ୍ଧାର କଲା ପୋଲିସ

**ଭୁବନେଶ୍ୱର, ୩।୫(ବ୍ୟୁରୋ)**

ରାଜଧାନୀରେ ଏବେ ଲୁଟେରାମାନେ ଆତଙ୍କ ଖେଳାଇଛନ୍ତି। କେତେବେଳେ ସୁନାଦୋକାନୀଙ୍କୁ ଗୁଳିମାଡ଼ କରି ଲୁଟୁଛନ୍ତି ତ ଆଉ କେତେବେଳେ ରାସ୍ତାରେ ଯାଉଥିବା ଯାତ୍ରୀଙ୍କୁ ଛୁରାମାଡ଼ କରି ଟଙ୍କା ଓ ମୋବାଇଲ ଫୋନ୍ ଛଡ଼ାଇ ନେଉଛନ୍ତି। ମଙ୍ଗଳବାର ଭୋରୁ ନୟାପଲ୍ଲୀ ଥାନା ଅଧୀନ ସିଆର୍‌ପି ଛକରେ ଜଣେ ଯୁବକ ଲୁଟ୍ ଓ ଆକ୍ରମଣର ଶିକାର ହୋଇଛନ୍ତି। ସେ ହେଲେ ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ବେଲଗୁଣ୍ଠା ଅଞ୍ଚଳର ଦୀପକ ରାଉଳ। ଦୁର୍ବୃତ୍ତମାନେ ଦୀପକଙ୍କୁ ଛୁରାରେ ଆକ୍ରମଣ କରିବା ସହ ମୋବାଇଲ୍ ଫୋନ୍ ଓ ୫୦୦ ଟଙ୍କା ଲୁଟିନେଇ ଫେରାର ହୋଇଯାଇଛନ୍ତି। ଛୁରାମାଡ଼ ଯୋଗୁ ଦୀପକଙ୍କ ପେଟରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ରାସ୍ତାରେ ଅଚେତ ଅବସ୍ଥାରେ ସେ ପଡ଼ିଥିବାବେଳେ ସ୍ଥାନୀୟ ଲୋକଙ୍କଠୁ ପୋଲିସ ଖବର ପାଇ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲା। ହେଲେ ସେଠାରେ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ପରେ ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୀପକଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ଥିବା ପୋଲିସ କହିଛି। ଏନେଇ ପୋଲିସ ଏକ ମାମଲା (ନଂ. ୩୦୧/୨୦୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ଦୁର୍ବୃତ୍ତଙ୍କୁ ଧରିବାକୁ ଘଟଣାସ୍ଥଳରେ ଲାଗିଥିବା ଏକାଧିକ ସିସିଟିଭି ଫୁଟେଜ ଯାଞ୍ଚ ସହ ସ୍ଥାନୀୟ ଲୋକଙ୍କୁ ପୋଲିସ ପଚରାଉଚରା କରୁଛି। ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇ ଖୁବଶୀଘ୍ର ଗିରଫ କରାଯିବ ବୋଲି ନୟାପଲ୍ଲୀ ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ କହିଛନ୍ତି।

ସୂଚନା ଅନୁଯାୟୀ, ଦୀପକ ଚାକିରି ଖୋଜିବା ଆଶାରେ ସୋମବାର ଭଞ୍ଜନଗରରୁ ଏକ ବସ୍‌ରେ ଭୁବନେଶ୍ୱର ଆସିଥିଲେ। ମଙ୍ଗଳବାର ଭୋର୍ ପ୍ରାୟ ୪ଟାରେ ସିଆର୍‌ପି ଛକରେ ସେ ବସ୍‌ରୁ ଓହ୍ଲାଇଥିଲେ। ଏହାପରେ ନୟାପଲ୍ଲୀ ଅଞ୍ଚଳ ସାଲିଆ ସାହିସ୍ଥିତ ତାଙ୍କ ଭାଇଙ୍କ ପାଖକୁ ଯିବା ପାଇଁ ଅଟୋକୁ ଅପେକ୍ଷା କରିଥିଲେ। ଏହି ସମୟରେ ଗୋଟିଏ ବାଇକରେ ୩ଜଣ ଦୁର୍ବୃତ୍ତ ସେଠାକୁ ଆସିଥିଲେ। ସେମାନେ ଦୀପକଙ୍କୁ ମୋବାଇଲ ଫୋନ୍ ଓ ଟଙ୍କା ମାଗିଥିଲେ। ସେ ନ ଦେବାରୁ ସେମାନେ ଛୁରାମାଡ଼ କରି ପର୍ସ ଓ ମୋବାଇଲ ଛଡ଼ାଇ ନେଇ ପଳାଇଯାଇଥିଲେ। ଆକ୍ରମଣ ପରେ ଦୀପକ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। କିଛି ସମୟ ପରେ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ।



ଗୁରୁତର ହୋଇଥିବା ଦୀପକ ରାଉଳ।

# ବାର୍ବି ହେବା ପାଇଁ ୭୩ ହଜାର ଡଲାର ଖର୍ଚ୍ଚ



## ଜେସିଙ୍କ ସହ ସମ୍ପର୍କ ଛିନ୍ନ କଲା ପରିବାର

**କାନବେରା:** ସୁନ୍ଦର ଦେଖାଯିବା ପାଇଁ ସମସ୍ତେ ଚାହାନ୍ତି। ତା' ପାଇଁ ଲୋକେ ବିଭିନ୍ନ ପ୍ରକାର ପ୍ରସାଧନ ସାମଗ୍ରୀ ବ୍ୟବହାର କରିଥାନ୍ତି। କିନ୍ତୁ ଏମିତି କିଛି ଲୋକ ଦୁନିଆରେ ଅଛନ୍ତି ଯେଉଁମାନେ ସୁନ୍ଦର ଦେଖାଯିବା ପାଇଁ ଅସ୍ତ୍ରୋପଚାର ଜରିଆରେ ନିଜ ଶରୀରକୁ ସମ୍ପୂର୍ଣ୍ଣ ଭାବେ ବଦଳାଇ ଦିଅନ୍ତି। ଜର୍ମାନର ୨୧ ବର୍ଷୀୟା ଯୁବତୀ ଜେସି ବନୀ। ଯେ ବାର୍ବି ଡଲ୍ ପରି ଦେଖାଯିବା ପାଇଁ ନିଜ ଅଙ୍ଗପ୍ରତ୍ୟଙ୍ଗର ଆକାର ରୂପରେଖ ବଦଳାଇଛନ୍ତି। ତାଙ୍କର ଏ ଅଜବ ନିଶା ପାଇଁ ପରିବାର ତାଙ୍କଠାରୁ ସବୁ ସମ୍ପର୍କ ଛିନ୍ନ କରିଛନ୍ତି। ଏଥିଲାଗି ବର୍ତ୍ତମାନ ସୁଦ୍ଧା ଜେସ୍ସି ୭୩ ହଜାର ଡଲାର (ପାଖାପାଖି ୫୫,୮୪,୪୭୧) ଖର୍ଚ୍ଚ କରିସାରିଛନ୍ତି। ୩ଟି ବ୍ରେଷ୍ଟ ସର୍ଜରି ସାଙ୍ଗକୁ ନାକ ଏବଂ ଓଠ ସର୍ଜରି ସେ କରିସାରିଛନ୍ତି। ଜେସିଙ୍କ ପ୍ରକୃତ ନାମ ଜେସିକା ହୋଇଥିବାବେଳେ ସେ ତାଙ୍କ ନାମ ବଦଳାଇ ଜେସି ବନୀ ରଖିଛନ୍ତି। ଇନ୍‌ଷ୍ଟାଗ୍ରାମର ବାଇଓରେ ଫ୍ୟାଶନ ମଡେଲ ଭାବେ ନିଜ ପରିଚୟ ଦେଇଛନ୍ତି। ୧୭ ବର୍ଷ ବୟସରେ ଜେସି ନିଜ ଶରୀର ଗଠନ ପରିବର୍ତ୍ତନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଡାଇଭିଂ ଶିଖିବା ପାଇଁ ପରିବାରଠାରୁ ଆଣିଥିବା ଅର୍ଥରେ ସେ ପ୍ରଥମ ବ୍ରେଷ୍ଟ ସର୍ଜରି କରିଥିଲେ। ଜେସିଙ୍କ ଏ ପ୍ରକାର ନିଷ୍ପତ୍ତିରେ କିନ୍ତୁ ପରିବାର ଲୋକେ ଖୁସି ନ ଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଘରଛାଡ଼ି ଅଲଗା ରହିବାକୁ ପଡ଼ିଥିଲା। ଜେସ୍ସିଙ୍କ ଏ ପ୍ରକାର ରୁଚି ପାଇଁ ତାଙ୍କ ଭାଇ ଓ ଜେଜେମା' ଜେଜେବାପା ଜେସ୍ସିଙ୍କ ଫୋନ୍ କଲ୍ ବ୍ଲକ୍ କରିବା ସହ ସବୁ ସମ୍ପର୍କ ତୁଟାଇ ଦେଇଛନ୍ତି, ଯାହାକୁ ନେଇ ସେ ଦୁଃଖିତ ଥିବା କହିଛନ୍ତି।

# ଧନୁଷ୍‌ଙ୍କୁ ହାଇକୋର୍ଟ ସମନ

## ଜାଲ ଜନ୍ମ ପ୍ରମାଣ ପତ୍ର ଦାଖଲ

ମାଡ୍ରାସ



ହାଇକୋର୍ଟରେ ଜାଲ୍ ପ୍ରମାଣପତ୍ର ଦାଖଲ କରିବା ଅଭିଯୋଗରେ ମଙ୍ଗଳବାର ମାଡ୍ରାସ ହାଇକୋର୍ଟଙ୍କ ପକ୍ଷରୁ ସାଉଥ୍ ସୁପରଷ୍ଟାର ଧନୁଷଙ୍କୁ ସମନ ଜାରି କରାଯାଇଛି। ମାଡ୍ରାସର ଏକ ଦମ୍ପତି ଧନୁଷ ତାଙ୍କ ପୁଅ ବୋଲି ଦାବି କରିଆସୁଥିବାବେଳେ ଏ ନେଇ ସେମାନେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ପ୍ରକାଶିତ ଖବର ମୁତାବକ କାଥିସେରନ ଓ ତାଙ୍କ ସ୍ତ୍ରୀ ନିମାକ୍ଷୀଙ୍କ ଅଭିଯୋଗକ୍ରମେ ଧନୁଷ ସେମାନଙ୍କ ତୃତୀୟ ସନ୍ତାନ। ୨୦୧୭ରେ ମାଡ୍ରାସ ହାଇକୋର୍ଟର ମଦୁରାଇ ବେଞ୍ଚ ପକ୍ଷରୁ ମାମଲା ଖାରଜ କରାଯାଇଥିଲା। ଧନୁଷ ଜନ୍ମଗତ ପ୍ରମାଣ ପତ୍ର କୋର୍ଟରେ ଦାଖଲ କରିବା ପରେ ସମସ୍ତ ଦସ୍ତାବିଜ ଜାଲ ବୋଲି କୋର୍ଟରେ ଦମ୍ପତି ଅଭିଯୋଗ କରିଥିଲେ। ଧନୁଷ କୋର୍ଟରେ ଜାଲ ପ୍ରମାଣପତ୍ର ଦାଖଲ କରିବା ନେଇ କୌଣସି ପ୍ରମାଣ ନ ଥିବା କହି ୨୦୨୦ରେ କୋର୍ଟ ଏହି ମାମଲାକୁ ଖାରଜ କରିଥିଲେ। ସଦ୍ୟ ରିପୋର୍ଟ ମୁତାବକ ୨୦୨୦ରେ କୋର୍ଟ ଦେଇଥିବା ରାୟକୁ ଧନୁଷଙ୍କ ପ୍ରକୃତ ବାପା ବୋଲି ଦାବି କରୁଥିବା କାଥିସେରନ ମାଡ୍ରାସ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଅଭିନୟ ଜଗତରେ ନିଜ କ୍ୟାରିୟର ଗଢ଼ିବା ପାଇଁ ଧନୁଷ ସ୍କୁଲରୁ ଲୁଚି ପଳାଇଥିଲେ। ଏଥିସହ ଧନୁଷ ତାଙ୍କ ନାଁ ପରିବର୍ତ୍ତନ କରିଥିବା ଉକ୍ତ ଦମ୍ପତି କହିଛନ୍ତି। ବହୁବାର କାଥିସେରନ ଏବଂ ନିମାକ୍ଷୀ ଧନୁଷଙ୍କୁ ଦେଖାକରିବା ପାଇଁ ଚେନ୍ନାଇ ଆସିଥିଲେ ହେଁ ସେମାନେ ତାଙ୍କୁ ଭେଟି ପାରି ନ ଥିଲେ। ଉକ୍ତ ଦମ୍ପତି ନିଜ ଭରଣପୋଷଣ ବାବଦକୁ ୬୫ ହଜାର ଟଙ୍କା ମଧ୍ୟ ଦାବି କରିଛନ୍ତି।

# ଖତ୍‌ରୋଁକେ ଖିଲାଡ଼ିରେ ରୁବିନା



**ମୁମ୍ବାଇ:** ଗୁଜବ ଉପରୁ ଏବେ ପରଦା ହଟିଛି। ସିରିଏଲ୍ 'ଛୋଟି ବୋହୁ' ଫେମ୍ ରୁବିନା ଦିଲେକ ଡେୟାରିଂ ଶୋ' ଖତରୋଁକେ ଖିଲାଡ଼ିରେ ସାମିଲ ହେବା ନେଇ ଯେଉଁ ଚର୍ଚ୍ଚା ହେଉଥିଲା ତାହା ଏବେ ସ୍ପଷ୍ଟ ହୋଇଛି। ତେବେ ଏହି ଶୋ'ରେ ଅଂଶଗ୍ରହଣ କରିବା ନେଇ ମଙ୍ଗଳବାର ରୁବିନା ନିଜେ କହିଛନ୍ତି। ଖୁବ୍‌ଶୀଘ୍ର ଏହି କାର୍ଯ୍ୟକ୍ରମ ଟେଲିଭିଜନରେ ପ୍ରସାରଣ ହେବାକୁଯାଉଛି। ବଲିଉଡ୍ ଫିଲ୍ମ ନିର୍ଦ୍ଦେଶକ ରୋହିତ ସେଟ୍ଟୀ କାର୍ଯ୍ୟକ୍ରମକୁ ହୋଷ୍ଟ କରିବାକୁ ଥିବାବେଳେ ଏହାର ଶୁଟିଂ ସାଉଥ୍ ଆଫ୍ରିକାରେ କରାଯିବ। ତେବେ ଚଳିତ ବର୍ଷ ସିଜନ୍ ୧୨ରେ ମୋଟ ୧୫ ଜଣ କଣ୍ଟେଷ୍ଟାଣ୍ଟ ଯୋଗ ଦେବେ। ଏହାପୂର୍ବ ସିଜନ୍‌ରେ ସ୍ୱାମୀ ଅଭିନବ ଶୁକ୍ଲା ସାମିଲ ହୋଇଥିଲେ। ଏହାପୂର୍ବରୁ ରୁବିନା ବିଗ୍‌ବସ୍ ସିଜନ ୧୪ର ୱିନର ହୋଇସାରିଛନ୍ତି। 'ଛୋଟି ବୋହୁ' ସିରିଏଲ୍ ଜରିଆରେ ରୁବିନା ଲୋକଲୋଚନକୁ ଆସିଥିଲେ। ସିରିଏଲ୍‌ରେ ସେ ରାଧିକା ଭୂମିକାରେ ଅଭିନୟ କରିଥିବାବେଳେ ନିଜ ରିଲ୍ ଚରିତ୍ର ପାଇଁ ସେ ଅନେକ ସିରିଏଲ୍ ପ୍ରେମୀଙ୍କ ପ୍ରିୟଭାଜନ ହୋଇପାରିଥିଲେ।

# ଚର୍ଚ୍ଚାରେ ନତାଶାଙ୍କ ଆଉଟ୍‌ଫିଟ୍

## ମେଟ୍ ଗାଲା ୨୦୨୨

ନ୍ୟୁୟର୍କ



ଚଳିତବର୍ଷ ବିଶ୍ୱର ସବୁଠାରୁ ବଡ଼ ଫ୍ୟାଶନ୍ ଇଭେଣ୍ଟ କୁହାଯାଉଥିବା ମେଟ୍ ଗାଲା ୨୦୨୨ ନ୍ୟୁୟର୍କ ସହରରେ ଅନୁଷ୍ଠିତ ହୋଇଯାଇଛି। ଖ୍ୟାତନାମା ସେଲିବ୍ରିଟି, ୟଙ୍ଗ କ୍ରିଏଟିଭ୍ ଏବଂ ପ୍ରତିଷ୍ଠିତ ବ୍ୟବସାୟୀ ଏହି ସମାରୋହରେ ସାମିଲ ହୋଇଥାନ୍ତି। ଗିଗି ହାଡିଡ୍, କେଣ୍ଡାଲ ଜେନ୍ନର, କିମ୍ କାରଡାଶିଆନଙ୍କ ଭଳି ଅନେକ ସେଲିବ୍ରିଟି ମେଟ୍ ଗାଲା ରେଡ୍ କାର୍ପେଟରେ ୟୁନିକ୍ ଆଉଟ୍‌ଫିଟ୍ ପିନ୍ଧି ଚାଲିଥିବାବେଳେ ନତାଶା ପୁନାୱାଲାଙ୍କ ଶାଢ଼ି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଭିଲୁପ୍ ପୁନାୱାଲା ଫାଉଣ୍ଡେଶନର ଅଧ୍ୟକ୍ଷା ତଥା ସେରମ ଇନ୍‌ଷ୍ଟିଚ୍ୟୁଟ ସିଇଓ ଆଦର ପୁନାୱାଲାଙ୍କ ସ୍ତ୍ରୀ ନତାଶାଙ୍କ ଆଉଟ୍ ଫିଟ୍‌କୁ ନେଇ ଏବେ ଚାରିଆଡେ ଚର୍ଚ୍ଚା। ଜଣାଶୁଣା ଡିଜାଇନର ସବ୍ୟସାଚୀଙ୍କ ଦ୍ୱାରା ଡିଜାଇନ୍ କରାଯାଇଥିବା ଗୋଲ୍ଡେନ ଶାଢ଼ି ସାଙ୍ଗକୁ ନତାଶା ଗୋଲ୍ଡେନ ରଙ୍ଗର ମେଟାଲ ବ୍ଲାଉଜ୍ ପିନ୍ଧି ଥିଲେ। ତେବେ ନତାଶାଙ୍କ ଏହି ଆଉଟ୍ ଫିଟ୍‌ର ଫଟୋ ସବ୍ୟସାଚୀ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ବିଶ୍ୱର ସବୁଠାରୁ ଧନୀ ଏଲନ ମସ୍କ ମେଟ୍ ଗାଲା ସମାରୋହରେ ତାଙ୍କ ସୁପର ମଡେଲ ମା' ମାୟେ ମସ୍କଙ୍କ ସହ ରେଡ୍ କାର୍ପେଟରେ ଚାଲିଥିଲେ।

# ଅଟୋରେ ପରିବା ଚାଷ

ନୂଆଦିଲ୍ଲୀ

ଅଟୋରେ ଯାତ୍ରା କରୁଥିବା ଲୋକମାନଙ୍କୁ ଗରମରୁ ରକ୍ଷା କରିବା ପାଇଁ ଦିଲ୍ଲୀର ଜଣେ ଅଟୋଚାଳକ ନିଆରା ପ୍ରୟାସ ଆପଣାଇଛନ୍ତି। ମହେନ୍ଦ୍ର କୁମାର ତାଙ୍କ ଅଟୋର ଉପରି ଭାଗରେ ପରିବା ଚାଷ କରିଛନ୍ତି। ପାଖାପାଖି ୨୦ ପ୍ରଜାତିର ଗୁଳ୍ମ ଜାତୀୟ ପରିବା ଗଛ ସେ ଲଗାଇଛନ୍ତି, ଯେଉଁଥିରେ ବନ୍ଧାକୋବି, ଟମାଟୋ ଏବଂ ବାଜରା ଗଛ ରହିଛି। ଅଟୋର ଛାତରେ ପ୍ରଥମେ ଏକ ମୋଟା ଚାଦର ବିଛାଇବା ପରେ ସେଥିରେ ମାଟି ଦେଇଥିଲେ। ଏହାପରେ ବନ୍ଧୁମାନଙ୍କଠାରୁ ଯୋଗାଡ଼ କରିଥିବା ପରିବାର ଗଛ ମଞ୍ଜି ଓ ଚାରା ସବୁ ରୋପଣ କରିଥିବା ମହେନ୍ଦ୍ର କହିଛନ୍ତି।

# ଭାଇ ହତ୍ୟାକାରୀଙ୍କୁ ଆଜୀବନ ଜେଲ

- ୪ ବର୍ଷ ପରେ ପ୍ରବୀଣ ହତ୍ୟାକାଣ୍ଡ ମାମଲା ରାୟ ପ୍ରକାଶ
- ୪୦ ହଜାର ଟଙ୍କା ପାଇଁ ଶ୍ୱାସରୁଦ୍ଧ କରି ହତ୍ୟା କରିଥିଲେ

କାମାକ୍ଷାନଗର, ୩।୫(ଡି.ଏନ୍.ଏ.)

ସାମାନ୍ୟ ଅର୍ଥ ଲୋଭରେ ଭୁଲି ଯାଇଥିଲେ ହିତାହିତ ଜ୍ଞାନ। ରକ୍ତ ସମ୍ପର୍କୀୟ ନାବାଳକ ଭାଇକୁ ଅପହରଣ କରିବା ପରେ ବେକକୁ ରଶିରେ ଭିଡ଼ି ହତ୍ୟା କରିଥିଲେ। ଏହି ମାମଲାର ରାୟ ଘଟଣାର ୪ବର୍ଷ ପରେ ମଙ୍ଗଳବାର ପ୍ରକାଶ ପାଇଛି। ହତ୍ୟାକାରୀ ସତ୍ୟସ୍ୱପ୍ନା ସାହୁ ଓରଫ୍ ବାପୁନ୍‌ଙ୍କୁ ଢେଙ୍କାନାଳ ଜିଲା କାମାକ୍ଷାନଗର ଅତିରିକ୍ତ ଦୌରାଜ୍‌ଜ୍ ସତ୍ୟନାରାୟଣ ପାତ୍ର ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ଓକିଲ ଦେବରାଜ ବେହେରା ମାମଲା ପରିଚାଳନା କରିଥିଲେ।

କାମାକ୍ଷାନଗର ଥାନା ମୁକ୍ତାପଶି ଗ୍ରାମରେ ୨୦୧୮ ମାର୍ଚ୍ଚ ୧୫ରେ ସଂଘଟିତ ହୋଇଥିଲା ଏହି ହତ୍ୟାକାଣ୍ଡ। ପ୍ରଦୀପ କୁମାର ସାହୁଙ୍କ ଏକମାତ୍ର ପୁଅ ପ୍ରବୀଣ ଓରଫ୍ ଶିବା (୮) ସ୍କୁଲରୁ ଫେରି ଗାଁଦାଣ୍ଡରେ ଖେଳୁଥିବାବେଳେ ନିଖୋଜ ହୋଇଯାଇଥିଲେ। ତାଙ୍କର କୌଣସି ସନ୍ଧାନ ନ ମିଳିବାରୁ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହି ସମୟରେ ପ୍ରଦୀପଙ୍କ ମୋବାଇଲକୁ ଏକ ମେସେଜ୍ ଆସିଥିଲା ଯେ ୪୦ ହଜାର ଟଙ୍କା ଦେଲେ ପୁଅକୁ ଫେରିପାଇବ। ପୋଲିସ ମୋବାଇଲ୍ ନମ୍ବର ଟ୍ରାକିଂ କରିବା ପରେ ସନ୍ଦେହ ଘେରକୁ ଆସିଥିଲେ ପ୍ରଦୀପଙ୍କ ବଡ଼ଭାଇଙ୍କ ପୁଅ ସତ୍ୟସ୍ୱପ୍ନା। ମାର୍ଚ୍ଚ ୧୬ରେ ପୋଲିସ ତାଙ୍କୁ ଉଠାଇ ନେଇ ଜେରା କରିବା ପରେ ରହସ୍ୟ ଉନ୍ମୋଚନ ହୋଇଥିଲା। ଅର୍ଥଲୋଭରେ ସତ୍ୟସ୍ୱପ୍ନା ରକ୍ତ ସମ୍ପର୍କୀୟ ଭାଇଙ୍କୁ ଅପହରଣ କରି ହତ୍ୟା କରିଥିଲେ। ଦୋଷ ଲୁଚାଇବାକୁ ମୃତଦେହକୁ ଅଖାରେ ପୂରାଇ ଘରେ ରଖିଥିଲେ। ଜେରା ବେଳେ ପୋଲିସ ଆଗରେ ସେ ସବୁ ସତ ମାନିଯାଇଥିଲେ। ଏ ନେଇ ଆଇପିସି ଦଫା ୩୦୨, ୨୦୧, ୩୬୪ ଅନୁଯାୟୀ ପୋଲିସ ଏକ ମାମଲା (ନଂ.୫୦/୧୮) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ତତ୍କାଳୀନ ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ ଏବଂ ତଦନ୍ତକାରୀ ଅଧିକାରୀ ଲିଆକତ୍ ଖାନ୍‌ଙ୍କ ଉଦ୍ୟମରେ ମାତ୍ର ୨୪ ଘଣ୍ଟା ମଧ୍ୟରେ ହତ୍ୟା ଅଭିଯୁକ୍ତ ଧରାପଡ଼ିଥିଲେ। ଏହି ଘଟଣା ସେତେବେଳେ ଚର୍ଚ୍ଚାର ବିଷୟ ପାଲଟିଥିଲା।



ଅଭିଯୁକ୍ତ ସତ୍ୟସ୍ୱପ୍ନା ସାହୁ

## 'ଫାଶୀ ହୋଇଥିଲେ ପୁଅ ଆତ୍ମା ଶାନ୍ତି ପାଇଥାନ୍ତା'

ପ୍ରବୀଣ ହତ୍ୟାକାଣ୍ଡ ମାମଲାର ମଙ୍ଗଳବାର ଥିଲା ଗୁରୁତ୍ୱପୂର୍ଣ୍ଣ ଦିନ। ଢେଙ୍କାନାଳ ଜିଲା କାମାକ୍ଷାନଗର ଅତିରିକ୍ତ ଦୌରାଜ୍‌ଜଙ୍କ କୋର୍ଟରେ ରାୟ ପ୍ରକାଶ ପାଇବାକୁ ଥିବାବେଳେ ସମସ୍ତେ ଉତ୍ସୁକତାର ସହ ଚାହିଁ ରହିଥିଲେ। ମାମଲାର ଶୁଣାଣି ସରି ରାୟ ଆସିବା ପରେ କୋହ ସମ୍ଭାଳିପାରି ନ ଥିଲେ ମୃତ ପ୍ରବୀଣଙ୍କ ବାପା ପ୍ରଦୀପ। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି, ଏକମାତ୍ର ପୁଅକୁ ହରାଇବାର ଯନ୍ତ୍ରଣା ବଖାଣିବା ସହଜ ନୁହେଁ। ଅର୍ଥ ଲୋଭରେ ନିଜ ପୁତୁରା ଏଭଳି କାଣ୍ଡ ଘଟାଇଲା। ମୁଁ ପୁଅକୁ ଆଉ ପାଇବି ନାହିଁ। ହେଲେ କୋର୍ଟ ଅଭିଯୁକ୍ତଙ୍କୁ ଉଚିତ ଦଣ୍ଡ ଦେଇଛନ୍ତି। କିନ୍ତୁ ଫାଶୀ ହୋଇଥିଲେ ପୁଅର ଆତ୍ମା ଶାନ୍ତି ପାଇଥାନ୍ତା ବୋଲି ଲୁହ ଛଳଛଳ ଆଖିରେ କହିଛନ୍ତି ପ୍ରଦୀପ।

## ରାଜ୍ୟ ଖବର

# ଇଦ୍ ପାଳି ଫେରିବା ବେଳେ ଦୁର୍ଘଟଣା: ୨ ଯୁବକ ମୃତ

ଚାନ୍ଦବାଲି, ୩।୫ (ଡି.ଏନ୍.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ଥାନା କେନ୍ଦ୍ରାପଡ଼ା-ଚାନ୍ଦବାଲି ରାସ୍ତାର ତାରିଣୀ ଛକ ନିକଟରେ ମଙ୍ଗଳବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ସ୍ଥାନୀୟ ମତୋ ମୁସ୍‌ଲିମ ସାହିର ସେକ୍ ଆସଲାମ ଓ ସେକ୍ ସକିଲ। ସୂଚନା ଅନୁଯାୟୀ, ସେମାନେ ଇଦ୍ ପାଳନ କରି କେନ୍ଦ୍ରାପଡ଼ାରୁ ରାତି ପ୍ରାୟ ୮ଟା ବେଳେ ଏକ ବାଇକ୍‌ରେ ମତୋକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଦୁଇଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା ସନ୍ଦେହରେ ସ୍ଥାନୀୟ ଲୋକେ ଦୁଇଟି ହାଇୱାକୁ ଅଟକ ରଖିଥିଲେ। ଚାନ୍ଦବାଲି ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଭ୍ୟାନ ଓଲଟି ଜଣେ ମୃତ, ୨୯ ଆହତ

## ଗୁପ୍ତେଶ୍ୱର ଦର୍ଶନ ବାଟରେ ଦୁର୍ଘଟଣା

ବୈପାରିଗୁଡ଼ା,୩।୫(ଡି.ଏନ୍.ଏ.)

କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକର ଗୁପ୍ତେଶ୍ୱର ଅଭିମୁଖେ ଯାଉଥିବା ଏକ ପିକ୍ ଅପ ଭ୍ୟାନ ମଙ୍ଗଳବାର ଏକ କଲଭର୍ଟ ତଳକୁ ଖସି ଓଲଟି ପଡ଼ିଛି। ଏଥିରେ ଜଣକର ମୃତ୍ୟୁ ହୋଇଥିବା ବେଳେ ୨୯ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ରାଇମତି ଭୂମିଆ (୩୫)। ଖବରରୁ ଜଣାପଡ଼ିଛି, ବୋରିଗୁମ୍ମା ଥାନା ଅନ୍ତର୍ଗତ ବାଲଡା ଗ୍ରାମର କେତେକ ଲୋକ ଏକ ପିକ୍ ଅପ ଭ୍ୟାନ (ଓଡି୨୪ବି-୧୧୦୮) ଭଡା କରି ଗୁପ୍ତେଶ୍ୱର ଦର୍ଶନ କରିବାକୁ ବାହାରିଥିଲେ । ପୀଠଠାରୁ ଅଳ୍ପ ଦୂର ଗୁପ୍ତେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଚଢେଇପାଣି ଘାଟି ରାସ୍ତାରେ ଭ୍ୟାନଟି ଭାରସାମ୍ୟ ହରାଇ ଏକ କଲଭର୍ଟ ଉପରୁ ୧୦ ଫୁଟ ତଳକୁ ଖସି ଓଲଟି ପଡ଼ିଥିଲା । ଫଳରେ ଭ୍ୟାନରେ ଥିବା ଯାତ୍ରୀମାନେ ଆହତ ହୋଇଥିଲେ। ରାଇମତିଙ୍କୁ ଗୁରୁତର ଅବସ୍ଥାରେ ରାମଗିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ଆହତମାନଙ୍କୁ ବୈପାରିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ଖବର ପାଇ ବୈପାରିଗୁଡ଼ା ଥାନା ଅଧିକାରୀ ବିରଞ୍ଚି ନାରାୟଣ ଜଗତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଦୁର୍ଘଟଣା ପରେ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଗାଡି ମାଲିକଙ୍କୁ ଅଟକ ରଖାଯାଇଛି। ଧାର୍ଯ୍ୟ କ୍ଷମତାଠାରୁ ଅଧିକ ସଂଖ୍ୟକ ଯାତ୍ରୀ ଥିବାରୁ ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି ବୋଲି ଥାନା ଅଧିକାରୀ ଜଗତ କହିଛନ୍ତି।

ଜନ୍ମଦିନର ଶୁଭେଚ୍ଛା



DEBASIS SATPATHY
ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା । ଭଗବାନଙ୍କ ଦ୍ୱାରା ଦିଆଯାଇଥିବା ଅମୂଲ୍ୟ ହୀରା ତୁମେ । ଆମ ପାଇଁ ତୁମ ଚଲାପଥରେ କେବେ କଷ୍ଟ ନ ଆସୁ ।
ପରିବାରବର୍ଗ
D-325

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ଁ ଜାନକୀଲତା ପଣ୍ଡା
ସ୍ୱାମୀ- ସୁବାସ ଚନ୍ଦ୍ର ପଣ୍ଡା
ମାଁସଢ଼ା, ବିଞ୍ଝାରପୁର
ଆବିର୍ଭାବ- ୧୫।୦୪।୧୯୫୯
ତିରୋଧାନ- ୧୩।୦୫।୨୦୨୧
ଚାହୁଁ ଚାହୁଁ ବର୍ଷେ ବିତିଗଲା । ତୁମର ଅନୁପସ୍ଥିତି ଶୂନ୍ୟତା ସୃଷ୍ଟି କରିଛି । ତୁମର ସ୍ନେହ, ଆଶୀର୍ବାଦ, ଦୃଢ଼ ମନୋବଳ ଆମ ପାଇଁ ପ୍ରେରଣାଦାୟକ ହେଉ । ତୁମ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।
- ଶୋକସନ୍ତପ୍ତ -
ପୁତ୍ର- ଟୁଲୁ, ପୁତ୍ରବଧୂ- ଝୁମା, ଝିଅ- ମିନତୀ, ପ୍ରଭାତୀ, ନଳିନୀ, ନନ୍ଦିନୀ, ନାତି ଜିତ୍ ।
ଧ-୩୨୩

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଁପ୍ରକାଶ ଚନ୍ଦ୍ର ମହାନ୍ତି
ଗ୍ରାମ/ପୋ.- ସଅଁରା, ଜଗତ୍‌ସିଂହପୁର
ଆବିର୍ଭାବ: ୧୫।୦୬।୧୯୪୫
ତିରୋଧାନ: ୧୫।୦୫।୨୦୨୧
ଆପଣଙ୍କର ସ୍ମୃତି ଆମ ହୃଦୟରେ ଚିରକାଳ ଅମଳିନ ହୋଇ ରହିଥିବ । ଆଜି ଆପଣଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଦିବସ ଉପଲକ୍ଷେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ ।
ଶୋକସନ୍ତପ୍ତ:- ପତ୍ନୀ, ଭାଇ, ଭାଉଜ, ଭାଇବୋହୂ, ପୁତ୍ର- ନିଲୁ, ଲୁଲୁଆ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁବାନ୍ଧବ ଓ ଗ୍ରାମବାସୀବୃନ୍ଦ ।
ଧ-୩୩୩

# ଆଗ୍ନେୟ ଉଦ୍‌ଗିରଣରୁ ନଷ୍ଟ ହୋଇପାରେ ଓଜୋନ ସ୍ତର



ୱାଶିଂଟନ୍, ୩।୫

ପୃଥିବୀ ବ୍ୟତୀତ ଅନ୍ୟ ଗ୍ରହରେ ଜୀବସତ୍ତାର ସନ୍ଧାନରେ ବୈଜ୍ଞାନିକମାନେ ଲାଗିଥିବାବେଳେ ଏବେ ଆମେରିକାର ମହାକାଶ ଏଜେନ୍ସି ନାସା ଚିନ୍ତା ବଢ଼ାଇବା ଭଳି ରିପୋର୍ଟ ପ୍ରକାଶ କରିଛି। ଅତ୍ୟଧିକ ଆଗ୍ନେୟଗିରି ଉଦ୍‌ଗିରଣ ପୃଥିବୀ ପାଇଁ ବିନାଶକାରୀ ପାଲଟିପାରେ ଏବଂ ନୀଳଗ୍ରହର ଅବସ୍ଥା ଶୁକ୍ର ଓ ମଙ୍ଗଳ ପରି ହୋଇପାରେ ବୋଲି ଜଳବାୟୁ ଅନୁକରଣ ସଂକ୍ରାନ୍ତୀୟ ଏକ ରିପୋର୍ଟରେ ନାସା କହିଛି। ଶୁକ୍ର ଓ ମଙ୍ଗଳ ଜୀବନଧାରଣ ପାଇଁ ଉପଯୁକ୍ତ ନ ହେବାର କାରଣ ମଧ୍ୟ ଆଗ୍ନେୟ ଉଦ୍‌ଗିରଣ ହୋଇଥାଇପାରେ ବୋଲି ଜିଓଫିଜିକାଲ ରିସର୍ଚ୍ଚ ଲେଟରରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ଗବେଷକଙ୍କ ମତରେ, ଅତ୍ୟଧିକ ଆଗ୍ନେୟ ଉଦ୍‌ଗିରଣ ପୃଥିବୀ ବାୟୁମଣ୍ଡଳ ଏବଂ ସୂର୍ଯ୍ୟ ଭିତରେ ରହିଥିବା ଓଜୋନ ସ୍ତରକୁ ନଷ୍ଟ କରିଦେଇପାରେ। ଫଳରେ ସୂର୍ଯ୍ୟଙ୍କଠାରୁ ଆସୁଥିବା ଅତିବାଇଗଣୀ ରଶ୍ମୀ ସିଧାସଳଖ ପୃଥିବୀରେ ପଡ଼ିଲେ ତାହା ତାପମାତ୍ରା ବୃଦ୍ଧି ସହ ଜୀବଜଗତ ନଷ୍ଟର କାରଣ ପାଲଟିବ।

ବୁଧ ଓ ଶୁକ୍ର ଗ୍ରହରେ ମଧ୍ୟ କେବେ ପୃଥିବୀ ପରି ଜୀବନ ଅନୁକୂଳ ପରିବେଶ ଥାଇପାରେ। କିନ୍ତୁ ଫ୍ଲଡ୍ ବାସଲ୍ଟ ଇରପ୍ସନ ଯୋଗୁ ତାହା ସମ୍ପୂର୍ଣ୍ଣ ଧ୍ୱଂସ ପାଇ ଯାଇଥାଇପାରେ ବୋଲି ବୈଜ୍ଞାନିକମାନେ ଗବେଷଣାରୁ ଆକଳନ କରିଛନ୍ତି। ଫ୍ଲଡ୍ ବାସଲ୍ଟ ଇରପ୍ସନ ଏକ ପ୍ରକାଶ ଆଗ୍ନେୟଗିରି ଉଦ୍‌ଗିରଣ, ଯାହା ଦୀର୍ଘ ଶତାବ୍ଦୀ ଧରି ରହିବା ସହ ଲକ୍ଷ ଲକ୍ଷ ବର୍ଷ କିମ୍ବା ଅଧିକ ସମୟ ପର୍ଯ୍ୟନ୍ତ ଚାଲିପାରେ। କେତେକ ସମୟରେ ଏକା ସଙ୍ଗରେ ଏଥିରେ ଥିବା ପ୍ରାୟ ସମସ୍ତ ଆଗ୍ନେୟ ଉଦ୍‌ଗିରଣ ଯୋଗୁ ବଡ଼ ସ୍ତରରେ ଜୀବନ ବିଲୁପ୍ତ ହୋଇପାରେ। ଉତ୍ତପ୍ତ ପୃଥିବୀ ଇତିହାସରେ ବହୁସଂଖ୍ୟାରେ ଆଗ୍ନେୟ ଉଦ୍‌ଗିରଣ ହୋଇଥିବାର ଯଥେଷ୍ଟ ସମ୍ଭାବନା ରହିଛି। ଉଦ୍‌ଗିରଣରୁ ବିପୁଳ ମାତ୍ରାରେ ସଲ୍‌ଫର ଡାଇଅକ୍ସାଇଡ୍ ବାହାରିଥାଏ। ପରେ ତାହା ଏରୋସଲରେ ପରିଣତ ହୋଇଯାଏ। ପ୍ରଥମେ ଏରୋସଲଜନିତ କୁଲିଂ ଇଫେକ୍ଟ ଯୋଗୁ ଥଣ୍ଡା ଅନୁଭୂତ ହୋଇଥାଏ। ପରେ ତାହା ଇନ୍‌ଫ୍ରାରେଡ୍ ରେଡିଏଶନ୍‌କୁ ଶୋଷିବା ସହ ବାୟୁମଣ୍ଡଳରେ ତାପମାତ୍ରା ବୃଦ୍ଧି କରାଇଥାଏ। ସୌରମଣ୍ଡଳର ଅନ୍ୟ ଗ୍ରହ ଯଥା ମଙ୍ଗଳ, ଶୁକ୍ର ଆଦିରେ ଏଭଳି ଆଗ୍ନେୟ ଉଦ୍‌ଗିରଣ ବେଶ୍ ସାଧାରଣ। ୧୫ରୁ ୧୭ ନିୟୁତ ବର୍ଷ ପୂର୍ବେ ଆମେରିକାର ପ୍ରଶାନ୍ତ ଉତ୍ତର-ପଶ୍ଚିମରେ ଥିବା କଲମ୍ବିଆ ରିଭର ବାସଲ୍ଟ (ସିଆର୍‌ବି)ରେ ଦୀର୍ଘ ୪ ବର୍ଷ ଧରି ଆଗ୍ନେୟଗିରି ଉଦ୍‌ଗିରଣ ପର୍ଯ୍ୟାୟକୁ ଅନୁକରଣ କରିବା ନିମନ୍ତେ ଗବେଷକମାନେ ଗୋଡାର୍ଡ ଆର୍ଥ ଅବ୍‌ଜରଭିଂ ସିଷ୍ଟମ କେମିଷ୍ଟ୍ରି-କ୍ଲାଇମେଟ ମଡେଲର ବ୍ୟବହାର କରିଥିଲେ। ସିମୁଲେଶନରେ ଅତ୍ୟଧିକ ଥଣ୍ଡା ପିରିୟଡ ମିଳିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଅଳ୍ପ ସମୟ ଧରି ଥଣ୍ଡା ପିରିୟଡ ରହିବା ପରେ ଉତ୍ତାପର ପ୍ରଭାବ ଦେଖିବାକୁ ମିଳିଥିଲା ବୋଲି ନାସାର ଗୋଡାର୍ଡ ସ୍ପେସ୍ ଫ୍ଲାଇଟ୍ ସେଣ୍ଟରର ବୈଜ୍ଞାନିକ ସ୍କଟ୍ ଗୁଜେୱିଚ୍ କହିଛନ୍ତି। ତେଣୁ ଜଳବାୟୁରେ ବିପଜ୍ଜନକ ପରିବର୍ତ୍ତନ ରୋକିବା ଦିଗରେ ଯଥାଶୀଘ୍ର ପଦକ୍ଷେପ ନେବାକୁ ପଡ଼ିବ ବୋଲି ଏହି ରିପୋର୍ଟ ସୂଚାଇଛି।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
for Booking Contact: 0674-2580385, 8637280816, 7894447167, 9338226625

GLOBAL FINANCE
(Registered)
ଭାରତର ନଂ୧ କମ୍ପାନୀ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତୀ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
8887313379

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 9470149388
Whatsapp: 9470149608

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କିପରି କରିବେ ପାଳନ



**ଖ**ରାଦିନେ ଛେଳି ମେଣ୍ଢା ରହୁଥିବା ଘର ଭିତର ପରିବେଶ ଥଣ୍ଡା ରଖନ୍ତୁ । ଦିନ ୧୦ଟା ପରେ ପଡ଼ିଆକୁ ଚରିବାକୁ ଛାଡ଼ନ୍ତୁ ନାହିଁ । ଯଥେଷ୍ଟ ପରିମାଣର ପିଇବା ପାଣି ଯୋଗାଇ ଦିଅନ୍ତୁ। ପିପିଆର୍ ଟିକା, ଏଣ୍ଟାରୋଟକ୍ସେମିଆ ଓ ଛେଳି ବସନ୍ତ ଟିକା ଦିଅନ୍ତୁ । ପ୍ରତ୍ୟେକ ଦିନ ୧୦ ରୁ ୨୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଖାଇବାକୁ ଦିଅନ୍ତୁ । ଛେଳି ଓ ମେଣ୍ଢାମାନେ ଦିନସାରା ଚରିଲେ ମଧ ମେ ମାସରେ ଯଥେଷ୍ଟ ଘାସ ପାଆନ୍ତି ନାହିଁ। ତେଣୁ ପ୍ରତି ଛେଳି ବା ମେଣ୍ଢାକୁ ଓଜନ ହିସାବରେ ଏହି ମାସରେ ଦିନକୁ ୧୦୦ ରୁ ୨୦୦ ଗ୍ରାମ୍ ଦାନା ଦେବା ଆବଶ୍ୟକ।

# ଗୋରୁଙ୍କୁ ଅଂଶୁଘାତରୁ ସୁରକ୍ଷା

**ବ**ର୍ତ୍ତମାନ ଖରାଦିନ। ଅଂଶୁଘାତ ପାଇଁ ସତର୍କ ଓ ସାବଧାନ ରୁହନ୍ତୁ । ଗୋରୁଙ୍କୁ ପ୍ରଚୁର ଥଣ୍ଡା ପାଣି ପିଇବାକୁ ଦିଅନ୍ତୁ । ଗୁହାଳକୁ ଥଣ୍ଡା ରଖିବା ସହିତ ସଙ୍କର ଜାତୀୟ ଗାଈ ଓ ମଇଁଷିକୁ ଦିନରେ ଥରେ କିମ୍ବା ଦୁଇଥର ଗାଧୋଇ ଦିଅନ୍ତୁ । ଖାଦ୍ୟରେ ୩୦–୫୦ ଗ୍ରାମ୍ ଖଣିଜ ଲବଣ ମିଶାଇ ପ୍ରତ୍ୟେକ ଦିନ ଖାଇବାକୁ ଦିଅନ୍ତୁ । ଦିନ ୧୦ଟା ପରେ ଗୋରୁଙ୍କୁ ବାହାରକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ । ଜୁନ୍ ମାସରେ ପ୍ରାୟ ବର୍ଷା ଆସିଯିବ ଓ ବର୍ଷାଋତୁରେ ସାହାଣ ଓ ବଜବଜିଆ ରୋଗ ଅଧିକ ହୁଏ। ତେଣୁ ବର୍ଷାଋତୁ ପୂର୍ବରୁ ମେ ମାସରେ ସମସ୍ତ ଗାଈ, ବଳଦ ଓ ମଇଁଷିଙ୍କୁ ପ୍ରାଣୀ ଚିକିତ୍ସକଙ୍କ ସହାୟତାରେ ସାହାଣ, ବଜବଜିଆ ଓ ଫାଟୁଆ ରୋଗର ଟିକା ଦିଅନ୍ତୁ । ସନ୍ଧ୍ୟା ସମୟରେ ଦାନାକୁ ଯଥା ସମ୍ଭବ ଦେବାକୁ ଚେଷ୍ଟା କରନ୍ତୁ ।



# ଅଧିକ ଅମଳକ୍ଷମ ଭେଣ୍ଡି

**ଅ**ଧିକ ଅମଳକ୍ଷମ ଭେଣ୍ଡି ପାଇଁ ଭଲ କିସମ ଚୟନ କରନ୍ତୁ। ସେଗୁଡ଼ିକ ମଧ୍ୟରେ ରହିଛି– ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ, ପୁଷା–ଏ–୪। ଭେଣ୍ଡି ଗଛ ମଧ୍ୟରେ ଦୂରତା ୬୦ ସେ.ମି.x ୩୦ ସେ.ମି. ରହିବା ଦରକାର । ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବର ଖତ ସହିତ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଭେଣ୍ଡି ଚାଷ ପାଇଁ ଜମି ପ୍ରସ୍ତୁତ ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଏବଂ ସମସ୍ତ ଫସ୍‌ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହିତ ପ୍ରୟୋଗ କରନ୍ତୁ । ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସା କରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ପ୍ରତି ୫–୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ । ପ୍ରତି ୨ ଦିନରେ ଥରେ ଫଳ ତୋଳିବା ଉଚିତ। ନଚେତ୍ ଗଛର ବୃଦ୍ଧି ଓ ଫଳ ଧାରଣ ଶକ୍ତି କମିଯାଇଥାଏ ଓ ଫଳ ବୁଢ଼ା ହୋଇଯାଇଥାଏ। ଭେଣ୍ଡି ଗଛ ଥଣ୍ଡା ଲାଗି ଛୋଟ ହୋଇଥାଏ ଓ ଫଳ ମଧ ଛୋଟ ହୋଇଥାଏ ।



# ତରଭୁଜ ଚାଷ ଆଣିଦେଇଛି ସଫଳତା

**ସଫଳ ଚାଷୀ**
**ପ୍ରମୋଦ ମହାନ୍ତ**

**ଚ**ମ୍ପୁଆ ବ୍ଲକ ବଡ଼ନଇ ପଞ୍ଚାୟତ ଅନ୍ତର୍ଗତ ଇଚିଣ୍ଡା ଗ୍ରାମର ପ୍ରମୋଦ ମହାନ୍ତ। ତରଭୁଜ ଚାଷ କରି ସେ ସ୍ଥାନୀୟ ଅଞ୍ଚଳରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ତା'ସହ ଏଠାକାର କେତେଜଣ ଯୁବକ ଏହି ଚାଷକୁ ଆପଣେଇ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଚାକିରି ଛାଡ଼ି ଚାଷକୁ ନିଜର ରୋଜଗାରର ମୁଖ୍ୟ ମାଧ୍ୟମ ଭାବରେ ଗ୍ରହଣ କରିଛନ୍ତି ସେ । ଏ ସମ୍ପର୍କରେ ପ୍ରମୋଦ କହନ୍ତି, ''ମୁଁ ପ୍ରଥମେ ବେଙ୍ଗାଲୁରୁରେ ଏକ ବେସରକାରୀ ସଂସ୍ଥାରେ ଚାକିରି କରିଥିଲି। ହେଲେ ଚାକିରି ଛାଡ଼ି ଘରକୁ ଫେରି ଆସିଲି। ଥରେ ଭାବିଲି ଯେ, ଯଦି ମୁଁ ଚାଷକରେ ତେବେ ସେଥିରୁ ମଧ କିଛି ରୋଜଗାର କରିହେବ। ଚଳିତ ବର୍ଷ ନିଜର ୭ ଏକର ଜମିରେ ହଳଦିଆ ସ୍ୱାଦିଷ୍ଟ ତରଭୁଜ ଚାଷ କରଛି। ଚାଷ ପାଇଁ ପାଣିର ଏକାନ୍ତ ଆବଶ୍ୟକ। ତେଣୁ ସ୍ଥାନୀୟ ଉଠାଜଳସେଚନ ବିଭାଗର ଦ୍ୱାରସ୍ଥ ହୋଇ ନିଜ ଜମିରେ ଏକ ଗଭୀର ନଳକୂପ ଖୋଳାଇବାକୁ ଅନୁରୋଧ କରିଥିଲି। ୨୦୧୬ ମସିହାରେ ବିଭାଗ ତରଫରୁ ମୋତେ ବିଜୁ କୃଷକ କଲ୍ୟାଣ ଯୋଜନାରେ ଏକ ଗଭୀର ନଳକୂପ ମଞ୍ଜୁର କରାଯାଇଥିଲା। ସେହିଦିନଠାରୁ ଆଉ ପଛକୁ ଫେରି ଚାହିଁ ନ ଥିଲି। ପ୍ରଥମେ ଲଙ୍କା, କୋବି, ମଟର, ବାଇଗଣ ଆଦି ଚାଷ କରି ଦୁଇପଇସା ରୋଜଗାର କରିପାରିଥିଲି। ଚାଷକୁ ନେଇ ଆତ୍ମବିଶ୍ୱାସ ଦୃଢ଼ୀଭୂତ ହେବା ପରେ ପ୍ରଥମେ ପୋଟଳ ଏବଂ ପରେ ତରଭୁଜ ଚାଷ ଆରମ୍ଭ କଲି। ଏହି ଚାଷ ମୋତେ ସ୍ୱାବଲମ୍ବୀ ହେବାରେ ଯଥେଷ୍ଟ ସାହାଯ୍ୟ କରିଛି।'' ପ୍ରମୋଦ ପରେ ନନି କମ୍ପାନୀର ଏକ ନୂତନ ପ୍ରଜାତିର ତରଭୁଜ ଚାଷ କରିଥିଲେ। ଗତବର୍ଷ ହଳଦିଆ ଚୋପା ଓ ଭିତରେ ଲାଲ ଥିବା ତରଭୁଜ ଚାଷ କରିଥିଲେ। ମାତ୍ର ଚଳିତ ବର୍ଷ ଏକ ପ୍ରକାର ହଳଦିଆ ତରଭୁଜ ଚାଷ କରି ସେ ବେଶ୍ ସଫଳତା ପାଇପାରିଛନ୍ତି। ତରଭୁଜ ଚାଷରେ ନିଜର ସଫଳତାର ଶ୍ରେୟ ସେ ଉଠା ଜଳସେଚନ ବିଭାଗକୁ ଦେଇଛନ୍ତି।



–ମହେଶ୍ୱର ଦାସ

## ଚାଷୀଙ୍କ ପାଇଁ..

**ଖ**ରାଦିନିଆ ବର୍ଷାର ସଦୁପଯୋଗ କରି ମାଟି ବତର ଥିବା ଅବସ୍ଥାରେ ଜମିକୁ ୨–୩ ଓଡ଼ ଖରାଟିଆ ଚାଷ କରନ୍ତୁ । ଏହାଦ୍ୱାରା ଅନିଷ୍ଟକାରୀ କୀଟର ଶୁକ ଓ ଅଣ୍ଡା ନଷ୍ଟ ହୋଇଯାଏ ଏବଂ ମାଟିର ଜଳଧାରଣ ଶକ୍ତି ବୃଦ୍ଧି ପାଏ । ଜମିରେ ଫସଲ ନ ଥିବା ଅବସ୍ଥାରେ ନମୁନା ମାଟି ସଂଗ୍ରହକରି ପରୀକ୍ଷାଗାରକୁ ପଠାଇ ଦିଅନ୍ତୁ । ମାଟି ପରୀକ୍ଷାକରି ଅନୁମୋଦିତ ଖତ ଓ ସାର ବ୍ୟବହାର କରନ୍ତୁ । ରୁଆଧାନ ଫସଲ ପାଇଁ ସବୁଜ ସାର ଉଦ୍ଦେଶ୍ୟରେ ମେ' ଦ୍ୱିତୀୟ ପକ୍ଷରେ ହେକ୍ଟର ପିଛା ୨୫ କି.ଗ୍ରା. ହିସାବରେ ଧଣିଚା ବିହନ ବୁଣନ୍ତୁ ।



# ଡାଲୁଅ ଧାନ କାଟିବା ସମୟରେ...

**ଡା**ଲୁଅ ଧାନର ଶତକଡ଼ା ୮୦ ରୁ ୮୫ ଭାଗ କେଣ୍ଡା ପାଚିଯାଇଥିଲେ ଧାନ କାଟି ଦିଅନ୍ତୁ । ଧାନ କାଟିବା ପୂର୍ବରୁ ଶେଷ ଥର ପାଇଁ ବିଲରେ ଥିବା ମିଶା ଧାନ ବାଛି ଦିଅନ୍ତୁ । ଧାନ କାଟିବାର ୭ ଦିନ ପୂର୍ବରୁ କିଆରିରୁ ପାଣି ଶୁଖାଇ ଦିଅନ୍ତୁ । ଧାନ ଅମଳ ପରେ ୩–୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ । ଜମିର କିସମ ଅନୁସାରେ ଖରିଫ ଧାନ ଚାଷ ପାଇଁ ଉପଯୁକ୍ତ ଅଧିକ ଅମଳକ୍ଷମ ଧାନବିହନ ସଂଗ୍ରହ କରନ୍ତୁ । କଟା ହୋଇ ନ ଥିବା ଡାଲୁଅ ଧାନରେ ଯେଉଁ ଅଞ୍ଚଳରେ ମାଟିଆଗୁଣ୍ଡି ବା ଚକଡ଼ା ପୋକ ଆକ୍ରମଣ ଦେଖାଯାଉଛି, ସେହି ସ୍ଥାନରେ ଆକ୍ରାନ୍ତ କ୍ଷେତରୁ ପାଣି କାଟି ଶୁଖାଇ ଦିଅନ୍ତୁ। ପ୍ରତି ୬ ଫୁଟ ବ୍ୟବଧାନରେ ପୂର୍ବ–ପଶ୍ଚିମ କରି ଧାନ ଗଛକୁ ଦୁଇପଟକୁ ଆଡ଼େଇଦେଇ ପାଖି କାଟନ୍ତୁ। ଗଛ ମୂଳକୁ ଲକ୍ଷ୍ୟକରି ହେକ୍ଟର ପ୍ରତି ଫ୍ଲୋନିକାମିଡ୍ ୧୫୦ ଗ୍ରାମ୍ କିମ୍ବା ଡାଇନୋଟେଫ୍ୟୁରାନ୍ ୨୦୦ ଗ୍ରାମ୍ କିମ୍ବା ପାଇମେଟ୍ରୋଜିନ୍ ୩୦୦ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଡାଲିଜାତୀୟ ଫସଲ :** ମୁଗ, ବିରି ଆଦି ଡାଲିଜାତୀୟ ଫସଲରେ ଛୁଇଁ ୮୦ ରୁ ୮୫ ଭାଗ ପାକଳ ହୋଇଥିଲେ ଅମଳ କରିଦିଅନ୍ତୁ । ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ସାଇତି ରଖନ୍ତୁ । ଖରାଟିଆ ବିରି ଓ ମୁଗ ଫୁଲଫଳ ଅବସ୍ଥାରେ ଥିଲେ ହାଲୁକା ଜଳସେଚନ କରନ୍ତୁ ।

**ନଳିତା :** ଏପ୍ରିଲ ମାସରେ ବୁଣାଯାଇଥିବା ନଳିତା ୧୫ ଦିନର ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ ଓ ଗଛ ବହଳିଆ ହୋଇଥିଲେ ଗଛକୁ ଗଛ ୮ ସେ.ମି.ରୁ ୧୦ ସେ.ମି. ରଖି ପତଳା କରିଦିଅନ୍ତୁ । ନଳିତା ଗଛ ୧୧–୨୦ ଦିନ ହୋଇଗଲେ ଏକବୀଜପତ୍ରୀ ଘାସକୁ ନିୟନ୍ତ୍ରଣ କରିବା ପାଇଁ ଫସଲକୁ ୧୫–୨୦ ଦିନ ସମୟରେ ଟର୍ଗାସୁପର ତୃଣନାଶକ ୨ ମି.ଲି. x ଧନୁଭିଟ୍ ୧ ମି.ଲି. ପ୍ରତି ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଆଖୁ :** ଜଳସେଚନର ସୁବିଧା ଥିଲେ ଜମିକୁ କୋଡ଼ାଖୋସା କରି ହୁଡ଼ା ଟେକା ପୂର୍ବର ତୃତୀୟ ଦଫା ଅନୁମୋଦିତ ଯବକ୍ଷାରଜାନ ସାର (୬୫ କି.ଗ୍ରା./ହେକ୍ଟର) ପ୍ରୟୋଗ କରନ୍ତୁ । ଜଳସେଚନର ସୁବିଧା ନ ଥିଲେ ପ୍ରଥମ ବର୍ଷା ପରେ ଏହି ତୃତୀୟ ଦଫା ଅନୁମୋଦିତ ଯବକ୍ଷାରଜାନ ସାର ପ୍ରୟୋଗ କରି ହୁଡ଼ା ଟେକିବେ ।

**ତୈଳବୀଜ ଫସଲ**

**ରାଶି :** ରାଶି ଫସଲରେ ଫୁଲ ଧରିବା ଓ ଫଳ ବୃଦ୍ଧି ସମୟରେ ଜଳସେଚନ କରନ୍ତୁ । ପତ୍ରମୋଡ଼ା ଓ ଫଳବିନ୍ଧା ପୋକ ଲାଗିଲେ ପ୍ରତି ଲିଟର ପାଣିରେ ୨ ମି.ଲି. ପ୍ରୋଫେନୋଫସ୍ କିମ୍ବା ୦.୫ ଗ୍ରାମ୍ ଇମାମେକ୍ଟିନ୍ ବେନ୍‌ଜୋଏଟ୍ ୫% ଏସ୍‌ଜି ମିଶାଇ ପ୍ରୟୋଗ କରନ୍ତୁ । ତଳପତ୍ରଠାରୁ ଉପରକୁ ପତ୍ରଗୁଡ଼ିକ ହଳଦିଆ ପଡ଼ିଆସିଲେ ବା ଫଳ ଶୁଖି ଆସିଲେ ରାଶି ଅମଳ କରନ୍ତୁ ।





## ଏ ମାସର କୃଷି ସୂଚନା

**ଚିନାବାଦାମ :** ଚିନାବାଦାମ ଫସଲ ପାକଳ ହୋଇ ଅମଳ ଅବସ୍ଥାକୁ ଆସିଯାଇଥିଲେ ହାଲୁକା ଜଳସେଚନ କରି ଅମଳ କରନ୍ତୁ ।

**ସୂର୍ଯ୍ୟମୁଖୀ :** ଏହି ଚାଷରେ କଳଙ୍କିରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ମାଙ୍କୋଜେବ୍/ଟେବୁକୋନାଜୋଲ୍ ୧ ମି.ଲି. ମିଶାଇ ପତ୍ର ସିଞ୍ଚନ କରନ୍ତୁ । ପତ୍ରଚିତା ରୋଗ ଥିଲେ ମଧ ଏହି ରାସାୟନିକ ସିଞ୍ଚନ ଦ୍ୱାରା ନିୟନ୍ତ୍ରିତ ହୋଇପାରିବ । ଏଥିରେ ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ / ଥାୟୋଫ୍ୟାନେଟ୍ ମିଥାଇଲ୍ ୧ ଗ୍ରାମ୍ / ଲିଟର ମିଶାଇ ସିଞ୍ଚନ କରନ୍ତୁ ।

**ପରିବା ଚାଷ :** ଖରାଟିଆ ପରିବା ଫସଲରେ ଜଳସେଚନ ଓ ରୋଗପୋକ ନିୟନ୍ତ୍ରଣ ପ୍ରତି ଧ୍ୟାନ ଦିଅନ୍ତୁ । ଶାଗ ଫସଲରୁ ଅଧିକ ଅମଳ ପାଇଁ ଜିଆଖତ ବ୍ୟବହାର କରି ମାଟିର ବତର ଅନୁସାରେ ଜଳସେଚନ କରନ୍ତୁ । ତରଭୁଜ ଅମଳ ପରେ ଜଳସେଚନର ସୁବିଧା ଥିଲେ ସେହି ଜମିରେ ଶାଗ, ପୋଇ, ବାଇଗଣ, ଗୁଆଁର, ଲଙ୍କା, ଭେଣ୍ଡି ଇତ୍ୟାଦି ଚାଷ କରନ୍ତୁ । ବର୍ଷା ଦିନରେ ବାଇଗଣ ଓ ଲଙ୍କାଚାଷ କରିବା ପାଇଁ ଚାରା ପକାନ୍ତୁ । ବାଇଗଣ ଓ ଲଙ୍କା ଚାରାର ଚେରକୁ ମିଶ୍ରିତ ଔଷଧ ଦ୍ରବଣରେ ୩୦ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ବିଶୋଧନକରି ଲଗାନ୍ତୁ (ମିଶ୍ରିତ ଔଷଧ ଦ୍ରବଣରେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧.୫ ଗ୍ରାମ୍ ଏବଂ କାର୍ବେଣ୍ଡାଜିମ୍ ୨୦ ଗ୍ରାମ୍ ୧୦ ଲିଟର ପାଣିରେ ମିଶାଇବେ)। କଲରା, କାକୁଡ଼ି, ଜହ୍ନି, ପୋଟଳ, ଲାଉ ଫସଲରେ ପତ୍ର ହଳଦିଆ ଦେଖାଦେଲେ ଶୀଘ୍ର ପ୍ରତିକାର ବ୍ୟବସ୍ଥା କରନ୍ତୁ ।

**ମସଲା ଜାତୀୟ ଫସଲ :** ବର୍ତ୍ତମାନ ଅଦା ଓ ହଳଦୀ ଲଗାଇବାର ପ୍ରକୃଷ୍ଟ ସମୟ । ଜମି ପ୍ରସ୍ତୁତ କରି ଅଦା ଓ ହଳଦୀ ଲଗାନ୍ତୁ । ଅନୁମୋଦିତ ଅଦା କିସମଗୁଡ଼ିକ ହେଲା – ସୁରଭି, ସୁରୁଚି, ସୁପ୍ରଭା । ବିହନର ପରିମାଣ ହେକ୍ଟର ପ୍ରତି ୧୫ ରୁ ୧୭ କୁଇଣ୍ଟାଲ। ଅନୁମୋଦିତ ହଳଦୀ କିସମଗୁଡ଼ିକ ହେଲା – ରଙ୍ଗ, ସୁରମା, ରୋମା, ରଶ୍ମି । ବିହନର ପରିମାଣ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ।

**କୁକୁଡ଼ା ଓ ବତକ ପାଳନ :** କୁକୁଡ଼ା ଓ ବତକ ଘରକୁ ଶୁଖିଲା, ଥଣ୍ଡା ରଖନ୍ତୁ ଓ ମୁକ୍ତ ପବନ ଚଳାଚଳର ସୁବିଧା କରନ୍ତୁ । ସନ୍ତୁଳିତ ଦାନା ତଥା ନିର୍ମଳ ଥଣ୍ଡା ପାଣି ଅଧିକ ପରିମାଣରେ ପିଇବାକୁ ଦିଅନ୍ତୁ । ଦିନକୁ ୨ରୁ ୩ ଥର ପାଣି ବଦଳାନ୍ତୁ। ଦିନ ୧୧ଟାରୁ ୪ଟା ପର୍ଯ୍ୟନ୍ତ କୁକୁଡ଼ା ଘର ଜାଲିରେ ଓଦାଅଖା ଟାଣନ୍ତୁ। ଦୁଇ ମାସରୁ ଅଧିକ ବୟସର ସବୁ କୁକୁଡ଼ାଙ୍କୁ ଆର୍ ଟୁ ବି ଟିକା ଦିଅନ୍ତୁ। ଦାନାକୁ ଯଥା ସମ୍ଭବ ସକାଳୁ ଏବଂ ସନ୍ଧ୍ୟା ସମୟରେ ଦିଅନ୍ତୁ। ଦିନ ୧୦ଟା ପରେ ଦାନା ଦିଅନ୍ତୁ ନାହିଁ।

**ମାଛଚାଷ :** ପୋଖରୀର ପାଣି ସ୍ତର କମିଗଲେ ପାଣି ଭର୍ତ୍ତି କରନ୍ତୁ । ଏକ ଏକର ବିଶିଷ୍ଟ ମାଛଚାଷ ପୋଖରୀରେ ପ୍ରତ୍ୟେକ ଦିନ ୩ କି.ଗ୍ରା. ୫୦୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୩ କି.ଗ୍ରା. ୫୦୦ ଗ୍ରାମ୍ ଚିନାବାଦାମ ପିଡ଼ିଆ ମିଶ୍ରଣକୁ ପୋଖରୀରେ ପ୍ରୟୋଗ କରନ୍ତୁ । ବର୍ଷକିଆ ଯାଆଁଳ ଚାଷ ପାଇଁ ଆଗ୍ରହୀ ଚାଷୀମାନେ ପୋଖରୀକୁ ଶୁଖାଇ ପୂର୍ବ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ ।

–କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,ଓୟୁଏଟି,
ଭୁବନେଶ୍ୱର–୩

## ଅଦା, ହଳଦୀ ଲଗାଇବା ପ୍ରଣାଳୀ



**ଅ**ଦା, ହଳଦୀ ଚାଷ ପାଇଁ ୧ମିଟର ଚଉଡ଼ା ଓ ୩୦ ସେ.ମି. ଉଚ୍ଚର ପଟାଳିମାନ କରାଯାଏ । ୨ ପଟାଳି ମଝିରେ ୩୦ ସେ.ମି. ଜଳ ନିଷ୍କାସନ ନାଳୀ ରହିବା ଆବଶ୍ୟକ । ଉଚ୍ଚ ପଟାଳି ଯୋଗୁ ଜଳ ନିଷ୍କାସନ ସୁବିଧାଜନକ ହୋଇଥାଏ । ଅତିକମ୍‌ରେ ଲଗାଇବାର ୧ମାସ ପୂର୍ବରୁ ଜମି ପ୍ରସ୍ତୁତକରି ଖରା ପଡ଼ିବାକୁ ଦିଆଯିବା ଉଚିତ । ପଟାଳି ଉପରେ ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୫ ରୁ ୨୦ ସେ.ମି. ବ୍ୟବଧାନ ରଖନ୍ତୁ । ୫ ସେ.ମି. ଗଭୀର ସିଆରରେ ଆବଶ୍ୟକ ଖତ ଓ ସାର ଦିଅନ୍ତୁ। ଶୁଖିଲା ପାଳ ବା ନଡ଼ା ବା ପତ୍ର ଦ୍ୱାରା ପଟାଳିକୁ ଆଚ୍ଛାଦନ (ମଲ୍‌ଚିଙ୍ଗ୍) କରି ଜଳସେଚନ କରନ୍ତୁ। ଅଦା ଲଗାଇବା ବେଳେ ହେକ୍ଟର ପ୍ରତି ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୫୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ । ହଳଦୀ ଲଗାଇବା ବେଳେ ହେକ୍ଟର ପ୍ରତି ୩୦ କି.ଗ୍ରା. ଫସ୍‌ଫରସ୍ ଓ ୬୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ ।

# ଖରାଦିନେ ପରିବାଚାଷ

**ସ**ମସ୍ତ ପ୍ରକାର କଖାରୁ ଜାତୀୟ ପନିପରିବା ଯଥା କଖାରୁ, କାକୁଡ଼ି, ଜହ୍ନି, ଲାଉ, କଲରା, ତରଭୁଜ ଇତ୍ୟାଦିକୁ ଜମିରେ ଲଗାନ୍ତୁ। ପ୍ରତ୍ୟେକ ମନ୍ଦାରେ ୨–୩ଟି ସୁସ୍ଥ ସବଳ ଗଛ ରଖି ଅନ୍ୟାନ୍ୟ ଚାରାକୁ ଉପାଡ଼ି ଦିଅନ୍ତୁ। ଉନ୍ନତ କିସମ ବା ସଙ୍କର ଜାତୀୟ ଭେଣ୍ଡି ମଞ୍ଜି ଲଗାନ୍ତୁ। ଜମିକୁ ଭଲଭାବରେ ଚାଷକରି ଶାଗଜାତୀୟ ଫସଲ ଲଗାନ୍ତୁ। ସବୁ ସମୟରେ ଶାଗଜାତୀୟ ଫସଲରେ ଅଧିକ ମାତ୍ରାରେ ଶୁଖିଲା ଶଢ଼ା ଗୋବରଖତ ବା ଜିଆଖତ ବ୍ୟବହାର କରନ୍ତୁ। ୩ ବର୍ଷ ଅନ୍ତରରେ ଜମିର ମାଟି ପରୀକ୍ଷା କରି ଅନୁମୋଦିତ ହିସାବରେ ସାର ପ୍ରୟୋଗ କରନ୍ତୁ। ବାଇଗଣ ଗଛରେ ଡାଳ ଓ ଫଳ ବିନ୍ଧାପୋକ ଲାଗିଲେ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଫେମ୍ (ଫ୍ଲୁବେଣ୍ଡିଆମାଇଡ୍) ବା ୮୦୦ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪୦ ଭାଗ ସେଚିତ ଗୁଣ୍ଡ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ୧୫ ଦିନ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ସିଞ୍ଚନ କରିବା ଆବଶ୍ୟକ । ଖରାଦିନିଆ ଭେଣ୍ଡି, ଜହ୍ନି, କଖାରୁ, ପୋଟଳ, କାଙ୍କଡ଼, କଲରା, କାକୁଡ଼ି, ଲାଉ, ବାଇଗଣ ଲଗାନ୍ତୁ । ଖଡ଼ା, ଲେଉଟିଆ, ପୋଇ ଆଦି ଶାଗ ଚାଷକରିବା ପାଇଁ ଏହା ପ୍ରକୃଷ୍ଟ ସମୟ। ଯେଉଁଠି ଗ୍ରୀଷ୍ମଋତୁରେ ଅଧିକ ଗରମ ଅନୁଭୂତ ହୁଏ ନାହିଁ, ସେଇଠି ଅଦିନିଆ ପନିପରିବା ଯଥା: ବିଲାତି ବାଇଗଣ, ବିନ୍, ମୂଳା ଜଳବାୟୁ ଅନୁସାରେ ଚାଷ କରନ୍ତୁ।





## ମୂଳି ଆଖୁର ଯତ୍ନ



**ମୂ**ଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୧୦୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ(୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଆଖୁଗଛକୁ ଏକ ଧାରୁଆ କତୁରିରେ ଭୂମି ପଉନ ସହ ସମାନ କରି କାଟି ଦିଅନ୍ତୁ। ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ। ଜମିରୁ ଶୁଖିଲା ପତ୍ର ବାହାରକରି କ୍ଷେତକୁ ପରିଷ୍କାର କରନ୍ତୁ। ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ । ବ୍ରିକ୍ସ ମୂଲ୍ୟାଙ୍କ ୧୮ରୁ ଅଧିକ ହେଲେ ଆଖୁ କାଟିବା ଉଚିତ। ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷକରି ହୁଡ଼ା ଭାଙ୍ଗି ଦିଅନ୍ତୁ। ଏହା ଫଳରେ ପୁରୁଣା ଚେର ନଷ୍ଟହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ । ମାଟି ଅଧିକ ଶୁଖିଯାଇଥିଲେ ଜଳସେଚନ କରି ହୁଡ଼ା ଭାଙ୍ଗନ୍ତୁ। ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବରଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ। ଏଥିପାଇଁ ଆଖୁ କାଟିବା ବେଳେ ଆଖୁଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ମେ ୪/୨୦୨୨ Bhubaneswar, Wednesday, May 4/ 2022

## ବଶିଷ୍ଠଙ୍କ 'ନାଇଟ ୱାଚମ୍ୟାନ'



**ଭୁବନେଶ୍ୱର, ୩।୫ (କ୍ରୀଡ଼ା ପ୍ରତିନିଧି):** କ୍ରିକେଟରେ ଅନେକ ବହି ଲେଖା ଯାଇଛି। ସେଗୁଡ଼ିକ ମଧ୍ୟରେ କ୍ରିକେଟ କବିତା ବହି ବିରଳ। କେରଳ କାଲିକଟସ୍ଥିତ ମାଲବାର ଖ୍ରିଷ୍ଟିଆନ କଲେଜର ଇତିହାସ ବିଭାଗ ପ୍ରଫେସର ବଶିଷ୍ଠ ଏପରି ଏକ କବିତା ବହି ରଚନା କରିଛନ୍ତି। ତା'ର ନାମ ସେ ରଖିଛନ୍ତି 'ନାଇଟ ୱାଚମ୍ୟାନ'। ପୁସ୍ତକରେ ଇଂରାଜୀ ଭାଷାରେ ମୋଟ ୧୮ଟି କ୍ରିକେଟ କବିତା ରହିଛି। ଏଥିରେ ସଚିନ ତେନ୍ଦୁଲକର, କପିଳ ଦେବ, ୱେଷ୍ଟଇଣ୍ଡିଜରେ ଭାରତର ୧୯୭୧ ଟେଷ୍ଟ ସିରିଜ ବିଜୟ, ଇଂଲଣ୍ଡରେ ୧୯୮୩ରେ ଭାରତର ଐତିହାସିକ ବିଶ୍ୱକପ ବିଜୟ, ବ୍ରାଏନ ଲାରା, ୱେଷ୍ଟଇଣ୍ଡିଜ କ୍ରିକେଟ ଆଦିକୁ ନେଇ କବିତା ରଚନା କରାଯାଇଛି। ଏହି ପୁସ୍ତକରେ ବଶିଷ୍ଠଙ୍କର କ୍ରିକେଟକୁ ଭଲପାଇବା ପ୍ରତିଫଳିତ ହୋଇଛି। କବିତା ଗୁଡ଼ିକ ଅତ୍ୟନ୍ତ ସରଳ ହୋଇଥିବାରୁ ଏହା କ୍ରିକେଟପ୍ରେମୀଙ୍କୁ ଏବଂ ପାଠକଙ୍କୁ ନିଶ୍ଚିତ ଭଲ ଲାଗିବ ବୋଲି ବଶିଷ୍ଠ ଆଶାପ୍ରକାଶ କରିଛନ୍ତି।

# ବିଜୟ ସହ ପଞ୍ଚମରେ ପଞ୍ଜାବ

**ମୁମ୍ବାଇ,୩।୫**

କାଗିଶୋ ରାବାଡାଙ୍କ ଘାତକ ବୋଲିଂ ପରେ ଶିଖର ଧାୱନଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ପଞ୍ଜାବ କିଙ୍ଗ୍ସ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଗୁଜରାଟ ଟାଇଟାନ୍ସକୁ ୮ ଉଇକେଟରେ ପରାସ୍ତ କରିଛି। ସାଇ ସୁଦର୍ଶନଙ୍କ ଅପରାଜିତ ଅର୍ଦ୍ଧଶତକ ସହାୟତାରେ ଗୁଜରାଟ ୨୦ ଓଭରରେ ୮ ଉଇକେଟ ହରାଇ ୧୪୩ ରନ୍ କରିଥିଲା। ଜବାବରେ ପଞ୍ଜାବ ୧୬ ଓଭରରେ ୨ ଉଇକେଟ ହରାଇ ୧୪୫ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ଏହି ବିଜୟ ଯୋଗୁ ୧୦ ପଏଣ୍ଟ ସହ ପଞ୍ଜାବ ପଏଣ୍ଟ ଟେବୁଲରେ ୫ମ ସ୍ଥାନକୁ ଉଠିଛି। ଅନ୍ୟପକ୍ଷରେ ୧୬ ପଏଣ୍ଟ ସହିତ ଶୀର୍ଷରେ ଥିବା ଗୁଜରାଟ ଦ୍ୱିତୀୟ ପରାଜୟ ବରଣ କରିଛି।

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ ଚେନ୍ନାଇ ସୁପର କିଙ୍ଗ୍ସ
ସ୍ଥାନ: ପୁଣେ
ସମୟ: ରାତି ୭ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ


ଉଇକେଟ ନେବା ପରେ କାଗିଶୋ ରାବାଡ଼ାଙ୍କୁ ସାଥି ଖେଳାଳିଙ୍କ ବଧେଇ।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଗୁଜରାଟ ଟାଇଟନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା। କିନ୍ତୁ ତାଙ୍କର ଏହି ନିଷ୍ପତ୍ତି ଦଳ ପାଇଁ ବୁମେରାଂ ସାବ୍ୟସ୍ତ ହୋଇଥିଲା। ଯୁବ ଓପନର ଶୁବମନ ଗିଲ (୯) ରନ୍‌ଆଉଟ୍ ହୋଇଥିଲେ। ଆରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିବା ଋଦ୍ଧିମାନ ଶାହା (୨୧ ରନ୍, ୩ ଚୌକା ଓ ୧ ଛକା) ମଧ୍ୟ ଶସ୍ତାରେ ପ୍ୟାଭିଲିଅନ ଫେରିଥିଲେ। ତା' ପରେ ସୁଦର୍ଶନ ଗୋଟିଏ ପଟରେ ଉଇକେଟ ସମ୍ଭାଳି ଖେଳୁଥିବା ବେଳେ ଅନ୍ୟ ପଟେ କୌଣସି ବ୍ୟାଟର ତାଙ୍କୁ ସହଯୋଗ କରିପାରି ନ ଥିଲେ। ଅଧିନାୟକ ହାର୍ଦ୍ଦିକ(୧) ଓ ଡେଭିଡ୍ ମିଲର(୧୧), ପୂର୍ବ ମ୍ୟାଚ୍‌ର ଷ୍ଟାର ରାହୁଲ ଟେୱାଟିଆ (୧୧) ବିଫଳ ହୋଇଥିଲେ। ସୁଦର୍ଶନ ଏକାକୀ ଦଳୀୟ ସ୍କୋରକୁ ୧୪୩/୮ ପହଞ୍ଚାଇଥିଲେ। ସେ ୫୦ ବଲରେ ୫ ଚୌକା ଓ ୧ ଛକା ସହାୟତାରେ ୬୫ ରନ୍ କରିଥିଲେ। ପଞ୍ଜାବ ପାଇଁ ରବାଡା ସବୁଠୁ ସଫଳ ବୋଲର ଭାବେ ୪ ଉଇକେଟ ସଫଳତା ପାଇଥିଲେ। ବେଳେ ଅର୍ଶଦୀପ ସିଂ, ରିଶି ଧାୱନ ଓ ଲିଆମ ଲିଭିଂଷ୍ଟୋନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଜବାବରେ ପଞ୍ଜାବ କିଙ୍ଗ୍ସ ଚଳିତ ଆଇପିଏଲରେ ପ୍ରଥମ ଥର ପାଇଁ ଓପନିଂ କମ୍ବିନେଶନରେ ପରୀକ୍ଷା କରିଥିଲା। ଏଥର ଶିଖର ଧାୱନଙ୍କ ସହ ଅଧିନାୟକ ମୟଙ୍କ ଅଗ୍ରୱାଲଙ୍କ ପରିବର୍ତ୍ତେ ଜନି ବେଆରଷ୍ଟୋ ଓପନିଂ କରିଥିଲେ। କିନ୍ତୁ ୧ ରନ୍ କରିଥିବା ବେଳେ ସେ ମହମ୍ମଦ ଶାମିଙ୍କ ବଲରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଅନ୍ୟତମ ଓପନର ଧାୱନଙ୍କ ସହ ଭାନୁକା ରାଜପାକ୍ସା ମିଶି ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ଦୁହେଁ ୫୮ ବଲରେ ୮୭ ରନ୍ ଯୋଡ଼ିଥିଲେ। ଭାନୁକା ୨୮ ବଲରେ ୫ ଚୌକା ଓ ୧ ଛକା ସହାୟତାରେ ୪୦ ରନ୍ କରି ଲୋକି ଫର୍ଗୁସନଙ୍କ ବଲରେ ଏଲ୍‌ବିଡବ୍ଲ୍ୟୁ ଆଉଟ୍ ହୋଇଥିଲେ। ତା' ପରେ ଲିଭିଂଷ୍ଟୋନ ଓ ଧାୱନ ଦଳକୁ ଜିତିବା ପାଇଁ ଦରକାର ଥିବା ରନ୍ ୪ ଓଭରରେ ସଂଗ୍ରହ କରି ନେଇଥିଲେ। ଫଳରେ ପଞ୍ଜାବ ୧୬ ଓଭରରେ ୨ ଉଇକେଟ ହରାଇ ୧୪୫ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ଧାୱନ ୬୨* (୮ ଚୌକା ଓ ୧ ଛକା) ଓ ଲିଭିଂଷ୍ଟୋନ ୩୦* (୨ ଚୌକା ଓ ୩ ଛକା) ରନ୍ କରି ଅପରାଜିତ ଥିଲେ। ୧୬ତମ ଓଭର ବୋଲିଂ କରିଥିବା ମହମ୍ମଦ ଶାମିଙ୍କ ୬ ବଲ୍‌ରୁ ଲିଭିଂଷ୍ଟୋନ ୨୮ ରନ ସଂଗ୍ରହ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟାନ୍ସ ୨୦ ଓଭରରେ ୧୪୩/୮(ସାଇ ସୁଦର୍ଶନ-୬୫*, ରିଦ୍ଧିମାନ ଶାହା-୨୧, କାଗିଶୋ ରବାଡା-୪/୩୩, ରିଶି ଧାୱନ-୧/୨୬)। ପଞ୍ଜାବ କିଙ୍ଗ୍ସ ୧୬ ଓଭରରେ ୧୪୫/୨(ଶିଖର ଧାୱନ-୬୫*, ଭାନୁକା ରାଜପାକ୍ସା-୪୦, ଲିଆମ ଲିଭିଂଷ୍ଟୋନ-୩୦*, ଲୋକି ଫର୍ଗୁସନ-୧/୨୯, ମହମ୍ମଦ ଶାମି-୧/୪୩)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଗୁଜରାଟ ଟାଇଟାନ୍ସ | ୧୦ | ୮ | ୨ | ୧୬ | +୦.୧୫୮ |
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୧୦ | ୭ | ୩ | ୧୪ | +୦.୩୯୭ |
| ରାଜସ୍ଥାନ ରୟାଲ୍ସ | ୧୦ | ୬ | ୪ | ୧୨ | +୦.୩୪୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୯ | ୫ | ୪ | ୧୦ | +୦.୪୭୧ |
| ପଞ୍ଜାବ କିଙ୍ଗ୍ସ | ୧୦ | ୫ | ୫ | ୧୦ | -୦.୨୨୯ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୦ | ୫ | ୫ | ୧୦ | -୦.୫୫୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୪ | ୫ | ୮ | +୦.୫୮୭ |
| କୋଲକାତା ନାଇଟ ରାଇଡର୍ସ | ୧୦ | ୪ | ୬ | ୮ | +୦.୦୬୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୯ | ୩ | ୬ | ୬ | -୦.୪୦୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୧ | ୮ | ୨ | -୦.୮୩୬ |




## ରାଜ୍ୟ ଟାଇବକ୍ସ ଚାମ୍ପିୟନଶିପ୍: ଖୋର୍ଦ୍ଧା ଚାମ୍ପିୟନ

**ଭୁବନେଶ୍ୱର, ୩।୫ (କ୍ରୀଡ଼ା ପ୍ରତିନିଧି)**

ରାଜ୍ୟ ଟାଇବକ୍ସ ଚାମ୍ପିୟନଶିପ୍‌ର ପ୍ରଥମ ସଂସ୍କରଣ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାରେ ପ୍ରଥମଥରପାଇଁ ଆୟୋଜିତ ଏହି ପ୍ରତିଯୋଗିତାରେ ବିଭିନ୍ନ ଜିଲାରୁ ୨୨୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଖୋର୍ଦ୍ଧା ଜିଲା ଚାମ୍ପିୟନ, ଅନୁଗୋଳ ରନର୍ସଅପ୍ ଓ ବଲାଙ୍ଗୀର ତୃତୀୟ ସ୍ଥାନ ଅଧିକାର କରିଛି। ପ୍ରଫେଶନାଲ ଇଭେଣ୍ଟରେ ବଲାଙ୍ଗୀରର ରୁସ୍ତମ ନାୟକ ବିଜେତା ହୋଇଥିଲେ। ରାଜ୍ୟ ଆସୋସିଏଶନ ସଭାପତି ବିଭୂତି ଭୂଷଣ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗଙ୍ଗାଧର ସାହୁ, ଅନିଲ ରାଉତ, ଦୀନବନ୍ଧୁ ବାରିକ, ଦୀପକ ସାମନ୍ତରାୟ, ରିଙ୍କି ରାଉତରାୟ, ଚିନ୍ମୟ ସାମନ୍ତରାୟ, ଅମିତ ରାଉତ, ଭାଗୀରଥି ଦାସ, ନବ ପଟ୍ଟନାୟକ, ନବକିଶୋର ବାରିକ, ସିଦ୍ଧାର୍ଥ ସାହୁ, ଶ୍ରୀକାନ୍ତ ଓଝା, ପ୍ରକାଶ ବେହେରା ପ୍ରମୁଖ ଅଫିସିଆଲଭାବେ ଖେଳ ପରିଚାଳନା କରିଥିଲେ। ନିଳମାଧବ ନନ୍ଦ, ମାନସ ଚୌଧୁରୀ, ଦୁର୍ଗା ସାମନ୍ତରାୟ, ରୁଦ୍ର ନାରାୟଣ ସାମନ୍ତରାୟ, ରତିକାନ୍ତ ସାମନ୍ତରାୟ, ହରିଶଙ୍କର ରାଉତ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆସୋସିଏଶନ ପରାମର୍ଶଦାତା ଦିଲୀପ ତିର୍କୀ ଓ ସଭାପତି ବିଭୂତି ଭୂଷଣ ଅଭିନନ୍ଦନ ଜଣାଇଛନ୍ତି।



କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

## ହାଇଟେକ୍‌ରେ ନୂଆ କ୍ରିକେଟ ଏକାଡେମୀ

**ଭୁବନେଶ୍ୱର, ୩।୫ (କ୍ରୀଡ଼ା ପ୍ରତିନିଧି):** କ୍ରିକେଟ ଖେଳରେ ଉନ୍ନତ ମାନର ପାରଦର୍ଶିତା ପାଇଁ ହାଇଟେକ୍ ଗ୍ରୁପ୍‌ଦ୍ୱାରା ଏକ ନୂଆ କ୍ରିକେଟ ଏକାଡେମୀ ପ୍ରତିଷ୍ଠା ହେବାକୁ ଯାଉଛି। ହାଇଟେକ୍ କଲେଜ ଓ ହସ୍ପିଟାଲ ସଂଲଗ୍ନ କ୍ରିକେଟ ଷ୍ଟାଡିୟମରେ ଏହା ଆରମ୍ଭ ହେବ। ଏଥିରେ ୭ ବର୍ଷଠାରୁ ବାଳିକା ଓ ବାଳକଙ୍କୁ ଉଚ୍ଚମାନର ବୈଷୟିକ ତାଲିମପ୍ରାପ୍ତ ପ୍ରଶିକ୍ଷକଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯିବ। ପ୍ରତିଭା ଅନ୍ୱେଷଣ ସହ ସେମାନଙ୍କୁ ଆବଶ୍ୟକ ତାଲିମ ଦେବା ଏହି ଏକାଡେମୀର ମୁଖ୍ୟ ଲକ୍ଷ୍ୟ ରହିବ। ବାହାର ଖେଳାଳିଙ୍କ ପାଇଁ ହଷ୍ଟେଲର ବ୍ୟବସ୍ଥା ରହିଛି ବୋଲି ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ କ୍ରୀଡ଼ା ଅଧିକାରୀ ଲଳିତ ମହାନ୍ତି ପ୍ରକାଶ କରିଛନ୍ତି। ରାଜ୍ୟରେ କ୍ରିକେଟର ଉନ୍ନତି ଏହି ଏକାଡେମୀର ଉଦ୍ଦେଶ୍ୟ। ଉନ୍ନତ ପଡ଼ିଆରେ ବର୍ଷଯାକ ପିଲାମାନଙ୍କୁ ଉଚ୍ଚମାନର ପ୍ରଶିକ୍ଷଣ ଏଠାରେ ଦିଆଯିବ। ବାଳିକାଙ୍କ ପାଇଁ ମହିଳା କୋଚ୍ ନିଯୁକ୍ତ ହେବ। କେବଳ ଏଠାରେ ନୁହେଁ ଭବିଷ୍ୟତରେ ବାହାରକୁ ମଧ୍ୟ ପିଲାମାନଙ୍କୁ ଉନ୍ନତ ପ୍ରଶିକ୍ଷଣ ପାଇଁ ପଠାଯିବାର ଯୋଜନା ରହିଛି ବୋଲି ଲଳିତ ପ୍ରକାଶ କରିଛନ୍ତି।

## ପୋଲାର୍ଡଙ୍କ ସ୍ଥାନରେ ପୁରନ ଅଧିନାୟକ

**ସେଣ୍ଟଜନ୍ସ (ଆଣ୍ଟିଗୁଆ),୩।୫ (ଏପି):** କିରନ ପୋଲାର୍ଡଙ୍କ ସ୍ଥାନରେ ନିକୋଲାସ ପୁରନ ୱେଷ୍ଟଇଣ୍ଡିଜର ଉଭୟ ଅନ୍ତର୍ଜାତୀୟ ଦିନିକିଆ ଓ ଟି୨୦ ଦଳର ଅଧିନାୟକ ମନୋନୀତ ହୋଇଛନ୍ତି। କ୍ରିକେଟ ୱେଷ୍ଟଇଣ୍ଡିଜ ତରଫରୁ ମଙ୍ଗଳବାର ଏହା ସ୍ପଷ୍ଟ କରାଯାଇଛି। ପୋଲାର୍ଡ ଗତ ସପ୍ତାହରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ପୁରନ ଏକ ବର୍ଷ ହେଲା ପୋଲାର୍ଡଙ୍କ ଡେପୁଟି ଭାବେ କାର୍ଯ୍ୟ କରିଆସିଥିଲେ। ପୁରନଙ୍କ ଅଧିନାୟକତ୍ୱ ସମୟରେ ୱେଷ୍ଟଇଣ୍ଡିଜ ଅକ୍ଟୋବରରେ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ଏବଂ



ଭାରତରେ ୨୦୨୩ ଅକ୍ଟୋବରରେ କ୍ରିକେଟ ବିଶ୍ୱକପ୍ ଖେଳିବ। ପୋଲାର୍ଡଙ୍କ ଅନୁପସ୍ଥିତିରେ ପୁରନ ଇତିମଧ୍ୟରେ ଗତବର୍ଷ ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ଟି୨୦ ସିରିଜରେ ଅଧିନାୟକତ୍ୱ ତୁଲାଇ ସାରିଛନ୍ତି। ତାଙ୍କ ଦଳ ଏହି ସିରିଜରେ ବିଜୟ ଲାଭ କରିଥିଲା।

## କଳାହାଣ୍ଡି କପ୍ ଲିଗ୍ ପର୍ଯ୍ୟାୟ ଶେଷ

**ଭୁବନେଶ୍ୱର, ୩।୫ :** ଓଡ଼ିଶା କ୍ରିକେଟ୍ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା କଳାହାଣ୍ଡି କପ୍ ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ଲିଗ୍ ପର୍ଯ୍ୟାୟ ଶେଷ ହୋଇଛି। ଲିଗ୍ ପର୍ଯ୍ୟାୟର ଅନ୍ତିମ ଦିନରେ ଖେଳାଯାଇଥିବା ୬ଟି ମ୍ୟାଚ୍‌ରେ କେନ୍ଦ୍ରାପଡ଼ା, ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗିର, ପୁରୀ ଓ ରାୟଗଡ଼ା ବିଜୟୀ ହୋଇଛନ୍ତି। ରେଭେନ୍‌ଶାର ପ୍ରଥମ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ କନ୍ଧମାଳ ପକ୍ଷରୁ ଧାର୍ଯ୍ୟ ୧୩୫ ରନ୍‌ର ବିଜୟ ଲକ୍ଷ୍ୟକୁ କେନ୍ଦ୍ରାପଡ଼ା ୨୭ ଓଭରରେ ୫ ଉଇକେଟରେ ହାସଲ କରି ନେଇଥିଲା। ଡ୍ରିମ୍ସ'ଗ୍ରାଉଣ୍ଡରେ ଶିବା ହରିଜନଙ୍କ ୫ ଉଇକେଟ ସଫଳତା ଯୋଗୁ ମାଲକାନଗିରି ୧୧୬ ରନ୍‌ରେ ସୀମିତ ରହିଥିଲା। ଛୋଟିଆ ଟାର୍ଗେଟକୁ ନବରଙ୍ଗପୁର ହାତରେ ୩ ଉଇକେଟ ରଖି ହାସଲ କରିନେଇଥିଲା। ହାଇଟେକ୍ ଗ୍ରାଉଣ୍ଡରେ ଗଜପତି ଦ୍ୱାରା ଧାର୍ଯ୍ୟ ୬୯ ରନ୍‌ର ବିଜୟ ଲକ୍ଷ୍ୟକୁ ୪ ଉଇକେଟରେ ହାସଲ କରିନେଇଥିଲା ନୂଆପଡ଼ା। ରେଲୱେ ଷ୍ଟାଡିୟମରେ ବଲାଙ୍ଗୀର ୨୧୯ ରନ୍ କରିଥିଲା। ଜବାବରେ ଦେଓଗଡ଼ ୧୭୫ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ସେହିଭଳି ସିଭି ରମଣ ଗ୍ରାଉଣ୍ଡରେ ପୁରୀ ୭ ଉଇକେଟ ହରାଇ ୨୩୫ ରନ୍ କରିଥିଲା। ସୋନପୁର ୮ ଉଇକେଟ ହରାଇ ୧୫୨ ରନ୍ କରିବାକୁ ସକ୍ଷମ ହୋଇଥିଲା। ସନ୍‌ଶାଇନ୍ ଗ୍ରାଉଣ୍ଡରେ କଳାହାଣ୍ଡି ପକ୍ଷରୁ ଧାର୍ଯ୍ୟ ୮୪ ରନ୍‌ର ବିଜୟ ଲକ୍ଷ୍ୟକୁ ରାୟାଗଡ଼ା ୨ ଉଇକେଟରେ ହାସଲ କରିନେଇଥିଲା। ଲିଗ୍ ପର୍ଯ୍ୟାୟ ଶେଷ ହେବା ପରେ ଦୁଇଟି ଗ୍ରୁପ୍ ସିଲଭର ଏ' ଓ ସିଲଭର ବି'ରୁ ଯଥାକ୍ରମେ କେନ୍ଦ୍ରାପଡ଼ା ଓ ପୁରୀ ଆଗାମୀରାଉଣ୍ଡକୁଉନ୍ନୀତହୋଇଛନ୍ତି।

## ହେଣ୍ଡ୍ରିଙ୍କ ରେକର୍ଡ ସମକକ୍ଷ ହେଲେ ଓ'ସୁଲିଭାନ

**ଶିଫିଲ୍ଡ (ଇଂଲଣ୍ଡ), ୩।୫ :** ଇଂଲଣ୍ଡର ୪୬ ବର୍ଷୀୟ ରୋନି ଓ'ସୁଲିଭାନ ୧୮-୧୩ରେ ଜୁଡ୍ ଟ୍ରମ୍ପଙ୍କୁ ପରାସ୍ତ କରି ୭ମ ଥର ବିଶ୍ୱ ସ୍ନୁକର ଚାମ୍ପିୟନଶିପ୍ ଟାଇଟଲ ଜିତିଛନ୍ତି। ଏଥିସହିତ ସେ ଷ୍ଟିଫେନ୍ ହେଣ୍ଡ୍ରିଙ୍କ ରେକର୍ଡ ସମକକ୍ଷ ହୋଇଛନ୍ତି। ଓ'ସୁଲିଭାନ ଏହା ପୂର୍ବରୁ ୨୦୦୧, '୦୪, '୦୮, '୧୨, '୧୩, ଓ '୨୦ରେ ବିଶ୍ୱ ଟାଇଟଲ ଜିତିଥିଲେ। ହେଣ୍ଡ୍ରି ତାଙ୍କ ସମସ୍ତ ଟାଇଟଲ ୧୯୯୦ ଦଶକରେ ହାସଲ କରିଥିଲେ। ସ୍ନୁକରର ଅନ୍ୟ ଦୁଇଟି ପ୍ରମୁଖ ପ୍ରତିଯୋଗିତା ମାଷ୍ଟର୍ସ ଓ ୟୁ.କେ. ଚାମ୍ପିୟନଶିପ୍‌ରେ ୭ ଟାଇଟଲ ସହ ଓ'ସୁଲିଭାନଙ୍କ ନିଜସ୍ୱ ରେକର୍ଡ ରହିଛି। ଡାହାଣହାତୀ ହୋଇଥିଲେ ମଧ୍ୟ ସେ ବାମହାତରେ ସହଜେ ଖେଳିପାରନ୍ତି। ଓ'ସୁଲିଭାନ ତାଙ୍କ କ୍ୟାରିୟରରେ ସର୍ବାଧିକ ୩୯ଟି ଟାଇଟଲ ହାସଲ କରିଛନ୍ତି। ଏକମାତ୍ର ଖେଳାଳି ଭାବେ ସେ ୧,୦୦୦ରୁ ଊର୍ଦ୍ଧ୍ୱ କମ୍ପିଟିଟିଭ୍ ସେଞ୍ଚୁରୀ କରିଛନ୍ତି। ପୁନଶ୍ଚ ପ୍ରତିଯୋଗିତାମୂଳକ ଖେଳରେ ସେ ଯେକୌଣସି ଖେଳାଳି ତୁଳନାରେ ସର୍ବାଧିକ ୧୪୬ ବ୍ରେକ୍ କରିଛନ୍ତି। ୭ଥର ବିଶ୍ୱ ଚାମ୍ପିୟନ ହେବା ପାଇଁ ତାଙ୍କୁ ଏତେ ସମୟ ଲାଗିଥିବାରୁ ଓ'ସୁଲିଭାନ ବିସ୍ମୟ ପ୍ରକାଶ କରିଛନ୍ତି।


ଟ୍ରଫି ସହ ରୋନି ଓ'ସୁଲିଭାନ।

## ଅହମଦାବାଦରେ ଆଇପିଏଲ୍ ଫାଇନାଲ

**ନୂଆଦିଲ୍ଲୀ, ୩।୫ (ପିଟି)**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ସିଜନର ଫାଇନାଲ ଆସନ୍ତା ୨୯ ତାରିଖରେ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯିବ। ମହିଳା ଟି୨୦ ଚ୍ୟାଲେଞ୍ଜ ପ୍ରଦର୍ଶନୀ ଇଭେଣ୍ଟ ପୁଣେରେ ୨୩ରୁ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଙ୍ଗଳବାର ସ୍ପଷ୍ଟ କରିଛି।

ଟାଟା ଆଇପିଏଲ୍‌ର ପ୍ରଥମ କ୍ୱାଲିଫାୟର ଓ ଏଲିମିନେଟର ଯଥାକ୍ରମେ ୨୪ ଓ ୨୫ ତାରିଖରେ କୋଲକାତାରେ ହେବ। ସେହିଭଳି ଦ୍ୱିତୀୟ କ୍ୱାଲିଫାୟର ଏବଂ ଫାଇନାଲରେ ଅହମ୍ମଦାବାଦରେ ୨୭ ଓ ୨୯ରେ ଭରପୁର ଷ୍ଟାଡିୟମରେ ଅନୁଷ୍ଠିତ ହେବ ବୋଲି ବିସିସିଆଇ ପକ୍ଷରୁ ବିଜ୍ଞପ୍ତିରେ କୁହାଯାଇଛି।

ଗତ ମାସରେ ଅନୁଷ୍ଠିତ ବିସିସିଆଇର ଆପେକ୍ସ କାଉନ୍ସିଲ ବୈଠକରେ ମହିଳା ଟି୨୦ ଚ୍ୟାଲେଞ୍ଜ ଲକ୍ଷ୍ନୌରେ ହେବ ବୋଲି ସଭାପତି ସୌରଭ ଗାଙ୍ଗୁଲି କହିଥିଲେ। କିନ୍ତୁ ଏହାକୁ ପୁଣେକୁ ସ୍ଥାନାନ୍ତର କରାଯାଇଛି। ୨୮ ତାରିଖରେ ହେବାକୁ ଥିବା ଫାଇନାଲ ପୂର୍ବରୁ ୩ ମ୍ୟାଚ୍ ଖେଳାଯିବ। ୩ ଦଳ ବିଶିଷ୍ଟ ଏହି ଇଭେଣ୍ଟ ଗତ ବର୍ଷ ଅନୁଷ୍ଠିତ ହୋଇ ନ ଥିଲା।

# କିଟ୍‌ର କ୍ରମାଗତ ତୃତୀୟ ବିଜୟ

**ଭୁବନେଶ୍ୱର, ୩।୫ (କ୍ରୀଡ଼ା ପ୍ରତିନିଧି):** କିଟ୍ ଷ୍ଟାଡିୟମ ଏବଂ କଟକର ରେଭେନ୍ସା ଗ୍ରାଉଣ୍ଡରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ (ପୁରୁଷ) କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ୪ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟ ୩୩ ରନରେ ରେଭେନ୍ସାକୁ ଏବଂ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ୩୦ ରନରେ ବାରାଣସୀର ମହାତ୍ମାଗାନ୍ଧୀ କାଶି ବିଦ୍ୟାପୀଠକୁ ପରାସ୍ତ କରିଛି। ସେହିପରି ଉତ୍ତର ପ୍ରଦେଶର ବୀର ବାହାଦୂର ସିଂ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ୧୧୫ ରନରେ ରାୟପୁରର ପଣ୍ଡିତ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟକୁ ଏବଂ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ କିଟ୍ ମାତ୍ର ୩ ରନରେ ରେୱାର ଅବଧେଶ ପ୍ରତାପ ସିଂ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ପ୍ରତିଯୋଗିତାରେ କିଟ୍ ବିଶ୍ୱବିଦ୍ୟାଳୟର ଏହା କ୍ରମାଗତ ତୃତୀୟ ବିଜୟ। ପ୍ରଥମେ ବ୍ୟାଟିଂ କରିଥିବା କିଟ୍ ୨୫ ଓଭରରେ ୭ ଉଇକେଟ ହରାଇ ୧୫୫ ରନ କରିଥିଲା। ଜବାବରେ ଅବଧେଶ ପ୍ରତାପ ସିଂ ବିଶ୍ୱବିଦ୍ୟାଳୟ ଦଳ ୨୪.୫ ଓଭରରେ ୧୫୨ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା।


ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟରେ କ୍ରମାଗତ ତୃତୀୟ ବିଜୟ ହାସଲ କରିଥିବା କିଟ୍ ଦଳ।

## ଆତ୍ମରକ୍ଷା କୌଶଳ ଶିକ୍ଷାକଲେ ୮୭ ଛାତ୍ରୀ

**ଭୁବନେଶ୍ୱର, ୩।୫ (କ୍ରୀଡ଼ା ପ୍ରତିନିଧି):** ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଡିଗ୍ରୀ କଲେଜ ଛାତ୍ରୀ ମାନଙ୍କୁ ଆତ୍ମରକ୍ଷା କୌଶଳ (ରିଆକ୍ଟ) ଶିକ୍ଷା ପ୍ରଦାନ ପ୍ରକ୍ରିୟା ଜାରି ରହିଛି। ୬ଷ୍ଠ ବ୍ୟାଚ୍‌ରେ କଟକ ଜିଲାର ବିଭିନ୍ନ ଡିଗ୍ରୀ କଲେଜରୁ ମୋଟ ୮୭ ଛାତ୍ରୀ ଉତ୍କଳ କରାଟେ ସ୍କୁଲ ପରିସରରେ ଆତ୍ମରକ୍ଷା କୌଶଳ ଶିକ୍ଷା କରିଛନ୍ତି। ୮ ଦିନର ଏହି ଶିବିରରେ ଛାତ୍ରୀମାନଙ୍କୁ ୪୮ ଘଣ୍ଟାର ଶାରୀରିକ ଓ ମାନସିକ ଶିକ୍ଷା ମଧ୍ୟ ଦିଆଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀ ମାନଙ୍କ ଆତ୍ମବିଶ୍ୱାସ ବଢ଼ାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏପରି କାର୍ଯ୍ୟକ୍ରମକୁ ସେ ଉଚ୍ଚ ପ୍ରଶଂସା କରିବା ସହ ପ୍ରତ୍ୟେକ ଛାତ୍ରୀ ଶିକ୍ଷା ଗ୍ରହଣ କରିବା ସହ ଭବିଷ୍ୟତରେ ନୈତିକତା ବୋଧ ଓ ଶୃଙ୍ଖଳାସହ ଜୀବନଯାପନ କରିବା ଉଚିତ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗର ଅନୁଶାସନ ସଚିବ ରମେଶ ଚନ୍ଦ୍ର ବେହେରା, ଡ. ଗୌରୀ ମହାନ୍ତି, ପ୍ରଶିକ୍ଷକ ଦୀପକ କୁମାର ସାମନ୍ତରାୟ ଓ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରଶିକ୍ଷର କାର୍ଯ୍ୟକ୍ରମକୁ ଡ. ହରିପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିଲେ।



ଉତ୍କଳ କରାଟେ ସ୍କୁଲ ପରିସରରେ ଆତ୍ମରକ୍ଷା ପ୍ରଶିକ୍ଷଣ ନେଇଥିବା ଛାତ୍ରୀମାନେ ଅତିଥି ଓ ପ୍ରଶିକ୍ଷକଙ୍କ ସହ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୪ ମେ, ୨୦୨୨

### ବିଜେଡିରେ ଯୋଗଦେଲେ ଭାଜପା କର୍ମୀ

ନିମାପଡ଼ା, (ଡି.ଏନ୍.ଏ.): ନିମାପଡ଼ା ବିଜୁ ଜନତା ଦଳ ପକ୍ଷରୁ ଏକ ମିଶ୍ରଣ ସମାରୋହ ନିମାପଡ଼ା ବ୍ଲକ ଅନ୍ତର୍ଗତ ଓଳାଶଁ କୃଷି ଫାର୍ମରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷ ଅନୁସୟା ମହାନ୍ତି, ପୂର୍ବତନ ସରପଞ୍ଚ ଅଭିମନ୍ୟୁ ପଣ୍ଡା, କଳାପାଞ୍ଚଣ ସଭାପତି ଅକ୍ଷୟ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ସମାରୋହରେ କଳାପାଞ୍ଚଣର ଭାଜପା ନେତା ସୁଶାନ୍ତ ପାତ୍ର, ସୁବାସ ଚନ୍ଦ୍ର ଲେଙ୍କା ବହୁ ସମର୍ଥକଙ୍କ ସହ ଭାଜପା ଦଳ ତ୍ୟାଗ କରି ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ମଳ ଶାସନ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ ପ୍ରତି ଆସ୍ଥାପ୍ରକଟ କରି ବିଜେଡି ସାମିଲ ହୋଇଥିବା କହିଛନ୍ତି। ଦଳରେ ସାମିଲ ହୋଇଥିବା ନୂତନ ନେତା ଓ କର୍ମୀମାନଙ୍କୁ ଗଣଶିକ୍ଷା ମନ୍ତ୍ରୀ ଦାଶ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ।






୩।୫।୨୦୨୨

| | |
|---|---|
| ୪,୭୯,୦୭୮ ଟଙ୍କା | |
| ସୁନା | ୨.୦୫୦ ଗ୍ରାମ |
| ରୁପା | ୫.୩୦୦ ଗ୍ରାମ |

# ଗୋତୀର୍ଥରେ ବୁଡ଼ ପକାଇଲେ ମହିଳା

ନିମାପଡ଼ା,୩।୫(ଡି.ଏନ୍.ଏ.):

ଅକ୍ଷୟତୃତୀୟା ତିଥିରେ ପ୍ରାଚୀନଦୀର ତ୍ରିବେଣୀ ସଙ୍ଗମ ନିମାପଡ଼ା ବ୍ଲକ ଅନ୍ତର୍ଗତ ଅମରେଶ୍ୱର ନିକଟସ୍ଥ ଗୋତୀର୍ଥରେ ପ୍ରତ୍ୟୁଷରୁ ସନ୍ତାନପ୍ରାପ୍ତି ଆଶାରେ ହଜାର ହଜାର ନିଃସନ୍ତାନ ମହିଳା ବୁଡ଼ ପକାଇ ଅମରେଶ୍ୱର ମହାଦେବଙ୍କୁ ପୂଜାର୍ଚ୍ଚନା କରିଛନ୍ତି। ପ୍ରାତଃ ୪ଟାରେ ଅମରେଶ୍ୱର ଓ ବନ୍ଦେଶ୍ୱର ଗ୍ରାମର ବନ୍ଦେଶ୍ୱରଙ୍କ ଚଳନ୍ତି ପ୍ରତିମା ନିଜ ସୁସଜ୍ଜିତ ବିମାନରେ ଆସି ମାତଙ୍ଗମୁନୀଙ୍କ ଆଶ୍ରମସ୍ଥିତ ଗୋତୀର୍ଥରେ ପହଞ୍ଚି ପାରମ୍ପରିକ ପ୍ରଥା ଅନୁସାରେ ପ୍ରଥମେ ବୁଡ଼ ପକାଇଥିଲେ। ଠାକୁରମାନେ ବୁଡ଼ ପକାଇବା ପରେ ନିଃସନ୍ତାନ ମହିଳାମାନେ ଗୋତୀର୍ଥରେ ବୁଡ଼ ପକାଇଥିଲେ। ଅକ୍ଷୟତୃତୀୟା ତିଥିରେ ଗୋତୀର୍ଥରେ ବୁଡ଼ ପକାଇ ଶମ୍ଭୁ ଦର୍ଶନ କଲେ ନିଃସନ୍ତାନ ମହିଳାଙ୍କ ସନ୍ତାନପ୍ରାପ୍ତ ହୋଇଥାଏ ବୋଲି ପ୍ରାଚୀ ମହାତ୍ମ୍ୟରେ ବର୍ଣ୍ଣିତ ହୋଇଛି। ଏହି ବିଶ୍ୱାସରେ ଆଖପାଖ ଗ୍ରାମର ହଜାର ହଜାର ମହିଳା ଗୋତୀର୍ଥରେ ବୁଡ଼ ପକାଇଥିବା ପୂଜକ ଗଙ୍ଗାଧର ପାଣି, ପୂର୍ଣ୍ଣଚନ୍ଦ୍ର ପାଣି, ଚକ୍ରଧର ପାଣି, ଜୟଦେବ ପାଣି ପ୍ରମୁଖ କହିଛନ୍ତି। ଏଥିପାଇଁ ଅମରେଶ୍ୱର ମନ୍ଦିରରେ ପ୍ରାତଃରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ସନ୍ଧ୍ୟାରେ ଠାକୁରଙ୍କ ମନ୍ଦିର ପ୍ରତ୍ୟାବର୍ତ୍ତନ ସମୟରେ ଆତସବାଜୀ ପ୍ରଦର୍ଶନ, ହରିବୋଲ, ହୁଳହୁଳି, ଘଣ୍ଟବାଦ୍ୟ ଧ୍ୱନିରେ ମନ୍ଦିର ଓ ପୀଠ ପ୍ରକମ୍ପିତ ହୋଇଥିଲା। ପ୍ରାଚୀ ମହାତ୍ମ୍ୟରେ ବର୍ଣ୍ଣିତ ହୋଇଛି ଯେ, ପାପୀଙ୍କ ପାପ ଧୋଇ ଗଙ୍ଗାଦେବୀ କଳୁଷିତ ହୋଇଥାନ୍ତି। ଏହି ଅକ୍ଷୟତୃତୀୟା ତିଥିରେ ମା' ଗଙ୍ଗା ଦେବୀ କଳା ଗାଇ ରୂପରେ ଏହି ଗୋତୀର୍ଥକୁ ଆସି ବୁଡ଼ ପକାଇ ପାପ ଧୋଇ ହୋଇ ଧଳା ଗାଇ ରୂପରେ ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ତେଣୁ ସମସ୍ତ ଦେବଦେବୀ ମଧ୍ୟ ଏହି ତିଥିରେ ଗୋତୀର୍ଥକୁ ଆସି ବୁଡ଼ ପକାଇଥାନ୍ତି ବୋଲି ଲୋକକଥା ରହିଥିବା ପୂଜକ ଗଙ୍ଗାଧର ପାଣି କହିଛନ୍ତି। ଏଥିସହ


ଦୁଇଟି ସୁସଜ୍ଜିତ ବିମାନରେ ଗୋତୀର୍ଥରେ ପ୍ରଭୁ ଅମରେଶ୍ୱର ଓ ପ୍ରଭୁ ବନ୍ଦେଶ୍ୱରଙ୍କ ଚଳନ୍ତି ପ୍ରତିମା ଉପବିଷ୍ଟ ହୋଇଛନ୍ତି।

### ସନ୍ତାନ ପ୍ରାପ୍ତ ହେଉଥିବା ବିଶ୍ୱାସ ରହିଛି

ଏଠାକୁ ପିତୃପୁରୁଷଙ୍କ ପିଣ୍ଡଦାନ, ଯାଁବାଳ ପକାଇବାକୁ ଅନେକେ ଆସିଥାନ୍ତି। ଚଳିତବର୍ଷ ପ୍ରଭୁ ଅମରେଶ୍ୱରଙ୍କ ଯାତ୍ରାରେ ପ୍ରାୟ ୨୦ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ ଗୋତୀର୍ଥ ଓ ଅମରେଶ୍ୱର ପୀଠ ଉତ୍ସବମୁଖର ହୋଇଥିଲା। ଏଠାରେ ମେଳା ପଡ଼ିଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ବ୍ୟବସ୍ଥା କରାଯାଇଥିଲା। ମେଳାସ୍ଥଳରେ ପୀତବାସ ସାହୁ, ମେମୋରିଆଲ ଫାଉଣ୍ଡେଶନ ଟ୍ରଷ୍ଟ ଅଧ୍ୟକ୍ଷ ଆଇନଜୀବୀ ରଣଜିତ ସାହୁଙ୍କ ପକ୍ଷରୁ ଜଳଛତ୍ର ଖୋଲାଯାଇ ପାନୀୟ ଜଳ ବଣ୍ଟନ କରାଯାଇଥିଲା।

## ଶନିଦେବଙ୍କ ଯଜ୍ଞରେ ଯୋଗଦେଲେ ମନ୍ତ୍ରୀ

ପିପିଲି,୩।୫(ଡି.ଏନ୍.ଏ.)

ପିପିଲି ବ୍ଲକ ଗୋବର୍ଦ୍ଧନପୁରସ୍ଥିତ ଶ୍ରୀଗତିଶ୍ୱର ମହାଦେବଙ୍କ ପୀଠରେ ଶନିଦେବଙ୍କ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୪ର୍ଥ ଦିବସରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ବିଧାୟକ ରୁଦ୍ରପ୍ରତାପ ମହାରଥୀ, ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଦେବାଶିଷ ନନ୍ଦ, ସୁବାସ ସୁନ୍ଦରାୟ, ଧରଣୀଧର ସାହୁ ପ୍ରମୁଖ ଯୋଗଦେଇଥିଲେ। ଦେବାଶିଷ ନନ୍ଦଙ୍କ ସମେତ ଅନ୍ୟ ଅତିଥିମାନେ ଏହି ପୀଠସ୍ଥଳୀକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବାକୁ ମନ୍ତ୍ରୀ ଓ ବିଧାୟକଙ୍କ ଦୃଷ୍ଟି ଆର୍କଷଣ କରିଥିଲେ। ପୀଠସ୍ଥଳୀର ଉନ୍ନତି ପାଇଁ ବିଧାୟକ ମହାରଥୀ ବିଧାୟକ ପାଣ୍ଠିରୁ ୩ଲକ୍ଷ ଟଙ୍କା ଦେବାକୁ କହିଥିଲେ। ସଭାରେ ପିପିଲି ବ୍ଲକର କାର୍ଯ୍ୟରତ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ଣ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ୧୨. ୬୮କୋଟି ଟଙ୍କାର ରାସ୍ତା ଉନ୍ନତୀକରଣ ଶିଳାନ୍ୟାସ

ସାକ୍ଷୀଗୋପାଳ,୩।୫(ଡି.ଏନ.ଏ)- ପୂର୍ବ ସତ୍ୟବାଦୀ ଅନ୍ତର୍ଗତ ବିଦ୍ୟାଧରପୁର ଓ ରାୟଖଣ୍ଡି ପଞ୍ଚାୟତର ଗଡକୁଣ୍ଡରେ ଦୁଇଟି ରାସ୍ତା ଉନ୍ନତୀକରଣ କାର୍ଯ୍ୟ ମଙ୍ଗଳବାର ଶିଳାନ୍ୟାସ ହୋଇଛି। ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ୧୨ କୋଟି ୬୮ ଲକ୍ଷ ୯୪ ହଜାର ଟଙ୍କା ବ୍ୟୟର ଏହି ପ୍ରକଳ୍ପ ଶିଳାନ୍ୟାସ କରିଥିଲେ। ପ୍ରାୟ ୧୩ କିଲୋମିଟର ଲମ୍ବ ଏହି ଦୁଇଟି ରାସ୍ତା ଆଗାମୀ ଏକବର୍ଷ ମଧ୍ୟରେ ପୂର୍ଣ୍ଣାଙ୍ଗ ହେବ ବୋଲି ବିଧାୟକ କହିଥିଲେ। ସୁଆଣ୍ଡୋ ବ୍ରିଜଠାରୁ ବିଦ୍ୟାଧରପୁର, ବୁଢାକେରା, ଚିଲପାଟଣାକୁ ଗୋଟିଏ ରାସ୍ତା ଏବଂ ଅନ୍ୟଟି ଗଡକୁଣ୍ଡଠାରୁ କେତକୀପାଟଣା ଗମନାଗମନ ସୁଗମ ହେବ। ଶିଳାନ୍ୟାସ ଉତ୍ସବରେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ବିଦ୍ୟାଧରପୁର ସରପଞ୍ଚ ଦୁଃଶାସନ ପ୍ରଧାନ, ସମିତିସଭ୍ୟ ପ୍ରଫୁଲ୍ଲ ପ୍ରଧାନ, ଶରତ ରାଉତରାୟ, ଦେବ ମିଶ୍ର, ଲଳିତ ନାୟକ, କୃଷ୍ଣଚନ୍ଦ୍ର ବରାଳଙ୍କ ସହିତ ଗ୍ରାମ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ମନୋଜ ସାମନ୍ତ ପ୍ରମୁଖ ଯୋଗଦେଇଥିଲେ।

### ଜେଏମ୍ଏଫ୍‌ସି ଅଦାଲତ ଉଦ୍‌ଘାଟିତ

କଣାସ,୩।୫(ସ୍ୱ.ପ୍ର): ପୁରୀ ଜିଲା ଚିଲିକା ଉପକୂଳରେ ଅବସ୍ଥାପିତ କଣାସ ବ୍ଲକର କଣାସ ପଞ୍ଚାୟତ ସମିତି ନିକଟ କଣାସ ଗ୍ରାମପଞ୍ଚାୟତ ଗୃହରେ ମଙ୍ଗଳବାର ଜେଏମ୍ଏଫ୍‌ସି ଅଦାଲତ ଉଦ୍‌ଘାଟନ ହୋଇଯାଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଡ. ଏସ୍. ମୁରଲୀଧର, ଜଷ୍ଟିସ୍ ବି. ମହାନ୍ତି ଉତ୍ସବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପୁରୀ ଦୌରା ଜଜ୍ ଧନେଶ୍ୱର ମଲ୍ଲିକ ଯୋଗଦେଇ ଫଳକ ଅନାବରଣ କରିଥିଲେ। କଣାସ ଅଞ୍ଚଳର ଲୋକେ ନ୍ୟାୟ ପାଇଁ ପୁରୀ କୋର୍ଟକୁ ଯାଉଥିବାବେଳେ କଣାସ ଅଞ୍ଚଳରେ କନିଷ୍ଠ ଦେୱାନୀ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତ ଖୋଲିଥିବାରୁ ଅଞ୍ଚଳବାସୀ ଆନନ୍ଦ ପ୍ରକାଶ କରିଥିଲେ। ଏହି ଅବସରରେ ଜିଲା ମୁଖ୍ୟ ବିଚାରପତିଙ୍କୁ କଣାସ ଆଇନଜୀବୀ ସଙ୍ଘ ପକ୍ଷରୁ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଉତ୍ସବରେ କୋର୍ଟ ରେଜିଷ୍ଟ୍ରର ବିଦ୍ୟାଧର ପୃଷ୍ଟି, କୋର୍ଟ ମ୍ୟାନେଜର ସଞ୍ଜୟ ସାହୁ, କଣାସ ଜେଏମ୍ଏଫ୍‌ସି ମାଜିଷ୍ଟ୍ରେଟ ଅନୁପମ ଦାସ, ରାଜସ୍ୱ ବିଭାଗର ଅତିରିକ୍ତ ଜିଲାପାଳ ସୁବାସନାଥ ଶର୍ମା, କଣାସ ବିଡିଓ ଲୋଚନ ଦାସ, ନିମାପଡା ବାର ସଭାପତି, ପିପିଲି ବାର ସଭାପତି, ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ରାଉତଙ୍କ ସମେତ ବ୍ଲକର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



କୋଣାର୍କର ଅର୍କେଶ୍ୱର ମଣ୍ଡପରେ ତ୍ରିଦିବସୀୟ ଶ୍ରୀଜୟଦେବ ଜୟନ୍ତୀ ସମାରୋହରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

# ଓଡ଼ିଶୀ ନୃତ୍ୟରେ ଶ୍ରୀଜୟଦେବଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

କୋଣାର୍କ/ କାକଟପୁର,୩।୫(ଡି.ଏନ୍.ଏ.):

ଅକ୍ଷୟତୃତୀୟା ଅବସରରେ ଅର୍କକ୍ଷେତ୍ର କୋଣାର୍କର ଅର୍କେଶ୍ୱର ମଣ୍ଡପରେ ତ୍ରିଦିବସୀୟ ଶ୍ରୀଜୟଦେବ ଜୟନ୍ତୀ ସମାରୋହ ଉଦ୍‌ଘାଟିତ ହୋଇଯାଇଛି। କୋଣାର୍କ ଶ୍ରୀଜୟଦେବ ଜୟନ୍ତୀ କମିଟିର ସଭାପତି ଗୋପାଳ ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ କୋଣାର୍କ ଏନ୍ଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ କୋଣାର୍କ ଏନ୍ଏସି ନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ତହସିଲଦାର ସୌମେନ୍ଦ୍ର ତେଜ, ଖବରଦାତା ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ସାମାଜିକ କର୍ମୀ ହରିଶ୍ଚନ୍ଦ୍ର ଦାଶ, ଏନ୍ଏସି ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟ ପ୍ରମୁଖ ଜୟଦେବଙ୍କ ଜୀବନୀ ଓ ସାହିତ୍ୟ ସାଧନା ସମ୍ପର୍କରେ ଆଲୋଚନା କରିଥିଲେ। କମିଟିର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ଧନ୍ୟବାଦ ଦେଇଥିଲେ। ପରେ ସଂସ୍କୃତି ବିଭାଗ ପ୍ରାୟୋଜିତ ଓଡ଼ିଶୀ ନୃତ୍ୟରେ ଶ୍ରୀଜୟଦେବଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଭୁବନେଶ୍ୱରର ନୃତ୍ୟଶିଳ୍ପୀ ଶୁଭମ୍ ଓଝା ଓ ତାଙ୍କ ସହଯୋଗୀମାନେ ଜୟଦେବଙ୍କ ରଚିତ ଗୀତଗୋବିନ୍ଦର ପଦାବଳୀକୁ ନେଇ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ପ୍ରାଚୀତଟ ପାବନ ତୀର୍ଥ ଗୋତୀର୍ଥ ପରିସରରେ ମଙ୍ଗଳବାର ଜୟଦେବ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦର ଆବାହକ ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାଚୀ ଆରତୀ ସମ୍ପନ୍ନ ହେବା ସହ ଜୟଦେବଙ୍କ ରଚିତ ଗୀତଗୋବିନ୍ଦ ଗାନ କରାଯାଇଥିଲା। ପରିଷଦର ଅଧ୍ୟକ୍ଷ ପ୍ରଦୀପ ସାହୁ, ଉପଦେଷ୍ଟା କୈଳାସ ଚନ୍ଦ୍ର ବରାଳ, ପ୍ରାଚୀ ମଣ୍ଡଳ କୃଷକ ସଙ୍ଘ ସଭାପତି ରାଧାଶ୍ୟାମ ପ୍ରଧାନ, ପୀଠର ପୂଜକ ସନ୍ତୋଷ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଭକ୍ତ ଜୟଦେବଙ୍କ ସ୍ମୃତିଚାରଣ କରିଥିଲେ। ଜୟଦେବ ରଚିତ ଗୀତଗୋବିନ୍ଦ ପୁସ୍ତକ ବଣ୍ଟନ କରାଯାଇଥିଲା।

## କାର୍- ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

ବଳଙ୍ଗା,୩।୫(ଡି.ଏନ୍.ଏ.):

ବଳଙ୍ଗା ଥାନା ଅନ୍ତର୍ଗତ ଗୋଡିମାଳରେ ମଙ୍ଗଳବାର କାର୍ ସହ ଏକ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ନିମାପଡା ବଜାର ମୁଦୁଲି ସାହିର ତ୍ରିଲୋଚନ ମୁଦୁଲି(୩୫)। ଘଟଣାସ୍ଥଳରେ ଶତାଧିକ ଲୋକେ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ପରେ ପୋଲିସ ଦୁର୍ଘଟଣାଗ୍ରସ୍ତ ୨ଗାଡ଼ିକୁ ଜବତ କରିବା ସହ ଏନେଇ ଥାନାରେ ଏକ ମାମଲା ରୁଜୁ କରିଛି। ଘଟଣାରୁ ପ୍ରକାଶ, ମଙ୍ଗଳବାର ମଧ୍ୟାହ୍ନରେ ତ୍ରିଲୋଚନ ବାଇକ୍‌ରେ ପିପିଲିରୁ ନିମାପଡା ଫେରୁଥିଲେ। ଗୋଡିମାଳ ମହାଦେବ ମନ୍ଦିର ନିକଟରେ ଏକ ଦ୍ରୁତଗାମୀ କାର୍ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ତ୍ରିଲୋଚନ ଛିଟିକି ପଡିଥିବାବେଳେ କାରଟି ଭାରସାମ୍ୟ ହରାଇ କେନାଲ ଭିତରେ ପଶିଯାଇଥିଲା। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ପିପିଲି ଡାକ୍ତରଖାନା ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ରାସ୍ତାରୋକୋ ହୋଇଥିବା ବେଳେ ପୋଲିସ ବୁଝାଶୁଝା କରିଥିଲେ ମଧ୍ୟ ଉପଯୁକ୍ତ କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ରାସ୍ତାରୋକୋ ହଟିବନି ବୋଲି ଆନ୍ଦୋଳନକାରୀ କହିଥିଲେ। ପରେ ଥାନାଧିକାରୀଙ୍କ ସହ ଆଲୋଚନା ପରେ ରେଡ୍‌କ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୧୦ ହଜାର ସହାୟତା ରାଶି ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ରାସ୍ତାରୋକୋ ହଟିଥିଲା।

## ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ନିର୍ମାଣକୁ ବିରୋଧ, ଆଇନଜୀବୀଙ୍କ ସତ୍ୟାଗ୍ରହ

ପୁରୀ ଅଫିସ,୩।୫

ଶ୍ରୀମନ୍ଦିର ଶହେ ମିଟର ନିଷିଦ୍ଧାଞ୍ଚଳରେ ଆମସାର ଆକ୍ଟକୁ ଉଲ୍ଲଂଘନ କରି ବେଆଇନ ନିର୍ମାଣ ଚାଲିଛି। ଏହା ବିରୋଧରେ ମାମଲା କୋର୍ଟରେ ଥିବାବେଳେ ନିର୍ମାଣକାରୀ ସଂସ୍ଥା ନିର୍ମାଣ କାର୍ଯ୍ୟକୁ ଜାରି ରଖିଥିବା ନେଇ ପୁରୀର ଆଇନଜୀବୀମାନେ ଅଭିଯୋଗ କରିଛନ୍ତି। ମାତ୍ର ବେଆଇନ କାର୍ଯ୍ୟ ଜାରି ରହିଥିବା ବେଳେ କେନ୍ଦ୍ର ସରକାର ଓ ଏଏସ୍ଆଇ ନୀରବ ରହିଛନ୍ତି। ଆଇନ ଅନୁଯାୟୀ ଏଏସ୍ଆଇ ଏତଲା ଦେଉନି କି କୌଣସି ପଦକ୍ଷେପ ନେଲା ନାହିଁ। ତେଣୁ ଶ୍ରୀମନ୍ଦିର କରିଡ଼ର କାର୍ଯ୍ୟକୁ ବିରୋଧ କରିବା ସହ ନ୍ୟାୟ ପାଇଁ ମଙ୍ଗଳବାରଠାରୁ ପୁରୀ ବାର୍ ଆସୋସିଏଶନ ବାହାରେ ଆଇନଜୀବୀମାନେ ସତ୍ୟାଗ୍ରହ ଆରମ୍ଭ କରିଛନ୍ତି। ଏ ସତ୍ୟାଗ୍ରହରେ ଆଇନଜୀବୀ ପ୍ରଶାନ୍ତ ମିଶ୍ର, ଶରତ କୁମାର ରାୟଗୁରୁ, ଜ୍ୟୋତି ପ୍ରକାଶ ମିଶ୍ର, ପ୍ରେମାନନ୍ଦ ମହାନ୍ତି, ହରେକୃଷ୍ଣ ପ୍ରତିହାରୀ, ପ୍ରଦୀପ ପାତ୍ର, ସ୍ମୃତିରଞ୍ଜନ ପତି, ଦୁର୍ଗା ମିଶ୍ର ପ୍ରମୁଖ ସାମିଲ ହୋଇଛନ୍ତି। ଆଇନଜୀବୀଙ୍କ କହିବା ଅନୁଯାୟୀ, କେନ୍ଦ୍ର ଓ ରାଜ୍ୟ ସରକାର ଆଇନକୁ କାର୍ଯ୍ୟକାରୀ କରିବା ବଦଳରେ ଆଇନକୁ ଉଲ୍ଲଂଘନ କରି ଚାଲିଛନ୍ତି। ତେବେ ଆଇନୀଜୀବୀମାନେ ଜଣେ ଜଣେ ନାଗରିକ ଭାବେ ଏହି ସତ୍ୟାଗ୍ରହ ଦ୍ୱାରା ସରକାରଙ୍କ ମନମୁଖି କାର୍ଯ୍ୟକୁ ବିରୋଧ କରିବାକୁ ଆଗେଇ ଆସିଛନ୍ତି। ତେଣୁ ଶ୍ରୀମନ୍ଦିର ଚାରିପାଖରେ ଚାଲିଥିବା ବେଆଇନ କାର୍ଯ୍ୟକୁ ଲୋକେ ବିରୋଧ କରିବାକୁ ଆଇନଜୀବୀମାନେ ଆହ୍ୱାନ ଦେଇଛନ୍ତି।

## ଶ୍ରୀକ୍ଷେତ୍ରରେ ଘଡ଼ି ପଥୁଲି ପୂଜା


ଅକ୍ଷୟତୃତୀୟା ଅବସରରେ ପିଲାମାନଙ୍କ ପାଇଁ ଘଡି ପଥୁଲି ପୂଜା କରୁଛନ୍ତି ।

ପୁରୀ ଅଫିସ,୩।୫

ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ବା ଅକ୍ଷୟତୃତୀୟା ଅବସରରେ ରୀତିନୀତି ଅନୁସାରେ ଶ୍ରୀକ୍ଷେତ୍ରରେ ଘଡ଼ି ପଥୁଲି ପୂଜା ସମ୍ପନ୍ନ ହୋଇଛି। ବିଶେଷ କରି ମା'ମାନେ ନିଜ ସନ୍ତାନମାନଙ୍କ ମଙ୍ଗଳ କାମନା କରି ଏହି ପୂଜା କରିଥାନ୍ତି। ଶ୍ରୀକ୍ଷେତ୍ର ପୁରୀରେ ବାସ କରୁଥିବା ସେବକ, ବ୍ରାହ୍ମଣ ଏବଂ ଅନେକ ଗୃହସ୍ଥ ପରିବାରରେ ଘଡି ପଥୁଲି ପୂଜା କରାଯାଇଥିଲା। ମା' ଷଷ୍ଠୀ ଦେବୀଙ୍କ ନିକଟରେ ଘଡ଼ିପଥୁଲି ପୂଜା ହେବା ପରେ ଉକ୍ତ ଘଡ଼ି ପଥୁଲିଗୁଡିକୁ କୁନି ପିଲାମାନଙ୍କ ମଧ୍ୟରେ ବଣ୍ଟାଯାଇଥାଏ। ଅକ୍ଷୟତୃତୀୟା ପୂର୍ବଦିନ ମାଟିରେ ନିର୍ମିତ ହୋଇଥିବା ଘଡି ପଥୁଲିରେ ଚୂନ, ଅଳିତା ଏବଂ ବିଭିନ୍ନ ରଙ୍ଗ ଲଗାଯାଇ ତାକୁ ଚିତ୍ରବିଚିତ୍ର କରାଯାଇଥାଏ। ପରେ ଅକ୍ଷୟତୃତୀୟା ଦିନ ଘରର ଠାକୁର ଘରେ ପଞ୍ଚମୁରୁଜରେ ଚିତ୍ର ଆଙ୍କି ତା' ମଧ୍ୟରେ ଘଡ଼ି ପଥୁଲିଗୁଡିକୁ ରଖାଯାଏ। ଏହି ଘଡି ପଥୁଲିରେ ଚୂଡାଭଜା, ଖଇ, ନଡ଼ିଆ, ଆମ୍ବ, ତାଳ ଖଣ୍ଡଘୋଡା ବିଭିନ୍ନ ପ୍ରକାରରର ଫଳ ଏବଂ ଖେଳନା କଣ୍ଢେଇ ରଖାଯାଇ ମା' ଷଷ୍ଠୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ପୂଜା ସରିବା ପରେ ଘଡ଼ି ପଥୁଲିଗୁଡିକୁ କୁନି ପିଲାଙ୍କୁ ବଣ୍ଟାଯାଇଥିଲା।

# କୃଷି, କୃଷକଙ୍କ ବିକାଶରେ ଦେଶର ଉନ୍ନତି

ନିମାପଡ଼ା/ଗୋପ/ବ୍ରହ୍ମଗିରି/କଣାସ, ୩।୫(ଡି.ଏନ୍.ଏ./ସ୍ୱ.ପ୍ର.):

କୃଷକମାନେ ହେଉଛନ୍ତି ସମାଜର ମେରୁଦଣ୍ଡ, ତାଙ୍କର ପରିଶ୍ରମ ଅତୁଳନୀୟ। ତେଣୁ କୃଷି ଓ କୃଷକମାନଙ୍କ ବିକାଶ ହେଲେ ଆମ ରାଜ୍ୟ ଓ ଦେଶର ଉନ୍ନତି ହେବ ବୋଲି ମୁଖ୍ୟମନ୍ତ୍ରୀ ସେମାନଙ୍କ ପାଇଁ ବହୁବିଧ ଯୋଜନା ପ୍ରଣୟନ କରିଛନ୍ତି ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପୁରୀ ଓ ନିମାପଡ଼ା କୃଷି ବିଭାଗ ପକ୍ଷରୁ ଅନୁଷ୍ଠିତ ଜିଲାସ୍ତରୀୟ କୃଷକ ଦିବସ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମତପ୍ରକାଶ କରିଛନ୍ତି। ମନ୍ତ୍ରୀ ଦାଶ ନିମାପଡ଼ା ବ୍ଲକ ଓଳାଶଁ କୃଷି ଫାର୍ମରେ ଅକ୍ଷିମୁଠି ଅନୁକୂଳ କରିଛନ୍ତି। ସମ୍ମାନିତ ଅତିଥି ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ଜିଲା ମୁଖ୍ୟ କୃଷି ଅଧିକାରୀ ରମେଶ ଚନ୍ଦ୍ର ରାଏ, ନିମାପଡ଼ା କୃଷି ଅଧିକାରୀ ଶରତଚନ୍ଦ୍ର ପରିଡ଼ା, ଓଳାଶଁ ଫାର୍ମର ପରିଦର୍ଶକ ମନୋଜ ମହାନ୍ତି, ଶଙ୍କର ଭୋଇ, ଅନୁସୟା ମହାନ୍ତି, ଝୁନୁ ମଲ୍ଲିକ, ସସ୍ମିତା ନାୟକ, ରବୀନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ସମାରୋହରେ ନିମାପଡ଼ା ବ୍ଲକର ୨ଜଣ ସଫଳ ଚାଷୀ ସତ୍ୟେନ୍ଦ୍ର ମୋହନ ମହାନ୍ତି ଓ କେଶବ ମାଝିଙ୍କୁ ମନ୍ତ୍ରୀ ଦାଶ ସମ୍ବର୍ଦ୍ଧିତ କରିଥିଲେ। ଗୋପ ବ୍ଲକ ବଣିଆ ସାହି ପଞ୍ଚାୟତରେ ଅକ୍ଷିମୁଠି ଅନୁକୂଳ କାର୍ଯ୍ୟକ୍ରମରେ ଭାଜପା ନେତ୍ରୀ ପ୍ରଭାତି ପରିଡ଼ା ଯୋଗଦେଇଥିଲେ। ସରପଞ୍ଚ ତପନ ବରାଳଙ୍କ ସଭାପତିତ୍ୱରେ ନେତା ଦିଲୀପ ନାୟକ ଯୋଗଦେଇ କହିଥିଲେ, ଚାଷୀଙ୍କ ସମସ୍ୟା ପ୍ରତି ସରକାର ଦୃଷ୍ଟି ଦେବା ସହ ମଣ୍ଡିରେ ଠିକ୍ ଭାବରେ ଧାନ ନେବା ଓ ଉଚିତ ଅର୍ଥ ଦେବାକୁ ଦାବି କରିଥିଲେ। ଏଥିରେ ପଞ୍ଚାୟତର ଶତାଧିକ ଚାଷୀ ଉପସ୍ଥିତ ଥିଲେ। ବ୍ରହ୍ମଗିରି ବ୍ଲକ ବ୍ରହ୍ମଣିଆ ଗ୍ରାମରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇ ଅକ୍ଷିମୁଠି ଅନୁକୂଳ କରିଥିଲେ। ଅନ୍ୟାନ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରତ୍ନମାଳ ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳେଇ, ଜିଲା ପରିଷଦ ଜାମ୍ବେଶ୍ୱର ସାହୁ, ସମସ୍ତ ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକର ଶ୍ରେଷ୍ଠ କୃଷକ ଭାବେ ବ୍ରହ୍ମଣିଆ ପଞ୍ଚାୟତର ବେଙ୍ଗମା ଗ୍ରାମର ତ୍ରିନାଥ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଣାସ ବ୍ଲକଗଡଖାରଦ ପଞ୍ଚାୟତ ବିରତୋଇରେ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଅକ୍ଷିମୁଠି ଅନୁକୂଳ କାର୍ଯ୍ୟକ୍ରମ ହୋଇଯାଇଛି। ନେତା କୃଷ୍ଣ ଜଗଦେବ ଓ କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ କାମାକ୍ଷା ପ୍ରଧାନ ଯୋଗଦେଇ ଅକ୍ଷିମୁଠି ଅନୁକୂଳ କରିଥିଲେ। ଏଥିରେ ବ୍ଲକର ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂ, ଗଡଖାରଦ ସରପଞ୍ଚ ମହେଶ୍ୱର ସେଠୀ, ବିଶ୍ୱଜିତ ବଡଜେନା, ତରୁଣସେନ ସ୍ୱାଇଁ ଓ ଲିଙ୍ଗରାଜ ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ। ଗଡଖାରଦ ପାହାଡସ୍ଥିତ ଶ୍ରୀଜଗନ୍ନାଥଙ୍କ ମନ୍ଦିରରୁ ଅକ୍ଷିମୁଠି କାର୍ଯ୍ୟ ଆରମ୍ଭ ହୋଇଥିଲା।

# 'ଆଧ୍ୟାତ୍ମିକ ମାର୍ଗକୁ ଆପଣେଇବା ପ୍ରକୃଷ୍ଟ ମାର୍ଗ'

ପୁରୀ ଅଫିସ,୩।୫

ଅକ୍ଷୟତୃତୀୟା ଅବସରରେ ସ୍ଥାନୀୟ ସଂସ୍କୃତି ଭବନ ସଭାକକ୍ଷରେ ପୁରୀରୁ ପ୍ରକାଶ ପାଉଥିବା ଅନୁଭବରେ ଈଶ୍ୱର ଏକ ସଂକଳନ ଦିବ୍ୟଦର୍ଶନର ଚତୁର୍ଥ ବାର୍ଷିକ ଉତ୍ସବ, ରାଜ୍ୟସ୍ତରୀୟ ଭକ୍ତିକବିତା ଆସର ଏବଂ ସାରସ୍ୱତ ସମ୍ବର୍ଦ୍ଧନା ଉତ୍ସବ ସଂକଳନର ମୁଖ୍ୟ ସମ୍ପାଦକ ବିପିନବିହାରୀ ଦଳାଇଙ୍କ ସଭାପତିତ୍ୱରେ ପାଳିତ ହୋଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟା ଡ. ପ୍ରତିଭା ମହାରଥୀ, ବିଶିଷ୍ଟ ଅତିଥି ଶକ୍ତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ତଥା କବି ଧନଞ୍ଜୟ ସ୍ୱାଇଁ, ଜଙ୍ଗଲ ବିଭାଗର ଯୁଗ୍ମ ଶାସନ ସଚିବ ତଥା କବି ମଧୁସୂଦନ ଦାଶ, କବି ବିଜୟଲକ୍ଷ୍ମୀ ଦାଶ ଏବଂ ଚକ୍ରଧର ମହାପାତ୍ର ଯୋଗଦେଇ ସାମ୍ପ୍ରତିକ ସମାଜରେ ଆଧ୍ୟାତ୍ମିକ ମାର୍ଗକୁ ଆପଣେଇବା ହିଁ ପ୍ରକୃଷ୍ଟ ମାର୍ଗ ବୋଲି କହିଥିଲେ। ଏହି ଅବସରରେ ଦିବ୍ୟଦର୍ଶନର ଚତୁର୍ଥ ସଂଖ୍ୟା ଅତିଥିମାନେ ଉନ୍ମୋଚନ କରିଥିଲେ। ଚଳିତବର୍ଷ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଡ. ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ, ଲକ୍ଷ୍ମୀଧର ମହାରଣା, ଚନ୍ଦ୍ରଶେଖର ମହାରାଣା, ସୁଶ୍ରୀ କ୍ରିଷ୍ଟା ମହାପାତ୍ର, ସୁଶ୍ରୀ ହରପ୍ରିୟା ସାହୁ, ପ୍ରମୋଦା ଦେବୀ, ଚନ୍ଦ୍ରଶେଖର ଦାଶ ଏବଂ ଶୁଭଶ୍ରୀ ସିଂଙ୍କୁ ଦିବ୍ୟଦର୍ଶନ ସମ୍ମାନ ୨୦୨୨ ପ୍ରଦାନ କରାଯାଇଥିଲା। ବଦ୍ରି ମିଶ୍ର ସଭାପତିତ୍ୱ କରିଥିବାବେଳେ ପୌର୍ଣ୍ଣମାସୀ ଦେବୀ ଅତିଥି କବି ଭାବରେ ଯୋଗଦେଇଥିଲେ। ସୁଶ୍ରୀ କ୍ରିଷ୍ଟା ମହାପାତ୍ର, ସର୍ବାଣି ଦାସ ଏବଂ ଲକ୍ଷ୍ମୀପ୍ରିୟା ଦାଶଙ୍କ ସଂଯୋଜନାରେ ଅନେକ କବି ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଓଁକାର ଦାଶ, ଇଂ. ଐଶ୍ୱର୍ଯ୍ୟା ଦାଶ, ଅଲିଭା ମିଶ୍ର, ମନିଷା ଦାଶ ଏବଂ ପଙ୍କଜଲୋଚନ ଦାଶ ପ୍ରମୁଖ ପରିଚାଳନା କରିଥିଲେ। ସମ୍ପାଦିକା ପ୍ରବାସିନୀ ମିଶ୍ର ଧନ୍ୟବାଦ ଦେଇଥିଲେ ।


ଦିବ୍ୟଦର୍ଶନର ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ।

# ମୁକ୍ତା ଯୋଜନାରେ ଜାଗାଘର ଲୋକାର୍ପିତ

ପୁରୀ ଅଫିସ,୩।୫:

ମୁକ୍ତା ଯୋଜନା ଅଧୀନରେ ପୁରୀ ସହରର ୧୧ଟି ସ୍ଥାନର ପୁନରୁଦ୍ଧାର କାର୍ଯ୍ୟ ଲୋକାର୍ପିତ ହୋଇଛି। ସମ୍ପୃକ୍ତ ଜାଗାର ସମ୍ପାଦକ, ସଭାପତି ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଛନ୍ତି। ପ୍ରାୟ ୧ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟରେ ଜାତୀୟ ବ୍ୟାୟାମ କ୍ରୀଡ଼ା ପରିଷଦ, ପାଣ୍ଡ ଜାଗା, ବୁଢୀମା ତୋଟା, ପାଣିଆ ତୋଟା, ଭଙ୍ଗ ଜାଗା, ମୁଦୁଲି ଜାଗା, ଖୁଣ୍ଟିଆ ଜାଗା, ତିଆଡ଼ି ଜାଗା ଓ ଲୁହା ଗଡ ଜାଗା ସମେତ ଅନେକ ଜାଗାର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପରେ ଏହାକୁ ଲୋକାର୍ପିତ କରାଯାଇଛି। ଏଠାରେ ପେଭର ବ୍ଲକ୍, ଚାରିପାଖରେ ପାଚେରି, ୱାଲ ପେଣ୍ଟିଂ, ଜିମ୍ ଉପକରଣ, ଶିଶୁମାନଙ୍କ ଖେଳ ସାମଗ୍ରୀ ଓ ପାଦଚଲା ରାସ୍ତା ଇତ୍ୟାଦି ନିର୍ମାଣ କରାଯାଇଛି। ଜିଲାପାଳ ସମର୍ଥ ବର୍ମା ଓ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ସମ୍ପୃକ୍ତ ଜାଗା ଘର ଓ ଉଦ୍ୟାନ ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଉଭୟ ଜାଗା ଘର ଓ ଉଦ୍ୟାନ ପରିସରରେ ଚାରାରୋପଣ କରିଥିଲେ। ଜିଲାପାଳ ସମର୍ଥ ବର୍ମା କହିଥିଲେ, ମୁକ୍ତା ଯୋଜନାରେ ଏଗୁଡ଼ିକର ପୁନରୁଦ୍ଧାର କରାଯାଇଛି। ମାତ୍ର ଏହାକୁ ସଂରକ୍ଷିତ କରି ରଖିବା ଓ ଏହାର ଯତ୍ନ ଦାୟିତ୍ୱ ସ୍ଥାନୀୟ ଲୋକଙ୍କ ହାତରେ ନ୍ୟସ୍ତ। ଏଣୁ ଏ ନେଇ ପୌରସଂସ୍ଥା ସମେତ ସ୍ଥାନୀୟ ଲୋକଙ୍କୁ ମଧ୍ୟ ଧ୍ୟାନ ଦେବାକୁ ପଡ଼ିବ। କାର୍ଯ୍ୟକ୍ରମରେ ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ବେହେରା, ପୌରସଂସ୍ଥା ଯନ୍ତ୍ରୀ ଭବାନୀ ଶଙ୍କର ମହାନ୍ତି ଓ ପରାମର୍ଶଦାତା ଜ୍ୟୋତିପ୍ରକାଶ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳ ସମର୍ଥ ବର୍ମା ଜାଗାଘରକୁ ଲୋକାର୍ପଣ କରୁଛନ୍ତି ।

### ୧.୬୦କୋଟି ଟଙ୍କା ବ୍ୟୟରେ ବିଭିନ୍ନ ଜାଗାର ପୁନରୁଦ୍ଧାର

## ସଂକ୍ଷେପରେ

### ଆନ୍ତଃ ଜିଲା ମହିଳା କ୍ରିକେଟ: ୫ରେ ଖୋର୍ଦ୍ଧା ଜିଲା ଚୟନ ଶିବିର

**ଖୋର୍ଦ୍ଧା ଅଫିସ,୩।୫:** ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଆସନ୍ତା ୯ତାରିଖରୁ ଆରମ୍ଭ ହେବ ଆନ୍ତଃ ଜିଲା ମହିଳା ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ଏନେଇ ଖୋର୍ଦ୍ଧା ଜିଲା ଦଳର ଚୟନ ଶିବିର ଆସନ୍ତା ୫ତାରିଖରେ ସ୍ଥାନୀୟ ବିଜେବି ହାଇସ୍କୁଲ ଖେଳପଡ଼ିଆରେ ଅନୁଷ୍ଠିତ ହେବ। ଇଚ୍ଛୁକ ମହିଳା ଖେଳାଳିମାନେ ସେମାନଙ୍କ ଜନ୍ମ ପ୍ରମାଣପତ୍ର, ଆଧାରକାର୍ଡ ସହିତ ପୂର୍ବାହ୍ନ ୧୦ଟାରେ ଖେଳପଡ଼ିଆରେ ଉପସ୍ଥିତ ରହିବାକୁ ସଂଘର ସମ୍ପାଦକ ବିକାଶ ପ୍ରଧାନ ଜଣାଇଛନ୍ତି।

### ବିଭିନ୍ନ ସମସ୍ୟାର ସମାଧାନ ଦାବି

**ବାଲୁଗାଁ,୩।୫(ଡି.ଏନ୍.ଏ.):** ବାଲୁଗାଁ ସ୍ଥିତ ଉମାମହେଶ୍ୱର ବଣିକ ସଂଘ ପକ୍ଷରୁ ବିଜ୍ଞାପିତ ଅଞ୍ଚଳ ପରିଷଦର ନବ ନିର୍ବାଚିତ ଅଧକ୍ଷା, ଉପାଧକ୍ଷ ଓ କାଉନସିଲରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ ଅଶୋକ ନଗର ସ୍ଥିତ ବଣିକ ସଙ୍ଘ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧକ୍ଷା ସୁକାନ୍ତି ପାଇକରାୟ, ଉପାଧକ୍ଷ ଭଗବାନ ପ୍ରଧାନ, ସମସ୍ତ କାଉନସିଲରଙ୍କ ସମେତ ସାମାଜିକ କର୍ମୀ ଶଙ୍କର ପାଇକରାୟ ଯୋଗଦେଇଥିଲେ। ପ୍ରାରମ୍ଭରେ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ସଭାରେ ବାଲୁଗାଁ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଜନ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବାଲୁଗାଁ ବଜାରରେ ଦୁଇଟି ଶୌଚାଳୟ, ଉଭୟ ପାର୍ଶ୍ୱରେ ପାର୍କିଂ ବ୍ୟବସ୍ଥା, ବୁଲା ଗୋରୁଙ୍କ ପାଇଁ କାଞ୍ଜିଆହୁଦା, ଅଳିଆ ଆବର୍ଜନା ସଫା ସହ ଡ୍ରେନ ସମସ୍ୟା ଦୂରୀକରଣ, ଚିଲିକା କୂଳରେ ପାର୍କ, କଳିଯୁଗେଶ୍ୱର ପାହାଡର ସୌନ୍ଦର୍ଯ୍ୟକରଣ କରିବା ଆଦି ଦାବି ରହିଛି। ସଂଘ ପ୍ରତି କ୍ଷେତ୍ରରେ ସହଯୋଗ କରିବ ବୋଲି ସଭାପତି ରବିନାରାୟଣ ନାୟକ କହିଥିଲେ।

### ଉତ୍କଳ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ବାର୍ଷିକୋତ୍ସବ

**ଜଟଣୀ,୩।୫(ଡି.ଏନ୍.ଏ.):** ଜଟଣୀ ବ୍ଲକ ରଥିପୁର ଗ୍ରାମସ୍ଥିତ ଘରୋଇ ଶିକ୍ଷାନୁଷ୍ଠାନ ଉତ୍କଳ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ନାଇଜର ନିର୍ଦ୍ଦେଶକ ଡ. ପ୍ରଫେସର ସୁଧାକର ପଣ୍ଡା ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ନାଇଜର କୁଳସଚିବ ଡ. ଅଭୟ ନାୟକ, ଅତିଥିଭାବେ ଉତ୍କଳ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ପ୍ରିନ୍ସିପାଲ ଜୀବନାନନ୍ଦ ମିଶ୍ର ଯୋଗଦେଇଥିଲେ। ପ୍ରତାପ ଚନ୍ଦ୍ର ସାମନ୍ତରାୟଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତକଗତ ଶିକ୍ଷା ସହିତ ଶିକ୍ଷାର୍ଥୀଙ୍କ ମାନସିକ ଓ ସାଂସ୍କୃତିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ଜଳଛତ୍ର ଉଦ୍‌ଘାଟିତ

**ଖୋର୍ଦ୍ଧା ଅଫିସ,୩।୫:** ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲା ବିଜୁ ଯୁବ ଜନତା ଦଳ ପକ୍ଷରୁ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱ ଜିଲାପାଳଙ୍କ କାର୍ଯ୍ୟାଳୟ ଏବଂ ସ୍ଥାନୀୟ ନୂଆବସଷ୍ଟାଣ୍ଡ ଠାରେ ଜଳଛତ୍ର ଖୋଲାଯାଇଛି। ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଉଦ୍‌ଘାଟନ କରିଥିଲେ। ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧକ୍ଷା ସୌମ୍ୟରଞ୍ଜନ ମହାନ୍ତି ଅତିଥିଭାବେ ଯୋଗଦେଇଥିଲେ। ବିଜେଡି ଜିଲା ସମ୍ପାଦକ ଲଳିତ ମୋହନ ମହାପାତ୍ରଙ୍କ ସମେତ ରାଜେଶ ପରିଡା, ରୁଦ୍ରନାଥ ଦତ୍ତ, ନସିମ ଖାନ, ଦିଲୀପ କୁମାର ହୋତା, ସଂଗ୍ରାମ ପ୍ରଧାନ, ଗୌତମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମହାପ୍ରଭୁଙ୍କ ସେବାରେ ଆନନ୍ଦ ମିଳେ

**ଖୋର୍ଦ୍ଧା ଅଫିସ,୩।୫**


ବଡସିଂହାର ବେଶ ଲାଗି ପ୍ରସ୍ତୁତ ଗୀତଗୋବିନ୍ଦ ପାଟ।


ପ୍ରସ୍ତୁତ ହୋଇଥିବା ମହାପ୍ରଭୁଙ୍କ ସୂତା ଲୁଗା।

ପବିତ୍ର ଅକ୍ଷୟତୃତୀୟାରେ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ଲାଗି ପାରମ୍ପରିକ ରୀତିନୀତିରେ ତିନିରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଅନ୍ୟପଟେ ରଥଯାତ୍ରାରେ ମହାପ୍ରଭୁଙ୍କ ପାଇଁ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ରାଉତପଡ଼ା ଗ୍ରାମରେ ଚାଲିଛି ସୂତାଲୁଗା ଓ ପାଟବସ୍ତ୍ର ପ୍ରସ୍ତୁତି। ଗ୍ରାମର ଗୋପୀନାଥ ଦାସଙ୍କ ପରିବାର ଏହି କାର୍ଯ୍ୟରେ ଲାଗିଛନ୍ତି। ସ୍ନାନ ପୂର୍ଣ୍ଣିମା, ଗୁଣ୍ଡିଚା, ବାହୁଡ଼ା ଏବଂ ରଥରେ ମହାପ୍ରଭୁଙ୍କ ବିଭିନ୍ନ ବେଶ ଲାଗି କରାଯାଇଥାଏ। ରଥଯାତ୍ରାରେ ଚେହେଲି ପାଟ, ବଡ଼ସିଂହାର ଲାଗି ଗୀତଗୋବିନ୍ଦ ପାଟ, ୭ ପ୍ରକାର ଖଣ୍ଡୁଆ ପାଟ, ସୂତାରେ ପ୍ରସ୍ତୁତ ଦୁଇ ପ୍ରକାର ଘୋଡଣି, ଦେବସ୍ନାନ ପୂର୍ଣ୍ଣମୀ ୧୦୮ଗରା ଜଳ ପାଇଁ ଅଧର ଗାମୁଛା, ଲାଲ, ସବୁଜ ଓ ହଳଦିଆ ରଙ୍ଗର ଏକ ସେଟ୍ ଲେଖାଏ ଚେହେଲି ପାଟ, ବଡ଼ସିଂହାର ବେଶ ଲାଗି ଜୟଦେବ ଗୀତଗୋବିନ୍ଦଙ୍କ ଶ୍ଳୋକ ଲେଖାଥିବା ଗୀତଗୋବିନ୍ଦ ପାଟ, ସପ୍ତବିଗ୍ରହ, ସୁଦର୍ଶନ, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ଶ୍ରୀଦେବୀ, ଭୂଦେବୀଙ୍କ ଲାଗି ସୂତାର ୨ପ୍ରକାର ଘୋଡଣି ସମେତ ମହାପ୍ରଭୁଙ୍କ ଅନ୍ୟ ସେବା ଲାଗି ୩୦ରୁ ୩୫ପ୍ରକାର ଲୁଗା ଯଥା ନେତଫୁଟା, ବୋଇରାଣୀ, ପତନି, ଟଣାଖୋସା, ମଲମଲ, ଶ୍ରୀମୁଖ ଓଡା, ଗଦିପୁଟା ବସ୍ତ୍ର ପ୍ରସ୍ତୁତି ଚାଲିଛି। ବରିଷ୍ଠ ବୁଣାକାର ଗୋପୀନାଥ କୁହନ୍ତି, ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ରଥଯାତ୍ରା-୨୦୨୨ ଲାଗି ତାଲିକା ମିଳିବା ପରେ ବୁଣାକାମ ଚାଲିଛି। ଆସନ୍ତା ମେ' ୧୫ ତାରିଖ ପୂର୍ବରୁ ସମସ୍ତ ସୂତାଲୁଗା ଓ ପାଟବସ୍ତ୍ର କାର୍ଯ୍ୟାଳୟରେ ପଇଠ ଲାଗି ନିର୍ଦ୍ଦେଶ ରହିଛି। ବୁଣାକାମ ଯୋରସୋରରେ ଚାଲିଥିବା ବେଳେ ମଙ୍ଗଳବାର ସୁଦ୍ଧା ୭୫ ପ୍ରତିଶତ କାର୍ଯ୍ୟ ସରିଛି ବୋଲି ସେ କହିଛନ୍ତି।

ରାଉତପଡ଼ା ଗ୍ରାମର ଅଧିକାଂଶ ପରିବାର ହେଉଛନ୍ତି ବୁଣାକାର। ୧୯୯୩

### ରାଉତପଡ଼ାରେ ଚାଲିଛି ସୂତାଲୁଗା ଓ ପାଟବସ୍ତ୍ର ପ୍ରସ୍ତୁତି

ମସିହାରେ ଏହି ଗ୍ରାମର ମଧୁସୂଦନ ୱେଲ୍ଡିଂ ଫ୍ୟାକ୍ଟ୍ରିର ମାଲିକ ମଧୁସୂଦନ ଦାସ ପ୍ରଥମ ଥର ପାଇଁ ରଥଯାତ୍ରାରେ ମହାପ୍ରଭୁଙ୍କ ଲାଗି ସୂତାଲୁଗା ଓ ପାଟବସ୍ତ୍ର ବୁଣି ଯୋଗାଇଥିଲେ। ଏବେ ତାଙ୍କ ପୁଅ ଗୋପୀନାଥ ଓ ପରିବାର ସଦସ୍ୟ ମହାପ୍ରଭୁଙ୍କ ସେବା ଲାଗି ବର୍ଷସାରା ପାଟ, ସୂତାବସ୍ତ୍ର ଓ ଲୁଗା ଯୋଗାଇ ଆସୁଛନ୍ତି। ଏଥିସହ ଗ୍ରାମର ଅନ୍ୟ ବୁଣାକାର ପରିବାର ମଧ ବୁଣା କାର୍ଯ୍ୟରେ ସହଯୋଗ କରିଆସୁଛନ୍ତି। ଏହି ବୁଣାକାମରେ ଗୋପୀନାଥଙ୍କ ୯୨ ବର୍ଷୀୟା ମା' ଆସେଲି, ଭାଇ ରାମଚନ୍ଦ୍ର, ଭଗବାନ, ଗୋବିନ୍ଦ ଚନ୍ଦ୍ର, କୈଳାସ ଚନ୍ଦ୍ର, ରବୀନ୍ଦ୍ର କୁମାର, ଅଶୋକଙ୍କ ସମେତ ନିମାଇଁ ଚରଣ କୁଣ୍ଟୁ, କାର୍ତ୍ତିକେଶ୍ୱର ପାତ୍ର ପ୍ରମୁଖ ବୁଣାକାମରେ ଲାଗିଛନ୍ତି। ମହାପ୍ରଭୁଙ୍କ ସେବାରେ ଅପୂର୍ବ ଆନନ୍ଦ ମିଳିଥାଏ ବୋଲି ଏହି ପରିବାର କହିଛନ୍ତି। ଗୋପୀନାଥ କୁହନ୍ତି, ବାପା ଥରେ ଶ୍ରୀକ୍ଷେତ୍ରରେ ରଥରେ ମହାପ୍ରଭୁଙ୍କ ଦର୍ଶନ ପରେ ଭାବବିହ୍ୱଳ ହୋଇପଡିଥିଲେ। ମହାପ୍ରଭୁଙ୍କ ଲାଗି ବସ୍ତ୍ର ପ୍ରସ୍ତୁତି ପାଇଁ ଶ୍ରୀମନ୍ଦିର କାର୍ଯ୍ୟାଳୟ ସହ ଯୋଗାଯୋଗ କରିଥିଲେ। ମହାପ୍ରଭୁଙ୍କ ଆଶୀର୍ବାଦରୁ ଏହି ସେବାର ସୁଯୋଗ ମିଳିଥିଲା। ସେବେ ଠାରୁ ଏହି ସେବା ଜାରି ରହିଛି। ବସ୍ତ୍ର ପ୍ରସ୍ତୁତି ପୂର୍ବରୁ ଘର ଲିପାପୋଛା କରାଯାଇଥାଏ। ଆରମ୍ଭ ଦିନଠାରୁ ଶେଷ ପର୍ଯ୍ୟନ୍ତ ଏଥିରେ ଲାଗିଥିବା ସମସ୍ତ ସଦସ୍ୟ ଶୁଦ୍ଧପୂତ ଭାବେ ମହାପ୍ରଭୁଙ୍କ ସ୍ମରଣ କରି ବୁଣାକାମରେ ଲାଗିଥାନ୍ତି। କେତେବେଳେ ଦିନ ଗଡି ସଞ୍ଜ ହୋଇଯାଏ ଜଣାପଡେନି ବୋଲି ବୁଣାକାରମାନେ କହିଛନ୍ତି। ଏଠାରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥାଏ। ଠାକୁରଙ୍କ ପ୍ରତ୍ୟକ୍ଷ ନ ହେଲେ ମଧ୍ୟ ପରୋକ୍ଷରେ ସେବା କରିବାର ସୁଯୋଗ ମିଳିଥିବାରୁ ନିଜକୁ ଧନ୍ୟ ମନେକରନ୍ତି ଏହି ବୁଣାକାର ପରିବାର।

### ସାମ୍ବାଦିକ ଭବନର ଉନ୍ନତୀକରଣ ପାଇଁ ଏମ୍‌ପିଙ୍କୁ ଦାବିପତ୍ର

**ଖୋର୍ଦ୍ଧା ଅଫିସ,୩।୫**

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମଙ୍ଗଳବାର ଟିଏଲ୍‌ସି ରୋଡ୍‌ସ୍ଥିତ ଖୋର୍ଦ୍ଧା ସାମ୍ବାଦିକ ଭବନକୁ ଗସ୍ତ କରିଥିଲେ। ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଏମ୍‌ପି ଷଡ଼ଙ୍ଗୀଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସାମ୍ବାଦିକ ଭବନର ପୁନଃଉଦ୍ଧାର ଏବଂ ଉନ୍ନତୀକରଣ ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସପ୍ତାହକ ମଧ୍ୟରେ ସାମ୍ବାଦିକ ଭବନ ପରିସରରେ ସୋଲାର ଲାଇଟ ଲଗାଯିବ। ଏଥିସହ ଅନ୍ୟାନ୍ୟ ସମସ୍ୟା ପ୍ରତି ଗୁରୁତ୍ୱ ଦେବା ସହ ସାଂସଦ ପାଣ୍ଠିରୁ ପ୍ରଥମ ପର୍ଯ୍ୟାୟରେ ୩ଲକ୍ଷ ଟଙ୍କା ଦେବା ଲାଗି ଏମ୍‌ପି ପ୍ରତିଶ୍ରୁତି ଦେଇଛନ୍ତି। ଭାଜପା ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ। ଖବରଦାତା ପ୍ରକାଶ କୁମାର ହାତୀ, ସୂର୍ଯ୍ୟନାରାୟଣ ମହାନ୍ତି, ସନ୍ତୋଷ କୁମାର ବାରିକ, ନିରଞ୍ଜନ ଦୋରା, ଦିଲୀପ ପଟ୍ଟନାୟକ, ବାଲାଜୀ ପାତ୍ର, ପ୍ରସନ୍ନ ପାଇକରାୟ, ଜିତେନ୍ଦ୍ର କୁମାର ଭଞ୍ଜ, ପ୍ରବୀଣ ଭଞ୍ଜ, ରାମନାରାୟଣ ଦାସ, ପ୍ରଶାନ୍ତ ସାହୁ, ଗୋପାଳକୃଷ୍ଣ ଦାସ, ଗୋପାଳକୃଷ୍ଣ ପ୍ରଧାନ, ଈଶ୍ୱର ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

# ଜାଗୁଲିପାଟଣାରେ ରଥକାଠ ଅନୁକୂଳ

**ଖୋର୍ଦ୍ଧା ଅଫିସ,୩।୫**


ଜାଗୁଲିପାଟଣାରେ ରଥକାଠ ଅନୁକୂଳ କରାଯାଉଛି।

ପବିତ୍ର ଅକ୍ଷୟ ତୃତୀୟାରେ ଖୋର୍ଦ୍ଧା-ନୟାଗଡ ଜାତୀୟ ରାଜପଥ ଜାଗୁଲିପାଟଣା ସ୍ଥିତ ଶ୍ରୀ ଅନନ୍ତ ପୁରୁଷୋତ୍ତମଙ୍କ ରଥଯାତ୍ରା ଲାଗି ରଥକାଠ ଅନୁକୂଳ ହୋଇଯାଇଛି। ଭୋର ସାଢେ ୪ ଟାରେ ମନ୍ଦିର ଦ୍ୱାରଫିଟା, ମଇଲମ, ଅବକାଶ, ଦ୍ୱାରପାଳ, ସୂର୍ଯ୍ୟପୂଜା ନୀତି ପରେ ସାଢେ ୬ଟା ରେ ମଙ୍ଗଳ ଆଳତି ନୀତି ସମ୍ପନ୍ନ ହୋଇଥିଲା। ମନ୍ଦିର ଆଗରେ ଚାରି ଫୁଟିଆ ଧଉରା କାଠ ରଖାଯାଇଥିଲା। ସକାଳ ସାଢେ ୭ଟାରେ ମନ୍ଦିର ମୁଖ୍ୟ ପୂଜକ କମଳାକାନ୍ତ ମହାରାଜ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ଆଣି ରଥକାଠରେ ବିଜେ କରିଥିଲେ। ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ରଥର ମୁଖ୍ୟ ବିଶ୍ୱକର୍ମା ଅର୍ଜୁନ ମହାରଣା ରଥକାଠ ଅନୁକୂଳ କରିଥିଲେ। ଏହି ସମୟରେ ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟ ଏବଂ ଭକ୍ତମାନେ ଉପସ୍ଥିତ ଥିଲେ। ଚଳିତ ବର୍ଷ କୋଭିଡ୍ ସଂକ୍ରମଣ ହାର କମିବା ପରେ ରଥଯାତ୍ରା ଆଡମ୍ବରରେ ଆୟୋଜନ କରାଯିବ। ଭକ୍ତ ରଥଯାତ୍ରାରେ ସାମିଲ ହେବେ। ଏନେଇ ବିଧିବଦ୍ଧ ଭାବେ କମିଟି ପକ୍ଷରୁ ଘୋଷଣା କରାଯାଇ ନ ଥିଲେ ମଧ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବା ସମ୍ଭାବନା ରହିଛି। ଆସନ୍ତା ସପ୍ତାହରୁ ରଥ ନିର୍ମାଣ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ସେହିପରି ଦଧିମାଛଗାଡିଆ ଠାରେ ପତିତପାବନଙ୍କ ପାରମ୍ପରିକ ରୀତିରେ ରଥକାଠ ଅନୁକୂଳ କରାଯାଇଛି।

### ଗଡ଼ଜାଗସରା ଦୋଳ ମେଳଣ ରୌପ୍ୟ ଜୟନ୍ତୀ ଉତ୍ସବ

**ଝାଁଲା,୩।୫(ଡି.ଏନ୍.ଏ.)**

ଭୁବନେଶ୍ୱର ଉପକଣ୍ଠ ଗଡ଼ ଜାଗସରାର ଭଗବତ ବାସୁଦେବ ଦୋଳ ମେଳଣକୁ ପୂରିଛି ୨୫ବର୍ଷ। ଏହି ଅବସରରେ ରୌପ୍ୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ୨୧ଟି ଦୋଳ ବିମାନ ବିଜେ କରିଛନ୍ତି। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଜେଡି ସାଧାରଣ ସମ୍ପାଦକ ସନ୍ତୋଷ ଜେନା, ସମିତିସଭ୍ୟ ଅଜିତ ସାମନ୍ତରାୟ, ବିଶ୍ୱରଞ୍ଜନ ବଡ଼ଜେନା, ପ୍ରଦୋଷ ଜେନା, ଛେନୁ ପଟ୍ଟନାୟକ, ଅଚ୍ୟୁତ ରାଉତରାୟ, ବିଜୟ ଚୌଧୁରୀ, କ୍ଷୀରୋଦ ପଟ୍ଟନାୟକ ଯୋଗଦେଇଥିଲେ। ଏହି ଅବସରରେ ସଂକୀର୍ତ୍ତନ ମଣ୍ଡଳୀ ଓ ଖବରଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ମେଳଣ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକଙ୍କ ଭିଡ଼ ଜମିଥିଲା।

### ଏକାଠି ନମାଜ ପଢ଼ିଲେ, ଶାନ୍ତିର ବାର୍ତ୍ତା ଦେଲେ

**ଖୋର୍ଦ୍ଧା ଅଫିସ/ଜଟଣୀ/ବେଗୁନିଆ, ୩।୫(ଡି.ଏନ୍.ଏ.)**

ଖୋର୍ଦ୍ଧାରେ ମୁସଲିମ ସମ୍ପ୍ରଦାୟ ପକ୍ଷରୁ ମଙ୍ଗଳବାର ପବିତ୍ର ଇଦ୍-ଉଲ୍-ଫିତର ପାଳିତ ହୋଇଯାଇଛି। କରୋନା ମହାମାରୀ ଯୋଗୁ ଦୁଇବର୍ଷ ଧରି ଫିକା ପଡିଥିବା ଚଳିତଥର କଟକଣା କୋହଳ ହେବା ପରେ ସାମୂହିକ ଉପାସନା ଓ ପୂଜାପାଠ କରିଛନ୍ତି। ମୁସଲମାନ ଭାଇମାନେ ମସଜିଦ ଓ ଇଦଗାହରେ ନମାଜ ପାଠ କରିଥିଲେ। ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମରେ ସକାଳେ ମୌଲାନା ମିର ଅବ୍‌ଦୁଲ ହଫିଜ ନମାଜ ପାଠ କରାଇଥିଲେ। ପ୍ରାୟ ୪୦୦୦ରୁ ଊର୍ଦ୍ଧ୍ୱ ମୁସଲମାନ ମହିଳା, ପୁରୁଷ ଓ କୁନିକୁନି ପିଲାମାନେ ଯୋଗଦେଇଥିଲେ। ନମାଜ ପାଠ ପରେ ମୌଲାନା ସାହେବ ଭାଇଚାରା, ବିଶ୍ୱଶାନ୍ତିର ବାର୍ତ୍ତା ଦେଇଥିଲେ। ଗରିବ ଓ ଅସହାୟଙ୍କୁ ସାହାଯ୍ୟ ଓ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଶେଷରେ ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା କରାଯାଇଥିଲା। ସେହିପରି କେରଙ୍ଗ, ମୁକୁନ୍ଦପ୍ରସାଦ, ଖୋର୍ଦ୍ଧା ମାଛମାର୍କେଟ, କାଇପଦର, ତୋଟାପଡ଼ା, ମାଣିକଭୋଡ଼ା, ଗୟାବନ୍ଧରେ ପାଳିତ ହୋଇଯାଇଛି। ଜଟଣୀ ପୋଷ୍ଟ ଅଫିସ ଛକସ୍ଥିତ ବଡ଼ ମସଜିଦ, ବଛରାପାଟଣାସ୍ଥିତ ମସଜିଦ-ଏ-ନୁର, ରେତଙ୍ଗ କଲୋନୀସ୍ଥିତ ମସଜିଦ -ଏ-ହବିବି, ମଦିନା ମସଜିଦ ଓ ଅନ୍ୟ ମସଜିଦଗୁଡିକରେ ଏହି ପର୍ବ ପାଳିତ ହୋଇଯାଇଛି। ସେହିପରି ବେଗୁନିଆ ବ୍ଲକର ବିଭିନ୍ନ ମସଜିଦରେ ଇଦ୍ ପର୍ବ ପାଳିତ ହୋଇଯାଇଛି। କୁଶପଲ୍ଲା, ରାଉତପଡ଼ା, ସିକୋ, ସରଧାପୁର ଗ୍ରାମରେ ଥିବା ମୁସଲମାନ ଭାଇମାନେ ସକାଳ ସାଢେ ୮ଟାରେ ଇଦ୍‌ଗା ପଡିଆରେ ସାମୂହିକ ନମାଜ ପାଠ କରିଥିଲେ। ତେବେ ଏହି ପର୍ବରେ ଘରେ ସମସ୍ତେ ନୂତନ ପୋଷାକ ପିନ୍ଧିବା ସହ ଆଡମ୍ବରରେ ଦିନ କାଟିଥିଲେ ବୋଲି ମୋହିଉଦ୍ଦିନ ଅହମ୍ମଦ ଓ ସୟଦ୍ ଅନୱାର କହିଛନ୍ତି।

# ବିଭିନ୍ନ ସ୍ଥାନରେ ଅଖିମୁଠି ଅନୁକୂଳ


ବିଜେଡି ନେତା ପ୍ରଦୀପ ସାହୁ ଅଖିମୁଠି ଅନୁକୂଳ କରୁଛନ୍ତି।

**ଖୋର୍ଦ୍ଧା ଅଫିସ/ବୋଲଗଡ଼/ନିରାକାରପୁର, ୩।୫(ଡି.ଏନ୍.ଏ.)**

ଓଡ଼ିଶାର ପାରମ୍ପରିକ କୃଷିଭିତ୍ତିକ ପର୍ବ ହେଉଛି ଅକ୍ଷୟତୃତୀୟା। ଏହି ଦିନଠାରୁ ଚାଷୀ ଅଖିମୁଠି ଅନୁକୂଳ ପୂର୍ବକ କ୍ଷେତରେ ହଳ କରିବା ସହ ବିହନ ବୁଣିଥାନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଖୋର୍ଦ୍ଧା ବିଭିନ୍ନ ଅଞ୍ଚଳରେ ଚାଷୀମାନେ ଅଖିମୁଠି ଅନୁକୂଳ କରିଛନ୍ତି। ବୋଲଗଡ଼ ବ୍ଲକ ବାଙ୍କୋଇ ପଞ୍ଚାୟତ ଅନ୍ତର୍ଗତ ସହଜପୁର ଗ୍ରାମରେ ଅଖିମୁଠି ଅନୁକୂଳ କରିଛନ୍ତି ବିଜେଡି ନେତା ପ୍ରଦୀପ ସାହୁ। ଶତାଧିକ ଚାଷୀ ଓ ଦଳୀୟ କର୍ମୀଙ୍କ ଗହଣରେ ସେ ପାରମ୍ପରିକ ଚାଷୀ ବେଶଭୂଷାରେ ସକାଳ ୮ଟାରେ କ୍ଷେତରେ ପହଞ୍ଚିବା ପରେ ବ୍ରାହ୍ମଣଙ୍କ ପୂଜାପାଠ ସହ ନଡିଆ ବାଡେଇ ଧରିତ୍ରୀ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହା ପରେ କ୍ଷେତରେ ହଳ କରିବା ସହ ବିହନ ବୁଣିଥିଲେ। ସେହିପରି ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଟାଙ୍ଗୀ ବ୍ଲକ ଗଡ଼ଖାରଦ ପଞ୍ଚାୟତ ବିରିତୋଇ ଗ୍ରାମଠାରେ ଅଖିମୁଠି ଅନୁକୂଳ କରାଯାଇଛି। ଭାଜପା ନେତା କୃଷ୍ଣ ଜଗଦ୍ଦେବ, ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ କାମାକ୍ଷା ପ୍ରସାଦ ପ୍ରଧାନ, କଣାସ ବ୍ଲକ ଉପାଧକ୍ଷ ଅଭିମନ୍ୟୁ ଉଦୟସିଂହ, ସରପଞ୍ଚ ମହେଶ୍ୱର ସେଠୀ, ଡ.ବିଜୟ ଜଗ୍ମୁଜୟ ମତଗଜସିଂହ, ତରୁପ ସେନ ସ୍ୱାଇଁ, ଲିଙ୍ଗରାଜ ବାରିକ ପ୍ରମୁଖ ଅଖିମୁଠି ଅନୁକୂଳ କରିଥିଲେ। ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ହଳକୁ ସାଙ୍ଗରେ ଧରି ଏକ ପଦଯାତ୍ରାରେ ଆସି ଅଖିମୁଠି ଅନୁକୂଳ କରିଥିଲେ। ଏକାସାଙ୍ଗରେ ୧୦ ହଳ ଲଙ୍ଗଳ ଦେଖିବାକୁ ମିଳିଥିଲା। ଲେଣ୍ଡୋ ପଞ୍ଚାୟତ ଠାରେ ୧୨ ନଂ.ଜୋନ୍‌ର ଜିଲା ପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂହ ଓ ସ୍ଥାନୀୟ ସରପଞ୍ଚଙ୍କ ଦ୍ୱାରା ଅଖିମୁଠି ଅନୁକୂଳ ହୋଇଥିଲା। ଏଥିରେ ସମସ୍ତ ଓାର୍ଡ ସଭ୍ୟମାନେ ଉପସ୍ଥିତ ଥିଲେ।

### ସାରସ୍ୱତ ଉତ୍ସବ, ପୁସ୍ତକ ଉନ୍ମୋଚନ

**ବେଗୁନିଆ,୩।୫(ଡି.ଏନ୍.ଏ.)**

ବେଗୁନିଆ ବ୍ଲକ ବୋତଲମା ପଞ୍ଚାୟତ ଅନ୍ତର୍ଗତ ଅଠରାଙ୍ଗ ଗ୍ରାମସ୍ଥିତ ଶ୍ରୀରାଧାମୋହନ ଦେବଙ୍କ ପୀଠରେ ସାରସ୍ୱତ ଉତ୍ସବ ଓ ମଦନ ମୋହନ ବେହେରାଙ୍କ ରଚିତ ପୁସ୍ତକ 'ବନ୍ଦିତା' ଉନ୍ମୋଚନ ହୋଇଯାଇଛି। ରାଧାମୋହନ ଦେବ ସତ୍‌ଶିକ୍ଷା କେନ୍ଦ୍ର ଓ ଦୁଃଖିଶ୍ୟାମ ମହାପାତ୍ର ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ସ୍ଥାନୀୟ ଅଞ୍ଚଳର ବହୁ ଶିକ୍ଷାବିତ୍ ଓ କବିମାନେ ଯୋଗଦେଇଥିଲେ। ପ୍ରଫୁଲ୍ଲ ଦାସଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ କବି ବଳରାମ ରଣସିଂହ, କବି ଲକ୍ଷ୍ମୀଧର ମହାପାତ୍ର, ଶିକ୍ଷାବିତ୍ ଅଭିମନ୍ୟୁ ମହାରଣା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଅଞ୍ଚଳ ପାଇଁ ମଦନ ଜଣେ ସୁସଙ୍ଗଠକ ଥିଲେ ବୋଲି ଡ.ବନବିହାରୀ ମହାପାତ୍ର କହିଥିଲେ। ସମୀର ରଣସିଂହ, ନିରଞ୍ଜନ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗଠକ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ନନ୍ଦିଘୋଷ ପ୍ରତିଷ୍ଠା ଦିବସ, ପ୍ରତିମୂର୍ତ୍ତି ଅନାବରଣ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ବୋଲଗଡ଼,୩।୫(ଡି.ଏନ୍.ଏ.)**

ବୋଲଗଡ଼ର କଳା ସାହିତ୍ୟ ଅନୁଷ୍ଠାନ ନନ୍ଦିଘୋଷର ୪୪ତମ ପ୍ରତିଷ୍ଠା ଦିବସ ଓ ପ୍ରତିଷ୍ଠାତା ସଭାପତି ଡ.ବୈଦ୍ୟନାଥ ମିଶ୍ରଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀରେ ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅକ୍ଷୟତୃତୀୟା ଅବସରରେ ଅନୁଷ୍ଠାନର ସଭାପତି ତଥା ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଅଧକ୍ଷତାରେ ନନ୍ଦିଘୋଷ ପ୍ରେକ୍ଷାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସରକାରୀ ଦଳର ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ, ଇମ୍ପାର ପୂର୍ବତନ ନିର୍ଦ୍ଦେଶକ ଜୟନ୍ତ କୁମାର ମିଶ୍ର, ଐତିହାସିକ ରବୀନ୍ଦ୍ର ପରିଡା, ସମ୍ପାଦକ ଗୁଣନିଧି ହୋତା, ହରିବନ୍ଧୁ ସାହୁ ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ। ବୋଲଗଡ଼ ବ୍ଲକ ଦିବ୍ୟସିଂହପୁର ଶାସନ ଗ୍ରାମରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତ ମିଶ୍ରଙ୍କ ପ୍ରତିମୂର୍ତ୍ତିକୁ ନନ୍ଦିଘୋଷ ଅନୁଷ୍ଠାନ ପ୍ରାଙ୍ଗଣରେ ମୁଖ୍ୟ ଅତିଥି ଶତପଥୀ ଅନାବରଣ କରିଥିଲେ। ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିବା ବେଳେ ନୀଳଶୈଳ ନୃତ୍ୟାଞ୍ଜଳି, ଜଟଣୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଅଞ୍ଚଳର ସର୍ବାଙ୍ଗୀନ ବିକାଶକୁ ଗୁରୁତ୍ୱ

**ଖୋର୍ଦ୍ଧା ଅଫିସ,୩।୫**

ଖୋର୍ଦ୍ଧା ବ୍ଲକର ନୂତନ ଅଧକ୍ଷା ଶ୍ରୀମତୀ ପ୍ରିୟଦର୍ଶିନୀ ପାତ୍ର ସୋମବାର ବ୍ଲକ କାର୍ଯ୍ୟାଳୟରେ ପ୍ରବେଶ କରିଛନ୍ତି। କାର୍ଯ୍ୟାଳୟ ପରିସରରେ ହୋମଯଜ୍ଞ ପରେ ଗୃହ ପ୍ରବେଶ କରିଥିଲେ।


ଖୋର୍ଦ୍ଧା ବ୍ଲକର ନୂତନ ଅଧକ୍ଷା ଶ୍ରୀମତୀ ପ୍ରିୟଦର୍ଶିନୀ ପାତ୍ର ଏବଂ ଅନ୍ୟମାନେ।

ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବିଜେଡି ଜିଲା ସଭାପତି ବିଭୂତି ଭୂଷଣ ବଳବନ୍ତରାୟ, ଜିଲାପରିଷଦ ଅଧକ୍ଷା ରୂପଶ୍ରୀ ରାଣୀ ଗୁମାନସିଂ, ଖୋର୍ଦ୍ଧା ପୌରାଧକ୍ଷ କନକଲକ୍ଷ୍ମୀ ମହାନ୍ତି, ଉପାଧକ୍ଷ ସୌମ୍ୟ ରଞ୍ଜନ ମହାନ୍ତି, ବ୍ଲକ ଉପାଧକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ବିଡିଓ ରୁମାନା ଜାଫ୍ରି, ରାଜକିଶୋର ପାତ୍ରଙ୍କ ସମେତ ଜିଲାପରିଷଦ ସଭ୍ୟ ପ୍ରଫୁଲ୍ଲ କୁମାର ଦଳେଇ, ଟାଙ୍ଗୀ ବ୍ଲକ ଅଧକ୍ଷା ରିସ୍ମା ମାନ୍ଧାତା, ଖୋର୍ଦ୍ଧା ବ୍ଲକ ଉପାଧକ୍ଷ ପ୍ରକାଶ ସାମନ୍ତରାୟ, ପୂର୍ବତନ ଉପାଧକ୍ଷ ରାମଚନ୍ଦ୍ର ସାମନ୍ତରାୟଙ୍କ ସେମତ ସମସ୍ତ ସମିତିସଭ୍ୟ ଓ ସରପଞ୍ଚମାନେ ଉପସ୍ଥିତ ଥିଲେ। ସମସ୍ତ ସରକାରୀ ଯୋଜନା ଲୋକାଭିମୁଖୀ ସହ ପ୍ରତି ପଞ୍ଚାୟତର ସର୍ବାଙ୍ଗୀନ ବିକାଶ ପ୍ରାଥମିକତା ରହିବ। ଲୋକଙ୍କ ଅଭିଯୋଗ ଶୁଣାଣି ତ୍ୱରାନ୍ୱିତ କରାଯିବ ବୋଲି ଅଧକ୍ଷା ପାତ୍ର କହିଛନ୍ତି। ସବୁ ପଞ୍ଚାୟତରେ ଯେପରି ପାନୀୟଜଳ ସମସ୍ୟା ସମାଧାନ ହୋଇପାରିବ ସେନେଇ ବିଡିଓଙ୍କ ସହ ଆଲୋଚନା କରିବି ବୋଲି ପାତ୍ର କହିଛନ୍ତି।

# ଗଡ଼ଖୋର୍ଦ୍ଧା, ବାଟମଙ୍ଗଳାରେ ହେବ ଅଣ୍ଡରପାସ୍

**ଖୋର୍ଦ୍ଧା ଅଫିସ,୩।୫**



ବୈଠକରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ ଅନ୍ୟମାନେ।

### ୭ କୋଟି ବ୍ୟୟ ମଞ୍ଜୁର, ୨ ମାସରେ ସରିବ କାର୍ଯ୍ୟ

ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥ ଖୋର୍ଦ୍ଧା ସହର ସ୍ଥିତ ଗଡ଼ଖୋର୍ଦ୍ଧା ଓ ବାଟମଙ୍ଗଳା ଠାରେ ଭେହିକିଲ୍ ଅଣ୍ଡରପାସ ନିର୍ମାଣ ହେବ। ଏଥିଲାଗି ୭ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଦୁଇ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ସାରିବାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ସୂଚନା ଦେଇଛନ୍ତି। ମଙ୍ଗଳବାର ଖୋର୍ଦ୍ଧା ବିକାଶ ମଞ୍ଚ ଆନୁକୂଲ୍ୟରେ ଗଡ଼ଖୋର୍ଦ୍ଧା ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏମ୍‌ପି ଷଡଙ୍ଗୀ ନିର୍ମାଣ ହେବାକୁ ଥିବା ସ୍ଥଳ ପରିଦର୍ଶନ ସହ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏବଂ ଉପସ୍ଥିତ ଅନ୍ୟମାନଙ୍କ ସହ ଆଲୋଚନା ପରେ ଘୋଷଣା କରିଥିଲେ। ସୂଚନାଥାଉ କି, ଏହି ଅଣ୍ଡରପାସ୍ ନିର୍ମାଣ ପାଇଁ ଏପ୍ରିଲ ୧୦ରୁ ବିକାଶ ମଞ୍ଚ ଆନ୍ଦୋଳନ ଜାରି ରଖିଥିଲା। ଏପ୍ରିଲ ୧୬ରେ ସହରର ଏକାଧିକ ବୁଦ୍ଧିଜୀବୀ ଏମ୍‌ପିଙ୍କ ସହ ଆଲୋଚନା କରିଥିଲେ। ଦୀର୍ଘ ଦିନ ଧରି ଚାଲିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ମଞ୍ଚ ସଭାପତି ନରେନ୍ଦ୍ର ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ, ଶିଶିର ପରିଡ଼ା, ଓକିଲ ସଂଘ ସଭାପତି ବିଜୟ ସାମନ୍ତସିଂହାର, ପ୍ରଭାତ ବେହେରା, ବିଚିତ୍ର ବଡ଼ଜେନା, ବିମଳ ଷଡ଼ଙ୍ଗୀ, ଭାଜପା ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, କାଉନ୍‌ସିଲର କମଳ ପ୍ରଧାନ, ସୁଶାନ୍ତ ଜେନା, ଏମ୍.ଡି.କାଲାମ, ପ୍ରଫୁଲ୍ଲ ଜେନା, ଗିରିଜା ଦାସ, ହେମନ୍ତ ପାତ୍ର, ପ୍ରକାଶ ଶ୍ରୀଚନ୍ଦନ, ବିପ୍ର ବେହେରା ଉପସ୍ଥିତ ଥିଲେ।

## ୨ ମୋବାଇଲ ଜବତ, ଅଭିଯୁକ୍ତ ଗିରଫ

ମଙ୍ଗୁଳି,(ଡି.ଏନ୍.ଏ.): ମୋବାଇଲ ଲୁଟ୍ ଅଭିଯୋଗରେ ଜଗତ୍‌ପୁର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ କଟକ ପୁରୀଘାଟ ଥାନା ଅଧୀନ ତଳତେଲେଙ୍ଗା ବଜାରର ଦୀନବନ୍ଧୁ ସାହୁ। ତାଙ୍କଠାରୁ ୨ଟି ମୋବାଇଲ ଓ ୩ଟି ସିମ୍ ଜବତ କରାଯାଇଛି। ଗତ ରବିବାର ଜଗତ୍‌ପୁର ଗୋଲେଇ ଛକ ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟ ଏକ ଫର୍ନିଚର ଦୋକାନରେ ଶିଶିର ମହାରଣା ଓ ଅନ୍ୟଜଣେ ସହଯୋଗୀ କାମ କରୁଥିଲେ। ଖରାବେଳେ ସେମାନେ ବିଶ୍ରାମ ନେଉଥିବାବେଳେ ଅଭିଯୁକ୍ତ ଜଣକ ସେମାନଙ୍କ ପକେଟ୍‌ରୁ ମୋବାଇଲ ଲୁଟ୍ କରି ଚମ୍ପଟ ମାରିଥିଲେ। ଏ ନେଇ ଶିଶିର ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ.୧୭୬/୨୨) ରୁଜୁ କରିବା ସହ ସୋମବାର ଗୋଲେଇ ଛକରୁ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ସଂକ୍ଷେପରେ

### ଝଡ଼ତୋଫାନରେ ବିଦ୍ୟୁତ୍ ଯୋଗାଣ ଠପ

ତିଗିରିଆ,୩।୫ (ଡି.ଏନ.ଏ): ତିଗିରିଆ ବ୍ଲକରେ ମଙ୍ଗଳବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ରାତି ପ୍ରାୟ ୯ ଟା ୩୦ରୁ ପ୍ରବଳ ଝଡ଼ତୋଫାନ ଲାଗି ରହିଛି। ଏହା ପ୍ରଭାବରେ ବ୍ଲକର ନୂଆପାଟଣା, ବିନ୍ଧାଣିମା, ପାଞ୍ଚଗାଁ, ନିଜିଗଡ଼ ଅଞ୍ଚଳରେ ବିଦ୍ୟୁତ ଯୋଗାଣ ବାଧାପ୍ରାପ୍ତ ହୋଇଛି।

### ସିଏମ୍‌ସିର ବାତ୍ୟା ମୁକାବିଲା ବୈଠକ

କଟକ ଅଫିସ,୩।୫: ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସୋମବାର ବିଜୁଭବନ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବାତ୍ୟା ପ୍ରଭାବରେ ପ୍ରବଳ ବର୍ଷା ଆଶଙ୍କା ଯୋଗୁ ଜଳମଗ୍ନ ହୋଇପାରେ ସହର। ତେଣୁ ଜଳ ନିଷ୍କାସନ ପାଇଁ ୨୦୦ ମୋଟର ପମ୍ପକୁ ପ୍ରସ୍ତୁତ ରଖାଯିବ। ତଳିଆ ଅଞ୍ଚଳରେ ହାଇ ପାୱାର ପମ୍ପ ଲଗାଇବା ପାଇଁ ଯୋଜନା କରାଯାଇଛି। ଏଥିସହ ଅଗ୍ନିଶମ ବିଭାଗ ପକ୍ଷରୁ ୨୦ ଏବଂ ଆବଶ୍ୟକରେ ୨୫ଟି ନୂତନ ପମ୍ପକୁ ମଧ ବାତ୍ୟା ମୁକାବିଲାରେ ନିୟୋଜିତ କରାଯିବ। ଏହାବ୍ୟତୀତ ଜାଇକାର ପମ୍ପଗୁଡିକୁ ବର୍ଷାଜଳ ନିଷ୍କାସନରେ ବ୍ୟବହାର କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହାସହ ଜାଇକା କରିଥିବା ବ୍ଲକେଜ ଅବରୋଧକୁ ହଟାଯିବ। ସହରରେ ଥିବା କଲଭର୍ଟଗୁଡିକୁ ସଫା କରାଯିବ। ଆବଶ୍ୟକସ୍ଥଳେ ବସ୍ତି ଏବଂ ତଳିଆ ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର କରି ବିଭିନ୍ନ ସ୍କୁଲରେ ରଖିବାକୁ ଯୋଜନା କରଯାଇଛି । ମୁଖ୍ୟ ନାଳରୁ ପଙ୍କୋଦ୍ଧାର କରିବା ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ମେୟର କହିଛନ୍ତି। ୭ଦିନ ପୂର୍ବରୁ ଅର୍ଥାତ ବାତ୍ୟା ପୂର୍ବରୁ ଆବଶ୍ୟକ ପଦକ୍ଷେପ ନିଆଯିବ। ୧୦ ତାରିଖ ପୂର୍ବରୁ ବାତ୍ୟା ମୁକାବିଲା ପାଇଁ ଆମେ ପ୍ରସ୍ତୁତ ଥିବୁ ବୋଲି କହିଛନ୍ତି ମେୟର ସୁବାସ ସିଂ। ବୈଠକରେ ମେୟର ସମେତ କମିଶନର ଅନନ୍ୟା ଦାସ, ଯୁଗ୍ମ କମିଶନର ସୁମିତା ସରକାର, ଡେପୁଟି ମେୟର ଦମୟନ୍ତୀ ମାଝି, ଡେପୁଟି କମିଶନର ଶ୍ୱେତପଦ୍ମା ଡି. ଶତପଥୀ, ସଞ୍ଜୀବିତା ରାୟ, ନିର୍ବାହୀଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ଶ୍ରୀହନୁମାନଙ୍କ ଜନ୍ମବାର୍ଷିକ ଉତ୍ସବ

ସାଲେପୁର,୩।୫(ଡି.ଏନ୍.ଏ.): ସାଲେପୁର ବ୍ଲକର ଲୁଣାହାର ଗ୍ରାମରେ ହନୁମାନଙ୍କର ଜନ୍ମବାର୍ଷିକ ମହୋତ୍ସବ, ଏକ ଦିବସୀୟ ଶ୍ରୀରାମତାରକ ବିଶ୍ୱଶାନ୍ତି ମହାଯଜ୍ଞ ଓ ରାମଲୀଳା ଅନୁଷ୍ଠିତ ହୋଇଯାଇଛି। ୨ତାରିଖରେ ଚିତ୍ରୋତ୍ପଳା ଗୁପ୍ତଗଙ୍ଗାରୁ ଏକ କଳସ ଶୋଭାଯାତ୍ରା ବାହାରି ଲୁଣାହାର ହନୁମାନ ମନ୍ଦିର ନିକଟରେ ପହଞ୍ଚିବାପରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ହନୁମାନ ଚାଳିଶା, ସୁନ୍ଦରାକାଣ୍ଡ ପାଠ କରାଯାଇଥିଲା। ଏଥିସହ ରାମଲୀଳା ସାଂସ୍କୃତିକ ପରିଷଦ ନେମାଳ ପକ୍ଷରୁ ଦୁଇଦିନ ଧରି ରାମଲୀଳା ପରିବେଷଣ କରାଯାଇଥିଲା।

### ଅକ୍ଷୟ ତୃତୀୟା ଉତ୍ସବ

ଚୌଦ୍ୱାର/ ବଡ଼ମ୍ବା,୩।୫(ଡି.ଏନ୍.ଏ.): ଅକ୍ଷୟ ତୃତୀୟା ଅବସରରେ ମଙ୍ଗଳବାର ଆଗ୍ରାହାଟ ପଞ୍ଚାୟତ ଅଧୀନ କୁଜୀବର ଗ୍ରାମରେ ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ଅଖିମୁଠି ଅନୁକୂଳ କରିଥିଲେ। ସ୍ଥାନୀୟ ସରପଞ୍ଚ ସନ୍ଧ୍ୟାରାଣୀ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅଞ୍ଚଳର ୧୦ଜଣ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚୌଦ୍ୱାର ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, କାଉନସିଲର ଆଶୁତୋଷ ଦାସ, ଜିଲା ପରିଷଦ ସଦସ୍ୟ ଜ୍ୟୋତ୍ସ୍ନାରାଣୀ ସୁବୁଦ୍ଧିରାୟ, ସୁପ୍ରିୟା ଜେଠୀ, ସରପଞ୍ଚ ଦିଲ୍ଲୀପ ଭୋଇ, ସମିତିସଭ୍ୟା ବନଲତା ନାୟକ, ମାମା ଦାସ, କରୁଣାକର ବେହେରା, ଶରତ ଚନ୍ଦ୍ର ନାୟକ, ତୀର୍ଥାନନ୍ଦ ସୁବୁଦ୍ଧିରାୟ, ମୁନା ରାଉତ ପ୍ରମୁଖ ଯୋଗଦେଇଥିଲେ। ସେହିପରି ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଗ୍ରାମରେ ଅକ୍ଷୟତୃତୀୟା ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ୩୦ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ ଯୋଗଦେଇ ଅଖିମୁଠି ଅନୁକୂଳ କରିଥିଲେ। ଉତ୍ସବରେ ଗୋପୀନାଥପୁର ସରପଞ୍ଚ ଯଯାତି କେଶରୀ ନାୟକ, ସମିତିସଭ୍ୟ ଜିତେନ୍ଦ୍ର କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

# ଯୁବକଙ୍କୁ ଛୁରାମାଡ଼ କରି ଲୁଟ୍

ଭୁବନେଶ୍ୱର, ୩।୫(ବ୍ୟୁରୋ)

**ରାଜଧାନୀରେ ଲୁଟେରାଙ୍କ ଆତଙ୍କ**
- ଚାକିରି ଆଶାରେ ଭଞ୍ଜନଗରରୁ ଆସିଥିଲେ
- ମୋବାଇଲ ଫୋନ୍, ଟଙ୍କା ଛଡ଼ାଇ ନେଲେ
- ଗୁରୁତର ଅବସ୍ଥାରେ ଉଦ୍ଧାର କଲା ପୋଲିସ

ରାଜଧାନୀରେ ଏବେ ଲୁଟେରାମାନେ ଆତଙ୍କ ଖେଳାଇଛନ୍ତି। କେତେବେଳେ ସୁନାଦୋକାନୀଙ୍କୁ ଗୁଳିମାଡ଼ କରି ଲୁଟୁଛନ୍ତି ତ ଆଉ କେତେବେଳେ ରାସ୍ତାରେ ଯାଉଥିବା ଯାତ୍ରୀଙ୍କୁ ଛୁରାମାଡ଼ କରି ଟଙ୍କା ଓ ମୋବାଇଲ ଫୋନ୍ ଛଡ଼ାଇ ନେଉଛନ୍ତି। ମଙ୍ଗଳବାର ଭୋରୁ ନୟାପଲ୍ଲୀ ଥାନା ଅଧୀନ ସିଆର୍‌ପି ଛକରେ ଜଣେ ଯୁବକ ଲୁଟ୍ ଓ ଆକ୍ରମଣର ଶିକାର ହୋଇଛନ୍ତି। ସେ ହେଲେ ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ବେଲଗୁଣ୍ଠା ଅଞ୍ଚଳର ଦୀପକ ରାଉଳ। ଦୁର୍ବୃତ୍ତମାନେ ଦୀପକଙ୍କୁ ଛୁରାରେ ଆକ୍ରମଣ କରିବା ସହ ମୋବାଇଲ୍ ଫୋନ୍ ଓ ୫୦୦ ଟଙ୍କା ଲୁଟିନେଇ ଫେରାର ହୋଇଯାଇଛନ୍ତି। ଛୁରାମାଡ଼ ଯୋଗୁ ଦୀପକଙ୍କ ପେଟରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ରାସ୍ତାରେ ଅଚେତ ଅବସ୍ଥାରେ ସେ ପଡ଼ିଥିବାବେଳେ


ଗୁରୁତର ହୋଇଥିବା ଦୀପକ ରାଉଳ।

ସ୍ଥାନୀୟ ଲୋକଙ୍କଠୁ ପୋଲିସ ଖବର ପାଇ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲା। ହେଲେ ସେଠାରେ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ପରେ ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୀପକଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ଥିବା ପୋଲିସ କହିଛି। ଏନେଇ ପୋଲିସ ଏକ ମାମଲା (ନଂ. ୩୦୧/୨୦୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ଦୁର୍ବୃତ୍ତଙ୍କୁ ଧରିବାକୁ ଘଟଣାସ୍ଥଳରେ ଲାଗିଥିବା ଏକାଧିକ ସିସିଟିଭି ଫୁଟେଜ ଯାଞ୍ଚ ସହ ସ୍ଥାନୀୟ ଲୋକଙ୍କୁ ପୋଲିସ ପଚରାଉଚରା କରୁଛି। ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇ ଖୁବଶୀଘ୍ର ଗିରଫ କରାଯିବ ବୋଲି ନୟାପଲ୍ଲୀ ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ କହିଛନ୍ତି।

ସୂଚନା ଅନୁଯାୟୀ, ଦୀପକ ଚାକିରି ଖୋଜିବା ଆଶାରେ ସୋମବାର ଭଞ୍ଜନଗରରୁ ଏକ ବସ୍‌ରେ ଭୁବନେଶ୍ୱର ଆସିଥିଲେ। ମଙ୍ଗଳବାର ଭୋର୍ ପ୍ରାୟ ୪ଟାରେ ସିଆର୍‌ପି ଛକରେ ସେ ବସ୍‌ରୁ ଓହ୍ଲାଇଥିଲେ। ଏହାପରେ ନୟାପଲ୍ଲୀ ଅଞ୍ଚଳ ସାଲିଆ ସାହିସ୍ଥିତ ତାଙ୍କ ଭାଇଙ୍କ ପାଖକୁ ଯିବା ପାଇଁ ଅଟୋକୁ ଅପେକ୍ଷା କରିଥିଲେ। ଏହି ସମୟରେ ଗୋଟିଏ ବାଇକରେ ୩ଜଣ ଦୁର୍ବୃତ୍ତ ସେଠାକୁ ଆସିଥିଲେ। ସେମାନେ ଦୀପକଙ୍କୁ ମୋବାଇଲ ଫୋନ୍ ଓ ଟଙ୍କା ମାଗିଥିଲେ। ସେ ନ ଦେବାରୁ ସେମାନେ ଛୁରାମାଡ଼ କରି ପର୍ସ ଓ ମୋବାଇଲ ଛଡ଼ାଇ ନେଇ ପଳାଇଯାଇଥିଲେ। ଆକ୍ରମଣ ପରେ ଦୀପକ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। କିଛି ସମୟ ପରେ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ।

# ଚାପ ଖେଳିଲେ ମହାପ୍ରଭୁ


ଚନ୍ଦନ ପୁଷ୍କରିଣୀରେ ମହାପ୍ରଭୁ ଚାପ ଖେଳୁଛନ୍ତି।

ବଡ଼ମ୍ବା,୩।୫(ଡି.ଏନ୍.ଏ.)

ବଡମ୍ବାର ପ୍ରସିଦ୍ଧ ଚନ୍ଦନ ଯାତ୍ରା ମଙ୍ଗଳବାର ଆରମ୍ଭ ହୋଇଯାଇଛି। ଏହା ୨୧ ଦିନ ବ୍ୟାପି ଚାଲିବ। ରାଜବାଟୀସ୍ଥିତଗୋପୀନାଥ ଦେବଙ୍କ ଉକ୍ତ ଚନ୍ଦନ ଯାତ୍ରାରେ ଗୋପୀନାଥଦେବ, ଚନ୍ଦ୍ରଶେଖରଦେବ, ଭୁଦେବୀ, ଶ୍ରୀଦେବୀ, ଲୋକନାଥଦେବ, ରାଧାକାନ୍ତଦେବ ଓ ସିଂହାନାଥଦେବ ରାଜବାଟୀ ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ଆସି ଗାନ୍ଧୀ ଛକସ୍ଥିତ ଚନ୍ଦନ ପୁଷ୍କରିଣୀରେ ଚାପ ଖେଳିଥିଲେ। ଏହି ଚାପଖେଳ ଦିନିକୁ ୨ ଥର ହୋଇଥାଏ। ବଡ଼ମ୍ବା ଦେବୋତ୍ତର ବିଭାଗ ପରିଚାଳନାରେ ଅନୁଷ୍ଠିତ ଏହି ଯାତ୍ରାରେ ଦେବୋତ୍ତର ଅଧିକାରୀ ତଥା ତହସିଲଦାର ତପନ କୁମାର ପରିଡା, ଚନ୍ଦନ ପରିଚାଳନା କମିଟି କର୍ମକର୍ତ୍ତା ଜ୍ଞାନରଞ୍ଜନ ପରିଡା, ଉପସଭାପତି ଶକ୍ତିଶ୍ୱର ରଣା, ସମ୍ପାଦକ ତ୍ରିବିକ୍ରମ ପଢିଆରି, ସହକାରୀ ସମ୍ପାଦକ ଦେବୀ ପ୍ରସାଦ ବସନ୍ତରା ପ୍ରମୁଖ ଯୋଗଦେଇଥିଲେ।

# କ୍ରିକେଟ: ଜୟ ଜଗନ୍ନାଥ ଟିମ୍ ଚାମ୍ପିୟନ


ଟ୍ରଫି ସହ ଚାମ୍ପିୟନ ଟିମ୍‌ର ଖେଳାଳିମାନେ।

ଫୁଲନଖରା,୩।୫(ଡି.ଏନ୍.ଏ.)

କଟକ ସଦର ଥାନା ଅନ୍ତର୍ଗତ ସନ୍ତୋଳ ନଗରୀଠାରେ ଦୁଇଦିନ ଧରି ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। କୁଲଷ୍ଟାର କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟରେ ମୋଟ୍ ୩୨ଟି ଟିମ୍ ଭାଗ ନେଇଥିଲା। ବାରଙ୍ଗ ବ୍ଲକ ମଧୁପୁରର ଜୟ ଶ୍ରୀରାମ କ୍ରିକେଟ ଟିମ୍ ଓ ବାଲିପାଟଣା ବ୍ଲକ କାକରୁଦ୍ରପୁରର ଜୟ ଜଗନ୍ନାଥ କ୍ରିକେଟ୍ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଜୟ ଜଗନ୍ନାଥ କ୍ରିକେଟ ଟିମ୍ ବ୍ୟାଟିଂ କରି ୫ ଓଭରରେ ୨ ଉଇକେଟରେ ହରାଇ ୭୦ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଜୟ ଶ୍ରୀରାମ କ୍ରିକେଟ ଟିମ୍ ୫ ଓଭର ଖେଳି ୩ ଉଇକେଟ୍ ବିନିମୟରେ ୫୨ ରନ୍ ସଂଗ୍ରହ କରିଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଗଣେଶ ଚନ୍ଦ୍ର ସାହୁ, ନଗରୀ ସମିତି ସଭ୍ୟ କୃଷ୍ଣଚନ୍ଦ୍ର ମଲ୍ଲିକ ଯୋଗଦେଇ ବିଜୟୀ ଓ ରନର୍ସ ଅପ୍ ଟିମ୍‌କୁ ପୁରସ୍କୃତ କରିଥିଲେ। ସଞ୍ଜୟ କୁମାର ଲେଙ୍କା, ସଚ୍ଚିଦାନନ୍ଦ ଲେଙ୍କା ଓ ଦୀପକ କୁମାର ସାହୁ ଟୁର୍ନାମେଣ୍ଟ ଆୟୋଜନ କରିଥିଲେ।

# ଜୁଲାଇ ୨୮ରେ ଇଂଲିଶ ବିଭାଗର ଶତବାର୍ଷିକ ସମାରୋହ

**ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**

କଟକ ଅଫିସ,୩।୫

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ଶତବାର୍ଷିକ ସମାରୋହ ଆସନ୍ତା ଜୁଲାଇ ୨୮ ଓ ୨୯ ତାରିଖରେ ଦୁଇଦିନ ଧରି ପାଳନ ହେବ। ଏହାକୁ ସୂଚାରୁରୂପେ ସମ୍ପାଦନ କରିବା ପାଇଁ ମଙ୍ଗଳବାର ବିଶ୍ୱବିଦ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ରାଜ୍ୟ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବ। ଏଥିସହ ଏକ ସୋଭେନିୟର ପ୍ରକାଶିତ ହେବ। ୨୮ରେ ଉଦ୍‌ଘାଟନ ଉତ୍ସବ ପରେ ଏକ ବର୍ଷ ବ୍ୟାପି ବିଭିନ୍ନ ପ୍ରତିଯୋଗିତା ଏବଂ ସେମିନାର କରାଯିବ। ଏହି ବୈଠକରେ ଡା. ଖଗେନ୍ଦ୍ର ସେଠୀ ଓ ଡା. ଗୁରୁଦେବ ମେହେରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ୧୯୨୨ରେ ରେଭେନ୍‌ଶାରେ ଇଂଲିଶ ବିଭାଗ ଖୋଲାଯାଇଥିଲା। ଇଂଲିଶ ଓ ସାହିତ୍ୟ ଅଧ୍ୟୟନ ପାଇଁ ରେଭେନ୍‌ଶା ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ସମଗ୍ର ଭାରତରେ ପରିଚିତ। କବି ରମାକାନ୍ତ ରଥ, କଥାଶିଳ୍ପୀ ଗୋପୀନାଥ ମହାନ୍ତିଙ୍କ ଭଳି ଅନେକ ପ୍ରତିଭାଧାରୀ ଉକ୍ତ ବିଭାଗରେ ଅଧ୍ୟୟନ କରି ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠାଲାଭ କରିଛନ୍ତି।

# ଇଦ୍: ମସ୍‌ଜିଦରେ ସମୂହ ନମାଜ ପାଠ

କଟକ ଅଫିସ/ଫୁଲନଖରା/ ଚୌଦ୍ୱାର/ ତିଗିରିଆ/ସାଲେପୁର, ୩।୫(ଡି.ଏନ୍.ଏ.)

ଇଦ୍ ଅବସରରେ କଟକ ସହରର ବିଭିନ୍ନ ମସ୍‌ଜିଦ ମଙ୍ଗଳବାର ଚଳଚଞ୍ଚଳ ହୋଇଉଠିଥିଲା। ମୁସଲମାନମାନେ ମସ୍‌ଜିଦରେ ସମୂହ ନମାଜ ପାଠ କରିବା ସହ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ମୁସଲମାନ ମହିଳାମାନେ ନୂତନ ବସ୍ତ୍ର ପିନ୍ଧି ବୁଲାବୁଲି କରିବା ସହ ଘରେ ଭୋଜି ଆୟୋଜନ ହୋଇଥିଲା। ଏଥିସହ ଭାଇଚାରାର ସହର କଟକରେ ହିନ୍ଦୁ ଭଉଣୀଭାଇମାନେ ମୁସଲମାନମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅପରପକ୍ଷେ ସତୀଚୌରା ଇଦ୍‌ଗାରେ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ ଓ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ପରସ୍ପରକୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ଏଥିସହ ସିଏମ୍‌ସି ମେୟର ସୁବାସ ସିଂ ମସ୍‌ଜିଦ୍‌କୁ ଯାଇ ମୁସଲମାନମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସୂତାହାଟର ତନ୍ତିସାହି ଯୁଥ କ୍ଲବ ପକ୍ଷରୁ ଦରଘାବଜାର ମସଜିଦ ନିକଟରେ ସର୍ବତ ବଣ୍ଟନ କରାଯାଇଥିଲା। ଇଦ୍ ପାଇଁ ସହରରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଲାଗି ୧୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

ଇଦ୍ ଅବସରରେ କଟକ ସଦର ଥାନା ଅଧୀନ ବ୍ରାହ୍ମଣଝରିଲୋ ନିକଟ ଇଦ୍‌ଗା ପଡିଆଠାରେ ମଙ୍ଗଳବାର ବହୁସଂଖ୍ୟକ ମୁସଲମାନ ଏକତ୍ରିତ ହୋଇଥିଲେ। ମୌଲବି ଏସ୍.କେ. କମର ଉଦ୍ଦିନ ନମାଜ ପାଠ କରିଥିଲେ। ବସ୍ତିର ସର୍ଦାର ଏସ୍.କେ. ହେଦାୟତ ଅଲ୍ଲୀ, ସମ୍ପାଦକ ମନ୍ନାଲ ମହମ୍ମଦ, ଇଜ୍ରାଏଲ ମହମ୍ମଦ, ସମ୍‌ସୁଲୁ ହକ୍ ମହମ୍ମଦ, ସାମାଜିକ କର୍ମୀ ଗଣେଶ ଚନ୍ଦ୍ର ସାହୁ, ସୁବାସ ଚନ୍ଦ୍ର ମଲ୍ଲିକ, ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ନିରୋଦ କୁମାର ଜେନା, ମହେଶ୍ୱର ଦାସ ପ୍ରମୁଖ ଯୋଗଦେଇ ପରସ୍ପରକୁ ଆଲିଙ୍ଗନ କରିବା ସହ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ।

ଚୌଦ୍ୱାର ଅଞ୍ଚଳରେ ଇଦ୍ ପର୍ବ ପାଳନ ହୋଇଥିଲା। ସକାଳେ ମୁସଲମାନମାନେ ପୌରପାଳିକା ୨ନମ୍ବର ୱାର୍ଡ଼ସ୍ଥିତ ଇଦ୍‌ଗା ପଡ଼ିଆରେ ଏକତ୍ରିତ ହୋଇ ସମୂହ ନମାଜ ପାଠ କରିବା ପରେ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ସନ୍ଧ୍ୟାରେ ବିଭିନ୍ନ ସାହିରେ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁରୂପ ଭାବେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ବରହମପୁର ଗ୍ରାମରେ ବିଜେଡି ନେତା ସେକ୍ ସାହାଜାନ୍‌ଙ୍କ ପରିଚାଳନାରେ ଇଦ୍ ପାଳିତ ହୋଇଥିଲା। ଏଥିରେ ଏସିପି ଏସ୍.କେ. ମୁଦୁଲି ଓ ଚୌଦ୍ୱାର ଆଇଆଇସି ବିରଞ୍ଚି ନାରାୟଣ ପତି ଅତିଥି ଭାବେ ଯୋଗଦେଇଥିଲେ।

ତିଗିରିଆ ବ୍ଲକ ଅନ୍ତର୍ଗତ ଜମାତ ଅହମ୍ମଦିୟା ପଙ୍କାଳ ଓ କରଡ଼ାପଲ୍ଲୀ ଠାରେ ଇଦ୍ ପାଳିତ ହୋଇଯାଇଛି। ପଙ୍କାଳ ଇଦ୍‌ଗାଠାରେ ମୌଲାନା ଏସ.କେ. ସମସୁଲ ମୁସଲମାନମାନଙ୍କୁ ନମାଜ ପାଠ କରାଇଥିଲେ। ସେହିପରି ଗ୍ରାମ୍ୟ ଜାମା ମସ୍‌ଜିଦ୍‌ରେ ସମବେତ ମହିଳାଙ୍କୁ ମୌଲାନା ତୟବ ଅହମ୍ମଦ ଖାଁ ନମାଜ ପାଠ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଯୁବ ଅହମ୍ମଦିୟା ପଙ୍କାଳ ସଭାପତି ଶନିର ଖାଁ, ପୂର୍ବତନ ଯୁବ ଅହମ୍ମଦିୟା ସଭାପତି ୟାମିନ ଖାଁ, ମହମ୍ମଦ ଆଦମ ରହେମାନ, ସହିଦ ଖାଁ, ତୟବ ଖାଁ, କଲିମ ଖାଁ, ଇସିହାକ ଖାଁ ପ୍ରମୁଖ ସହଯୋଗ କରିଥିଲେ। ସାଲେପୁର ବ୍ଲକର ରୋଧପୁର, ବାରିଗୋଳ, ପିକୋଳ, ରାଇସୁଙ୍ଗୁଡ଼ା, ମିର୍ଜାପୁର, ନାନ୍ଦୋଳ, ତିଳିଦା ଆଦି ସ୍ଥାନରେ ମୁସଲମାନମାନେ ନମାଜ ପାଠ କରିବା ସହ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ।

# ବିଜେଡି-ଭାଜପା ଛକାପଞ୍ଝା

**ଅକ୍ଷୟତୃତୀୟାକୁ ନେଇ ରାଜନୀତି**

ଆଠଗଡ଼,୩।୫(ସ୍ୱ.ପ୍ର.)

ଅକ୍ଷୟତୃତୀୟା ଅବସରରେ ଆଠଗଡ଼ରେ ରାଜନୀତି ଚଳଚଞ୍ଚଳ ହୋଇଉଠିଛି। ବ୍ଲକର ସମସରପୁରଠାରେ ଏନେଇ ବିଜେଡି ଓ ଭାଜପା ମଧ୍ୟରେ ଛକାପଞ୍ଝା ଦେଖିବାକୁ ମିଳିଛି। ରାଜ୍ୟ ସରକାର ଓ ବିଜେଡି ପକ୍ଷରୁ ଏହାକୁ କୃଷକ ଦିବସ ରୂପେ ପାଳନ କରାଯାଉଛି। ଚଳିତବର୍ଷ ଆଠଗଡ଼ ବିଜେଡି ତରଫରୁ ଆଠଗଡ଼ ବ୍ଲକ ଲକ୍ଷ୍ମୀନାରାୟଣପୁର ଓ ତିଗିରିଆ ବ୍ଲକ ତେନ୍ତୁଳିରଗଡ଼ିଠାରେ ଯଥାକ୍ରମେ ସକାଳ ୭ଟା ଓ ୯ଟାବେଳେ କୃଷକ ଦିବସ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଧାର୍ଯ୍ୟ କରାଯାଇଥିଲା। ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କାର୍ଯ୍ୟକ୍ରମରେ ଯୋଗଦେବାକୁ ସ୍ଥିର ହୋଇଥିଲା। ଅପରପକ୍ଷେ ସକାଳ ୯ଟାବେଳେ ବ୍ଲକର ସମସରପୁର ପଞ୍ଚାୟତ ଅନ୍ତର୍ଗତ ସମସରପୁର ଗ୍ରାମରେ କଟକ ଜିଲା ଭାଜପା କୃଷକ ମୋର୍ଚ୍ଚା ତରଫରୁ ଅଖିମୁଠି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଦଳର ରାଜ୍ୟ ସଭାପତି ସମୀର ମହାନ୍ତି, ସାଧାରଣ ସମ୍ପାଦକ କାଳନ୍ଦୀ ସାମଲ, ଦଳୀୟ ମୁଖପାତ୍ର ଠାକୁର ରଣଜିତ ଦାସ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ହୃଷୀକେଶ ଜେନା, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ରଶ୍ମିରେଖା ଦାସ, ବିଧାୟକ ପ୍ରାର୍ଥୀ ବଜେନ୍ଦ୍ର ରାଏ, ବାଙ୍କୀ ଭାଜପା ବିଧାୟକ ପ୍ରାର୍ଥୀ ଶୁଭ୍ରାଂଶୁ ମୋହନ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ସମସରପୁର ପଞ୍ଚାୟତରେ ଭାଜପାର ଏଭଳି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନାପାଇ ବିଜେଡି ପକ୍ଷରୁ ସମାନ ସମୟରେ ଉକ୍ତ ପଞ୍ଚାୟତର ରଘୁନାଥପୁର ଗ୍ରାମରେ କୃଷକ ଦିବସ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଲକ୍ଷ୍ମୀନାରାୟଣପୁର ଓ ତେନ୍ତୁଳିରଗଡ଼ି ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ସ୍ୱାଇଁ ଯୋଗଦେଇଥିବାବେଳେ ରଘୁନାଥପୁରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାଙ୍କ ବ୍ୟକ୍ତିଗତ ସହାୟକ ନିରାକାର ଲେଙ୍କା ଓ ଜିଲାପରିଷଦ ସଭ୍ୟା ଶାନ୍ତିଲତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ମଙ୍ଗଳବାର ସନ୍ଧ୍ୟାରେ କଟକରେ କାଳବୈଶାଖୀ ପ୍ରଭାବରେ ହୋଇଥିବା ବର୍ଷା।

# 'ଉତ୍କଳୀୟ ସଂସ୍କୃତିକୁ ବିଶ୍ୱରେ ପହଞ୍ଚାଇଥିଲେ ଜୟଦେବ'

**ଶ୍ରୀଜୟଦେବଙ୍କ ଜିଲାସ୍ତରୀୟ ଜୟନ୍ତୀ ଉତ୍ସବ**

କଟକ ଅଫିସ, ୩।୫

ଗୀତଗୋବିନ୍ଦ ରଚନା ମାଧ୍ୟମରେ ଉତ୍କଳୀୟ ସଂସ୍କୃତିକୁ ବିଶ୍ୱ ଦରବାରରେ ଶ୍ରୀଜୟଦେବ ପହଞ୍ଚାଇଥିଲେ। ଏଥିସହ ରାଧାକୃଷ୍ଣଙ୍କ ଶାଶ୍ୱତ, ଅତିମାନବୀୟ ପ୍ରେମକୁ ଅତ୍ୟନ୍ତ ଚମତ୍କାର ଭଙ୍ଗୀରେ ଉପସ୍ଥାପନ କରିଥିଲେ। ଜୟଦେବଙ୍କ ଗୀତଗୋବିନ୍ଦ ଓଡ଼ିଆ ସାହିତ୍ୟରେ ଏକ ନୂତନ ଧାରା ଆରମ୍ଭ କରିଥିଲା। ଗୀତଗୋବିନ୍ଦ ମାଧ୍ୟମରେ କବି ଜୟଦେବ ଜନମାନସରେ ସର୍ବଦା ପୂଜନୀୟ ହୋଇ ରହିବେ ବୋଲି କଟକ ସ୍ୱରାଜ ଆଶ୍ରମ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବିଚାରପତି ମନୋରଞ୍ଜନ ମହାନ୍ତି ଅତିଥି ଭାବେ ଯୋଗଦେଇ କହିଥିଲେ। ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଶ୍ରୀଜୟଦେବଙ୍କ ଜିଲାସ୍ତରୀୟ ଜୟନ୍ତୀ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅବସରପ୍ରାପ୍ତ ବିଚାରପତି ମହାନ୍ତି ଉଦ୍‌ଘାଟନ କରିଥିଲେ। ଏଥିରେ ନୃତ୍ୟ ମୟୂରୀ ଅନୁଷ୍ଠାନ ପକ୍ଷରୁ ଦଶାବତାର ଓ ଅନ୍ୟାନ୍ୟ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। କେନ୍ଦ୍ରାଞ୍ଚଳ ସୂଚନା ଓ ଲୋକସମ୍ପର୍କ ବିଭାଗର ପୂର୍ବତନ ଉପନିର୍ଦ୍ଦେଶକ ଅଶୋକ କୁମାର ଷଡଙ୍ଗୀ, ପୂର୍ବତନ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ମିଶ୍ର, ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ପ୍ରତିନିଧି ଡ. ବିଶ୍ୱଜିତ୍ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଶ୍ରୀଜୟଦେବଙ୍କ ଜିଲାସ୍ତରୀୟ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ଦାବି

**ଜିଲାସ୍ତରୀୟ ଅଖିମୁଠି ଅନୁକୂଳ**

କଟକ ସଦର,୩।୫(ଡି.ଏନ୍.ଏ.)

ଅକ୍ଷୟତୃତୀୟା ଅବସରରେ କଟକ କୃଷି ଜିଲାସ୍ତରୀୟ ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମ ୪୨ମୌଜାସ୍ଥିତ କଣ୍ଟୁଣିଆଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଚନ୍ଦ୍ରସାରଥି ବେହେରା ଯୋଗଦେଇ ଅଖିମୁଠି ଅନୁକୂଳ କରିଥିଲେ। ପରେ କଟକ ସଦର ବ୍ଲକ ଆମ୍ବାର ସଭାପତି ରଜନୀକାନ୍ତ ସାହୁଙ୍କ ପୌରୋହିତ୍ୟରେ କୃଷକ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ କୃଷି ବୈଜ୍ଞାନିକ ଦିଲୀପ ରଞ୍ଜନ ଷଡ଼ଙ୍ଗୀ, ଜିଲା କୃଷି ଅଧିକାରୀ ନିରଞ୍ଜନ ଦାଶ, କଟକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କର, ବ୍ଲକ ଉପାଧକ୍ଷା ଅମ୍ବିକା ପାତ୍ର ଓ ଜିଲା ପରିଷଦ ସଭ୍ୟା ସସ୍ମିତା ମହାର୍ଥାଙ୍କ ସମେତ ନିଆଳି, କଣ୍ଟାପଡ଼ା, ନିଶ୍ଚିନ୍ତକୋଇଲି, ସାଲେପୁର, ମାହାଙ୍ଗା, ବାରଙ୍ଗ ଓ ଟାଙ୍ଗୀ-ଚୌଦାର ବ୍ଲକର କୃଷକ ପ୍ରତିନିଧିମାନେ ଯୋଗଦେଇଥିଲେ। ୪୨ ମୌଜା ଉଠା ଜଳସେଚନ ମହାସଂଘର ସଭାପତି ଅଶୋକ ମହାନ୍ତି, ସନ୍ତୋଷ ପତି ପ୍ରମୁଖ ସ୍ଥାନୀୟ ଚାଷୀଙ୍କ ସମସ୍ୟା ଓ ଶୀତଳ ଭଣ୍ଡାର ସଚଳ କରିବା ପାଇଁ ବିଧାୟକଙ୍କ ନିକଟରେ ଦାବି କରିଥିଲେ। ଏହି ସମସ୍ୟା ଉପରେ ଦୃଷ୍ଟି ଦେବି ବୋଲି ବିଧାୟକ କହିଥିଲେ। ଏହି ଅବସରରେ ବିଭିନ୍ନ ଅଞ୍ଚଳର ୧୪ ଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚାଷୀ ତ୍ରିନାଥ ଦାଶ ସେମାନଙ୍କର ଉପଲବ୍ଧି ସମ୍ପର୍କରେ ଜାଣିବାକୁ ଚାହିଁଥିଲେ ମଧ୍ୟ କୃଷି ଅଧିକାରୀମାନେ ଏହାର ଉତ୍ତର ଦେଇପାରି ନ ଥିଲେ। ଏହି ସମାବେଶରେ ଶରତ ରାୟ, ବିଭୂତି ଭୂଷଣ ପରିଡ଼ା, ସମର ବେହେରା, ପ୍ରମୋଦ ମହାପାତ୍ର, ବୀରବର ଲେଙ୍କା, ବାବୁଲି ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକ ଧନ୍ୟବାଦ ଦେଇଥିଲେ।